ମନସ୍ୱୀ ସାଧକ

ପଣ୍ଡିତ ବିନାୟକ ମିଶ୍ର



ଡକ୍ଟର ପ୍ରେମାନନ୍ଦ ମହାପାତ୍ର

Digitized by PPRACHIN, SOA

ମନସ୍ୱୀ ସାଧକ
ପଣ୍ଡିତ ବିନାୟକ ମିଶ୍ର

ଡକ୍ଟର ପ୍ରେମାନନ୍ଦ ମହାପାତ୍ର

Digitized by PPRACHIN, SOA

ମନସ୍ୱୀ ସାଧକ :
ପଣ୍ଡିତ ବିନାୟକ ମିଶ୍ର

ଲେଖକ :

ଡକ୍ଟର ପ୍ରେମାନନ୍ଦ ମହାପାତ୍ର, ଏମ୍.ଏ.ଏମ୍.ଫିଲ୍.ପିଏଚ୍.ଡ଼ି.
ଓ.ଇ.ଏସ୍.

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟ, ଫୁଲବାଣୀ

ପ୍ରକାଶିକା :

ସତ୍ୟଶାନ୍ତି ମହାପାତ୍ର, ଏମ୍.ଏ. (ଉତ୍କଳ)
ଅନୁପମା ମହାପାତ୍ର, ଏମ୍.ଏ. (ଉତ୍କଳ)

ପ୍ରଥମ ସଂସ୍କରଣ, ନବବର୍ଷ, ୨୦୦୮

ଡ଼ି.ଟି.ପି. : ମୀରାମ୍ବିକା କମ୍ପ୍ୟୁଟର, ଡ଼ି.ଏଫ୍.ଓ. କଲୋନୀ ରୋଡ଼୍, ଫୁଲବାଣୀ ।

ମୁଦ୍ରଣ : ଶ୍ରୀ ଗୁରୁ ଗୌରାଙ୍ଗ ପ୍ରେସ୍ ଟ୍ରଷ୍ଟ, ଆଇ. ଆର. ସି. ଭିଲେଜ, ଭୁବନେଶ୍ୱର ।

ମୂଲ୍ୟ : ଟ. ୯୦.୦୦

Manashwee Sadhak:
Pandit Binayak Mishra

Author:
Dr. Premananda Mohapatra, O.E.S.
M.A., M.Phil, Ph.D.
Lecturer-in-Oriya,S.M. Govt. Womens' College, PHULBANI

Publishers:
Satyashanti Mohapatra, M.A. (U.U.)
Anupama Mohapatra, M.A. (U.U.)

1st Edition, New Year, 2008

D.T.P.:
Mirambica Computer, D.F.O. Colony Road, Phulbani.

Printed at:
Sri Guru Gouranga Press Trust, I.R.C. Village, Bhubaneswar.
Price - Rs. 90.00

Digitized by PPRACHIN, SOA

ସମର୍ପଣ

ଶିକ୍ଷାଦାନକୁ ଜୀବନର ଧର୍ମ କର୍ମ ଭାବେ ଗ୍ରହଣ କରି ଆଜୀବନ କାର୍ଯ୍ୟ ସମ୍ପାଦନ କରି ଆସିଥିବା ମୋର ପୂଜ୍ୟ ନନା (ପିତୃଦେବ) ତଥା ଶିକ୍ଷକ କୁଳର ଗୌରବ **ଶ୍ରୀଯୁକ୍ତ ତ୍ରିନାଥ ମହାପାତ୍ରଙ୍କ** କର କମଳରେ ସମର୍ପି ଦେଉଛି ମୋର ଏହି ସଦ୍ୟ ପ୍ରକାଶିତ ପ୍ରବନ୍ଧ ଗ୍ରନ୍ଥ ମନସ୍ୱୀ ସାଧକ : ପଣ୍ଡିତ ବିନାୟକ ମିଶ୍ର ।

ପ୍ରେମାନନ୍ଦ (କୁନୁ)

Digitized by PPRACHIN, SOA

କୃତଜ୍ଞତା ସ୍ୱୀକାର

ଏହି ଗ୍ରନ୍ଥଟିର ସଙ୍କଳନ ପରିପ୍ରେକ୍ଷାରେ ମୁଁ ଯେଉଁ ମାନଙ୍କ ପାଖରେ କୃତଜ୍ଞ ସେମାନେ ହେଲେ –

ଦିବଂଗତ ପ୍ରଫେସର ଶ୍ରୀଯୁକ୍ତ ଗୋପୀନାଥ ମିଶ୍ର
ଦିବଂଗତ ପ୍ରଫେସର ଡକ୍ଟର ବାସୁଦେବ ସାହୁ
ପ୍ରଫେସର ଡକ୍ଟର ରତ୍ନାକର ଚଇନି, ଶ୍ରୀନିକେତନ, କଟକ
ପ୍ରଫେସର ଡକ୍ଟର ବାଉରୀବନ୍ଧୁ କର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ପ୍ରଫେସର ଡକ୍ଟର ନାରାୟଣ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟ
ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ର, ଅବସର ପ୍ରାପ୍ତ ଅଧକ୍ଷ, ନୟାଗଡ଼
ଶ୍ରୀଯୁକ୍ତ ରାଧାମୋହନ ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ, ଫୁଲବାଣୀ
ଡକ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅଧକ୍ଷ, ମହିଳା ମହାବିଦ୍ୟାଳୟ, ଫୁଲବାଣୀ

ଏହି ଗ୍ରନ୍ଥଟିର ପ୍ରସ୍ତୁତି ବେଳେ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କର ପରାମର୍ଶ ଗ୍ରହଣ କରିଅଛି । ଏ ସମ୍ପର୍କରେ ସେ ମୋତେ କିଛି ତଥ୍ୟ ଯୋଗାଇଦେଇଥିବାରୁ ମୁଁ ତାଙ୍କ ପାଖରେ ମୋର କୃତଜ୍ଞତା ସ୍ୱୀକାର କରୁଅଛି ।

ମୋର ଶୁଭାକାଙ୍କ୍ଷୀ ଶ୍ରୀଯୁକ୍ତ ଚାରଣ ରାମକୃଷ୍ଣ ପତି (ଫୁଲବାଣୀ) ଏ କ୍ଷେତ୍ରରେ ମୋର ଅନ୍ୟତମ ପଥ ପ୍ରଦର୍ଶକ । ପଣ୍ଡିତ ମିଶ୍ରଙ୍କ ସମ୍ପର୍କରେ ସେ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେଇ ପ୍ରକାଶିତ ଏହି ପୁସ୍ତକକୁ ଦେଖିବାର ଆଗ୍ରହ ପ୍ରକାଶ କରିଥିବାରୁ ମୁଁ ତାଙ୍କ ନିକଟରେ ମୋର ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ଅନୁଜ ପ୍ରତିମ ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଡକ୍ଟର ସଦାନନ୍ଦ ନାୟକଙ୍କର ପରାମର୍ଶ ମୋ ପାଇଁ ଅଭୁଲା ।

ଗ୍ରନ୍ଥଟିର ଆଶୁ ପ୍ରକାଶନ ପାଇଁ ବ୍ୟଗ୍ରତା ପ୍ରଦର୍ଶନ କରିଥିବା ତଥା ଯେ ମୋତେ ବରାବର ତାଗିଦ୍ କରି ଆସିଛନ୍ତି, ଏବଂ ଡ଼ି.ଟି.ପି.ର ପ୍ରୁଫ ସଂଶୋଧନ

Digitized by PPRACHIN, SOA

କରିବାରେ ବିଶେଷ ଶ୍ରମ ସ୍ୱୀକାର କରିଛନ୍ତି, ସେ ହେଉଛନ୍ତି ଅଗ୍ରଜ ପ୍ରତିମ ଶ୍ରୀଯୁକ୍ତ ବାଇଡ଼ଙ୍କ ଦାସ । ମୁଁ ତାଙ୍କୁ ଏହି ଅବସରରେ ମୋର କୃତଜ୍ଞତା ଜଣାଉଛି ।

ଶରଣକୁଳ ମାଳିସାହି ନିବାସୀ ଶ୍ରୀଯୁକ୍ତ ଶରତ ଚ଼ନ୍ଦ୍ର ମିଶ୍ର, ନୟାଗଡ଼ର ବରିଷ୍ଠ ଓକିଲ ଶ୍ରୀଯୁକ୍ତ ବୈଦ୍ୟନାଥ ଦାଶ ଏବଂ ପଣ୍ଡିତ ବିନାୟକ ମିଶ୍ରଙ୍କ ଜାମାତା ନୟାଗଡ଼ ଭାଟସାହି ନିବାସୀ ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ମିଶ୍ର ପଣ୍ଡିତ ମହାଶୟଙ୍କର ବ୍ୟକ୍ତିଗତ ଜୀବନ ସମ୍ପର୍କରେ କିଛି ତଥ୍ୟ ଯୋଗାଇ ଦେଇଥିବାରୁ ମୁଁ ସେମାନଙ୍କୁ ମୋର କୃତଜ୍ଞତା ଜଣାଉଛି ।

ଅଗ୍ରଜ ପ୍ରତିମ ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ମିଶ୍ର (ଫୁଲବାଣୀ), ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର (ନୟାଗଡ), ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ତୀର୍ଥଜାନି (ଫୁଲବାଣୀ), ଶ୍ରୀଯୁକ୍ତ ନକୁଲ୍ ମହାରଣା (ଫୁଲବାଣୀ), ଶ୍ରୀଯୁକ୍ତ ରଘୁନାଥ ରଥ (ବାଲିଗୁଡା)ଙ୍କ ନିକଟରେ ମୁଁ କୃତଜ୍ଞ ।

ଏହି ଅବସରରେ ଉଦୟପୁରର ଦାଶରଥି ପଟ୍ଟନାୟକ ଲାଇବ୍ରେରୀ ଏଣ୍ଡ ଟ୍ରଷ୍ଟ ଏବଂ ଓଡ଼ିଶା ରାଜ୍ୟ ଅଭିଲେଖାଗାରର କର୍ମକର୍ତ୍ତାଙ୍କୁ ମୋର ସାଧୁବାଦ ଜଣାଉଛି । ଫୁଲବାଣୀ ସରକାରୀ ମହିଳା ମହାବିଦ୍ୟାଳୟ ଗ୍ରନ୍ଥାଗାରର ତତ୍ତ୍ୱାବଧାରକ ଶ୍ରୀମତୀ ବୈଜୟନ୍ତୀମାଳା ଆଚାର୍ଯ୍ୟଙ୍କୁ ମୋର କୃତଜ୍ଞତା ଜଣାଉଛି ।

ପୁସ୍ତକଟିର ଆତ୍ମପ୍ରକାଶନ ନିମିତ୍ତ ଡ଼ି.ଟି.ପି. ଭାର ଗ୍ରହଣ କରିଥିବା ମୀରାମ୍ବିକା ଡ଼ି.ଟି.ପି. କେନ୍ଦ୍ରର ବନ୍ଧୁ ଏବଂ ସୁନ୍ଦର ମୁଦ୍ରଣ ଓ ମନୋରମ ପ୍ରଚ୍ଛଦପଟ ପ୍ରସ୍ତୁତି ଭାର ବହନ କରିଥିବା ସମସ୍ତ ସହୃଦୟ ବନ୍ଧୁମାନଙ୍କୁ ସାଧୁବାଦ ଜଣାଉଛି ।

ଗ୍ରନ୍ଥଟିର ପ୍ରକାଶନ ଭାର ବହନ କରିଥିବା ମୋର କନିଷ୍ଠା ଭଗ୍ନୀ ସତ୍ୟଶାନ୍ତି ମହାପାତ୍ର ଓ ଅନୁପମା ମହାପାତ୍ରଙ୍କୁ ସାଧୁବାଦ ଜଣାଇବା ସହିତ ତାଙ୍କର ଅଶେଷ ମଙ୍ଗଳ କାମନା କରୁଅଛି ।

ପ୍ରେମାନନ୍ଦ ମହାପାତ୍ର

Digitized by PPRACHIN, SOA

ନିଜ କଥା

ମୋର ପିଏଚ୍.ଡ଼ି. ସନ୍ଦର୍ଭ ପ୍ରସ୍ତୁତି କଲାବେଳେ ନୟାଗଡ଼ ଜିଲ୍ଲାର ବହୁ କୃତବିଦ୍ୟ ଲେଖକଙ୍କର ପରିଚ଼ିତି ମୁଁ ଲାଭ କରିଥିଲି । ସେମାନଙ୍କ ମଧରେ ବିଂଶ ଶତାବ୍ଦୀର ଜଣେ ବିଦ୍ୱାନ ମନୀଷୀ ତଥା ସାରସ୍ୱତ ସାଧକ ହେଉଛନ୍ତି ପଣ୍ଡିତ ବିନାୟକ ମିଶ୍ର । ଗବେଷଣା କାର୍ଯ୍ୟ ଜାରି ରହିଥିଲା ବେଳେ ପଣ୍ଡିତ ମିଶ୍ରଙ୍କର ସାଧନା ଓ ଜୀବନାଦର୍ଶ ମୋତେ ଅଭିଭୂତ କରିଥିଲା । ମୋର ସନ୍ଦର୍ଭରେ ପଣ୍ଡିତ ମିଶ୍ରଙ୍କର ସାରସ୍ୱତ ସାଧନା ଓ ଗବେଷଣା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚ଼ନା କରିବାର ମୁଁ ସୁଯୋଗ ପାଇ ନ ଥିଲି । ତେଣୁ ତାଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଭାବରେ ଆଲୋଚ଼ନା କରିବାର ଆଶା ବୀଜଟିଏ ମନରେ ବସା ବାନ୍ଧି ରହିଥିଲା । ସେ ବୀଜ ଆଜି ଅଙ୍କୁରିତ ହୋଇ ବିକାଶୋନ୍ମୁଖୀ ହୋଇଛି । ସୁତରାଂ ଏହି କାରଣରୁ ମୁଁ ପଣ୍ଡିତ ବିନାୟକ ମିଶ୍ରଙ୍କ ସମ୍ପର୍କରେ ଗ୍ରନ୍ଥଟିଏ ରଚ଼ନା କରିବା ପାଇଁ ମନ ବଳାଇ ଥିଲି ।

ପଣ୍ଡିତ ମିଶ୍ର ଓଡ଼ିଶାର ଜଣେ ଯୋଗ୍ୟ ବ୍ୟକ୍ତି । ସେ ଜ୍ଞାନର ପୂଜାରୀ, ଜ୍ଞାନଲିପ୍‌ସୁ । ତାଙ୍କ ସାଧନାର ଜଗତ ବ୍ୟାପକ, ତାଙ୍କର ଅଧ୍ୟବସାୟ ଓ ଜ୍ଞାନପିପାସାର ପରିସର ବିଶାଳ । ସମୁଦ୍ରର ବିଶାଳତାକୁ ସାଗର ବେଳାରେ ଛିଡ଼ା ହୋଇଥିବା ଜଣେ ନୀରବ ଦ୍ରଷ୍ଟା କଳନା କଲାପରି ମୁଁ ପଣ୍ଡିତ ମିଶ୍ରଙ୍କର ସାରସ୍ୱତ ଜଗତକୁ ଦେଖିଅଛି ମାତ୍ର । କିନ୍ତୁ ଦ୍ରଷ୍ଟାର ନିକଟରେ ସମୁଦ୍ର ଚ଼ିର ରହସ୍ୟମୟ ହୋଇ ରହିଯାଏ । କାରଣ ସମୁଦ୍ର ହେଉଛି କଳନାତୀତ । ଠିକ୍ ସେହିପରି ପଣ୍ଡିତ ମିଶ୍ରଙ୍କର ଦିଗନ୍ତ ବ୍ୟାପୀ ସାରସ୍ୱତ କର୍ମକୁ ମୁଁ ତଟସ୍ଥ ହୋଇ ଦେଖିଅଛି, ଅନୁଶୀଳନ କରିଅଛି । ପଣ୍ଡିତ ମିଶ୍ରଙ୍କର ଅକଳନୀୟ ପାଣ୍ଡିତ୍ୟ ନିକଟରେ ମୁଁ ନଗଣ୍ୟ । ତଥାପି ତାଙ୍କର ସୃଷ୍ଟିକର୍ମକୁ ଅନୁଶୀଳନ କରିବା ପାଇଁ ମୁଁ ପ୍ରୟାସ କରିଅଛି । ପଣ୍ଡିତ ମିଶ୍ରଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ବାସ୍ତବିକ ଓଡ଼ିଶାର ସୁଧୀ ମଣ୍ଡଳୀଙ୍କ ପାଇଁ ପ୍ରଣିଧାନର ବିଷୟ । ସେ କେବଳ ଓଡ଼ିଆ ସାହିତ୍ୟ ଜଗତର ଗର୍ବ ଓ ଗୌରବ ନୁହଁନ୍ତି, ସେ ହେଉଛନ୍ତି ସାଧନା ଓ ତପସ୍ୟାର ଏକ ଅନୁଷ୍ଠାନ । ଏହିପରି ଜଣେ ବିଶିଷ୍ଟ କାଳଜୟୀ ମନୀଷୀଙ୍କର ଜୀବନୀ, ସାଧନା ଓ କୃତିତ୍ୱକୁ ନିରାଜନା କରିବାର ମୁଁ କିଞ୍ଚିତ୍ ପ୍ରୟାସ କରିଛି ମାତ୍ର ।

ଆଶାକରେ ଏହି ଗ୍ରନ୍ଥଟି ଓଡ଼ିଶାର ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ, ଗବେଷକ ଓ ସୁଧୀ ପାଠକ ବର୍ଗଙ୍କ ଦ୍ୱାରା ଆଦୃତି ଲାଭ କରିବ । ଜୟ ଜଗନ୍ନାଥ ।

ପ୍ରେମାନନ୍ଦ ମହାପାତ୍ର

Digitized by PPRACHIN, SOA

Digitized by PPRACHIN, SOA

ସୂଚୀପତ୍ର

ପ୍ରଥମ ଅଧ୍ୟାୟ :	ଓଡ଼ିଆ ସମାଲୋଚନା ସାହିତ୍ୟ ଓ ପଣ୍ଡିତ ବିନାୟକ ମିଶ୍ର	୦୧
ଦ୍ୱିତୀୟ ଅଧ୍ୟାୟ :	ବିନାୟକ ମିଶ୍ରଙ୍କ ଜୀବନୀ	୧୨
ତୃତୀୟ ଅଧ୍ୟାୟ :	କର୍ମମୟ ଜୀବନ	୧୯
ଚତୁର୍ଥ ଅଧ୍ୟାୟ :	ସାରସ୍ୱତ ସାଧନା ଓ ସୃଷ୍ଟି ସମ୍ପଦ	୩୦
ପଞ୍ଚମ ଅଧ୍ୟାୟ :	ସାରସ୍ୱତ ସୃଷ୍ଟି ଓ ଐତିହାସିକ ଦୃଷ୍ଟିର ବିଚାର	୩୮
ଷଷ୍ଠ ଅଧ୍ୟାୟ :	ବିନାୟକ ମିଶ୍ରଙ୍କ ଜୀବନର କେତୋଟି ବିଶେଷ ଦିଗ	୧୩୫
ସପ୍ତମ ଅଧ୍ୟାୟ :	ଶେଷ ଜୀବନ	୧୪୦
	ଉପସଂହାର	୧୫୦

Digitized by PPRACHIN, SOA

ପ୍ରଥମ ଅଧ୍ୟାୟ

ଓଡ଼ିଆ ସମାଲୋଚନା ସାହିତ୍ୟ

ଓ

ପଣ୍ଡିତ ବିନାୟକ ମିଶ୍ର

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ସାମାଜିକ ଓ ସାହିତ୍ୟିକ ଜଗତରେ ଉଲ୍ଲେଖନୀୟ ପରିବର୍ତ୍ତନର ସୂତ୍ରପାତ ହୋଇଥିଲା । ୧୮୬୬ ମସିହା ଓଡ଼ିଶା ଇତିହାସରେ ଉଭୟ ଦୁଃଖଦ ଓ ସୁଖଦ ଘଟଣାର ସ୍ମୃତିଭରା ଆଲେଖ୍ୟ ବହନ କରେ । ନ'ଅଙ୍କ ଦୁର୍ଭିକ୍ଷ ପରି ଦୁର୍ବିପାକ ଓଡ଼ିଶାର ଜନଜୀବନକୁ ମ୍ରିୟମାଣ କରିଦେଇଥିଲା । ୧୮୬୮–୬୯ ମସିହାରେ ରାଜେନ୍ଦ୍ରଲାଲ ମିତ୍ର, କଟକ ଡ଼ିବେଟିଙ୍ଗ୍ ସୋସାଇଟିରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ । ସେହିପରି କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଘୋଷଣା କରିଥିଲେ ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏହା ମଧ୍ୟ ଥିଲା ଓଡ଼ିଆ ଜାତି ପ୍ରତି ଆଉ ଏକ ଶକ୍ତ ଧକ୍କା । ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଲିଖିତ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନୟ' କ୍ଷୁଦ୍ର ପୁସ୍ତିକାଟି ଗୋଟିଏ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦା ଉପରେ ଆଣିଥିଲା ଦାରୁଣ ଆଘାତ । କାରଣ ଭାଷା ଗୋଟିଏ ଜାତିର ଜିହ୍ୱା ସ୍ୱରୂପ । ଗୋଟିଏ ଜାତିର ପରିଚୟ ତା'ର ଭାଷା ଯୋଗୁଁ । ଭାଷାର ବୁନିଆଦି, ଭାଷାର ପ୍ରାଚୀନତା ଗୋଟିଏ ଜାତିର ଐତିହ୍ୟର ପରିଚୟ ପ୍ରଦାନ କରେ । ପୁନଶ୍ଚ ଇଂରାଜୀ ଶିକ୍ଷାର ପ୍ରଚଳନ ଓ ଇଂରେଜ ଶାସନ ଓଡ଼ିଶାର ଭାଷା ଓ ସଂସ୍କୃତିକୁ ହତଚୈତନ୍ୟ କରିଦେଇଥିଲା । ଏପରି ଏକ ନୈରାଶ୍ୟର କୁହେଳିକା ଭିତରେ ଓଡ଼ିଆଜାତି ଗତି କରୁଥିବାବେଳେ ଆଶାର ଆଲୋକ ଦେଖାଇଥିଲେ ପ୍ରାତଃ ସ୍ମରଣୀୟ ପାଶ୍ଚାତ୍ୟ ବିଦ୍ୱାନ ଓ ମନୀଷୀ ଜନ୍ ବୀମ୍ସ୍, ହଣ୍ଟର ସାହେବ ଓ ଷ୍ଟାର୍ଲିଂ ସାହେବ । ଓଡ଼ିଶାର ଇତିହାସ, ସଂସ୍କୃତି, ପରଂପରା, ସାହିତ୍ୟ ପ୍ରତି ଏହି ମନୀଷୀଗଣ ମନୋନିବେଶ କରି ସ୍ୱୀୟ ରଚନାବଳି ଦ୍ୱାରା ଅତୀତ ଓଡ଼ିଶାର ସାଂସ୍କୃତିକ ଓ ସାହିତ୍ୟ ବିଭବକୁ ଆଲୋକିତ କଲେ ।

Digitized by PPRACHIN, SOA

ସୂଚନାଯୋଗ୍ୟ ଯେ ଖ୍ରୀଷ୍ଟିଆନ୍ ମିଶ୍‌ନାରୀମାନଙ୍କ ପ୍ରଚେଷ୍ଟାରେ ବହୁପୂର୍ବରୁ ୧୮୩୭ ମସିହାରେ କଟକ ମିଶନ୍‌ପ୍ରେସ୍ ପ୍ରତିଷ୍ଠା ଲାଭ କଲା । ଏହା ଓଡ଼ିଶାର ସର୍ବ ପ୍ରଥମ ମୁଦ୍ରଣଯନ୍ତ୍ର । ଏହାର ପ୍ରତିଷ୍ଠା ଦ୍ୱାରା ଓଡ଼ିଆ ପୁସ୍ତକର ପ୍ରକାଶନ ତଥା ପତ୍ରପତ୍ରିକାର ପ୍ରଚଳନ ଫଳରେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ପଥ ପ୍ରସ୍ତୁତ ହୋଇଥିଲା । କ୍ରମେ କ୍ରମେ ମୁଦ୍ରଣଯନ୍ତ୍ରର ପ୍ରତିଷ୍ଠା ଓ ଓଡ଼ିଆ ପତ୍ରପତ୍ରିକାର ପ୍ରକାଶନ ଯୋଗୁଁ ଆଧୁନିକ ଓଡ଼ିଆ ସାହିତ୍ୟର ସର୍ଜନା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେଲା । ୧୮୬୬ରେ କଟକ ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠିତ ହେଲା । ଏହା ଓଡ଼ିଶାର ଦ୍ୱିତୀୟ ମୁଦ୍ରଣ ଯନ୍ତ୍ର । ରେଭେନ୍‌ସା ସାହେବଙ୍କ ପ୍ରେରଣା, ତାଙ୍କର ସିରସ୍ତାଦାର ବିଚ୍ଚିତ୍ରାନନ୍ଦ ଦାସ ଓ ଅନ୍ୟମାନଙ୍କ ଉଦ୍ୟମରେ ଏହା ପ୍ରତିଷ୍ଠା ଲାଭ କଲା । ୧୮୬୮ ମସିହାରେ ଫକୀର ମୋହନଙ୍କ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ଏବଂ ପି.ଏମ୍. ସେନାପତି ଏଣ୍ଡ କମ୍ପାନୀ, ୧୮୭୦ ମସିହାରେ ମୟୂରଭଞ୍ଜ ରାଜପ୍ରେସ୍, ୧୮୭୩ ମସିହାରେ ବାଲେଶ୍ୱର ଦେ'ପ୍ରେସ୍, କଟକ ହିତୈଷିଣୀ ପ୍ରେସ୍, ୧୮୭୪ ମସିହାରେ ପୁରୀର ଭକ୍ତି ପ୍ରଦାୟିନୀ ଯନ୍ତ୍ରାଳୟ, ୧୮୮୫ ମସିହାରେ ବାମଣ୍ଡାପ୍ରେସ୍, ଭିକ୍ଟୋରିଆ ପ୍ରେସ୍, ୧୮୯୩ ମସିହାରେ ଅରୁଣୋଦୟ ପ୍ରେସ୍, ୧୮୯୪ ମସିହାରେ ରାୟ ପ୍ରେସ୍ ଏବଂ ୧୮୯୭ ମସିହାରେ ଉତ୍କଳ ସାହିତ୍ୟ ପ୍ରେସ୍ ପ୍ରଭୃତି ସ୍ଥାପିତ ହୋଇ ବହୁ ଓଡ଼ିଆ ପତ୍ରପତ୍ରିକାର ପ୍ରକାଶନ ପାଇଁ ସହାୟକ ହୋଇଥିଲେ ।

ଏହିକାଳରେ ପ୍ରକାଶିତ ହୋଇଥିବା ଓଡ଼ିଆ ପତ୍ରପତ୍ରିକା ଗୁଡ଼ିକ ହେଉଛି –

୧. ଉତ୍କଳଦୀପିକା (୧୮୬୬) – ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ଏବଂ ବିଚିତ୍ରାନନ୍ଦ ଦାସ ଓ ଜଗମୋହନ ରାୟଙ୍କ ସହାୟତାରେ ପ୍ରକାଶିତ
୨. ଉତ୍କଳ ହିତୈଷିଣୀ (୧୮୬୮) – ସଂ. କାଳୀପଦ ବନ୍ଦୋପାଧ୍ୟାୟ, କଟକ
୩. ବୋଧଦାୟିନୀ (୧୮୬୮) – ସଂ. ବ୍ୟାସକବି ଫକୀର ମୋହନ ଓ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ
୪. ବାଲେଶ୍ୱର ସମ୍ବାଦ ବାହିକା (୧୮୬୮) – ଫକୀର ମୋହନ ଓ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ
୫. ବିଦେଶୀ (୧୮୭୩) – ଦୀନ ନାଥ ସେନ୍
୬. ଶିକ୍ଷକ (୧୮୭୩) – ମଧୁସୂଦନ ରାଓଙ୍କ ପ୍ରେରଣାରେ ପ୍ରକାଶିତ – ଶିକ୍ଷା ସମ୍ବନ୍ଧୀୟ ପତ୍ରିକା

Digitized by PPRACHIN, SOA

୭. ଧର୍ମବୋଧିନୀ (୧୮୭୩) – ବାଲେଶ୍ୱର – ମଧୁସୂଦନ ରାଓଙ୍କ ପ୍ରେରଣାରେ ବ୍ରାହ୍ମ-ଧର୍ମ ସମ୍ବନ୍ଧୀୟ

୮. ଉତ୍କଳ ଦର୍ପଣ (୧୮୭୩) – ବାଲେଶ୍ୱର – ରାଧାନାଥ, ମଧୁସୂଦନ, ଚ଼ତୁର୍ଭୁଜ ଓ ବୈକୁଣ୍ଠ ନାଥ ଦେ – ଏହାର ଉଦ୍ୟୋକ୍ତା ଥିଲେ ।

୯. ଉତ୍କଳ ପୁତ୍ର (୧୮୭୩) – ସଂ. ପ୍ୟାରୀ ମୋହନ ଆଚାର୍ଯ୍ୟ

୧୦. ସ୍ୱଦେଶୀ (୧୮୭୬) – ବ୍ରହ୍ମପୁର ମିସ୍‌ନାରୀ ଦ୍ୱାରା ପ୍ରକାଶିତ – ତ୍ରୈଭାଷୀ

୧୧. ଉତ୍କଳମଧୁପ (୧୮୭୭) – ସଂ. କୃଷ୍ଣ ପଟ୍ଟନାୟକ, ପ୍ର. ରାମଶଙ୍କର ରାୟ

୧୨. ମୟୂରଭଞ୍ଜ (୧୮୭୮–୭୯) – ବାରିପଦା, ଦ୍ୱିଭାଷୀ

୧୩. କୋହିନୂର (୧୮୮୦) – କଟକ

୧୪. ପୁରୁଷୋତ୍ତମ ଦୀପିକା (୧୮୮୦) – ପୁରୀ

୧୫. ପୁରୁଷୋତ୍ତମ ପତ୍ରିକା (୧୮୮୨) – ପୁରୀ ପ୍ରିଣ୍ଟିଂ କମ୍ପାନୀ କର୍ତ୍ତୃକ, ସାପ୍ତାହିକ

୧୬. ପ୍ରଜାବନ୍ଧୁ (୧୮୮୨) – ବାଲେଶ୍ୱର – ଫରାସୀ ସାଧାରଣ ତନ୍ତ୍ରର ପୃଷ୍ଠପୋଷକତାରେ ପ୍ରକାଶିତ ।

୧୭. ସେବକ (୧୮୮୩) – ଭାବଗ୍ରାହୀ ଦାସ, ମାସିକ

୧୮. ସଂସ୍କାରକ (୧୮୮୩) – ଚ଼ତୁର୍ଭୁଜ ପଟ୍ଟନାୟକ

} ୧୮୮୩ ରେ କଟକ ମିସନ୍ ପ୍ରେସ୍‌ରୁ ଏହି ଦୁଇଟି ମିଶି ସଂସ୍କାରକ ଓ ସେବକରେ ପରିଣତି,

୧୯. ଧୂମକେତୁ (୧୮୮୪) – ଦ୍ୱାରିକାନାଥ ଦାସ ଓ ଶିବ ନାରାୟଣ ନାୟକଙ୍କ ଦ୍ୱାରା ପ୍ରକାଶିତ ।

୨୦. ତାରକା (୧୮୮୪) – ବାଲେଶ୍ୱର – ଖ୍ରୀଷ୍ଟିଆନ ମଣ୍ଡଳୀ ତରଫରୁ ପ୍ରକାଶିତ ।

୨୧. ପ୍ରଦୀପ (୧୮୮୫) – କଟକ – ସାଧୁଚ଼ରଣ ରାୟ, ବୈକୁଣ୍ଠ ନାଥ ଦତ୍ତ (ସମ୍ପାଦକ)

୨୨. ଶିକ୍ଷାବନ୍ଧୁ (୧୮୮୬) – ମଧୁସୂଦନ ରାଓଙ୍କର ପରାମର୍ଶରେ ପ୍ରକାଶିତ ।

୨୩. ନବସମ୍ବାଦ (୧୮୮୬) – ବ୍ରାହ୍ମଧର୍ମର ମୁଖପତ୍ର

Digitized by PPRACHIN, SOA

୨୪. ସାମ୍ୟବାଦୀ (୧୮୮୬) – ବାଲେଶ୍ୱର – ଲଳିତ ମୋହନ ଚକ୍ରବର୍ତ୍ତୀ
୨୫. ବ୍ୟବସାୟୀ (୧୮୮୬) – ମୟୂରଭଞ୍ଜ – କୃଷି, ଶିଳ୍ପ ଓ ବାଣିଜ୍ୟ ବିଷୟକ ପତ୍ରିକା ।
୨୬. ନବସମ୍ବାଦ (୧୮୮୭) – ସଂ. ଭୂପତି ନାଥ ବସୁ, କଟକ
୨୭. ଓଡ଼ିଆ (୧୮୮୭) – ପୃଷ୍ଠପୋଷକ – ରାଜା ବୈକୁଣ୍ଠ ନାଥ ଦେ
୨୮. Orissa Patriot (୧୮୮୮) – ସଂସ୍କାରକର ନାମ ପରିବର୍ତ୍ତିତ ହୋଇ ପ୍ରକାଶିତ ।
୨୯. ଓଡ଼ିଆ ଓ ନବସମ୍ବାଦ (୧୮୮୮) – ବାଲେଶ୍ୱର
୩୦. ଆଶା (୧୮୮୮) – ସାଧୁ ଚରଣ ରାୟ
୩୧. ଦୀପକ (୧୮୮୯) – ଭିକ୍ଟୋରିଆ ପ୍ରେସ୍‌ରୁ ପ୍ରକାଶିତ ।
୩୨. ସମ୍ବଲପୁର ହିତୈଷିଣୀ (୧୮୮୯) – ନୀଳମଣି ବିଦ୍ୟାରତ୍ନ, ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସ୍‌ରୁ ପ୍ରକାଶିତ ।
୩୩. ଉତ୍କଳ ପ୍ରଭା (୧୮୯୧) – ମୟୁରଭଞ୍ଜର ତତ୍କାଳୀନ ରାଜା ମହାରାଜା ରାମଚନ୍ଦ୍ର ଭଞ୍ଜଙ୍କର ପୃଷ୍ଠପୋଷକତାରେ ପ୍ରକାଶିତ । ସଂ. ଚୈତନ୍ୟ ପ୍ରସାଦ ରାୟ ଓ ପରେ ରାଜେଶ୍ୱର ମହାପାତ୍ର ।
୩୪. ଆଶା (୧୮୯୨) – ରେବା ରାୟ, ପୁନଃ ପ୍ରକାଶିତ ହେଲା ।
୩୫. ଇନ୍ଦ୍ରଧନୁ (୧୮୯୩) – ପୃଷ୍ଠପୋଷକ, ଗୌରୀଶଙ୍କର ରାୟ
୩୬. ବିଜୁଳି (୧୮୯୩) – ସଂ. ଦାଶରଥି ରାଉତ
୩୭. ବ୍ରାହ୍ମ (୧୮୯୪) – ସଂ. ବିଶ୍ୱନାଥ କର– ଇଂରାଜୀ ଭାଷାରେ ପ୍ରକାଶିତ ।
୩୮. ଉତ୍କଳ ଚିକିତ୍ସକ (୧୮୯୪) – ରାମକୃଷ୍ଣ ସାହୁ – ନୟାଗଡ଼ ରାଜାଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ ।
୩୯. ଉତ୍କଳ ବନ୍ଧୁ (୧୮୯୬) – ତାଳଚେର, ବ୍ରଜବନ୍ଧୁ ମିଶ୍ର
୪୦. ପ୍ରଭାତୀ ତାରା (୧୮୯୬) – ମିସନ୍ ପ୍ରେସ୍‌ରୁ ପ୍ରକାଶିତ ।
୪୧. ଉତ୍କଳ ସାହିତ୍ୟ (୧୮୯୭) – ବିଶ୍ୱନାଥ କରଙ୍କ ଦ୍ୱାରା ସମ୍ପାଦିତ ।
୪୨. ଗଞ୍ଜାମ ଓଡ଼ିଆ ହିତବାଦିନୀ (୧୮୯୯) – ବ୍ରହ୍ମପୁରରୁ ପ୍ରକାଶିତ ।
୪୩. ଆଲୋଚନା ମାସିକ ପତ୍ର – ୧୯୦୦) – ଜଳନ୍ଧର ଦେବ
୪୪. ମୁକୁର (୧୯୦୫) – ବ୍ରଜ ସୁନ୍ଦର ଦାସ

Digitized by PPRACHIN, SOA

୪୫. ସତ୍ୟବାଦୀ (୧୯୧୪) – ପଣ୍ଡିତ ଗୋପବନ୍ଧୁ ଦାସ
୪୬. ସହକାର (୧୯୧୯) – ବାଳକୃଷ୍ଣ କର
୪୭. ନବଭାରତ (୧୯୩୪) – ପଣ୍ଡିତ ନୀଳକଣ୍ଠ ଦାସ
୪୮. ଡ଼ଗର (୧୯୩୬) – କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର
୪୯. ଭଞ୍ଜପ୍ରଦୀପ (୧୯୩୬) – } ଏହା ମୟୂରଭଞ୍ଜରୁ
୫୦. Mayurbhanja Chronicle (୧୯୩୬) – } ପ୍ରକାଶିତ ହେଉଥିଲା ।
୫୧. ଶଙ୍ଖ (୧୯୪୫) – ଡ଼. ମାୟାଧର ମାନସିଂହଙ୍କ ଦ୍ୱାରା ସମ୍ପାଦିତ ।
୫୨. ଚ଼ତୁରଙ୍ଗ (୧୯୪୬) – ଡ଼. ମାୟାଧର ମାନସିଂହଙ୍କ ଦ୍ୱାରା ସମ୍ପାଦିତ ।
୫୩. କୋଣାର୍କ (୧୯୫୮) – ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ଗବେଷଣା ମୂଳକ ସାହିତ୍ୟ ପତ୍ରିକା ।

ଲକ୍ଷ୍ୟକରାଯାଇଥିଲା ଯେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଠାରୁ ଏହି ସବୁ ପତ୍ରପତ୍ରିକାର ପ୍ରକାଶନ ଯୋଗୁଁ ପ୍ରାଚ଼ୀନ ଓ ଆଧୁନିକ ସାହିତ୍ୟ ସମ୍ପର୍କରେ ମତ ଓ ମନ୍ତବ୍ୟ ପ୍ରକାଶ ପାଇବା ସହିତ ସମାଲୋଚ଼ନା ସାହିତ୍ୟର ଦିଗ ମଧ୍ୟ ଉନ୍ମୋଚିତ ହେବାକୁ ଲାଗିଲା । ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ (୧୮୬୮–୯୦), ପ୍ରାଚ଼ୀନ ସାହିତ୍ୟର ଆଲୋଚ଼ନା ଓ ସମାଲୋଚ଼ନା (୧୮୭୦–୯୪), ସାମାଜିକ କୁସଂସ୍କାର ଦୂରୀକରଣ ପାଇଁ ଆନ୍ଦୋଳନ, ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ଭାଷା ଲୋପ ଆନ୍ଦୋଳନ (୧୮୯୫–୧୯୦୦) ପ୍ରଭୃତି କେତେକ ସମସ୍ୟା ମୂଳକ ଆଲୋଚ଼ନା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେବାକୁ ଲାଗିଲା । ଏହାପରେ ଦେଖାଦେଇଛି ଉପେନ୍ଦ୍ର ଓ ରାଧାନାଥ ସମାଲୋଚ଼ନା ଏବଂ ‘ଇନ୍ଦ୍ରଧନୁ’ ଓ ‘ବିଜୁଳି’ ପତ୍ରିକାର ବିବାଦ । ‘ଇନ୍ଦ୍ରଧନୁ’ର ପକ୍ଷ ନେଇଥିଲେ ଗୌରୀଶଙ୍କର ରାୟ, ଗୋପାଳ ବଲ୍ଲଭ ଦାସ, ଦାମୋଦର ପଟ୍ଟନାୟକ ଓ ସୁଦାମ ଚ଼ରଣ ନାୟକ । ସେହିପରି ‘ବିଜୁଳି’ ପକ୍ଷ ସମର୍ଥକ ଭାବରେ ରାମନାରାୟଣ ଲାଲା, ନୀଳମଣି ବିଦ୍ୟାରତ୍ନ, ବିଶ୍ୱନାଥ କର, ଚ଼ନ୍ଦ୍ରମୋହନ ମହାରଣା, ରାଜା ସୁବଳଦେବ ପ୍ରମୁଖ ବେଳେବେଳେ ପ୍ରଚ୍ଛନ୍ନ ଭାବରେ ଏବଂ ବେଳେବେଳେ ପ୍ରକାଶ୍ୟ ଭାବରେ ଦେଖାଦେଇଥିଲେ । ବିଶ୍ୱନାଥ କରଙ୍କ ସୁଦକ୍ଷ ସମ୍ପାଦନାରେ ପ୍ରକାଶ ପାଉଥିବା ‘ଉତ୍କଳ ସାହିତ୍ୟ’ ପତ୍ରିକାରେ ବହୁ କବି, ନାଟ୍ୟକାର ଓ ଔପନ୍ୟାସିକଙ୍କର ସାରସ୍ୱତ କୃତିର ଆଲୋଚ଼ନା ପ୍ରକାଶ ପାଇଥିଲା ।

Digitized by PPRACHIN, SOA

ବିଶ୍ୱନାଥ କର (୧୮୬୪-୧୯୩୪), ଗୋପାଳ ଚନ୍ଦ୍ର ପ୍ରହରାଜ(୧୮୭୨-୧୯୪୫), ନନ୍ଦ କିଶୋର ବଳ (୧୮୭୫-୧୯୨୮), କୃଷ୍ଣପ୍ରସାଦ ଚୌଧୁରୀ (୧୮୬୫-୧୯୨୭), ରାମଶଙ୍କର ରାୟ (୧୮୫୭-୧୯୩୧), ଚିନ୍ତାମଣି ଆଚାର୍ଯ୍ୟ ପ୍ରମୁଖ ଓଡ଼ିଆ ସମାଲୋଚନା ସାହିତ୍ୟର ଭିତ୍ତିସ୍ଥାପନ କରିଥିଲେ । ଏହାପରେ ଓଡ଼ିଆ ସମାଲୋଚନା ସାହିତ୍ୟକୁ ବଳିଷ୍ଠ ଓ ସୁଦୂରପ୍ରସାରୀ କରିଥିଲେ ଶ୍ୟାମସୁନ୍ଦର ରାଜଗୁରୁ, ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା ଏବଂ ପଣ୍ଡିତ ମୃତ୍ୟୁଞ୍ଜୟ ରଥ । ଶ୍ୟାମସୁନ୍ଦର ରାଜଗୁରୁ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଓଡ଼ିଶାର ବିଭିନ୍ନ ପ୍ରାଚୀନ କବିଙ୍କର ପରିଚୟ, ସମୟ ନିରୂପଣ ଓ କୃତିତ୍ୱ ଆଲୋଚନା କରିବା ସହିତ ବ୍ୟାକରଣ ଓ ଭାଷା ସମ୍ପର୍କୀୟ ଆଲୋଚନାରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ସର୍ବୋପରି ତାଙ୍କର 'ପ୍ରବନ୍ଧାବଳୀ'(୧୯୧୭)ରେ ସଙ୍କଳିତ ଆଲୋଚନା ଗୁଡ଼ିକ ସୁଖପାଠ୍ୟ ଓ ହୃଦ୍ୟ ହୋଇପାରିଥିଲା । ପଣ୍ଡିତ ଗୋପୀନାଥ ନନ୍ଦଶର୍ମା 'ଶ୍ରୀଭାରତ ଦର୍ପଣ'ରେ ସାରଳା ମହାଭାରତର ସବିଶେଷ ଆଲୋଚନା କରିଛନ୍ତି । ଏହାପୂର୍ବରୁ ଏଗୁଡ଼ିକ 'ଉତ୍କଳ ସାହିତ୍ୟ' ୧୫ ଭାଗ ଦ୍ୱାଦଶ ସଂଖ୍ୟାରୁ ୧୯ ଭାଗ ଚତୁର୍ଥ ସଂଖ୍ୟା ମଧ୍ୟରେ ପ୍ରକାଶିତ ହୋଇଛି । ସେହିପରି ତାଙ୍କର ଅନ୍ୟ ଏକ କୃତି ହେଉଛି 'ଶ୍ରୀମଦ୍ ଭାଗବତ ସମାଲୋଚନା'। ଏହା ପ୍ରଥମେ 'ସତ୍ୟବାଦୀ' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ ହେଉଥିଲା । ସେହିପରି ପଣ୍ଡିତ ନନ୍ଦଶର୍ମାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି ହେଉଛି 'ଓଡ଼ିଆଭାଷା ତତ୍ତ୍ୱ' ଆଲୋଚନା । ଏହାମଧ୍ୟ ଦୀର୍ଘଦିନ ଧରି 'ଉତ୍କଳ ସାହିତ୍ୟ' ପତ୍ରିକାର ୯ମ ଭାଗ ଏକାଦଶ ସଂଖ୍ୟା ଠାରୁ ୧୪ ଭାଗ ଏକାଦଶ ସଂଖ୍ୟା ପର୍ଯ୍ୟନ୍ତ ପ୍ରକାଶିତ ହେଉଥିଲା । ପଣ୍ଡିତ ମୃତ୍ୟୁଞ୍ଜୟ ରଥ (୧୮୮୨-୧୯୨୪) ଏ ସମୟର ଅନ୍ୟତମ ବିଶିଷ୍ଟ ସାରସ୍ୱତ ଆଲୋଚକ । ସଂସ୍କୃତ ସାହିତ୍ୟ ଆଲୋଚନା, ଭାଷାତାତ୍ତ୍ୱିକ ଆଲୋଚନା, ପ୍ରତ୍ନତାତ୍ତ୍ୱିକ ଆଲୋଚନା, ଉତ୍କଳ ପତ୍ର-ପତ୍ରିକା ସମ୍ପର୍କିତ ଆଲୋଚନା, ଓଡ଼ିଆ କବିମାନଙ୍କର ଆଲୋଚନା କ୍ଷେତ୍ରରେ ସେ ତାଙ୍କର ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ତାଙ୍କର ସମାଲୋଚନା ଧର୍ମୀ ପ୍ରବନ୍ଧ ଗୁଡ଼ିକ 'ମୁକୁର' ଓ 'ଉତ୍କଳ ସାହିତ୍ୟ' ପତ୍ରିକାରେ ବରାବର ପ୍ରକାଶ ପାଉଥିଲା । ସଂସ୍କୃତ କାବ୍ୟ ସାହିତ୍ୟର ପ୍ରମୁଖ କବି ତ୍ରୟୀଙ୍କର ସମ୍ପର୍କରେ ସୁପ୍ରସିଦ୍ଧ ଶ୍ଳୋକଟି ହେଉଛି :-

'ଉପମା କାଳିଦାସସ୍ୟ ଭାରବେଚାର୍ଥ ଗୌରବମ୍
ନୈଷଧେ ପଦଲାଳିତ୍ୟଂ ମାଘେ ସନ୍ତି ତ୍ରୟଃ ଗୁଣାଃ ।'

Digitized by PPRACHIN, SOA

ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏହି ପ୍ରସିଦ୍ଧ ସଂସ୍କୃତ ଶ୍ଳୋକର ଅନୁସରଣରେ ଅଭିମନ୍ୟୁଙ୍କ କୃତ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଉପର୍ଯ୍ୟୁକ୍ତ ଗୁଣତ୍ରୟର ଆରୋପ କରିଛନ୍ତି । ଯଥା –

"ଉପମା ଭଞ୍ଜ ବୀରସ୍ୟ ତସ୍ୟୈବଚାର୍ଥ ଗୌରବମ୍
କଲ୍ଲୋଳେ ପଦଲାଳିତ୍ୟଂ ସନ୍ତି ଚିନ୍ତାମଣୌ ତ୍ରୟଃ ।"

ଏହାପରେ ଓଡ଼ିଆ ସମାଲୋଚନା ସାହିତ୍ୟ ଧାରାକୁ ପରିପୁଷ୍ଟ କରିଥିବା ମନୀଷୀମାନଙ୍କ ମଧ୍ୟରେ ତାରିଣୀଚରଣ ରଥ (୧୮୮୩–୧୯୬୦), ଜଗବନ୍ଧୁ ସିଂହ (୧୮୭୬–୧୯୪୮), ଶଶିଭୂଷଣ ରାୟ (୧୮୭୪–୧୯୫୪), ମୋହିନୀମୋହନ ସେନାପତି (୧୮୮୧–୧୯୪୫), ଚିନ୍ତାମଣି ଆଚାର୍ଯ୍ୟ (୧୮୯୧–୧୯୫୭) ଏବଂ ପଣ୍ଡିତ କୁଳମଣି ଦାଶ (୧୮୮୫–୧୯୬୯) ପ୍ରମୁଖ ସ୍ମରଣୀୟ । ତାରିଣୀ ଚରଣ ରଥଙ୍କ 'ଉତ୍କଳ ସାହିତ୍ୟ'ର ଇତିହାସ, ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ', ମୋହିନୀ ମୋହନଙ୍କ 'ଓଡ଼ିଆ କାହାଣୀ', ଚିନ୍ତାମଣି ଆଚାର୍ଯ୍ୟଙ୍କର 'ଶ୍ରୀକୃଷ୍ଣ ଚରିତ ଓ ରାସଲୀଳା' ଆଲୋଚନା, କୁଳମଣି ଦାଶଙ୍କର କବିସୂର୍ଯ୍ୟ ଗ୍ରନ୍ଥାବଳୀର ସମ୍ପାଦନା ପ୍ରଭୃତି ରୁଚିଶୀଳ ସାର୍ଥକ ଆଲୋଚନା ।

ଏହା ସହିତ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର କେତୋଟି ଉଲ୍ଲେଖଯୋଗ୍ୟ ଘଟଣା ଓ ଅନୁଷ୍ଠାନ ଓଡ଼ିଆ ସାହିତ୍ୟର ବିକାଶ ଓ ପ୍ରସାର ପାଇଁ ପଥ ପ୍ରସ୍ତୁତ କରିଥିଲା । ଶିକ୍ଷିତ ଗୋଷ୍ଠୀ ମଧ୍ୟରେ ସାହିତ୍ୟିକ ଚେତନା ତଥା ନୂତନ ଉନ୍ମାଦନା ସୃଷ୍ଟି କରିବାପାଇଁ ଏହି ଘଟଣା ଏବଂ ଅନୁଷ୍ଠାନଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେଗୁଡ଼ିକୁ ମଧ୍ୟରେ :–

୧. ୧୮୬୭, ଜୁଲାଇ – ଉତ୍କଳ ଭାଷା ଉଦ୍ଦୀପନା ସଭା ଗଠନ
୨. ୧୮୬୯ – ରକ୍ଷଣଶୀଳ ବ୍ରାହ୍ମଣ ସମାଜ ପକ୍ଷରୁ ଉତ୍କଳୋଲ୍ଲାସିନୀ ସଭା ଗଠନ
୩. ୧୮୭୨ – ଗୌରୀ ଶଙ୍କରଙ୍କ ନେତୃତ୍ୱରେ ଓଡ଼ିଆ ଆସୋସିଏସନ୍ ବା ଉତ୍କଳ ସଭାର ସୃଷ୍ଟି
୪. ୧୮୭୨ – ଗଞ୍ଜାମରେ ତେଲୁଗୁ ପରିବର୍ତ୍ତେ ଓଡ଼ିଆ କଚେରୀ ଭାଷା ରୂପେ ସ୍ୱୀକୃତି ଲାଭ

Digitized by PPRACHIN, SOA

୫. ୧୮୭୪ – କଲିକତାର T.M. Maltlay ଙ୍କ "Handbook of Oriya Language" ପ୍ରକାଶିତ

୬. ୧୮୭୫ – ବୀମ୍ସ୍ ସାହେବଙ୍କର ତୁଳନାତ୍ମକ ବ୍ୟାକରଣର ଆତ୍ମପ୍ରକାଶ

୭. ୧୮୭୮ – ବୀମ୍ସ୍ ସାହେବଙ୍କର ସହାୟତାରେ ଟ. ୫୦୦୦/– ମୂଳଧନରେ 'ଓଡ଼ିଆ ତାଳପତ୍ର ଉଦ୍ଧାରଣ କମିଟି' ଗଠନ

୮. ୧୮୭୯ – ଗଭର୍ଣ୍ଣମେଣ୍ଟଙ୍କ ଉତ୍କଳାଃବାଦକ କାର୍ଯ୍ୟାଳୟରୁ ରାଜକୀୟ ବାର୍ତ୍ତା ସମ୍ବଳିତ ଓଡ଼ିଶା ଗେଜେଟ୍ କଟକରୁ ପ୍ରକାଶିତ

୯. ୧୮୮୬ – ପାଠ୍ୟ ପୁସ୍ତକ ଆନ୍ଦୋଳନ

୧୦. ୧୮୯୨ – ଉତ୍କଳ ସଭା – ଗୌରୀଶଙ୍କର ରାୟ

୧୧. ୧୮୯୪ – ଆଲୋଚ଼ନା ସଭା ଗଠନ

ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ବେଳକୁ ଓଡ଼ିଶାର ରାଜନୈତିକ ଓ ସାହିତ୍ୟିକ ଦୃଶ୍ୟପଟ୍ଟରେ ଜାତୀୟତାର ସୂତ୍ରପାତ ଘଟିଥିଲା । ଏହାପରେ ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ସତ୍ୟବାଦୀର ବକୁଳ, ଛୁରିଅନା କୁଞ୍ଜ ମଧ୍ୟରେ ପ୍ରତିଷ୍ଠା ଲାଭକଲା ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ଅନୁଷ୍ଠାନଟି ଜାତୀୟ ସାହିତ୍ୟ ରଚ଼ନା ଓ ଜାତୀୟ ଚେ଼ତନା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସତ୍ୟବାଦୀ ଗୋଷ୍ଠୀର ପ୍ରମୁଖ ସମାଲୋଚ଼କମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର ଉଲ୍ଲେଖଯୋଗ୍ୟ । ପଣ୍ଡିତ ନୀଳକଣ୍ଠଙ୍କ ସମାଲୋଚ଼ନା ରୀତି ଅତି ଉଚ୍ଚକୋଟୀର । ବିଂଶଶତାବ୍ଦୀର ପ୍ରଥମ ତିନି ଦଶନ୍ଧିର ସମାଲୋଚକ ମାନଙ୍କର ସେ ଥିଲେ ଦିଗ୍‌ଦର୍ଶକ ।

ଏହାପରେ ଓଡ଼ିଆ ସମାଲୋଚ଼ନା ସାହିତ୍ୟ ଜଗତରେ ଆବିର୍ଭୂତ ହୁଅନ୍ତି ପଣ୍ଡିତ ବିନାୟକ ମିଶ୍ର ଏବଂ ତାଙ୍କ ସମକାଳୀନ ସମାଲୋଚକ ବୃନ୍ଦ । ଏହି ସମୟରେ ଯେଉଁ କେତେଜଣ ସାରସ୍ୱତ ସାଧକ ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଥିଲେ, ସେମାନଙ୍କ ମଧ୍ୟରେ ନାରାୟଣ ମୋହନ ଦେ (୧୮୮୯–୧୯୬୩), ସୁଧାକର ପଟ୍ଟନାୟକ (୧୮୯୨–୧୯୮୩), ଲକ୍ଷ୍ମୀନାରାୟଣ ସାହୁ (୧୮୯୦–୧୯୬୬), ପରମାନନ୍ଦ ଆଚାର୍ଯ୍ୟ (୧୮୯୩–୧୯୭୧), ପ୍ରିୟ ରଞ୍ଜନ ସେନ (୧୮୯୩–୧୯୬୭), ବିରୁପାକ୍ଷ କର (୧୮୯୩–୧୯୬୮), କରୁଣାକର କର (୧୮୯୫–୧୯୬୭), ଗିରିଜା ଶଙ୍କର ରାୟ(୧୮୯୬–୧୯୬୭), ଅନନ୍ତ ପଦ୍ମନାଭ

Digitized by PPRACHIN, SOA

ପଟ୍ଟନାୟକ (୧୮୯୬-୧୯୯୩), ଆର୍ତ୍ତ ବଲ୍ଲଭ ମହାନ୍ତି (୧୮୮୭-୧୯୬୩) ପ୍ରଭୃତି ସ୍ମରଣଯୋଗ୍ୟ । ପଣ୍ଡିତ ବିନାୟକଙ୍କ ପରମ ହିତୈଷୀ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଏକାଧାରରେ ଜଣେ ପ୍ରତ୍ନତତ୍ତ୍ୱବିତ୍, ଐତିହାସିକ, ପ୍ରାବନ୍ଧିକ ଓ ସ୍ୱନାମଧନ୍ୟ ଗବେଷକ । ତାଙ୍କର 'ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ' ୧ମ/୨ୟ ଭାଗ, 'ଭୁବନେଶ୍ୱର ଶିଳାଲିପି' 'ରାଧାନାଥଙ୍କ ଅନନ୍ୟ ପ୍ରତିଭା' – ପ୍ରଭୃତି ସାର୍ଥକ ଆଲୋଚନା ଧର୍ମୀ ଗ୍ରନ୍ଥ । ଏଗୁଡ଼ିକରେ ତାଙ୍କର ମନନଧର୍ମୀ ବିଚାରଧାରା ଓ ରୁଚିଶୀଳ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ଉତ୍କୀର୍ଣ୍ଣ ।

ପଣ୍ଡିତ ବିନାୟକ ମିଶ୍ର ଓଡ଼ିଶାର ବରେଣ୍ୟ ସାଧକ, ଗବେଷକ ଓ ବିଦ୍ୱାନ ମଣ୍ଡଳୀ ମଧ୍ୟରେ ଅନ୍ୟତମ ଯଶସ୍ୱୀ ପ୍ରତିଭା । ତାଙ୍କର ଜୀବନଚର୍ଯ୍ୟା ଓ ଜୀବନାଦର୍ଶ ଅନୁଶୀଳନ କଲେ ଜଣାଯାଏ ଯେ ପଣ୍ଡିତ ମିଶ୍ର ଥିଲେ ଜଣେ ଅସାଧାରଣ, ଅନନ୍ୟ ଓ ବିରଳ ବ୍ୟକ୍ତିତ୍ୱ । ବିଂଶ ଶତାବ୍ଦୀରେ ସେ ଥିଲେ ଏକ ବିସ୍ମୟ । ଏହି ସମୟରେ ଯେଉଁ କେତେଜଣ ମନୀଷୀ ୟୁରୋକୈନ୍ଦ୍ରିକ ଚିନ୍ତାଧାରାଠାରୁ ଦୂରରେ ରହି, ବସ୍ତୁବାଦୀ ମନୋବୃତ୍ତିକୁ ପରିହାର କରି ଅଧ୍ୟୟନ ଓ ଗବେଷଣାରେ ବ୍ରତୀଥିଲେ ସେମାନଙ୍କ ମଧ୍ୟରେ ପଣ୍ଡିତ ବିନାୟକ ମିଶ୍ର ଅନ୍ୟତମ । ଓଡ଼ିଆ ସମାଲୋଚନା ପ୍ରବନ୍ଧ ସାହିତ୍ୟ ଜଗତରେ ସାରସ୍ୱତ ପୁରୁଷ ପଣ୍ଡିତ ବିନାୟକ ମିଶ୍ର ଜଣେ କ୍ରାନ୍ତିକାରୀ ସାଧକ । ଗତ ଶତାବ୍ଦୀର ତୃତୀୟ ଦଶକ ବେଳକୁ ଯେଉଁ କେତେଜଣ ମନସ୍ୱୀ ପ୍ରାବନ୍ଧିକ ଇତିହାସ ଓ ସଂସ୍କୃତିର ବିଚାରଧାରାକୁ ଭିତ୍ତିକରି ସାହିତ୍ୟ ସମାଲୋଚନାର ମାର୍ଗ ପ୍ରଶସ୍ତ କରିଛନ୍ତି, ସେମାନଙ୍କ ମଧ୍ୟରେ ପଣ୍ଡିତ ବିନାୟକ ମିଶ୍ର ଅନ୍ୟତମ କୃତବିଦ୍ୟ ସାଧକ । ଜଣେ ଉଚ୍ଚକୋଟୀର ଗବେଷକ ଭାବରେ ସେ ଯେଉଁ ପାଣ୍ଡିତ୍ୟ ଓ ମନନଶୀଳତାର ଉତ୍ତୁଙ୍ଗ ଆଲୋକସ୍ତମ୍ଭ ଗଢ଼ିଯାଇଛନ୍ତି, ତାହା ଅଦ୍ୟାପି ଦେଦୀପ୍ୟମାନ ।

ପଣ୍ଡିତ ବିନାୟକ ମିଶ୍ର ଯଥାର୍ଥରେ ଜଣେ ଅସାଧାରଣ ବିଦ୍ୱାନ୍ ଓ ପଣ୍ଡିତ ବ୍ୟକ୍ତି ଥିଲେ । ତାଙ୍କ ପାଣ୍ଡିତ୍ୟର ପଟାନ୍ତର ନାହିଁ । ସେ ଏକାଧାରରେ ଥିଲେ ଅଧ୍ୟାପକ, ଗବେଷକ, ସାହିତ୍ୟିକ, କବି, ଦାର୍ଶନିକ ଓ ଐତିହାସିକ । ଜଣେ ସ୍ୱନାମଧନ୍ୟ ଗବେଷକ ଏବଂ ଲବ୍ଧପ୍ରତିଷ୍ଠ ଐତିହାସିକ ଭାବରେ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ସେ ସୁନାମ ଅର୍ଜନ କରିଥିଲେ । କଲିକତା ବିଶ୍ୱ ବିଦ୍ୟାଳୟରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ରୂପେ କାର୍ଯ୍ୟ କରୁଥିଲେ । ଆନୁଷ୍ଠାନିକ ଭାବେ ସେ କୌଣସି ଉଚ୍ଚ ଉପାଧିରେ ନିଜକୁ ଭୂଷିତ କରି

Digitized by PPRACHIN, SOA

ନଥିଲେ । ସେ କହୁଥିଲେ – "ବହୁତ ପଢ଼, ଖାଲି ଡିଗ୍ରୀ ପାଇଗଲେ ହେବନି, ଆଗେ ମୁଠା ଟାଣ କରି ଲଢ଼େଇକି ବାହାରିବ ।" ନିଜର ପ୍ରତିଭା, ଅଧ୍ୟବସାୟ, ଐକାନ୍ତିକ ନିଷ୍ଠା, ନିରଳସ ସାଧନା ଓ ପାଣ୍ଡିତ୍ୟ ବଳରେ ସେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧ୍ୟାପନା ଓ ଗବେଷଣା ତାଙ୍କ ଜୀବନର ବ୍ରତ ଥିଲା । ବିଦ୍ୱାନ ଓ ଗବେଷକ ସମାଜରେ ସେ ଥିଲେ ଯଥାର୍ଥରେ ବିନାୟକ ।

ସେ ଥିଲେ ଜ୍ଞାନ ତପସ୍ୱୀ । ଜ୍ଞାନର ପୂଜାରୀ । ଏକ ନିଷ୍ଠ ସାଧକ ଭାବରେ ସେ ମଧ୍ୟ ସମାଲୋଚକ ମାନଙ୍କର ପ୍ରଶଂସା ଭାଜନ ତଥା ବିଜ୍ଞମଣ୍ଡଳୀର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇପାରିଛନ୍ତି । ଡକ୍ଟର ମାୟାଧର ମାନସିଂହ ୧୯୬୭ ମସିହାରେ ତାଙ୍କ ପ୍ରଣୀତ 'ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥରେ ଅତ୍ୟନ୍ତ ସହୃଦୟତାର ସହିତ ଲେଖିଛନ୍ତି – "ଆର୍ତ୍ତବଲ୍ଲଭ ମହାନ୍ତି ଓ ତାଙ୍କ ପରିକା ଦାମ୍ଭିକତାପୂର୍ଣ୍ଣ ବହୁ ଡ଼ିଗ୍ରୀଧାରୀ ଅଧ୍ୟାପକ-ଲେଖକଙ୍କ ବିପରୀତ ଦିଗରେ ଏକାକୀ ଦଣ୍ଡାୟମାନ ପଣ୍ଡିତ ବିନାୟକ ମିଶ୍ର । ନିଜର ପାଣ୍ଡିତ୍ୟ ଓ ନୀରବ କିନ୍ତୁ ବିସ୍ମୟକର ସିଦ୍ଧି ପାଇଁ ସମଗ୍ର ଓଡ଼ିଆ ଜାତିଠାରୁ ଯେଉଁ ସମ୍ମାନ ପାଇବାର କଥା, ସେସବୁକୁ କିଛି ନପାଇ, ସେ ଦାରିଦ୍ର୍ୟ ଓ ଅବହେଳାରେ ଶେଷଜୀବନ ଯାପନ କରୁଛନ୍ତି । ପୂର୍ବର ମଧ୍ୟଇଂରାଜୀ ବିଦ୍ୟାଳୟର ଶିକ୍ଷାମାତ୍ର ପ୍ରାପ୍ତ ପଣ୍ଡିତ ବିନାୟକ ହାଇସ୍କୁଲ ଓ କଲେଜର ସୀମା ନ ମାଡ଼ି, ଇଂରାଜୀ ସହିତ ବହୁଭାଷାରେ ନିଜକୁ ବିଦ୍ୱାନ କରାଇପାରିଛନ୍ତି କେବଳ ନୁହେଁ, ନିଜ ଗବେଷଣା ଫଳରେ ଓଡ଼ିଶା ଦେଶର ଇତିହାସରେ ଏକ ଗୌରବମୟ ଅଧ୍ୟାୟ, ଭୌମ ରାଜବଂଶକୁ ଯୋଗ କରି ଯାଇଛନ୍ତି । ଏ ପର୍ଯ୍ୟନ୍ତ ତାଙ୍କର 'ଓଡ଼ିଆ ଭାଷାର ଇତିହାସ' ଓ 'ଓଡ଼ିଆ ସାହିତ୍ୟର ଇତିହାସ' ସେହି ସେହି କ୍ଷେତ୍ରରେ ଦୃଢ଼ାସୀନ । X X X ପୁରସ୍କାର କାମନାହୀନ ଏ ପ୍ରକାର ଜ୍ଞାନ ତପସ୍ୱୀଙ୍କର ବିରାଟ ସାଧନା ଓ ସିଦ୍ଧି ଯେ ଏଦେଶରେ କୌଣସି ଶୁଭ ପ୍ରତିକ୍ରିୟା ଆଣିପାରିନି, ତାହା ଏକ ଐତିହାସିକ ଜାତିପକ୍ଷରେ ନିନ୍ଦାର କଥା"।

ପଣ୍ଡିତ ବିନାୟକ ମିଶ୍ର ଓଡ଼ିଶାର ଖ୍ୟାତନାମା ବ୍ୟକ୍ତିତ୍ୱ ତଥା ସତ୍ୟବାଦୀ ଗୋଷ୍ଠୀର ଅନ୍ୟତମ ବରେଣ୍ୟ ମନୀଷୀ ପଣ୍ଡିତ ନୀଳକଣ୍ଠଙ୍କର ସମସାମୟିକ । ବସ୍ତୁତଃ ବିନାୟକ ସଂସ୍କୃତଜ୍ଞ ପଣ୍ଡିତ ନୁହଁନ୍ତି । ନୀଳକଣ୍ଠ ଦାସ, ଗୋପବନ୍ଧୁ ଦାସ, କୃପାସିନ୍ଧୁ ମିଶ୍ର, ଗୋଦାବରୀଶ ମିଶ୍ର ପ୍ରଭୃତି ମନୀଷୀ ମାନଙ୍କ ନାମ ପୂର୍ବରୁ ଯେପରି

Digitized by PPRACHIN, SOA

'ପଣ୍ଡିତ' ଶବ୍ଦ ବ୍ୟବହୃତ, ସେହିଧାରାରେ ବିନାୟକଙ୍କ ନାମପୂର୍ବରୁ 'ପଣ୍ଡିତ' ଶବ୍ଦ ସଂଯୋଜିତ । ପଣ୍ଡିତ ବିନାୟକ ମିଶ୍ରଙ୍କର ସମସାମୟିକ ଅନ୍ୟାନ୍ୟ ବିଶିଷ୍ଟ ଗବେଷକ ତଥା ସମାଲୋଚକମାନେ ହେଉଛନ୍ତି ଆର୍ତ୍ତବଲ୍ଲଭ ମହାନ୍ତି, ପରମାନନ୍ଦ ଆଚାର୍ଯ୍ୟ, ଗିରିଜା ଶଙ୍କର ରାୟ, ଅନନ୍ତ ପଦ୍ମନାଭ ପଟ୍ଟନାୟକ ଓ କରୁଣାକର କର । ନିଜର ନିରବଚ୍ଛିନ୍ନ ସାଧନା ଓ ଜ୍ଞାନଲିପ୍ସା ବଳରେ ପଣ୍ଡିତ ବିନାୟକ ମିଶ୍ର ଓଡ଼ିଶାର ଇତିହାସ ଓ ଓଡ଼ିଆ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ତାଙ୍କର ଏହି ମହାନ୍ ପ୍ରଚେଷ୍ଟା ପଛରେ ରହିଛି ଅକୁଣ୍ଠ ଆତ୍ମତ୍ୟାଗ, ଅସୀମ ଧୈର୍ଯ୍ୟ, କଠୋର ସାଧନା, ନିରବଚ୍ଛିନ୍ନ ଅଧ୍ୟବସାୟ ଓ ଗଭୀର ଜ୍ଞାନ ପିପାସା । ଡକ୍ଟର ସତ୍ୟ ନାରାୟଣ ରାଜଗୁରୁ ଏହି ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ଲେଖିଛନ୍ତି – "ସେ ଥିଲେ ଓଡ଼ିଶାର ହତଭାଗ୍ୟ ଗବେଷକଙ୍କ ମଧ୍ୟରୁ ଜଣେ । ଯେ କି ନିଜର ଯାବତୀୟ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ନଦେଇ ଦେଶର ଜ୍ଞାନ ପ୍ରସାର ପାଇଁ ଲେଖନୀ ଧାରଣ କରିଥିଲେ । ବୃଦ୍ଧ ବୟସରେ ବହୁ ପାରିବାରିକ ଦୁର୍ଦ୍ଦଶା ତଥା ଦାରିଦ୍ର୍ୟର କଷାଘାତ ତାଙ୍କୁ ଦୁର୍ବଳ କରିସୁଦ୍ଧା ତାଙ୍କର ଗବେଷଣା ଓ ସାହିତ୍ୟିକ ଚିନ୍ତାଧାରାକୁ ଶୁଷ୍କ କରିପାରି ନଥିଲା । ନିରବଚ୍ଛିନ୍ନ ଭାବେ ଦୀର୍ଘ ୪୦ ବର୍ଷଧରି ଜୀବନରେ ସେ ଯେପରି ଦୁର୍ଦ୍ଦଶା ଓ ନିର୍ମମ ଉପେକ୍ଷାର ଶରବ୍ୟ ହୋଇ ସୁଦ୍ଧା, ଓଡ଼ିଶାର ମଙ୍ଗଳ ପାଇଁ ସାହିତ୍ୟକ୍ଷେତ୍ରରେ ପ୍ରାଣ ଉତ୍ସର୍ଗ କରିଥିଲେ, ତାହା ମନେ ପଡ଼ିଲେ ସେହି ମହାନ୍ ବ୍ୟକ୍ତିତ୍ୱ ପ୍ରତି ମସ୍ତକ ଅବନତ ହୁଏ ଦୁଃଖରେ, ଭକ୍ତିରେ ଓ ଲଜ୍ଜାରେ । କାରଣ ଓଡ଼ିଶାପାଇଁ ସେ ଯେଉଁ ଦାନ କରିଛନ୍ତି, ସେଥିର ମୂଲ୍ୟ ଓଡ଼ିଶା କ'ଣ ତାଙ୍କୁ ଦେଇପାରିଛି ?" ରାଜଗୁରୁ ମହାଶୟଙ୍କର ଏହି ଉକ୍ତିଟି ଯଥାର୍ଥ ଏବଂ ପଣ୍ଡିତ ମିଶ୍ରଙ୍କ ପ୍ରତି ଏହାହିଁ ହେଉଛି ତାଙ୍କର ଶାଶ୍ୱତ ଶ୍ରଦ୍ଧା ସୁମନ ।

ବାସ୍ତବିକ ପଣ୍ଡିତ ବିନାୟକ ମିଶ୍ର ଓଡ଼ିଶାର ଜଣେ ଯଶସ୍ୱୀ ସାରସ୍ୱତ ଲେଖକ, ସମାଲୋଚକ ଓ ଐତିହାସିକ । ସେ ନିଜର ଉଚ୍ଚାଭିଳାଷ ଓ ଦୁର୍ବାର ଇଚ୍ଛାଶକ୍ତି ଯୋଗୁଁ ନିରନ୍ତର ସାଧନା ଓ ଗବେଷଣା କର୍ମରେ ବ୍ୟାପୃତ ରହି ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏହି କୃତବିଦ୍ୟ ଲେଖକଙ୍କର ଜୀବନୀ ଓ ସାଧନା ବାସ୍ତବରେ ପ୍ରଣିଧାନ ଯୋଗ୍ୟ । ସାରସ୍ୱତ ଅନ୍ୱେଷାର ଅନ୍ୟତମ ପୂଜାରୀ ପଣ୍ଡିତ ବିନାୟକ ଓଡ଼ିଶାର ଗର୍ବ ଓ ଗୌରବ । ଓଡ଼ିଶାର ସ୍ମରଣୀୟ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର ।

* * *

Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ

ବିନାୟକ ମିଶ୍ରଙ୍କ ଜୀବନୀ

(ଜନ୍ମ, ପିତାମାତା, ଜାତକ ବିଚାର, ଭାଇ, ବଂଶାବଳୀ, ଶିକ୍ଷା, ବୈବାହିକ ଜୀବନ ଇତ୍ୟାଦି)

ପ୍ରସିଦ୍ଧ ଇଂରାଜୀ କବି ଏଚ୍. ଡବ୍ଲୁ. ଲଙ୍ଗ୍‌ଫେଲୋ (H.W. Longfellow)ଙ୍କର ଏକ ସ୍ମରଣୀୟ ଉକ୍ତି ହେଉଛି –

"Lives of greatmen all remind us
We can make our lives sublime,
And, departing, leave behind us
Footprints on the sands of time."

ଏହି ମର୍ମରେ ବିଚାର କଲେ ଜଣାଯାଏ ଯେ ମନୀଷୀମାନଙ୍କର ଜୀବନୀ ସର୍ବାଦୌ ପଠନୀୟ ଏବଂ ଜିଜ୍ଞାସାର ବିଷୟ । ମନୁଷ୍ୟର ଜୀବନ ସୀମିତ, କିନ୍ତୁ ତା'ର କର୍ମ ଓ ସାଧନା ସୀମାହୀନ ଦିଗ୍‌ବଳୟକୁ ପ୍ରଲମ୍ବିତ । ମନୀଷୀମାନଙ୍କର ଜୀବନୀ କାଳେ କାଳେ ପ୍ରେରଣାର ଉତ୍ସ ହୋଇ ରହିଥାଏ ।

ବିନାୟକ ମିଶ୍ର ୧୮୯୪ ମସିହା ଗଣେଶ ଚତୁର୍ଥୀଦିନ ନୟାଗଡ଼ ଜିଲ୍ଲାର ଅନ୍ୟତମ ଶୈବପୀଠ ଶରଣକୁଳ ଗ୍ରାମର ମାଳିସାହିଠାରେ ଜନ୍ମ ଗ୍ରହଣ କରିଥିଲେ । ଶରଣକୁଳ ହେଉଛି ନୟାଗଡ଼ର ପ୍ରଧାନ ଶୈବପୀଠ । ହରିହର ରୂପେ ପୂଜାପାଉଥିବା ଲଡୁକେଶ ମହାଦେବ ଏଠାରେ ସ୍ୱୟମ୍ଭୁଶଙ୍କର ରୂପେ ବିରାଜିତ । ଏହି ଶରଣକୁଳର ଭିକାରିପଡା ଶାସନରେ ଜନ୍ମ ଗ୍ରହଣ କରିଥିବା ଯୋଗଜନ୍ମା କବିସଦାନନ୍ଦ କବି ସୂର୍ଯ୍ୟ ବ୍ରହ୍ମା ଏହି କ୍ଷେତ୍ର ସମ୍ପର୍କରେ ଲେଖିଛନ୍ତି –

''ତହିଁରେ ଶରଣକୁଳ ବୋଲି ଯେ ନଗର,
ଯହିଁ ବିଜେ ଲଡୁକେଶ ନାମେ ମହେଶ୍ୱର ।
ନବଲକ୍ଷ ରୁଦ୍ରଗଣ ଖଟନ୍ତି ଯା' ପାଦ
ଯାହାଙ୍କ ପ୍ରସାଦେ ପାଇ ସକଳସମ୍ପଦ ।'' (ଲଳିତଲୋଚନା)

Digitized by PPRACHIN, SOA

ଗଣେଶ ବା ବିନାୟକ ପୂଜାଦିନ ଜନ୍ମଲାଭ କରିଥିବାରୁ ତାଙ୍କ ପିତାମହ ତାଙ୍କୁ ବିନାୟକ ନାମଟି ପ୍ରଦାନ କରିଥିଲେ ।

ବିନାୟକଙ୍କ ଜନ୍ମପତ୍ରିକା



ପଣ୍ଡିତ ବିନାୟକଙ୍କର ଜାତକ ବିଚାର କରି ବହୁ ଜ୍ୟୋତିଷ ପଣ୍ଡିତ ନିମ୍ନୋକ୍ତ ମତ ପ୍ରଦାନ କରିଥିଲେ –

୧। ଲଗ୍ନରେ ମଙ୍ଗଳ ଥିବାରୁ ଏବଂ ଏହା ଅଷ୍ଟମାଧିପତି ଓ ଦେହାଧିପତି ହୋଇଥିବାଯୋଗୁଁ ଏ ବାଳକ ଜିଦ୍‌ଖୋର ହେବ ଏବଂ ଅନ୍ୟର ମତବାଦପ୍ରତି ଯେତେ ସହାନୁଭୂତି ପ୍ରଦର୍ଶନ କରିବା କଥା ତା’ ଅପେକ୍ଷା ନିଜ ମତବାଦକୁ ଅନ୍ୟ ଉପରେ ଲଦି ଦେଇ ତା’ ଉପରେ ଦୃଢଭାବେ ରହିବ ।

୨। ଜାତକର ଚତୁର୍ଥାଧିପତି ଚନ୍ଦ୍ରପୃଷ୍ଠରେ ପାପମୁକ୍ତ ହୋଇ ରହିଥିବାରୁ ନିଜ କୁଟୁମ୍ବ ଓ ଆତ୍ମୀୟ ସ୍ୱଜନଙ୍କଠାରୁ ବିଚ୍ଛିନ୍ନ ରହିବାର ମନୋଭାବ ପୋଷଣ କରିବ ।

୩। ଏ ଜାତକରେ ନୌବାହିନୀ ଯୋଗ ଯୋଗୁଁ ବାଳକ ଜ୍ଞାନବନ୍ତ ଓ ସାଧକ ଭାବରେ ନିଜର ଆସନ ଦୃଢ କରିବ ।

୪। ରବି ବୁଧ ଯୋଗ ଆଉ ଏକ ଶୁଭ ଏବଂ ମଙ୍ଗଳପ୍ରଦ ଯୋଗରୂପେ ଏ ଜାତକରେ ଦେଖା ଦେଇଛି ।

ପ୍ରଫେସର କୁଞ୍ଜ ବିହାରୀ ଦାସ ଓ ପ୍ରଫେସର ଅରବିନ୍ଦ ପଟ୍ଟନାୟକ ବିନାୟକ ମିଶ୍ର ଭିକାରିପଡ଼ା ଶାସନରେ ଜନ୍ମଗ୍ରହଣ କରିଥିଲେ ବୋଲି ଲେଖିଛନ୍ତି । କିନ୍ତୁ ଏହାର କୌଣସି ପ୍ରମାଣ ନାହିଁ । ବିନାୟକଙ୍କର ପୂର୍ବପୁରୁଷ ପୁରୀ ସତ୍ୟବାଦୀ ନିକଟ

Digitized by PPRACHIN, SOA

ବିଶ୍ୱନାଥପୁର ଶାସନରୁ ଆସି ଶରଣକୁଳ ଗ୍ରାମରେ ଅବସ୍ଥାନ କରିଥିଲେ ବୋଲି ବର୍ଷିୟାନ ବ୍ୟକ୍ତିତ୍ୱ ତଥା ଦୈନିକ ଧରିତ୍ରୀ ପତ୍ରିକାର ପ୍ରକାଶକ ଦଣ୍ଡପାଣି ମିଶ୍ର ମତପ୍ରଦାନ କରିଥାନ୍ତି । ପଣ୍ଡିତ ବିନାୟକଙ୍କର କୌଣସି ଜଣେ ପୂର୍ବଜ ରାମଚନ୍ଦ୍ର ମିଶ୍ର ମୁସଲମାନ ରାଜତ୍ୱ କାଳରେ ଅତିଷ୍ଠ ହୋଇ ଏହି ଗ୍ରାମକୁ ଚାଲି ଆସିଥିଲେ ବୋଲି ଜନଶ୍ରୁତି ରହିଛି ।

ବିନାୟକଙ୍କର ପିତା ହେଉଛନ୍ତି କୃଷ୍ଣ ଚନ୍ଦ୍ର ମିଶ୍ର ଏବଂ ମାତାଙ୍କ ନାମ ସାବିତ୍ରୀ ଦେବୀ । କୃଷ୍ଣ ଚନ୍ଦ୍ର ମିଶ୍ର ଶରଣକୁଳର ମାଳିସାହି ବାସିନ୍ଦା ଥିଲେ । ଏବେ ମଧ୍ୟ ତାଙ୍କର ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିଅଛି । ତାଙ୍କର ଘରଡ଼ିହର ପରିମାଣ ହେଉଛି ଛଅ ଡ଼ିସିମିଲ୍ ।

ବିନାୟକଙ୍କ ବଂଶ ପରିଚୟ



(ଶରତ ମିଶ୍ରଙ୍କଠାରୁ ପ୍ରାପ୍ତ)

ବିନାୟକ ମିଶ୍ର ସାଆନ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା କୃଷ୍ଣଚନ୍ଦ୍ର ବ୍ରାହ୍ମଣ କର୍ମ କର୍ମାଣି ଏବଂ ଲଡୁବାବାଙ୍କ ଠାରେ ଶିବାଭିଷେକ କର୍ମ ସମ୍ପାଦନ କରି ପରିବାର ଚଳାଉଥିଲେ । ଚାଷ ଜମି ମାତ୍ର ତିନି ମାଣ ଥିଲା ।

Digitized by PPRACHIN, SOA

କଟରାଝରିଠାରେ ଥିବା କଣ୍ଟାବଣି ଜମି ମାତ୍ର ତିନି ମାଣ ତାଙ୍କର ଭାଗରେ ପଡ଼ିଥିଲା । ଏପରି ଏକ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ପରିବାରରେ ବିନାୟକଙ୍କର ଜନ୍ମ । ଗରିବ ପରିବାରଟିକୁ ପିତା କୃଷ୍ଣଚନ୍ଦ୍ର ମିଶ୍ର ସାଧମତେ ଚଳାଉଥିଲେ । ଆଠ ପ୍ରାଣୀ କୁଟୁମ୍ବକୁ ନେଇ ନିଃସ୍ୱ ବ୍ରାହ୍ମଣ କୃଷ୍ଣଚନ୍ଦ୍ର ମିଶ୍ରଙ୍କର ସଂସାର । ପରିବାରର ଅଭାବ, ଅନଟନ ଓ ଅସୁବିଧାକୁ ମୁକାବିଲା କରି କୃଷ୍ଣଚନ୍ଦ୍ର ସଂସାର ପୋତକୁ ଦୁନିଆଁ ପାରାବାରରେ ଭସାଇଦେଇଥିଲେ ।

ବିନାୟକ ଥିଲେ ପିତା କୃଷ୍ଣଚନ୍ଦ୍ରଙ୍କର ଜ୍ୟେଷ୍ଠ ପୁତ୍ର । ତେଣୁ ସେ ଜେଜେ ବାପା ରଘୁନାଥ ମିଶ୍ର ଏବଂ ଜେଜେମାଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ଶୈଶବରେ ବିନାୟକ ଜେଜେବାପା ଓ ଜେଜେମାଙ୍କର ସ୍ନେହ, ସାନିଧ୍ୟ ଲାଭ କରିଥିଲେ । ପ୍ରତି ସନ୍ଧ୍ୟାରେ ସେ ଜେଜେମା'ଙ୍କ ଠାରୁ ଗାଉଁଲୀ ଗୀତ, କାହାଣୀ, ଢଗଢମାଳି ଇତ୍ୟାଦି ମନଦେଇ ଶୁଣୁଥିଲେ ଏବଂ ସେ ସବୁକୁ ମନେ ରଖୁଥିଲେ । ଜେଜେବାପା ରଘୁନାଥ ମିଶ୍ର ଜଣେ ନୈଷ୍ଠିକ ବ୍ରାହ୍ମଣ ଥିଲେ । ସେ ମଧ ବ୍ରାହ୍ମଣ କର୍ମ ସମ୍ପାଦନ କରୁଥିଲେ । ଅନେକ ସଂସ୍କୃତ ଶ୍ଳୋକ ସେ ମନେ ରଖି ପାରିଥିଲେ । ତେଣୁ ବାଲ୍ୟକାଳରେ ବିନାୟକ ଜେଜେବାପାଙ୍କ ଠାରୁ ଅକ୍ଷର, ଯୁକ୍ତାକ୍ଷର, ଶିଖିବା ସହ ସଂସ୍କୃତ ଶ୍ଳୋକ, ଅଙ୍କ ଓ ପଣିକିଆ ଇତ୍ୟାଦି ଶିକ୍ଷା କରୁଥିଲେ । ସେତେବେଳକୁ ଶରଣକୁଳ ଅଞ୍ଚଳ ନୟାଗଡ଼ ଗଡ଼ଜାତ ରାଜାଙ୍କର ଶସନାଧୀନ ଥିଲା । ଶିକ୍ଷାର ମୂଲ୍ୟ ସାଧାରଣ ଲୋକମାନେ ପ୍ରାୟତଃ ବୁଝୁ ନଥିଲେ । କୌଳିକ ବୃତ୍ତି ପ୍ରତି ଲୋକମାନଙ୍କର ପ୍ରଗାଢ଼ ଅନୁରକ୍ତି ଥିଲା । ଆର୍ଥିକ ଦୁରବସ୍ଥାରେ ଥାଇ ପିତା କୃଷ୍ଣଚନ୍ଦ୍ର ମିଶ୍ର ବିନାୟକଙ୍କର ପ୍ରାଥମିକ ଶିକ୍ଷାଲାଭ ପାଇଁ ଦୃଷ୍ଟି ଦେଇଥିଲେ । ତାଙ୍କର ବାଲ୍ୟଶିକ୍ଷା ଗ୍ରାମୀଣ ଅବଧାନଙ୍କ ଦ୍ୱାରା ପ୍ରଥମେ ସମ୍ପାଦିତ ହୋଇଥିଲା । ଶରଣକୁଳର ନିକଟବର୍ତ୍ତୀ ଗ୍ରାମ ହରିହରପୁରର କରଣ ବଂଶୀୟ ଅବଧାନ ଗୋପୀନାଥ ପଟ୍ଟନାୟକ ବିନାୟକଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ ।

୧୮୯୯ ମସିହା ପର୍ଯ୍ୟନ୍ତ ନୟାଗଡ଼ ସଦରକୁ ଛାଡ଼ିଦେଲେ ଏ ଜିଲ୍ଲାର ଅନ୍ୟ କୌଣସିଠାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନଥିଲା । ଏହିବର୍ଷ ଶରଣକୁଳରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ବିନାୟକ ଚାଟଶାଳୀ ପାଠ ସମାପ୍ତ କରି ଶରଣକୁଳର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଲାଭ କଲେ । ୧୯୦୧ ମସିହା ବେଳକୁ ସେ ଅପର ପ୍ରାଇମେରୀ ସ୍କୁଲର ଛାତ୍ର ଥିଲେ ।

Digitized by PPRACHIN, SOA

ଶରଣକୁଳରୁ ଉଚ୍ଚ ପ୍ରାଥମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଛାତ୍ର ବିନାୟକ ମାଇନର ପଢ଼ିବାକୁ ମନ ବଳାଇଲେ । ସେହି ସମୟରେ ଶରଣକୁଳରେ ମାଇନର ଶିକ୍ଷାଲାଭ କରିବାର ବ୍ୟବସ୍ଥା ନଥିଲା । ତେଣୁ ଉଚ୍ଚାକାଙ୍କ୍ଷୀ ବିନାୟକ ନୟାଗଡ଼ରେ ରହି ମାଇନର ଶିକ୍ଷାଲାଭ କରିବାକୁ ମନସ୍ଥ କଲେ । ଗୃହର ଆର୍ଥିକ ଅବସ୍ଥା ଶୋଚନୀୟ ଥିବା ଯୋଗୁଁ ପିତା କୃଷ୍ଣଚନ୍ଦ୍ର ଏଥିପାଇଁ ଅନିଚ୍ଛା ପ୍ରକାଶ କରୁଥିଲେ ହେଁ ବିନାୟକଙ୍କର ଦୃଢ଼ମନ ଓ ଦୁର୍ବାର ସଙ୍କଳ୍ପ ତାଙ୍କର ଇଚ୍ଛାକୁ ଫଳବତୀ କରାଇ ପାରିଥିଲା । ଫଳରେ ୧୯୦୮ ମସିହାରେ ସେ ନୟାଗଡ଼ ମାଇନର ସ୍କୁଲରେ ନାମ ଲେଖାଇଲେ । ବ୍ରଜବନ୍ଧୁ ମିଶ୍ର ନାମକ ଜନୈକ ସ୍ଥାନୀୟ ସହୃଦୟ ବିଦ୍ୟାନୁରାଗୀଙ୍କର ସାହାଯ୍ୟ ଲାଭକରି ବିନାୟକ ମିଶ୍ର ୧୯୧୦ ମସିହାରେ ମାଇନର ପାଶ୍ କଲେ ।

ଏହି ସମୟବେଳକୁ ତାଙ୍କର ବୋଉ ବାଣପୁର ଅଞ୍ଚଳର ଯମେଶ୍ୱର ମହାପାତ୍ରଙ୍କ କନ୍ୟାକୁ ବୋହୂ କରିବାକୁ ସ୍ଥିର କରିଥିଲେ । ବିନାୟକଙ୍କର ମାମୁଁ କନ୍ୟାପିତା ଯମେଶ୍ୱର ମହାପାତ୍ରଙ୍କୁ ସାଥିରେ ଧରି ତାଙ୍କର ବିବାହ ପାଇଁ ନିର୍ବନ୍ଧ କରିବାକୁ ଆସିଲେ । ସମସ୍ତ ପଢାଖର୍ଚ୍ଚ ଶ୍ୱଶୁର ବହନ କରିବାର ପ୍ରସଙ୍ଗଟି ବିନାୟକଙ୍କୁ ଆଶ୍ୱସ୍ତି ଦେଇଥିଲା ଏବଂ ସେ ଏହି ପ୍ରସ୍ତାବରେ ଏକମତ ହେଲେ । ଫଳରେ ୧୯୦୮ ମସିହାରେ ସେହିଠାରେ ହିଁ ବିନାୟକଙ୍କର ବିବାହ ସମ୍ପନ୍ନ ହେଲା । ବିନାୟକଙ୍କ ସ୍ତ୍ରୀଙ୍କ ନାମ ପଦ୍ମାବତୀ । ତାଙ୍କ ସ୍ତ୍ରୀଙ୍କର ଡାକ ନାମ ଥିଲା ବାଇ । କିନ୍ତୁ ବିଧିର ବିଧାନ ବିଚିତ୍ର । ବିବାହ ସମ୍ପନ୍ନ ହେବାର ଅଳ୍ପଦିନ ପରେ ତାଙ୍କର ଶ୍ୱଶୁରଙ୍କର ଦେହାନ୍ତ ଘଟିଲା । ଫଳରେ ଆଶାବାଦୀ ବିନାୟକଙ୍କର ସମସ୍ତ ଆଶାଭରସା ତୁଟିଗଲା । ବିନାୟକଙ୍କର ଭାଗ୍ୟର ବିଡ଼ମ୍ବନା ଏହି ଯେ ତାଙ୍କର ଅର୍ଥ ରୋଜଗାରର ପନ୍ଥା ନଥିଲା, ପୁନଶ୍ଚ ଉଚ୍ଚଶିକ୍ଷା ପାଇଁ ଯେଉଁ ପ୍ରତିବନ୍ଧକ ଥିଲା, ତାହା ପୂର୍ବପରି ରହିଲା । କନ୍ୟାଦାୟରୁ ମୁକ୍ତ ହୋଇ ତାଙ୍କର ଶ୍ୱଶୁର ଇହଲୋକ ତ୍ୟାଗ କଲେ ଏବଂ ଅପର ପାର୍ଶ୍ୱରେ ବିନାୟକ ସଂସାର ବୋଝ ବହନ କଲେ ।

ଦୃଢ଼ ସଙ୍କଳ୍ପ ମନ ଓ ନିମ୍ନଗାମୀ ନଦୀକୁ ଅବରୋଧ କରାଯାଇପାରେ ନାହିଁ । ସେ ସମୟରେ ଉତ୍ସାହୀ ବିନାୟକ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଲେ । ସେଥିରୁ ଗୋଟିଏ ହେଉଛି ଗୃହର ଆର୍ଥିକ ଦୁରବସ୍ଥା । ଘରେ ଆୟର ଅନ୍ୟକୌଣସି ଉପାୟ ନଥିଲା । ଅନ୍ୟଟି ଥିଲା ଯାନବାହନ ଓ ଯାତାୟାତର ଅସୁବିଧା । ସେ ସମୟରେ ନୟାଗଡ଼ରେ ଯାତ୍ରୀମାନଙ୍କର ଯାତାୟାତ ପାଇଁ ଯାନବାହନର ସୁବିଧା ନଥିଲା ।

Digitized by PPRACHIN, SOA

ନୟାଗଡ଼ ଅଞ୍ଚଳରେ ୧୯୨୨ ମସିହା ପାଖାପାଖି ଘରୋଇ ବସ୍ ଚାଲିଲା । ନୟାଗଡ଼ବାସୀଙ୍କ ପାଇଁ ଖୋର୍ଦ୍ଧାରୋଡ଼ କିମ୍ବା ତାପଙ୍ଗ ରେଳଷ୍ଟେସନ୍‌ଠାରେ ରେଳଗାଡ଼ି ଚଢ଼ିବାକୁ ପଡୁଥିଲା । ଦୃଢ଼ମନା ବିନାୟକ ବହୁକଷ୍ଟ ସ୍ୱୀକାର କରି ପଦବ୍ରଜରେ ରେଳଷ୍ଟେସନକୁ ଯାଇ ପୁରୀ ଅଭିମୁଖେ ଯାତ୍ରା କଲେ । ଏହି ଦୃଢ଼ ସଙ୍କଳ୍ପ ଯୁବକଙ୍କର ସେଦିନ ଏହି ଉଦ୍ଦେଶ୍ୟ ଥିଲା ଯେ ପୁରୀର ଯେ କୌଣସି ମଠ ବାଡ଼ିରେ ରହି ପୁରୀ ସଂସ୍କୃତ କଲେଜରେ ଅଧ୍ୟୟନ କରିବେ । କିନ୍ତୁ ପୁରୀର ଏମାର ମଠ, ଓଡ଼ିଆ ମଠ, ରାଧାକାନ୍ତ ମଠ କିମ୍ବା ଉତ୍ତର ପାର୍ଶ୍ୱ କି ଦକ୍ଷିଣପାର୍ଶ୍ୱ ମଠ କେଉଁଠି ହେଲେ ଅବସ୍ଥାନ କରିବାର ସୁଯୋଗ ମିଳିଲା ନାହିଁ । ଅନନ୍ତର ବିନାୟକ ଭଗ୍ନ ମନୋରଥ ନ ହୋଇ କଟକ ଚାଲିଆସିଲେ । ସେତିକିବେଳେ କଟକ ନର୍ମାଲ ସ୍କୁଲର ଛାତ୍ରବୃତ୍ତି ବିଜ୍ଞାପନ ପଢ଼ି ସେ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଗୋଟିଏ ବଳଦକୁ ଛଅ ଟଙ୍କାରେ ବିକି ତାକୁହିଁ ପୁଞ୍ଜି କରି ସେ ପୁଣି କଟକ ଗଲେ ପ୍ରତିଯୋଗିତା ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ । ସେ ନର୍ମାଲ ସ୍କୁଲର ଛାତ୍ରବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମାସିକ ଟ ୪/– ହାରରେ ଛାତ୍ରବୃତ୍ତି ଲାଭ କଲେ ଏବଂ କଟକର ନର୍ମାଲ ଟ୍ରେନିଂ ସ୍କୁଲରେ ଅଧ୍ୟୟନ କରିବାର ସୁଯୋଗ ଲାଭ କରିଥିଲେ । ବିନାୟକ ମିଶ୍ର କଟକ ନର୍ମାଲ ଟ୍ରେନିଂ ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ଯେଉଁ କୃତବିଦ୍ୟ ଶିକ୍ଷକମାନଙ୍କର ସମ୍ପର୍କରେ ଆସିଥିଲେ, ସେମାନଙ୍କ ମଧ୍ୟରେ ଥିଲେ ସ୍କୁଲର ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମହାରଣା, ପଣ୍ଡିତ ଗୋପୀନାଥ ମହାପାତ୍ର, ପଣ୍ଡିତ ବାସୁଦେବ ମିଶ୍ର ପ୍ରମୁଖ ମନୀଷୀଗଣ । ଏମାନେ ସମସ୍ତେ ଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର । ତେଣୁ ଏହି ଆଦର୍ଶ ଶିକ୍ଷକମାନଙ୍କର ପ୍ରଭାବ ବିନାୟକ ମିଶ୍ରଙ୍କ ଉପରେ ପଡ଼ିଥିଲା । ବିନାୟକ ନିଜର ଧୀଶକ୍ତି, ଅଧ୍ୟବସାୟ ଏବଂ ବିଦ୍ୟାନୁରାଗ ମନୋବୃତ୍ତି ଯୋଗୁଁ ଏହି ଶିକ୍ଷକ ମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଥିଲେ । ଜ୍ଞାନ ପିପାସୁ ବିନାୟକ ଏହି ସମୟରେ ସଂସ୍କୃତ ବ୍ୟାକରଣର ବିଭିନ୍ନ ସୂତ୍ର ଏବଂ ସଂସ୍କୃତ କାବ୍ୟମାନଙ୍କର ଶ୍ଳୋକାବଳୀ କଣ୍ଠସ୍ଥ କରିପାରିଥିଲେ ।

ବିନାୟକ ମିଶ୍ର ଯେଉଁ ସମୟରେ କଟକର ନର୍ମାଲ ଟ୍ରେନିଂ ସ୍କୁଲର ଛାତ୍ର ଥିଲେ, ସେତେବେଳେ କଟକ ଥିଲା ଓଡ଼ିଶାର ଉତ୍ତମାଙ୍ଗ । ସେହି ସମୟ ମଧ୍ୟ ଥିଲା ଓଡ଼ିଶାରେ ନବଜାଗରଣର ସମୟ । ଏତିକି ବେଳକୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀ (୧୯୦୩) ବିଚ୍ଛିନ୍ନାଞ୍ଚଳ ଓଡ଼ିଶାର ଏକତ୍ରୀକରଣ ଓ

Digitized by PPRACHIN, SOA

ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କାର୍ଯ୍ୟ କରୁଥିଲା । ୧୯୦୩ ମସିହାରେ ମଧ୍ୟ ଉତ୍କଳ ସାହିତ୍ୟ ସମାଜ ପ୍ରତିଷ୍ଠିତ ହେଲା । ୧୮୯୨ ମସିହାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ଉତ୍କଳ ସଭା' ଉତ୍କଳ ସାହିତ୍ୟ ସମାଜ ରୂପ ଧାରଣ କଲା । ଉତ୍କଳ ସାହିତ୍ୟ ସମାଜ ପ୍ରତିଷ୍ଠା ପରେ ଉତ୍କଳ ସାହିତ୍ୟ ତା'ର ମୁଖପତ୍ର ରୂପେ କାର୍ଯ୍ୟ କରିଥିଲା । 'ସେଣ୍ଟ୍ରାଲ୍ ୟଙ୍ଗ୍ ଉତ୍କଳ ଆସୋସିଏସନ୍' ୧୯୦୫ ମସିହାରେ ପ୍ରତିଷ୍ଠା ଲାଭ କଲା । ୧୯୨୬ ମସିହାରେ 'ପ୍ରାଚ୍ୟ ସମିତି' ଗଠନ କରାଗଲା । ଏହି ଅନୁଷ୍ଠାନ ସହିତ ଆର୍ତ୍ତବଲ୍ଲଭ ମହାନ୍ତି ସଂପୃକ୍ତ ଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସେତେବେଳେ କଟକରେ ଉଦ୍ୟମ ଜାରି ରହିଥାଏ । ଉତ୍କଳ ସାହିତ୍ୟ ସମାଜର ବିଭିନ୍ନ ସଭା ଏବଂ ଅନ୍ୟାନ୍ୟ ସାହିତ୍ୟ ସଭାରେ ଯୋଗଦାନ କରି ବିନାୟକ ମିଶ୍ର ପ୍ରବନ୍ଧ, କବିତା, ଗଳ୍ପ ଲେଖିବାର ଅଭ୍ୟାସ କଲେ । ୧୯୧୪ ମସିହା ଡ଼ିସେମ୍ବର ମାସ ବେଳକୁ ବିନାୟକ କଟକ ନର୍ମାଲ ଟ୍ରେନିଂ ସ୍କୁଲର ଶେଷ ପରୀକ୍ଷା ଦେଇସାରି କଟକରେ ରହିଲେ । ସେ କଟକରେ ଟିଉସନ କରି ନିଜର ଗୁଜୁରାଣ ମେଣ୍ଟାଇ ଚଳୁଥାନ୍ତି ଏବଂ ପରୀକ୍ଷା ଫଳାଫଳକୁ ଅପେକ୍ଷା କରିଥାନ୍ତି । ପରୀକ୍ଷା ଫଳାଫଳ ପାଟଣାରୁ ପ୍ରକାଶିତ ହେଲା । ଏହି ନର୍ମାଲ ଟ୍ରେନିଂ ସ୍କୁଲ ପରୀକ୍ଷାରେ ବିନାୟକ ମିଶ୍ର କୃତକାର୍ଯ୍ୟ ହୋଇଥିଲେ । ଏହାପରେ ତାଙ୍କର ଚାକିରି ଜୀବନ ଆରମ୍ଭ ହୁଏ ।

* * *

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

କର୍ମମୟ ଜୀବନ

'ମାନବ ଜୀବନ ନୁହଇ କେବଳ ବର୍ଷମାସ ଦିନଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ ।'
– ପଣ୍ଡିତ ଗୋପବନ୍ଧୁ ଦାସ

ପଣ୍ଡିତ ବିନାୟକ ମିଶ୍ର ୧୯୧୫ ମସିହା ଜୁଲାଇ ମାସ ବେଳକୁ ନୀଳଗିରି ମାଇନର ସ୍କୁଲରେ ଡ୍ରଇଁ ଶିକ୍ଷକ ଭାବରେ ଯୋଗଦାନ କଲେ । ମାସକୁ ଦରମାଥିଲା କୋଡ଼ିଏ ଟଙ୍କା । ନୀଳଗିରିରେ ଶିକ୍ଷକତା କରୁଥିବା ସମୟରେ ବିନାୟକ ମିଶ୍ର ନିଜର ବ୍ୟକ୍ତିଗତ ଉଦ୍ୟମରେ ସଂସ୍କୃତ ସାହିତ୍ୟ ଓ ଆୟୁର୍ବେଦ ଶାସ୍ତ୍ର ଅଧ୍ୟୟନ କଲେ । 'ରଘୁବଂଶ', 'କୁମାର ସମ୍ଭବ', 'ମେଘଦୂତ', 'ନୈଷଧ', ପ୍ରଭୃତି ସଂସ୍କୃତ କାବ୍ୟ ଅଧ୍ୟୟନ ଓ ଅନୁଶୀଳନରେ ସେ ମନୋନିବେଶ କରିଥିଲେ । ଉତ୍କଳସାହିତ୍ୟ, ମୁକୁର ପ୍ରଭୃତି ସାହିତ୍ୟ ପତ୍ରିକା ଗୁଡ଼ିକରେ ସେ ଲେଖାଲେଖି ଅବ୍ୟାହତ ରଖିଥିଲେ ।

ଏହି ସମୟରେ ସେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ । ଏଣେ ତାଙ୍କର ପରିବାରରେ ଘୋର ଅସୁବିଧା ସୃଷ୍ଟି ହେଲା । ପାରିବାରିକ ପ୍ରତିକୂଳତା ହେତୁ ସେ ଚାକିରି ଛାଡ଼ି ଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲେ । ଗ୍ରାମରେ କିଛିଦିନ ଅବସ୍ଥାନ କଲାପରେ ତାଙ୍କର ଜ୍ଞାନ ପିପାସାର ମାର୍ଗ ଅବରୁଦ୍ଧ ହେଲା । ଗ୍ରାମରେ ତାଙ୍କୁ ଜଳ–ବିହୁନେ ମାଛ ପରି ଅନୁଭବ ହେଲା । ତେଣୁ ସେ ପୁଣି ଥରେ କଟକ ଫେରି–ଆସିଲେ । କଟକରେ ଗୋଟିଏ ମେସ୍‌ରେ ରହି ସେ ଟିଉସନ କରି ଚଳୁଥିଲେ । ବଡ଼ ମନସ୍ତାପ ଭିତରେ ସେ କାଳାତିପାତ କରୁଥିଲେ । ମନଲାଖି ଚାକିରିଟିଏ ପାଇଁ ସେ ସନ୍ଧାନ କରୁଥିଲେ । ବିନାୟକ ମିଶ୍ରଙ୍କର ଭାଗ୍ୟାକାଶରେ ଧ୍ରୁବତାରାପରି ଦେଖାଦେଲେ ବାଗ୍ମୀ ବିଶ୍ୱନାଥ କର । ସେ ବିଶ୍ୱନାଥ କରଙ୍କୁ କର୍ମସଂସ୍ଥାନଟିଏ ବୁଝି ଦେବାପାଇଁ ଅନୁରୋଧ କରିଥିଲେ । ଏହି ସମୟ ବେଳକୁ କଲିକତା ବିଶ୍ୱବିଦ୍ୟାଳୟର

Digitized by PPRACHIN, SOA

ଅଧ୍ୟାପକ ବିଜୟ ଚନ୍ଦ୍ର ମଜୁମଦାର 'Typical Selections from Oriya Literature' ଗ୍ରନ୍ଥ ସଙ୍କଳନର ଦାୟିତ୍ୱରେ ରହିଥାନ୍ତି । ସେ ଏହି ଗ୍ରନ୍ଥପାଇଁ ତଥ୍ୟ ସଂଗ୍ରହ କରି ସମ୍ପାଦନା କର୍ମ ତଥା ମୁଖବନ୍ଧ ଇତ୍ୟାଦି ଲେଖି ଜଣେ ସୁଯୋଗ୍ୟ ସହାୟକ ଖୋଜୁଥାନ୍ତି । ସୁତରାଂ ବିଜୟ ମଜୁମଦାରଙ୍କୁ ବିଶ୍ୱନାଥ କର ଓ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ବିନାୟକ ମିଶ୍ରଙ୍କର ନାମକୁ ସୁପାରିଶ କରିଥିଲେ । ବିଜୟ ଚନ୍ଦ୍ର ମଜୁମଦାରଙ୍କ ଆହ୍ୱାନକ୍ରମେ ବିନାୟକ ମିଶ୍ର ଗ୍ରନ୍ଥ ସଂକଳନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ମାସିକ ଟ୩୦ ବେତନରେ ୧୯୧୮ ମସିହା ସେପ୍ଟେମ୍ବର ମାସରେ କଲିକତା ଯାତ୍ରାକଲେ । ପ୍ରାକ୍ ସ୍ୱାଧୀନତା କାଳରେ କଲିକତା ସମଗ୍ର ପୂର୍ବାଞ୍ଚଳୀୟ ଭାରତବର୍ଷର ଜ୍ଞାନ ଓ ସାଂସ୍କୃତିକ କ୍ଷେତ୍ରର ପ୍ରାଣକେନ୍ଦ୍ର ଥିଲା । ବିନାୟକ ମିଶ୍ରଙ୍କର କଲିକତା ରହଣି ତାଙ୍କ ସାଂସ୍କୃତିକ ଜୀବନକୁ ସମୃଦ୍ଧ କରିଥିଲା । ବିଜୟ ବାବୁ "Typical Selections from Oriya Literature" ଗ୍ରନ୍ଥ ପ୍ରସ୍ତୁତ କରିବାର ଯେଉଁ ଗୁରୁ ଦାୟିତ୍ୱ ନେଇଥିଲେ, ବିନାୟକ ମିଶ୍ର ତାଙ୍କୁ ଏଥିରେ ସାହାଯ୍ୟ କରିଥିଲେ । ଓଡ଼ିଆ ସାହିତ୍ୟ ଓ ସାହିତ୍ୟର ବିକାଶଧାରା ଉପରେ ବିନାୟକ ମିଶ୍ର ଏଠାରେ ଯଥେଷ୍ଟ ଜ୍ଞାନ ଓ ତଥ୍ୟ ଲାଭ କରିଥିଲେ, ଫଳତଃ ଏହା ଓଡ଼ିଆ ସାହିତ୍ୟ ଇତିହାସ ଗ୍ରନ୍ଥ ଲେଖିବାରେ ବିନାୟକ ମିଶ୍ରଙ୍କୁ ସାହାଯ୍ୟ କରିଥିଲା । ବିଜୟ ଚନ୍ଦ୍ର ମଜୁମଦାର ଜଣେ ଅସାଧାରଣ ବିଦ୍ୱାନ ଓ ବହୁପାଠୀ ପଣ୍ଡିତ ବ୍ୟକ୍ତି ଥିବାର ବିନାୟକ ମିଶ୍ର ଉପଲବ୍ଧି କଲେ । ବିଜୟ ବାବୁଙ୍କର ସାହିତ୍ୟ, ଦର୍ଶନ, ଇତିହାସ, ପ୍ରତ୍ନତତ୍ତ୍ୱ ଏବଂ ଆଇନ୍‌ବିଦ୍ୟା ଇତ୍ୟାଦିରେ ଗଭୀର ଜ୍ଞାନ ଥିଲା । ତାଙ୍କ ସଂସ୍ପର୍ଶରେ ଆସି ବିନାୟକ ବାବୁଙ୍କର ଦୃଷ୍ଟିଭଙ୍ଗୀ ବଦଳିଗଲା । ବିଜୟ ମଜୁମଦାରଙ୍କର ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ବିନାୟକ ମିଶ୍ର ତାଙ୍କର ଅଧ୍ୟୟନ ପିପାସାକୁ ଆହୁରି ବଢାଇଥିଲେ । ନିଜ ଚେଷ୍ଟାରେ ସେ ଜ୍ଞାନାର୍ଜନ କରି ବିଜୟ ଚନ୍ଦ୍ର ମଜୁମଦାରଙ୍କ ପରି ବିଦ୍ୱାନ ବ୍ୟକ୍ତିରେ ଗଣାହେଲେ । 'Typical Selections from Oriya Literature' ଗ୍ରନ୍ଥ ଲେଖା ସମାପ୍ତ ହେଲା । ତେଣୁ ବିନାୟକ ମିଶ୍ର କଲିକତା ଛାଡ଼ି ଓଡ଼ିଶାକୁ ଫେରିଆସିଲେ ଏବଂ ନୀଳଗିରି ସ୍କୁଲର ସେହି ଭ୍ରଇଁ ଶିକ୍ଷକ ପଦବୀରେ ପୁନର୍ବାର ନିଯୁକ୍ତି ପାଇଲେ ।

ଏହି ସମୟରେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ସାର୍ ଆଶୁତୋଷ ମୁଖାର୍ଜୀ ଅବସ୍ଥାପିତ ଥିଲେ । ସେ ଜଣେ ବଡ଼ ଯୋଗ୍ୟ ବ୍ୟକ୍ତି ଓ ଓଡ଼ିଆ

Digitized by PPRACHIN, SOA

ପ୍ରେମୀ ଥିଲେ । ତାଙ୍କର ଶିକ୍ଷାଗୁରୁ ମଧୁସୂଦନଙ୍କ ପ୍ରତି ତାଙ୍କର ଗଭୀର ଭକ୍ତି ରହିଥିଲା । ଆଶୁତୋଷ ମୁଖାର୍ଜୀଙ୍କ ଉଦ୍ୟମ ଏବଂ ସୋନପୁର ରାଜାଙ୍କ ଆର୍ଥିକ ସହାୟତାରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ଖୋଲାଯାଇ ସୋନପୁର ଚେୟାର ସୃଷ୍ଟି ହେଲା । ସୋନପୁରର ତତ୍କାଳୀନ ରାଜା ଥିଲେ ବୀର ମିତ୍ରୋଦୟ ସିଂହ ଦେଓ (୧୮୭୪–୧୯୩୭)। ଓଡ଼ିଆ ଭାଷା ଓ ସାହିତ୍ୟର ସେ ବଡ଼ ପୃଷ୍ଠପୋଷକ ଥିଲେ । ଟ୫୧,୫୦୦ ବିନିମୟରେ ସେ ସୁଦୂର କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ଖୋଲିବା ପାଇଁ ସୁଯୋଗ ସୃଷ୍ଟି କରିଥିଲେ । ସେ ଉତ୍କଳ ସାହିତ୍ୟ ସମାଜର ସଭାପତି ଏବଂ ବିହାର ଓଡ଼ିଶା ରିସର୍ଚ୍ଚ ସୋସାଇଟିର ପୃଷ୍ଠପୋଷକ ଥିଲେ । ପ୍ରଥମେ ବିଜୟ ଚନ୍ଦ୍ର ମଜୁମଦାର ଏହି ଦାୟିତ୍ୱରେ ରହିଥିଲେ । ଏହାପରେ ୧୯୨୦ ମସିହାରେ ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ବିଭାଗର ଅଧ୍ୟାପକ ରୂପରେ ଯୋଗଦାନ କରିଥିଲେ । ସେ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନରେ ଏମ୍.ଏ. ପାଶ୍ କରିଥିଲେ । ମହାରାଜାଙ୍କ ପତ୍ନୀ ରାଣୀ ପାର୍ବତୀ ଦେବୀ ଟ୧,୭୧,୫୦୦ ପ୍ରଦାନ କରି ରେଭେନ୍ସା କଲେଜରେ ଇଂରାଜୀ ବିଭାଗରେ ସୋନପୁର ଚେୟାର ମଧ୍ୟ ଖୋଲିଥିଲେ ।

୧୯୨୦–୨୧ ମସିହା ଭାରତ ଇତିହାସରେ ସ୍ମରଣୀୟ । ଏହି ସମୟରେ ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥିଲେ । ଏହି ଆହ୍ୱାନକ୍ରମେ ନବ ନିଯୁକ୍ତ ଓଡ଼ିଆ ବିଭାଗର ଅଧ୍ୟାପକ ପଣ୍ଡିତ ନୀଳକଣ୍ଠ ଦାସ ଅଧ୍ୟାପନାର ମୋହକୁ ତ୍ୟାଗକରି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ପଣ୍ଡିତ ଗୋପବନ୍ଧୁଙ୍କ କଥା ତାଙ୍କୁ ଅନୁପ୍ରାଣିତ କରିଥିଲା । “ଆମେ କେହି ସରକାରୀ ଚାକିରି କରିବା ନାହିଁ । ଦେଶ ପାଇଁ କିଛି କାମ କରିବା । ଜନ୍ମ ହେଲା ବେଳେ ଦେଶକୁ ଯେପରି ଦେଖିଥାଇଁ ତା’ଠାରୁ ଉନ୍ନତ ଦେଖି ମରିବା ।” ସତ୍ୟବାଦୀ ଭାବନାର ଅନ୍ୟତମ ସୁପୁରୁଷ ପଣ୍ଡିତ ନୀଳକଣ୍ଠ । ବାସ୍ତବିକ ପଣ୍ଡିତ ନୀଳକଣ୍ଠଙ୍କର ଜାତିପ୍ରେମ ଓ ଦେଶପ୍ରେମର ପଟାନ୍ତର ନାହିଁ । କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ ଡ଼ିଗ୍ରୀ ହାସଲ କରି ନଥିଲେ ସୁଦ୍ଧା ବିଜ୍ଞ, ଯୋଗ୍ୟ ଓ ପଣ୍ଡିତ ବ୍ୟକ୍ତିମାନଙ୍କୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ରୂପେ ନିଯୁକ୍ତି ଦେଉଥାନ୍ତି । ଏହି ସମୟରେ ବସନ୍ତ ରଞ୍ଜନ ନର୍ମାଲ ଟ୍ରେନିଂ ସ୍କୁଲ୍ ପାଶ୍ କରିଥିଲେ ମଧ୍ୟ କୁଳପତି ସାର୍ ଆଶୁତୋଷ ତାଙ୍କୁ ଯୋଗ୍ୟ ବୋଲି ବିଚାର କରି କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ରୂପେ ନିଯୁକ୍ତି ଦେଇଥିଲେ । ଏହି ନଜିର ଦେଖାଇ ବିଜୟ ଚନ୍ଦ୍ର ମଜୁମଦାର

Digitized by PPRACHIN, SOA

ପଣ୍ଡିତ ବିନାୟକ ମିଶ୍ରଙ୍କୁ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ସହକାରୀ ଅଧ୍ୟାପକ ଭାବରେ କାର୍ଯ୍ୟ ତୁଲାଇବାକୁ କୁଳପତିଙ୍କୁ ସୁପାରିଶ କଲେ । ଏହା ପୂର୍ବରୁ ଅବଶ୍ୟ ବିଜୟ ଚ଼ନ୍ଦ୍ର ମଜୁମଦାର ବିନାୟକ ମିଶ୍ରଙ୍କର ପାଣ୍ଡିତ୍ୟ, ଅଧ୍ୟବସାୟ ଏବଂ ନିଷ୍ଠା ସମ୍ପର୍କରେ ଅବଗତ ଥିଲେ । କୁଳପତି ଏବଂ ଅନ୍ୟ କେତେକ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ଦୃଢ଼ ସମର୍ଥନ ଓ ସଦିଚ୍ଛା କ୍ରମେ ବିନାୟକ ମିଶ୍ର ୧୯୨୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ମାସିକ ଟ୫୦ ଦରମାରେ ସହକାରୀ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲେ ।

ତ୍ରଇଁ ଶିକ୍ଷକରୁ କଲିକତା ବିଶ୍ୱବିଦ୍ୟାଳୟରେ ସହକାରୀ ଅଧ୍ୟାପକ ନିଯୁକ୍ତି – ଏହାହିଁ ବୋଧହୁଏ ଥିଲା ବିନାୟକ ବାବୁଙ୍କର ଜୀବନରେ ସର୍ବୋତ୍ତମ ପ୍ରାପ୍ତି । ଭାଗ୍ୟ ଅନୁକୂଳ ହେଲେ ଏପରି ଆଖିଦୃଶିଆ ପଦପଦବୀ ମନୁଷ୍ୟର ହାତ ପା'ନ୍ତାରେ ମିଳିଥାଏ । ଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଯୋଗ୍ୟ ଆସନ ମିଳିଥାଏ । ଏହାପରେ ୧୯୩୨ ମସିହାରେ ପଣ୍ଡିତ ବିନାୟକ ମିଶ୍ର ଅଧ୍ୟାପକ ପଦକୁ ଉନ୍ନୀତ ହେଲେ । ସେତେବେଳେ ତାଙ୍କର ମାସିକ ବେତନ ଥିଲା ୭୫ ଟଙ୍କା । ବିଶ୍ୱବିଦ୍ୟାଳୟର ପ୍ରଶସ୍ତ କ୍ଷେତ୍ର ବିନାୟକ ମିଶ୍ରଙ୍କର ଜ୍ଞାନଚ଼ର୍ଚ୍ଚା ପାଇଁ ବେଶ୍ ଅନୁକୂଳ ହେଲା । ବ୍ୟାପକ ଅଧ୍ୟୟନ ଓ ଗବେଷଣା ପାଇଁ ବିନାୟକ ମିଶ୍ରଙ୍କୁ ପ୍ରକୃଷ୍ଟ କ୍ଷେତ୍ର ମିଳିଗଲା । ତେଣୁ ତାଙ୍କର ପ୍ରତିଭାର ପ୍ରକାଶ ଓ ବିକାଶ ନିମିତ୍ତ ସେ ଲାଗି ପଡ଼ିଲେ । ସେ ସ୍ୱକୀୟ ପ୍ରଚେ଼ଷ୍ଟାରେ ଇଂରାଜୀ ଓ ବଙ୍ଗଳା ସାହିତ୍ୟ ଅଧ୍ୟୟନ କଲେ । ପୂର୍ବରୁ ସଂସ୍କୃତ ଭାଷା ଓ ସାହିତ୍ୟରେ ସେ ଧୂରୀଣ ହୋଇଥିଲେ । ବିନାୟକ ମିଶ୍ର ପ୍ରଥମେ କବିତା ଓ କ୍ଷୁଦ୍ରଗଳ୍ପ ରଚ଼ନା କରି ତାଙ୍କର ସୃଜନଶୀଳତାର ପରିଚ଼ୟ ଦେଲେ । କିନ୍ତୁ ବିଜୟ ବାବୁ ତାଙ୍କର ଦୃଷ୍ଟିକୋଣ ବଦଳାଇ ଥିଲେ । ବିଜୟ ବାବୁ ବିନାୟକ ମିଶ୍ରଙ୍କୁ ପରାମର୍ଶ ଦେଲେ – "ପ୍ରବନ୍ଧ ଗୋଟିଏ ଜାତିର ଚି଼ନ୍ତାଶକ୍ତିର ପ୍ରତୀକ, ପ୍ରବନ୍ଧ ବିନା କୌଣସି ଜାତି ମାନସିକ ଅଗ୍ରଗତି କରିପାରେନା ।" ସୁତରାଂ ବିଜୟ ବାବୁଙ୍କ ପରାମର୍ଶ ବିନାୟକ ମିଶ୍ରଙ୍କ ମନକୁ ସ୍ପର୍ଶ କଲା । ତେଣୁ ଅନନ୍ତର ସେ ପ୍ରବନ୍ଧ ରଚ଼ନାରେ ମନୋନିବେଶ କଲେ । ସେ କ୍ରମେ ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଆ ଭାଷାର ଇତିହାସ ପ୍ରଣୟନ କଲେ । ଇତିହାସ, ପ୍ରତ୍ନତତ୍ତ୍ୱ ଇତ୍ୟାଦି ସମ୍ପର୍କରେ ସେ ଇଂରାଜୀ ଭାଷାରେ ପ୍ରବନ୍ଧମାନ ଲେଖିଲେ । ସେଗୁଡ଼ିକ ମଡ଼ର୍ଣ୍ଣ ରିଭ୍ୟୁ(Modern Review), ବିହାର ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ଣ୍ଣାଲ୍ (Bihar Historical Research Journal) ଇତ୍ୟାଦି ପତ୍ରିକାରେ

Digitized by PPRACHIN, SOA

ପ୍ରକାଶିତ ହେଲା । ଫଳରେ ବିନାୟକ ମିଶ୍ର ବୁଦ୍ଧିଜୀବୀ ମହଲରେ ବେଶ୍ ଆଦୃତ ହୋଇ ପାରିଲେ ।

ତାରକେଶ୍ୱର ଗାଙ୍ଗୁଲୀ ନାମକ ଜଣେ ବିଦଗ୍ଧ ବଙ୍ଗାଳୀ ବ୍ୟକ୍ତି ବିନାୟକ ବାବୁଙ୍କର ସମକାଳୀନ ଥିଲେ । ସେ ମୟୂରଭଞ୍ଜ ମହାରାଜାଙ୍କର ପରାମର୍ଶଦାତା ଥିଲେ । ସେ କଲିକତା ନଗରୀର ଆମହର୍ଷ୍ଟ ଷ୍ଟ୍ରିଟ୍‌ରେ ନିଜ ବାସଭବନରେ ଅବସ୍ଥାନ କରୁଥିଲେ । ସମୟକ୍ରମେ ସେ ବିନାୟକ ବାବୁଙ୍କର ପାଣ୍ଡିତ୍ୟ, ଅଧ୍ୟବସାୟ ଓ ନିଷ୍ଠାରେ ମୁଗ୍ଧ ହୋଇଥିଲେ । ତେଣୁ ଏହି ଜ୍ଞାନ ପିପାସୁ ଅଧ୍ୟାପକଙ୍କର ଦାୟିତ୍ୱ ଗାଙ୍ଗୁଲୀ ମହୋଦୟ ବହନ କରିଥିଲେ । ସେ ନିଜ ଗୃହରେ ବିନାୟକ ବାବୁଙ୍କର ରହଣି ଓ ଅନ୍ନସଂସ୍ଥାନର ବ୍ୟବସ୍ଥା କରିଥିଲେ । ବିନାୟକ ବାବୁ ନିଜର ପରିବାରକୁ କଲିକତାକୁ ନେଇ ନଥିଲେ । ତେଣୁ ସେ ତାରକେଶ୍ୱର ବାବୁଙ୍କ ଗୃହରେ ରହିବାକୁ କୌଣସି ଅସୁବିଧା ହେଲା ନାହିଁ । ଏହିଠାରେ ଅବସ୍ଥାନ କରିଥିବାରୁ ବିନାୟକ ବାବୁ ନିକଟବର୍ତ୍ତୀ ପାଠାଗାରର ସଦୁପଯୋଗ କରିଥିଲେ । ୧୯୩୪ ମସିହାରେ ଗାଙ୍ଗୁଲୀ ବାବୁଙ୍କର ତିରୋଧାନ ଘଟିଲା । ତେଣୁ ବିନାୟକ ମିଶ୍ର ଗାଙ୍ଗୁଲୀ ନିବାସ ତ୍ୟାଗ କରି ବେଙ୍ଗଲବୋର୍ଡରେ ଅବସ୍ଥାନ କଲେ ।

କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମୟରେ ବିନାୟକ ମିଶ୍ର ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ସେମାନେ ହେଲେ ବିଶିଷ୍ଟ ଐତିହାସିକ ରାୟ ବାହାଦୂର ରମା ପ୍ରସାଦ ଚ଼ାନ୍ଦ ଏବଂ ପ୍ରତ୍ନତତ୍ତ୍ୱବିଦ୍ ପରମାନନ୍ଦ ଆଚାର୍ଯ୍ୟ । ଏହି ଉଭୟ ମନୀଷୀଙ୍କର ପ୍ରୋତ୍ସାହନ ଓ ପ୍ରେରଣା ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ବିଶେଷକରି ପ୍ରତ୍ନତତ୍ତ୍ୱବିଦ୍ ପରମାନନ୍ଦ ଆଚାର୍ଯ୍ୟଙ୍କର ସଦିଚ୍ଛା ଓ ସାହାଯ୍ୟ ପଣ୍ଡିତ ବିନାୟକ ମିଶ୍ରଙ୍କର ସାଂସ୍କୃତିକ ଓ ସାହିତ୍ୟିକ ଜୀବନକୁ ଫଳବତୀ କରାଇପାରିଥିଲା । କଲିକତାରେ ଯେତେବେଳେ ବିନାୟକ ମିଶ୍ରଙ୍କର ଆଚାର୍ଯ୍ୟ ମହାଶୟଙ୍କ ସହିତ ସାକ୍ଷାତ ହେଲା ସେତେବେଳେ ବିନାୟକଙ୍କର ସାଧନା ଓ ଗବେଷଣାରେ ସେ ଅତ୍ୟନ୍ତ ପ୍ରୀତ ହୋଇଥିଲେ । ଇତି ମଧ୍ୟରେ ପଣ୍ଡିତ ବିନାୟକ ମିଶ୍ର 'ଓଡ଼ିଆ ଭାଷାର ଇତିହାସ'ର ପାଣ୍ଡୁଲିପିଟି ପ୍ରସ୍ତୁତ କରିଥିଲେ । ଆଚାର୍ଯ୍ୟ ମହାଶୟ ପାଣ୍ଡୁଲିପିଟି ଆମୂଳଚୂଳ ପାଠ କରି ମତ ବ୍ୟକ୍ତ କରିଥିଲେ – "ଅଭିନବ ପ୍ରଚେ଼ଷ୍ଟା" । ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ଜଣେ ଉଚ୍ଚକୋଟୀର ବିଦ୍ୱାନ ବ୍ୟକ୍ତିଥିଲେ । ସେ ଥିଲେ ମୟୂରଭଞ୍ଜବାସୀ । ସୁତରାଂ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚ଼ନ୍ଦ୍ର ଭଞ୍ଜଙ୍କର ତାଙ୍କ

Digitized by PPRACHIN, SOA

ପ୍ରତି ସଦୟ ଦୃଷ୍ଟି ରହିଥିଲା । ପଣ୍ଡିତ ବିନାୟକ ମିଶ୍ର ଏହାପରେ 'ଓଡ଼ିଆ ସାହିତ୍ୟର ଇତିହାସ' ଲେଖି ପାଣ୍ଡୁଲିପିଟି ସମ୍ପୂର୍ଣ୍ଣ କଲେ । ହିତୈଷୀ ପରମାନନ୍ଦ ଆଚାର୍ଯ୍ୟ ପଣ୍ଡିତ ବିନାୟକ ମିଶ୍ରଙ୍କର 'ଓଡ଼ିଆ ଭାଷାର ଇତିହାସ' ଏବଂ 'ଓଡ଼ିଆ ସାହିତ୍ୟର ଇତିହାସ' ପାଣ୍ଡୁଲିପି ଦ୍ୱୟକୁ ପ୍ରକାଶ କରିବାପାଇଁ ମୟୂରଭଞ୍ଜ ମହାରାଜାଙ୍କ ଠାରୁ ଆର୍ଥିକ ସହାଯ୍ୟର ବ୍ୟବସ୍ଥା କରାଇଥିଲେ । ୧୯୨୮ ମସିହାରେ ମହାରାଜାଙ୍କ ଆର୍ଥିକ ସହାୟତାରେ 'ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥଟି ଉତ୍କଳ ସାହିତ୍ୟ ପ୍ରେସ୍‌ରେ ପ୍ରକାଶିତ ହେଲା । ସୁତରାଂ ପଣ୍ଡିତ ବିନାୟକ ମିଶ୍ର କୃତଜ୍ଞତା ସ୍ୱରୂପ ମୟୂରଭଞ୍ଜ ରାଜାଙ୍କର ଗୁଣଗାନ କରି ନିମ୍ନୋକ୍ତ କବିତାଟି ରଚନା କରି 'ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥରେ ସନ୍ନିବେଶିତ କରିଥିଲେ । କବିତାଟି ଏହିପରି –

"**ଶ୍ରୀ**କରେ ଯେ ନୃପକୂଳ ରବିରୁ ସମ୍ଭବି
ସଂ**ପୂର୍ଣ୍ଣ** ବିନାଶ କଲା ଅଜ୍ଞାନ ଦାନବୀ ।
ସୁ**ବର୍ଣ୍ଣ** ଲିପିରେ ରଚି ମଧୁମୟ ପଦ୍ୟ
ଭାରତୀ **ଚ**ରଣ ସେବି ହେଲା ଅନବଦ୍ୟ ।
ଅଦ୍ୟାପି ଚ**ନ୍ଦ୍ର**ରେ କୁଳ ଭବଦାନ କର
ବୃଣିକରେ ନ**ଭ** ଦେଶ ନବ ରମ୍ୟ ତର ।
ବର୍ଗୀ–ଜୀବନ–ସ**ଞ୍ଜା**ତ ଉତ୍କଳେ ଭିଆଇ
କବି ଯା'ର କୀର୍ତ୍ତି **ଶ୍ରୀନାମ** ନ ପାରେ ଗାଇ ।
ପୁରା–ଗୌରବ–ବିମାନ **ମେ**ଘ ଭେଦୀ ଯା'ର
ଉଡାଏ ବାନା ଅଦ୍ୟାପି ପ**ଞ୍ଚ**ରୁଷ ସାର ।
ଧର୍ମ ଜୟ ମହିମାରେ ବନୋ**ଲ୍ଲ**ଙ୍ଗ ହରେ
ଚମକ ବିହୁଛି ନବ୍ୟ ଶିଳ୍ପ ଦୁ**ର୍ଗୀ** ତରେ ।
ନମିତ ସେ କୁଳେ ଚିର ସ୍ୱରଗ ସୁ**କୃତ**
ଶ୍ରବଣେ ପାଠକେ ପିଇ ହରହେ ଦୁ**ଷ୍କୃତ** ।"

ମୟୂରଭଞ୍ଜର ଗୁଣଗ୍ରାହୀ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ବିନାୟକ ମିଶ୍ରଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧାଶୀଳ ଥିଲେ । ଏକ ତାମ୍ର ଫଳକକୁ ଅଧାପକ ବିନାୟକ ମିଶ୍ର ପାଠ କରିଥିବାରୁ ମହାରାଜା ଅତ୍ୟନ୍ତ ପ୍ରୀତହୋଇ ତାଙ୍କୁ ସମ୍ମାନ ପତ୍ର, ଉପଢୌକନ ଆଦି ପ୍ରଦାନ କରି ପଣ୍ଡିତ ପଦରେ ଭୂଷିତ କରିଥିଲେ । ମୟୂରଭଞ୍ଜର ଏହି ଗୁଣଗ୍ରାହୀ ମହାରାଜା

Digitized by PPRACHIN, SOA

ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କର ଅକାଳ ବିୟୋଗ ଘଟିଲା । ତାଙ୍କ ପରେ ପ୍ରତାପ ଚନ୍ଦ୍ର ଭଞ୍ଜ ସିଂହାସନ ଆରୋହଣ କଲେ । ପିତାଙ୍କ ପରି ସେ ମଧ୍ୟ ପଣ୍ଡିତ ବିନାୟକ ମିଶ୍ରଙ୍କୁ ପୃଷ୍ଠପୋଷକତା କରୁଥିଲେ । କଲିକତାରେ ରହୁଥିବା ସମୟରେ ପଣ୍ଡିତ ବିନାୟକ ମିଶ୍ର ମୟୂରଭଞ୍ଜ ମହାରାଜାଙ୍କର ସାହାଯ୍ୟ ଲାଭ କରିଥିଲେ । ସେହିପରି ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ମଧ୍ୟ ବାରିପଦାସ୍ଥିତ ଆର୍କୋଲୋଜିକାଲ୍ ଲାଇବ୍ରେରୀରୁ ସହାୟକ ପୁସ୍ତକମାନ ଆଣି ବିନାୟକ ମିଶ୍ରଙ୍କୁ ଅଧ୍ୟୟନ କରିବାପାଇଁ ଯୋଗାଇ ଦେଉଥିଲେ । ବିନାୟକ ମିଶ୍ରଙ୍କୁ ଅଧ୍ୟୟନ ଓ ଗବେଷଣା କରିବାପାଇଁ ଯଥେଷ୍ଟ ସମୟ ମିଳୁଥିଲା । ଫଳରେ ସେ ଏହି ସମୟ ମଧ୍ୟରେ ଅନେକ ଗବେଷଣା ମୂଳକ ନିବନ୍ଧ ଲେଖିବାରେ ସଫଳ ହୋଇପାରିଥିଲେ ।

ମୟୂରଭଞ୍ଜ ମହାରାଜାଙ୍କର ପ୍ରିୟଭାଜନ ଓ ରାଜ ଅନୁକମ୍ପା ଲାଭ କରିବାରେ ଯେଉଁ ଦୁଇଜଣ ବ୍ୟକ୍ତି ବିନାୟକଙ୍କୁ ସାହାଯ୍ୟ କରିଥିଲେ, ସେମାନେ ହେଉଛନ୍ତି ପ୍ରତ୍ନତତ୍ତ୍ୱବିତ୍ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଓ ତାରକେଶ୍ୱର ଗାଙ୍ଗୁଲୀ । ମୟୂରଭଞ୍ଜର ମହାନୁଭବ ମହାରାଜା ବିନାୟକ ମିଶ୍ରଙ୍କର ଗବେଷଣା, ଅଧ୍ୟୟନ ଓ ପାଣ୍ଡିତ୍ୟରେ ଯେପରି ମୁଗ୍ଧ ହୋଇଥିଲେ, ସେହିପରି ତାଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିବା ଦେଖି ସହୃଦୟତା ପ୍ରକାଶ କରିଥିଲେ । ତେଣୁ ସେ ବିନାୟକଙ୍କର ଆର୍ଥିକ ଦୁର୍ବଳତାକୁ ଏଡାଇବା ନିମିତ୍ତ ତାଙ୍କୁ ମୟୂରଭଞ୍ଜର ଗୋଟିଏ ବ୍ରାହ୍ମଣ ଶାସନ ଦାନ କରିବା ପାଇଁ ମନସ୍ଥ କରିଥିଲେ । କିନ୍ତୁ ବିନାୟକ ମିଶ୍ର ଥିଲେ ଧନପ୍ରାପ୍ତି ଆଶାର ବହୁ ଉର୍ଦ୍ଧ୍ୱରେ । ସେ ଥିଲେ ଅତ୍ୟନ୍ତ ନିର୍ଲୋଭ, ଉଦାସୀନ ଓ ଉଦାରମନା । ସେ ମହାରାଜାଙ୍କର ମହାନତାକୁ ଉପଲବ୍ଧି କଲେ ସତ କିନ୍ତୁ ବିନମ୍ରତାର ସହିତ ମହାରାଜାଙ୍କୁ କହିଥିଲେ – "ଶାସନ ଭୋଗରେ ମୋର ଦୁଃଖ ଦୂର ହେବ ନାହିଁ, ପଢାପଢି ଓ ଗବେଷଣା ଲାଗି ଛାମୁ ସୁଯୋଗ ଦେଇଛନ୍ତି, ଏଇ ଯଥେଷ୍ଟ ।" ମହାରାଜା ବିନାୟକ ମିଶ୍ରଙ୍କର ଏହି ଉଦାର ମାନସିକତାରେ ଅତ୍ୟନ୍ତ ପ୍ରୀତ ଓ ଆନନ୍ଦିତ ହେଲେ । ବାସ୍ତବିକ ପଣ୍ଡିତ ବିନାୟକ ମିଶ୍ର ଥିଲେ ଆସକ୍ତିହୀନ ସାଧକ । ସେ ଥିଲେ ବସ୍ତୁବାଦୀ ଚିନ୍ତାଧାରା ଠାରୁ ବହୁତ ଦୂରରେ । ସରଳ ଓ ନିରାଡ଼ମ୍ବର ଜୀବନଯାପନ ସହିତ ଗବେଷଣା ଓ ଅଧ୍ୟବସାୟକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ଗବେଷଣା କର୍ମରେ ହିଁ ସେ ଲାଭ କରୁଥିଲେ ଦିବ୍ୟାନନ୍ଦ । ତେଣୁ ସଂସାରର ଭୋଗ ବିଳାସ ତାଙ୍କୁ ଆକର୍ଷିତ କରିପାରି ନଥିଲା । ନିରାଡ଼ମ୍ବର ଜୀବନଯାପନ କରୁଥିବା ଏହି ଜ୍ଞାନ ତପସ୍ୱୀଙ୍କର

Digitized by PPRACHIN, SOA

ସମ୍ପର୍କରେ ଡକ୍ଟର କୁଞ୍ଜବିହାରୀ ଦାଶ ନିଜର ପ୍ରତ୍ୟକ୍ଷ ଅନୁଭୂତିରୁ କିଛି ବର୍ଣ୍ଣନା କରିଛନ୍ତି । ୧୯୩୯ ମସିହାରେ ଯେତେବେଳେ ପଣ୍ଡିତ ବିନାୟକ ମିଶ୍ର ବେଙ୍ଗଲ ବୋର୍ଡରେ ରହୁଥିଲେ, ସେତେବେଳେ କୁଞ୍ଜ ବିହାରୀ ଦାଶ ତାଙ୍କର ସାକ୍ଷାତ ଲାଭ କରିଥିଲେ । ଏହାହିଁ ଥିଲା କୁଞ୍ଜ ବିହାରୀ ଦାଶଙ୍କର ପଣ୍ଡିତ ମିଶ୍ରଙ୍କ ସହିତ ପ୍ରଥମ ସାକ୍ଷାତ । କୁଞ୍ଜ ବିହାରୀ ଦାଶ ଲକ୍ଷ୍ୟ କରିଥିଲେ ଯେ ପଣ୍ଡିତ ମିଶ୍ର ଥିଲେ ଅତ୍ୟନ୍ତ ବିଳାସବ୍ୟସନ ହୀନ । ସେ ବେଙ୍ଗଲ ବୋର୍ଡ଼ିଂରେ ରହୁଥିଲେ ଏବଂ ସର୍ବଦା ଗବେଷଣା ଓ ସାହିତ୍ୟ ସାଧନାରେ ବ୍ରତୀ ଥିଲେ । ଏହି ଗୁଣ ଗୁଡ଼ିକ କୁଞ୍ଜ ବିହାରୀ ଦାଶଙ୍କୁ ପ୍ରଭାବିତ କରିଥିଲା ।

୧୯୪୮ ମସିହାରେ ଓଡ଼ିଶା ସହିତ ଦେଶୀୟ ରାଜା ମାନଙ୍କର ମିଶ୍ରଣ ଘଟିଲା । ୧୯୪୮ ମସିହା ଜାନୁୟାରୀ ୧ ତାରିଖଟି ହେଉଛି ପୂର୍ଣ୍ଣାଙ୍ଗ ଓଡ଼ିଶା ବା ନୂତନ ବୃହତ୍ତର ଓଡ଼ିଶାର ଜନ୍ମଲଗ୍ନ । ୧୯୪୭ ମସିହାରେ ଭାରତର ସ୍ୱାଧୀନତା ଲାଭ ପରେ ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟ ମାନଙ୍କର ମିଶ୍ରଣ ପର୍ବ ଆରମ୍ଭ ହେଲା । ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଭାରତର ତତ୍କାଳୀନ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଡକ୍ଟର ହରେକୃଷ୍ଣ ମହତାବ । ଓଡ଼ିଶାର ୨୬ ଗୋଟି ଗଡ଼ଜାତ ମଧ୍ୟରୁ ୨୫ ଗୋଟି ଗଡ଼ଜାତର ରାଜାମାନେ ୧୯୪୮ ମସିହା ଜାନୁୟାରୀ ୧ ତାରିଖ ଦିନ ମିଶ୍ରଣ ଦଲିଲ (Instrument of Accession)ରେ ସ୍ୱାକ୍ଷର କରିଥିଲେ । କିନ୍ତୁ ମୟୂରଭଞ୍ଜ ମହାରାଜା ଏଥିରେ ଦସ୍ତଖତ କରି ନ ଥିବାରୁ ମୟୂରଭଞ୍ଜ ଓଡ଼ିଶା ସହିତ ମିଶି ନ ଥିଲା । ସୁତରାଂ ମୟୂରଭଞ୍ଜର ଛାତ୍ର ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଓଡ଼ିଶାର କଲେଜ ମାନଙ୍କରେ ସ୍ଥାନ ମିଳୁ ନ ଥିଲା । ମୟୂରଭଞ୍ଜର ତତ୍କାଳୀନ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜ ଏଥିରେ ବ୍ୟଥିତ ହୋଇ କଲିକତାରେ ମୟୂରଭଞ୍ଜର ଛାତ୍ରମାନଙ୍କର ପଢ଼ିବା ବ୍ୟବସ୍ଥା କରାଇଥିଲେ । ସେମାନଙ୍କର ରହଣି ପାଇଁ ସେଠାରେ 'ମୟୂରଭଞ୍ଜ ଛାତ୍ରାବାସ'ର ଆୟୋଜନ କରାଗଲା ଏବଂ ପଣ୍ଡିତ ମିଶ୍ର ଏହି ଛାତ୍ରାବାସର ତତ୍ତ୍ୱାବଧାରକ (Hostel Superin-tendent) ହୋଇଥିଲେ ଓ ମାସିକ ଟ୫୦ ଭତ୍ତା ପାଉଥିଲେ । ଏହି ସମୟରେ ତାଙ୍କର "Indian Culture and the Cult of Jagannath" ପୁସ୍ତକ ଲେଖା ଯାଇଥିଲା । ଏହିପ୍ରରି ଭାବରେ ପଣ୍ଡିତ ବିନାୟକ ମିଶ୍ର କଲିକତା ବିଶ୍ୱବିଦ୍ୟାଳୟରେ ଦୀର୍ଘ ୨୯ ବର୍ଷ ଅଧ୍ୟାପକ ଭାବରେ ଚାକିରିକାଳ ଅତିବାହିତ କରି ୫୫ ବର୍ଷ

Digitized by PPRACHIN, SOA

ବୟସରେ ୧୯୪୯ ମସିହାରେ ଅବସର ଗ୍ରହଣ କଲେ । ଏଠାରେ ସୂଚନାଯୋଗ୍ୟ ଯେ ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ମୟୂରଭଞ୍ଜ ଗଡ଼ଜାତ ଓଡ଼ିଶା ପ୍ରଦେଶ ସହିତ ସାମିଲ ହେଲା । ପଣ୍ଡିତ ବିନାୟକ ମିଶ୍ର ଅବସର ଗ୍ରହଣ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କଲେ । ସେ କିନ୍ତୁ ନିଜ ଜନ୍ମମାଟି ନୟାଗଡ଼କୁ ନ ଆସି ପ୍ରଥମେ ବାଣପୁର ଯାଇଥିଲେ । ନୟାଗଡ଼କୁ ନ ଯିବାକୁ ସେ ପ୍ରତିଜ୍ଞା କରିଥିଲେ । ସେଠାରେ ସେ ବାଣପୁର ହାଇସ୍କୁଲର ପଣ୍ଡିତ ହେଲେ । ହାଇସ୍କୁଲ ନିକଟରେ ଛୋଟ ଝାଟିମାଟି ଘର ନିର୍ମାଣ କରି ଅବସ୍ଥାନ କଲେ । ପଣ୍ଡିତ ମିଶ୍ର ଅର୍ଥ ଲିପ୍‌ସୁ ନ ଥିଲେ । ସେ ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବାର ପ୍ରବୃତ୍ତି କିମ୍ବା ମାନସିକତା ପୋଷଣ କରି ନଥିଲେ । "ଏଡ଼େ ବିଜ୍ଞ ହୋଇ ଏତେ ଅପରିଣାମଦର୍ଶୀ କିପରି ହେଲେ" – ଏହି ପ୍ରଶ୍ନ ପଚରାଯିବା ସମୟରେ ସେ ନିଜର ଅଙ୍ଗେ ଲିଭେଇଥିବା କଥାଟିକୁ ବ୍ୟକ୍ତ କରିଥିଲେ । ସେ କହିଥିଲେ – "ଚାକିରିରୁ ସ୍ୱଳ୍ପ ଆୟ, ସେଥିରୁ ବଞ୍ଚାଇ ସାନଭାଇ ଲୋକନାଥ, ପୁତୁରା ନୀଳକଣ୍ଠଙ୍କୁ ପଢାଇଲି । ସେମାନଙ୍କ ପୁତ୍ର ଓ ମୋର ପୋଷ୍ୟପୁତ୍ରକୁ ପଢାଇଲି । ସେମାନଙ୍କ ଝିଅ ଓ ମୋ ଝିଅକୁ ବିଭା ଦେଲି, କଲିକତା ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କଲାବେଳକୁ ମୋ ହାତରେ ମାତ୍ର ଟ୭୦ ଅବଶିଷ୍ଟ ଥିଲା ।"

ପଣ୍ଡିତ ମିଶ୍ର ଥିଲେ ନିରଳସ ଓ ନିଷ୍ଠାପର ସାଧକ । ବାଣପୁରରେ ରହୁଥିବା ବେଳେ ସେ ମଧ୍ୟ ଅଧ୍ୟବସାୟ ଓ ଗବେଷଣାକୁ ଅବ୍ୟାହତ ରଖିଥିଲେ । ତାଙ୍କ ପୂର୍ବ ପ୍ରକାଶିତ ପୁସ୍ତକ ଗୁଡ଼ିକର ସଂଶୋଧନ, ସଂସ୍କରଣ ଏବଂ ଏହା ସହିତ ନୂତନ ବିଷୟର ଗବେଷଣାରେ ବ୍ୟସ୍ତ ରହୁଥିଲେ । ଏହି ସମୟରେ 'କୋଣାର୍କ', 'ଝଙ୍କାର', ପତ୍ରିକା ଏବଂ 'Orissa Historical Research Journal'ରେ ଗବେଷଣାଧର୍ମୀ ଲେଖା ପ୍ରକାଶ କରୁଥିଲେ । ବାଣପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ, ସାହିତ୍ୟିକ ଡାକ୍ତର ରାଧାଚରଣ ପଣ୍ଡା ବିନାୟକ ମିଶ୍ରଙ୍କର ବାସଗୃହରେ ତାଙ୍କୁ ବହୁବାର ଭେଟି ଥିଲେ ଏବଂ ପ୍ରାଚୀନ କଳିଙ୍ଗର ବହୁ ବିଷୟ ତାଙ୍କଠାରୁ ଶୁଣିଥିଲେ । ଡାକ୍ତର ରାଧା ଚରଣ ପଣ୍ଡା (୧୮୯୮–୧୯୭୪) ବିନାୟକ ମିଶ୍ରଙ୍କର ପାଣ୍ଡିତ୍ୟରେ ଅଭିଭୂତ ହୋଇଥିଲେ । ସେ କହନ୍ତି "ପ୍ରକୃତରେ ପଣ୍ଡିତ ବିନାୟକ ମିଶ୍ର ଜଣେ ଅସାଧାରଣ ପଣ୍ଡିତ ଥିଲେ ।"

୧୯୫୩ ମସିହା ବେଳକୁ ପଣ୍ଡିତ ମିଶ୍ର ଖୁବ୍ ଅସୁସ୍ଥ ହୋଇପଡିଲେ । ଓଡ଼ିଶାର ତତ୍କାଳୀନ ଶିକ୍ଷା ମନ୍ତ୍ରୀ ଡକ୍ଟର ରାଧାନାଥ ରଥ ତାଙ୍କର ଦୟନୀୟତା ଓ

Digitized by PPRACHIN, SOA

ଆର୍ଥିକ ଦୁରବସ୍ଥା ଦେଖି ମୟୂରଭଞ୍ଜ ମହାରାଜା ଦେଉଥିବା ମାସିକ ଟ୫୦ ଭତ୍ତାକୁ ଓଡ଼ିଶା ସରକାରଙ୍କ ସାହିତ୍ୟିକ ଭତ୍ତାରୂପେ ତାଙ୍କୁ ଦେବାର ବ୍ୟବସ୍ଥା କରିଦେଇଥିଲେ। ପୁସ୍ତକ ରୟାଲଟି ବାବଦକୁ ସେ ପ୍ରାୟ କିଛି ଅର୍ଥ ପାଉ ନଥିଲେ । ବାଣପୁରଠାରେ ସେ କିଛି ଜମି କିଣିଥିଲେ । ସେହି ଚାଷ ଜମିରୁ ଯାହାକିଛି ଧାନ ମିଳୁଥିଲା ।

ଏହି ସମୟରେ ପଣ୍ଡିତ ବିନାୟକ ମିଶ୍ରଙ୍କର ଜୀବନରେ ବହୁ ଦୁଃଖ ଆସିଛି । ୧୯୫୬ ମସିହାରେ ତାଙ୍କର ପତ୍ନୀ ପଦ୍ମାବତୀ ଇହଧାମ ତ୍ୟାଗ କଲେ । ସେ ଥିଲେ ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ । ବିବାହ ପରେ ସେ ଶାଶୁ, ଶ୍ୱଶୁର ଓ ଜେଜେଶାଶୁଙ୍କର ସେବାକରିବା ପାଇଁ ଗ୍ରାମରେ ରହିଲେ । ସାରାଜୀବନ ସେ ପ୍ରାୟ ସ୍ୱାମୀଙ୍କଠାରୁ ଦୂରରେ ରହିଛନ୍ତି । ନିଜର ବ୍ୟକ୍ତିଗତ ସୁଖ ଓ ଭୋଗ ପାଇଁ ସେ ମନ ଦେଇ ନାହାନ୍ତି । ତାଙ୍କର ଜୀବନ ଥିଲା ପରିବାର ପ୍ରତି ଉତ୍ସର୍ଗୀକୃତ । ପ୍ରତିବର୍ଷ ଗ୍ରୀଷ୍ମ ଛୁଟି ଓ ପୂଜା ଛୁଟି ମାନଙ୍କରେ ପଣ୍ଡିତ ବିନାୟକ ମିଶ୍ର ଶରଣକୁଳର ତାଙ୍କର ପୈତୃକ ଗୃହକୁ ଯେତେବେଳେ ଆସୁଥିଲେ, ସେତେବେଳେ ଓଡ଼ିଶାର ବହୁ ସାହିତ୍ୟିକ, ଅଧ୍ୟାପକ ଓ ଐତିହାସିକ ତାଙ୍କର ସାକ୍ଷାତ ପାଇଁ ଆସୁଥିଲେ । ଗୋଟିଏ ମଣିଣାରେ ବସି ସେମାନଙ୍କ ସହ ସାହିତ୍ୟ, ଇତିହାସ ବିଷୟରେ ଘଣ୍ଟା ଘଣ୍ଟା ଆଲୋଚ଼ନା କରି ସେ ସମୟ ବିତାଉଥିଲେ । ସେମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଡକ୍ଟର କୁଞ୍ଜ ବିହାରୀ ଦାଶ ଯେ କି ପଣ୍ଡିତ ମିଶ୍ର ପତ୍ନୀଙ୍କର ଗୁଣ ଗାରିମା ବିଷୟରେ ଲେଖିଛନ୍ତି – "ସେ ଅତ୍ୟନ୍ତ ଲଜ୍ଜାବତୀ । ପଣତ ମୁଣ୍ଡରୁ ହାତେ ନ ଓହଳିଲେ ସେ ପଦାକୁ ବାହାରନ୍ତି ନାହିଁ । ପର ଦୁଃଖରେ ତାଙ୍କ ଆଖିରୁ ଲୁହ ଝରେ, କିନ୍ତୁ ମନ ଯେଡ଼େ ତାଙ୍କୁ ଟାହିଁ ଗଣ୍ଠିରେ ଧନ ନଥିଲା ।"

ପତ୍ନୀ ବିୟୋଗ ପରେ ବିନାୟକ ମିଶ୍ରଙ୍କୁ ଆଉ ଗୋଟିଏ ଦାରୁଣ ଧକ୍କା ଦେଲା କନ୍ୟାର ଅକାଳ ମୃତ୍ୟୁ । ବିନାୟକଙ୍କର ଏକମାତ୍ର କନ୍ୟାଥିଲା । ତାଙ୍କର ନାମ ଶାନ୍ତିଲତା । ସେ ପୁଣି ସୁସ୍ଥ କି ସବଳ ନ ଥିଲେ । ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ । ତାଙ୍କର ଗୋଟିଏ ହସ୍ତ ଓ ଗୋଟିଏ ଗୋଡ଼ ଅଚଳ ଥିଲା । ପିତା ବିନାୟକ ମିଶ୍ର ତାଙ୍କୁ ନିଜେ ହୋମିଓପାଥିକ ଚ଼ିକିତ୍ସା କରାଇ ଆରୋଗ୍ୟ କରାଇଥିଲେ । ଶାନ୍ତିଲତାଙ୍କୁ ନୟାଗଡ଼ ନିକଟବର୍ତ୍ତୀ ଭାଟସାହି ଲଡୁକେଶ୍ୱର ପୁର ଗ୍ରାମର ରବୀନ୍ଦ୍ରନାଥ ମିଶ୍ରଙ୍କୁ ବିବାହ କରାଇଥିଲେ । ଜାମାତା ରବୀନ୍ଦ୍ରନାଥ ମିଶ୍ର ବର୍ତ୍ତମାନ ଜୀବିତ ଅଛନ୍ତି । ସେ ପୁରୀ ନିକଟବର୍ତ୍ତୀ ବୀରହରେକୃଷ୍ଣପୁରର ରଘୁନାଥ ମିଶ୍ରଙ୍କ ପୁତ୍ର

Digitized by PPRACHIN, SOA

ଅଟନ୍ତି । କିନ୍ତୁ ପରେ ସେ ଭାଟସାହି ଗ୍ରାମର ବାସୁଦେବ ମିଶ୍ରଙ୍କର ପୋଷ୍ୟପୁତ୍ର ହୋଇ ଆସିଛନ୍ତି । ଶାନ୍ତିଲତାଙ୍କର ବିହାହ ଖର୍ଚ୍ଚଲାଗି ବିନାୟକ ମିଶ୍ର ବାଣପୁରରେ ରହିଥିବା ଯତ୍ ସାମାନ୍ୟ ଜମି ଓ ଗୃହକୁ ବିକ୍ରି କରିଦେଇଥିଲେ । ତେବେ ତାଙ୍କ କନ୍ୟା ଶାନ୍ତିଲତା ଏକ କନ୍ୟାସନ୍ତାନ ଜନ୍ମଦେଇ ରକ୍ତହୀନତା ଯୋଗୁଁ ୧୯୫୯ ମସିହାରେ ବାଲିତୃତୀୟା ଦିନ ମୃତ୍ୟୁମୁଖରେ ପଡ଼ିଥିଲେ । ଏହିପରି ଦାରୁଣ ଧକ୍କାଖାଇ ମଧ ଦୃଢ଼ମନା ବିନାୟକ ଥିଲେ ଅବିଚଳିତ ।

ପବିତ୍ର ଭାଗବତ ବାଣୀ ହେଉଛି –

"କର୍ମ କଷଣ ଦେହ ସହେ ।
ଅରଣ୍ୟେ ଅଜଗର ପ୍ରାୟେ ॥"

ସୁତରାଂ କର୍ମ କଷଣ ସହ୍ୟ କରିବା ପାଇଁ ଏ ଦେହ ଉଦ୍ଦିଷ୍ଟ । ଏଥିରେ ଦ୍ୱିମତ ନାହିଁ । ତେଣୁ ପଣ୍ଡିତ ବିନାୟକ ମିଶ୍ର ଜଣେ ନିରାସକ୍ତ କର୍ମ ଯୋଗୀ ପରି ଜୀବନରେ ବହୁ ଝଡ଼ଝଞ୍ଜାର ମୁକାବିଲା କରିଛନ୍ତି । ଅଜଗରକୁ ଗୁରୁପ୍ରାୟ ମଣି ସେ କେବଳ କର୍ତ୍ତବ୍ୟ କରିଯାଇଛନ୍ତି ।

* * *

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ସାରସ୍ୱତ ସାଧନା ଓ ସୃଷ୍ଟି ସମ୍ପଦ

"ସାହିତ୍ୟ ସାଧନାଠାରୁ କଷ୍ଟକର ସାଧନା କିଛି ନାହିଁ ।"
– ଡ଼ି.ବି.ସି. ପିଆର
(ଅଷ୍ଟ୍ରେଲିଆ ଔପନ୍ୟାସିକ)

ସାହିତ୍ୟ ସାଧନା ଓ ଗବେଷଣା ଅତ୍ୟନ୍ତ କଷ୍ଟକର ବ୍ୟାପାର । ସମର୍ଥ ଲେଖକ ନହେଲେ ଏହି ଉଭୟ କର୍ମ କରିପାରେ ନାହିଁ । ପୁନଶ୍ଚ ସ୍ତମ୍ଭୀୟ ପୁରୁଷ ଓ ସମର୍ଥ ଅଧ୍ୟାପକ ଉଚ୍ଚକୋଟୀର ଗବେଷଣା ଓ ସାହିତ୍ୟ ସାଧନା କରିପାରେ । ଗଭୀର ଶ୍ରଦ୍ଧାଶୀଳତା, ବ୍ୟାପକ ଜିଜ୍ଞାସୁ ମନୋଭାବ ତଥା ତପସ୍ୟାରତ ସନ୍ୟାସୀପରି ଅନାସକ୍ତ ନହେଲେ ଗବେଷଣା ଓ ସାହିତ୍ୟ ସାଧନାର ଶୀର୍ଷତମ ସୋପାନରେ ପହଞ୍ଚି ହୁଏ ନାହିଁ । ଜ୍ଞାନର ଉତ୍ସୁକତା ଓ ଆଗ୍ରହଶୀଳତା ମନୁଷ୍ୟକୁ ଉତ୍ତୀର୍ଣ୍ଣ ପାବଚ୍ଛ ଆଡ଼କୁ ନେଇଥାଏ ।

ପଣ୍ଡିତ ବିନାୟକ ମିଶ୍ର ଜଣେ ଏକନିଷ୍ଠ ଗବେଷକ, ଲେଖକ, ସାହିତ୍ୟସାଧକ ଓ ଐତିହାସିକ । ତାଙ୍କର ସାହିତ୍ୟ ସାଧନା ଯେପରି ଅନନ୍ୟ, ଗବେଷଣା କର୍ମ ମଧ୍ୟ ସେହିପରି ଆଦର୍ଶସ୍ଥାନୀୟ । ସେ ଥିଲେ ଉଭୟ କ୍ଷେତ୍ରରେ ସବ୍ୟସାଚ୍ଚୀ ଏବଂ ଉଭୟ କର୍ମରେ ମଧ୍ୟ ସେ ଅଶେଷ ସଫଳତା ଲାଭ କରିଛନ୍ତି । ସେ ବହୁ କଷ୍ଟ, ବହୁଶ୍ରମ ସ୍ୱୀକାର କରିଛନ୍ତି । ଗବେଷଣା ଓ ଅଧ୍ୟବସାୟ ତାଙ୍କ ଜୀବନର ବ୍ରତ ଥିଲା । ବୋଧହୁଏ ଓଡ଼ିଶାରେ ତାଙ୍କ ପରି ଗବେଷକ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ପ୍ରମାଣ କରିଦେଇ ଯାଇଛନ୍ତି ଯେ ଆନୁଷ୍ଠାନିକ ଉଚ୍ଚଶିକ୍ଷା ନଥିଲେ ମଧ୍ୟ ଗଭୀର ଅଧ୍ୟବସାୟ ଓ ସାଧନା ବଳରେ ଜଣେ ଉଚ୍ଚମାନର ଗବେଷଣା କରିପାରେ; ବିଜ୍ଞ ଗବେଷକ ମାନଙ୍କର ସମକକ୍ଷ ହୋଇପାରେ । ବାସ୍ତବିକ୍ ପଣ୍ଡିତ ବିନାୟକ ମିଶ୍ର ନୀରବ ଓ ନିରଳସ ସାଧକ ଭାବରେ ଯେଉଁ ଉଚ୍ଚମାନର ଗବେଷଣା କର୍ମ କରିଯାଇଛନ୍ତି, ସେ କେବଳ ଓଡ଼ିଶାରେ ନୁହେଁ, ଭାରତର ବିଜ୍ଞ ଗବେଷକ ମଣ୍ଡଳୀର ସମାସୀନ ହୋଇପାରିଛନ୍ତି । ଏହା ବିନାୟକଙ୍କ ଜୀବନର ଏକ

Digitized by PPRACHIN, SOA

ଗୌରବପୂର୍ଣ୍ଣ ଦିଗ ଅଟେ । ବିନାୟକ ମିଶ୍ର ଉଭୟ ସୃଜନଶୀଳ ସ୍ରଷ୍ଟା ଓ ସମୀକ୍ଷକ । ତାଙ୍କ ନିକଟରେ ପ୍ରତିଭା(Genius), ଅଭ୍ୟାସ ଓ ବୈଦୃଗଧ୍ୟ – ଏହି ତିନୋଟି କଥାର ସମନ୍ୱୟ ରହିଥିଲା ।

ପଣ୍ଡିତ ବିନାୟକ ମିଶ୍ର କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଅଧ୍ୟାପକ ଭାବରେ କାର୍ଯ୍ୟ ସମ୍ପାଦନା କରୁଥିଲେ । ତେଣୁ ସେଠାରେ ସେ ଉପଯୁକ୍ତ ପରିବେଶ ଓ ବିଦ୍ୱାନ ଗବେଷକ ମାନଙ୍କର ସାହଚର୍ଯ୍ୟ ଲାଭ କରିଥିଲେ । ସ୍ୱନାମଧନ୍ୟ ମନୀଷୀ ବି.ସି. ମଜୁମ୍‌ଦାର, ପ୍ରିୟ ରଞ୍ଜନ ସେନ୍, ରମାପ୍ରସାଦ ଚାନ୍ଦ ପ୍ରଭୃତି ଅନେକ ପରିମାଣରେ ବିନାୟକ ମିଶ୍ରଙ୍କୁ ପ୍ରଭାବିତ କରିଥିଲେ । ସେମାନଙ୍କର ସମକକ୍ଷ ହେବାପାଇଁ ଏବଂ ଜଣେ ଓଡ଼ିଆ ଅଧ୍ୟାପକଙ୍କର ମର୍ଯ୍ୟାଦାକୁ ପ୍ରତିଷ୍ଠା କରିବାକୁ ପଣ୍ଡିତ ବିନାୟକ ଏହାକୁ ଏକ ଚାଲେଞ୍ଜ୍ ଭାବରେ ଗ୍ରହଣ କରିଥିବା ପରି ମନେହୁଏ ।

ପଣ୍ଡିତ ବିନାୟକଙ୍କର ଏକନିଷ୍ଠ ସାଧନାର ସୂଚନା ଦେବାକୁ ଯାଇ ଡ଼କ୍ଟର କୁଞ୍ଜବିହାରୀ ଦାଶ ଲେଖିଛନ୍ତି – "୧୯୩୯ରେ ଓଡ଼ିଆରେ ଏମ୍.ଏ. ପଢ଼ିବା ଲାଗି ମୁଁ କଲିକତା ଯାତ୍ରା କଲି । ସେତେବେଳକୁ ଭୂଭାରତରେ ଅନ୍ୟତ୍ର ଓଡ଼ିଆରେ ଏମ୍.ଏ. ଶ୍ରେଣୀ ନଥାଏ । ସୋନପୁରର ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରେମୀ ମହାରାଜାଙ୍କ ଆନୁକୂଲ୍ୟରେ ପ୍ରାୟ ୨୦ ବର୍ଷ ତଳେ ଓଡ଼ିଆ ବିଭାଗ ଖୋଲିଥାଏ । ବିନାୟକ ବାବୁ ପୂରାପୂରି ଓଡ଼ିଆ ଅଧ୍ୟାପକ ଭାବେ ଥାନ୍ତି । ବେଙ୍ଗଲ ବୋର୍ଡ଼ ହୋଟେଲର ଗୋଟିଏ କୋଠରୀରେ ସେ ରହୁଥାନ୍ତି । ତାଙ୍କ ସହିତ ପାତ୍ରିକ ଆଳାପ ଆଗରୁ ହୋଇଥାଏ, ଏଇ ପ୍ରଥମ ସାକ୍ଷାତ । ଘରେ ଗୋଟିଏ ମାତ୍ର ଖଟ, ଚୌକି ଟେବୁଲ ନାହିଁ, ଘର କଣରେ ଗଦା ଗଦା ବହି । ଅଧ୍ୟୟନ ତାଙ୍କର ଏକମାତ୍ର ବିଳାସ; କଲିକତାର ଉତ୍ସବମୟ ଜୀବନ ସହିତ ତାଙ୍କର ଯୋଗାଯୋଗ ନଥାଏ । ଅଧ୍ୟୟନ ଓ ଗବେଷଣାରେ ସତତ ବ୍ୟସ୍ତ ରହିଥାନ୍ତି । ବିଦ୍ୟାର ନାନା ଶାଖା ମଧ୍ୟରେ ଇତିହାସ ଉପରେ ତାଙ୍କର ଦୃଷ୍ଟି ଅଧିକ ଓ ସେହି ଦିଗରେ ସେ ଉଲ୍ଲେଖଯୋଗ୍ୟ ଦାନ ଦେଇଛନ୍ତି । ତା'ମଧ୍ୟରେ ଦର୍ଶନ ଓ ସାହିତ୍ୟିକ ସମାଲୋଚନା ପ୍ରବନ୍ଧ ରଚନା କରୁଥାନ୍ତି, ଜ୍ୟୋତିଷ ଚର୍ଚ୍ଚା ଓ ହୋମିଓପାଥିକ୍ ପ୍ରାକ୍‌ଟିସ୍ ମଧ୍ୟ କରୁଥାନ୍ତି । ତାଙ୍କ ସରଳ ଜୀବନ, ଶ୍ରମ ନିଷ୍ଠା, ସାହିତ୍ୟ ସାଧନା ତାଙ୍କପରି ଗବେଷକ ଓ ସାହିତ୍ୟପ୍ରାଣ ବ୍ୟକ୍ତି ଆଉ ଜଣେ ଓଡ଼ିଶାରେ ନଥିଲେ କହିଲେ ଚଳେ ।" ପ୍ରଫେସର କୁଞ୍ଜ ବିହାରୀ

Digitized by PPRACHIN, SOA

ଦାଶଙ୍କର ଏହି ବକ୍ତବ୍ୟଟି ବିନାୟକ ମିଶ୍ରଙ୍କ ସାଧନା ଓ ସାହିତ୍ୟପ୍ରାଣତାର ପରିଚୟ ପ୍ରଦାନ କରେ ।

ସାହିତ୍ୟ ସାଧକ ବିନାୟକ ମିଶ୍ର ଏକ ବହୁମୁଖୀ ପ୍ରତିଭା । ସେ ଥିଲେ କବି, ନାଟ୍ୟକାର, ଭାଷାବିତ୍, ସମୀକ୍ଷକ, ଦାର୍ଶନିକ ଓ କୃତବିଦ୍ୟ ଐତିହାସିକ । ତାଙ୍କର ପ୍ରଥମ କବିତା 'ନବଜାତ ଶିଶୁ', ଉତ୍କଳ ସାହିତ୍ୟ ୧୯୨୫/୨୮ ଭାଗରେ ପ୍ରକାଶ ପାଇଥିଲା । ୧୯୨୫ ମସିହା 'ମୁକୁର'ରେ ତାଙ୍କର 'ବୁଢ଼ାବର' ଶୀର୍ଷକ କ୍ଷୁଦ୍ରଗଳ୍ପ ପ୍ରକାଶିତ ହୋଇଥିଲା । ପଣ୍ଡିତ ମିଶ୍ରଙ୍କର 'ବରଣମାଳା' କବିତାଗ୍ରନ୍ଥ ୧୯୪୬ ମସିହାରେ ପ୍ରକାଶିତ । ଏହାପରେ 'ଗଜପତି ଜେମା' ଓ 'ଉପେନ୍ଦ୍ର ଭଞ୍ଜ' ନାମକ ଦୁଇଗୋଟି ଯାତ୍ରାପୁସ୍ତକ ସେ ପ୍ରକାଶ କରିଥିଲେ । ପଣ୍ଡିତ ମିଶ୍ରଙ୍କର 'ଓଡ଼ିଆ ଭାଷାର ଇତିହାସ' ଏବଂ 'ଓଡ଼ିଆ ସାହିତ୍ୟର ଇତିହାସ' ଯଥାକ୍ରମେ '୧୯୨୭' ଓ ୧୯୨୮ ମସିହାରେ ପ୍ରକାଶିତ । 'ଭାରତୀୟ ଦର୍ଶନ ପ୍ରବେଶିକା' ଶୀର୍ଷକ ଗ୍ରନ୍ଥ ୧୯୪୭ ମସିହାରେ ପ୍ରକାଶିତ । ସମୀକ୍ଷାଗ୍ରନ୍ଥ 'ଓଡ଼ିଆ ସାହିତ୍ୟ ପ୍ରକାଶ' ୧ମ ଭାଗ ଓ ଦ୍ୱିତୀୟ ଭାଗ ୧୯୪୯ ମସିହାରେ ଆତ୍ମ ପ୍ରକାଶ ଲାଭ କରିଛି । 'ମହାମାନବ ମହାତ୍ମା ଗାନ୍ଧୀ' ଶୀର୍ଷକ ଜୀବନୀଗ୍ରନ୍ଥ ମଧ୍ୟ ୧୯୪୯ ମସିହାରେ ମୁକ୍ତିଲାଭ କରିଛି । 'ଓଡ଼ିଆ ଛାନ୍ଦ ସାହିତ୍ୟ' ୧୯୫୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ପ୍ରକାଶିତ । 'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ୧ମ ଓ ୨ୟ ଭାଗ ୧୯୬୫ ମସିହାରେ ପ୍ରକାଶିତ । 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥଟି ୧୯୬୮ ମସିହାରେ ପ୍ରକାଶ ପାଇଛି । ପଣ୍ଡିତ ମିଶ୍ର 'ଯଦୁମଣି ଗ୍ରନ୍ଥାବଳୀ' ସମ୍ପାଦନା କରିଥିଲେ । ଏହା ୧୯୬୫ ମସିହାରେ ପ୍ରକାଶିତ ।

ପଣ୍ଡିତ ମିଶ୍ରଙ୍କର ଇଂରାଜୀ ଭାଷାରେ ଲିଖିତ ପୁସ୍ତକ ହେଉଛି 'Dynasties of Medieval Orissa' ଏବଂ ଏହା ୧୯୩୩ ମସିହାରେ ପ୍ରକାଶିତ । ଏହାପରେ ୧୯୩୪ ମସିହାରେ 'Orissa Under the Bhauma Kings' ଗ୍ରନ୍ଥଟି ଆତ୍ମପ୍ରକାଶ ଲାଭ କରି ଐତିହାସିକ ମାନଙ୍କ ଦ୍ୱାରା ଆଦୃତ ହୋଇଥିଲା । ବିନାୟକ ମିଶ୍ରଙ୍କର ଜୀବଦଶାରେ ଲିଖିତ ହୋଇଥିବା 'Indian Culture and Cult of Jagannath' ପୁସ୍ତକଟି ତାଙ୍କର ମୃତ୍ୟୁ ପରେ ୧୯୮୬ ମସିହାରେ ପ୍ରକାଶ ଲାଭ କରିଥିଲା ।

ପଣ୍ଡିତ ବିନାୟକ ମିଶ୍ର ଥିଲେ ଜଣେ କୃତୀ ସାରସ୍ୱତ ସାଧକ । ତାଙ୍କ

Digitized by PPRACHIN, SOA

ସମ୍ପର୍କରେ ପ୍ରଫେସର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଯଥାର୍ଥରେ ଲେଖିଛନ୍ତି – "ବିନାୟକ ମିଶ୍ର ପ୍ରାଚୀନ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଇତିହାସ ପ୍ରାମାଣିକ ଆଲୋଚନାରେ ମନୋନିବେଶ କରି ବହୁଗ୍ରନ୍ଥ ରଚନା କରିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟର ଐତିହାସିକ ବିଚାରଧାରାକୁ ଗୋଟିଏ ନିର୍ଦ୍ଦିଷ୍ଟ ଓ ସୁଶୃଙ୍ଖଳରୂପ ପ୍ରଦାନ କରିବା ତାଙ୍କର କୃତିତ୍ୱ । 'ଓଡ଼ିଆ ଭାଷାର ଇତିହାସ' ଓ 'ଓଡ଼ିଆ ସାହିତ୍ୟର ଇତିହାସ' (୧୯୨୮) ରେ ତାଙ୍କର ପାଣ୍ଡିତ୍ୟ ଓ ଗଭୀର ଅନୁଶୀଳନ ପ୍ରୀତିର ପରିଚୟ ପ୍ରତିଭାତ । ଇଂରେଜୀରେ ଲିଖିତ ତାଙ୍କର 'ଭୌମକର ରାଜବଂଶ' ଓ 'ମଧ୍ୟଯୁଗୀୟ ରାଜନ୍ୟ ଗୋଷ୍ଠୀ' ସମ୍ପର୍କୀୟ ଗବେଷଣା ପ୍ରସୂତ ଇତିହାସ ଗ୍ରନ୍ଥ ଅଦ୍ୟାପି ଐତିହାସିକ ମାନଙ୍କ ମଧ୍ୟରେ ଆଦୃତ ହୋଇଥାଏ । ପତ୍ର ପତ୍ରିକା ମାଧ୍ୟମରେ ଏହି କୃତୀ ଗବେଷକଙ୍କର ଆଲୋଚନା ପ୍ରକାଶ ଲାଭକରି ଶିକ୍ଷିତ ସାଧାରଣ ଭିତରେ ଯଥେଷ୍ଟ ଉନ୍ମାଦନା ସୃଷ୍ଟି କରିଥିଲା ।"

ବାସ୍ତବିକ୍ ପଣ୍ଡିତ ବିନାୟକ ମିଶ୍ର ଥିଲେ ବହୁପାଠୀ; ବିଦ୍ୱାନ ଗବେଷକ । ବହୁ ପତ୍ରପତ୍ରିକାରେ ତାଙ୍କର ଆଲୋଚନା ସ୍ଥାନିତ ହୋଇଛି । ତାଙ୍କ ଦ୍ୱାରା ଲିଖିତ କେତେକ ଓଡ଼ିଆ ଗବେଷଣାଧର୍ମୀ ପ୍ରବନ୍ଧ ନିମ୍ନପ୍ରଦତ୍ତ ପତ୍ରପତ୍ରିକାରେ ପ୍ରକାଶିତ ।

୧. 'ଭାଷାସଂସ୍କାର' – ଉତ୍କଳ ସାହିତ୍ୟ –୨୫/୧୧ , ୧୯୨୨–୨୩
୨. 'ଭାଷା ଓ ସାହିତ୍ୟ' – ମୁକୁର – ୧୮/୧୯ ବର୍ଷ, ୧୯୨୪–୨୫
୩. 'ଅଭିଭାଷଣ' – ମୁକୁର – ୧୮/୧୯ ବର୍ଷ, ୧୯୨୪–୨୫
୪. 'ପ୍ରକୃତି ଓ ସାହିତ୍ୟ' – ଉତ୍କଳ ସାହିତ୍ୟ – ୨୭ ବର୍ଷ, ୧୯୨୪–୨୫
୫. 'ପ୍ରେମ ଓ ସାହିତ୍ୟ' – ଉତ୍କଳ ସାହିତ୍ୟ – ୨୭ ବର୍ଷ, ୧୯୨୪–୨୫
୬. 'ସମାଲୋଚନା ଓ ସାହିତ୍ୟ' – ଉତ୍କଳ ସାହିତ୍ୟ –୨୭ ବର୍ଷ, ୧୯୨୪–୨୫
୭. 'ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ' – ନବଭାରତ, ୧/୪, ୧୯୩୪
୮. 'ଉତ୍କଳରେ ମାତୃକାପୂଜା' – ନବଭାରତ, ୧/୫, ୧୯୩୫
୯. 'ଆଧୁନିକ ଓଡ଼ିଆ ସାହିତ୍ୟର ଗତି' – ନବଭାରତ, ୪/୧, ୧୩୫୪ ସାଲ
୧୦. 'ସରସ୍ୱତୀ ପୂଜା' – ନବଭାରତ, ୧/୧୦, ୧୯୩୫
୧୧. 'ବୌଦ୍ଧଧର୍ମ ଓ ଯୋଗ' – ନବଭାରତ, ୨/୪, ୧୯୩୫

Digitized by PPRACHIN, SOA

୧୨. 'ଆଧୁନିକ ଛନ୍ଦ ଓ ଉପାନ୍ତ୍ୟ ମିଳନ' – ନବଭାରତ, ୨/୧୧, ୧୯୩୫

୧୩. 'ବୌଦ୍ଧ ତାନ୍ତ୍ରିକ ଯୋଗ' – ନବଭାରତ, ୧/୬, ୧୯୩୬

୧୪. 'ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ କବିତା' – ନବଭାରତ, ୩/୬, ୧୯୩୯

୧୫. 'ଅମ୍ବିକା ବିଳାସ' – ନବଭାରତ, ୫ମ ବର୍ଷ, ୨ୟ ସଂଖ୍ୟା, ୧୯୩୯

୧୬. 'ଆଧୁନିକ ସାହିତ୍ୟର ଆଦର' – ଶଙ୍ଖ, ୧/୩, ୧୯୪୫

୧୭. 'ଋତୁ ନିରୂପଣ' – ନବଭାରତ, ୧/୭, ୧୯୪୭

୧୮. 'ସାହିତ୍ୟ ଲକ୍ଷଣ ଚର୍ଚ୍ଚା' – ନବଭାରତ, ୧/୪, ୧୯୪୭

୧୯. 'ସାହିତ୍ୟରେ ମନସ୍ତତ୍ତ୍ୱ' – ନବଭାରତ ୨/୧, ୧୯୪୭

୨୦. 'ଓଡ଼ିଆ ସାହିତ୍ୟରେ ଗୌଡ଼ୀୟ ବୈଷ୍ଣବଧର୍ମ'– ୫/୧୦, ଝଙ୍କାର, ୧୯୫୪

୨୧. 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' – ଡଗର, ମାର୍ଚ୍ଚ/ଏପ୍ରିଲ, ୧୯୫୬

୨୨. 'ଇତିହାସର ଗବେଷଣା' – କୋଣାର୍କ, ସେପ୍ଟେମ୍ବର, ୧୯୫୮

୨୩. 'ମୌଳିକ ପରଜା ଓ ଅନୁବାଦିତ ଉପନଗରୀରେ ଶୟତାନ'
– ଡ଼ଗର ୨୫/୧, ଜୁଲାଇ, ୧୯୨୧

ପଣ୍ଡିତ ବିନାୟକ ମିଶ୍ର 'ଜଗନ୍ନାଥଙ୍କ ଉପରେ ଯେଉଁ ସବୁ ପ୍ରବନ୍ଧ ଲେଖିଥିଲେ, ସେଥିରୁ ଦୁଇଗୋଟି ସଂଗୃହୀତ ହୋଇଛି । ତାହା ହେଉଛି –

୧. 'ଜଗନ୍ନାଥ ପୂଜା' – 'ଶ୍ରୀଜଗନ୍ନାଥ', ଭୁବନେଶ୍ୱର, ୧୯୮୨
ଏବଂ 'ରାଜାଧିରାଜ ଜଗନ୍ନାଥ', କଟକ, ୧୯୮୪

୨. 'ଶ୍ରୀଜଗନ୍ନାଥ ନାମ ମହିମା' – ଶ୍ରୀଜଗନ୍ନାଥ ଲହରୀ ୧/୧, ପୁରୀ, ୧୯୮୪

ଏତଦ୍‌ବ୍ୟତୀତ ପଣ୍ଡିତ ବିନାୟକ ଇଂରାଜୀରେ ଅନେକ ପ୍ରବନ୍ଧ ରଚନା କରି ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଏହି ଗବେଷଣାଧର୍ମୀ ପ୍ରବନ୍ଧଗୁଡ଼ିକ ବିଭିନ୍ନ ପତ୍ରପତ୍ରିକାର ପୃଷ୍ଠା ମଣ୍ଡନ କରିଥିଲା । ସେଥିରୁ କେତୋଟିର ଦୃଷ୍ଟାନ୍ତ ଏଠାରେ

Digitized by PPRACHIN, SOA

ପ୍ରଦାନ କରାଯାଉଛି ।

1. 'A Brief Historical Sketch of Orissa' - Journal of Bihar Orissa Research Society 6/3, - 1920
2. 'Copper plate grant of Netra Bhanja' - Journal of Bihar Orissa Research Society, 17/1, - 1921
3. 'A note on the Kongada Country' - Journal of Bihar Orissa Research Society, 12/4, 1926
4. 'A note on the time of Kara Dynasty' - Journal of Bihar Orissa Research Society, 12/1, 1926
5. 'Fragmentry Stone Inscription of Gobindapur' - Journal of Bihar Orissa Research Society, 13/2, 1927
6. 'The area of Orissa in Hiuen Tsang's Time - Journal of Bihar Orissa Research Society, 13/1, 1927
7. 'The Trikalinga Country' - Journal of Bihar Orissa Research Society, 14/1, 1928
8. 'Hindol plate of Subhakardeva' - Journal of Bihar Orissa Research Society, 16/1, 1930
9. 'Narasingpur Charter of Udyotkeshari Mahabhabagupta - IV, - Journal of Bihar Orissa Research Society, 17/1,1931
10. 'Alekha religion in Orissa' - Modern Review, vol-1, 1931
11. 'The Sailodbhaba rulers of Kongada' - Indian Historical Quarterly, 7/3,1931
12. 'Ganjam grant of Jayavermandeva of Udayotkesari Time' - Indian Historical Quarterly, 12/3, 1936
13. 'Exploration of Dengaposhi in Keonjhar State' - Modern Review, LXIII, 1938
14. 'Initial Year of the Ganga Era' - Journal of the Orissa Academy, 2/1, April, 1938
15. 'Kumar and Goutam Buddha' - Journal of Kalinga Historical Research Society, 2/4, 1950

Digitized by PPRACHIN, SOA

16. 'Maninaga Worship in Orissa' - Orissa Historical Research Journal, 11/3/4, 1954

ପଣ୍ଡିତ ବିନାୟକ ମିଶ୍ର ଏହିପରି ଭାବରେ ବହୁ ଦୁର୍ଲଭ ପ୍ରବନ୍ଧ ପତ୍ରପତ୍ରିକାରେ ପ୍ରକାଶ କରି ଯଶସ୍ୱୀ ହୋଇଛନ୍ତି । ଏହି ପ୍ରବନ୍ଧଗୁଡ଼ିକ ଓଡ଼ିଶାର ଇତିହାସ ଓ ସାଂସ୍କୃତିକ ଦିଗକୁ ଆଲୋକିତ କରିଅଛି ।

ଏହା ବ୍ୟତୀତ ପଣ୍ଡିତ ବିନାୟକ ମିଶ୍ର ପୁରୀ ଏବଂ ଜଗନ୍ନାଥ ସମ୍ପର୍କରେ କେତେଗୁଡ଼ିଏ ମୂଲ୍ୟବାନ ପ୍ରବନ୍ଧ ପ୍ରକାଶ କରିଛନ୍ତି । ସେଗୁଡ଼ିକ ମଧ୍ୟରୁ କିଛି ଏଠାରେ ଉଲ୍ଲେଖ କରାଯାଇଛି –

1. 'Jagannath Temple at Puri' - Mayurbhanja Chronicle, VI/1, Baripada, 1936
2. 'Origin of Lord Jagannath' (Local Tradition) - Mayurbhanja Chronicle, VI/2, Baripada, 1937
3. 'Origin of Lord Jagannath' (Puranic Tradition) - Mayurbhanja Chronicle, VI/3, Baripada, 1937
4. 'Origin of Lord Jagannath' - Mayurbhanja Chronicle, VII/1, Baripada, 1937
5. 'Folkare and Puranic Tradition about the Origin of Lord Jagannath' - Indian Historical Quarterly, XIII/4, Calcutta, 1937
6. 'Origin of Jagannath Worship in Puri' (Car Festival) - Mayurbhanja Chronicle, VII/3, Baripada, 1938
7. 'Puri after Kharavela' - Mayurbhanja Chronicle, VIII/2, Baripada, 1939
8. 'Identification of Indradyumna' - Mayurbhanja Chronicle, VIII/4, Baripada, 1939
9. 'Puri after Rudradamana II' - Mayurbhanja Chronicle, X/2, Baripada, 1941

ଏହି ସାମଗ୍ରିକ କୃତିରୁ ଜଣାପଡ଼େ ପଣ୍ଡିତ ମିଶ୍ରଙ୍କ କଲମ ଥିଲା ଅଜସ୍ରସ୍ରାବୀ । ଏହିପରି ଭାବରେ ପଣ୍ଡିତ ବିନାୟକ ମିଶ୍ର ସାହିତ୍ୟ ଏବଂ ଇତିହାସଧର୍ମୀ ଅନେକ

Digitized by PPRACHIN, SOA

ପୁସ୍ତକ ତଥା ପ୍ରବନ୍ଧ ରଚ଼ନା କରି ତାଙ୍କର ନିରଳସ ଓ ନିରବଚ୍ଛିନ୍ନ ସାଧନାର ପରିଚ଼ୟ ଦେଇଛନ୍ତି । ତାଙ୍କର ଗବେଷଣାଧର୍ମୀ ପ୍ରବନ୍ଧ ଗୁଡ଼ିକ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବିଦ୍ୱାନ ମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିଛି । ପଣ୍ଡିତ ମିଶ୍ର ତାଙ୍କର ସାରାଜୀବନ ଅଧ୍ୟୟନ, ଗବେଷଣା ଏବଂ ସାଧନାରେ ନିମଗ୍ନ ରହି ପାଣ୍ଡିତ୍ୟ ଓ ବିଦ୍‌ବତ୍ତାର ପରିଚ଼ୟ ଦେଇଛନ୍ତି । ତାଙ୍କର ସାରସ୍ୱତ ସୃଷ୍ଟି ସମ୍ପଦ ଅତୁଳନୀୟ । ପଣ୍ଡିତ ବିନାୟକ ସୃଷ୍ଟି ସମ୍ପଦ ଓଡ଼ିଶାର ବୁଦ୍ଧିଜୀବୀ ତଥା ସାହିତ୍ୟିକ ମାନଙ୍କର ପରମ ସମ୍ପଦ ରୂପେ ବିବେଚ଼ିତ ହୋଇଆସିଛି । ସେହିପରି ତାଙ୍କର ଇତିହାସ ଭିତ୍ତିକ ପ୍ରବନ୍ଧମାନ ଏବଂ ଗ୍ରନ୍ଥଗୁଡ଼ିକ ବେଶ୍ ମୂଲ୍ୟବାନ ବୋଲି ଗୃହୀତ ହୋଇ ଆସିଛି । ପଣ୍ଡିତ ମିଶ୍ରଙ୍କର ବହୁ ପ୍ରବନ୍ଧ ଓ ଗ୍ରନ୍ଥ ଆଜି ଦୁଷ୍ପ୍ରାପ୍ୟ ହୋଇଗଲାଣି । ସେଗୁଡ଼ିକର ସଂରକ୍ଷଣ ଏବଂ ପୁର୍ନମୁଦ୍ରଣ ହୋଇପାରିଲେ ବିନାୟକଙ୍କ ପ୍ରତିଭାର ଯଥାର୍ଥ ନିରାଜନା ହୋଇପାରନ୍ତା ।

ପଣ୍ଡିତ ବିନାୟକ ମିଶ୍ରଙ୍କ ସାହିତ୍ୟ ସାଧନାର ଦୁଇଟି ଦିଗ ରହିଛି, ଯଥା : ସୃଜନାତ୍ମକ ଦିଗ ଓ ସମୀକ୍ଷାତ୍ମକ ଦୃଷ୍ଟିଭଙ୍ଗୀ । ସୃଜନଶୀଳତା ସହିତ ମେଧାର ସମ୍ପର୍କ ରହିଛି । ସୃଜନଶୀଳତା ବହୁମୁଖୀନତାରେ ଆଶ୍ରିତ । ବିନାୟକ ମିଶ୍ର ଜଣେ ସୃଜନଶୀଳ ଲେଖକ ଭାବରେ ଯେତିକି ନିପୁଣତା ଦେଖାଇ ପାରି ନାହାନ୍ତି, ବରଂ ଜଣେ ସମୀକ୍ଷକ ଭାବରେ ତତୋଽଧିକ ସଫଳତା ଲାଭ କରିଛନ୍ତି । ଜଣେ ସମୀକ୍ଷକ ରୂପେ ପଣ୍ଡିତ ବିନାୟକ ମିଶ୍ରଙ୍କର ଏକ ପ୍ରଧାନ ବୈଶିଷ୍ଟ୍ୟ ହେଉଛି ମୁକ୍ତ ଚ଼ିନ୍ତନ । ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ନିଜସ୍ୱ ମତାମତକୁ ସ୍ୱାଧୀନ ଭାବରେ ବଳିଷ୍ଠ ଯୁକ୍ତିଦ୍ୱାରା ଉପସ୍ଥାପନ କରିବା ହେଉଛି ତାଙ୍କର ଲେଖକୀୟ ଧର୍ମ । ପଣ୍ଡିତ ବିନାୟକ ମିଶ୍ର ତାଙ୍କର ପ୍ରତ୍ୟେକ ସୃଷ୍ଟିରେ କିଛି ନୂଆ କଥା କହିଛନ୍ତି । ସମୀକ୍ଷା ଓ ଆଲୋଚ଼ନାକର୍ମ ଗୋଟିଏ କୃତିର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥାଏ । ସମୀକ୍ଷା କାର୍ଯ୍ୟ ସମୀକ୍ଷକଙ୍କୁ ନିଶ୍ଚିତ ଭାବରେ ଆତ୍ମ ସନ୍ତୋଷ ପ୍ରଦାନ କରିଥାଏ । ପୁନଶ୍ଚ ସମୀକ୍ଷା ମାଧ୍ୟମରେ ସମୀକ୍ଷକର ବ୍ୟକ୍ତିତ୍ୱର ପ୍ରତିଫଳନ ଘଟିଥାଏ । ସୁତରାଂ ପଣ୍ଡିତ ମିଶ୍ରଙ୍କର ନିରପେକ୍ଷ ସମାଲୋଚ଼ନା ଓ ସମୀକ୍ଷା ତାଙ୍କୁ ଜଣେ ସାର୍ଥକ ଓ ସ୍ୱନାମଧନ୍ୟ ଆଲୋଚ଼କ ଭାବରେ ବିଦ୍ୱାନ ମଣ୍ଡଳୀରେ ପରିଚ଼ିତି ଦେଇପାରିଛି, ଏଥିରେ ସନ୍ଦେହ ନାହିଁ ।

* * *

Digitized by PPRACHIN, SOA

ପଞ୍ଚମ ଅଧ୍ୟାୟ

ସାରସ୍ୱତ ସୃଷ୍ଟି ଓ ଐତିହାସିକ ଦୃଷ୍ଟିର ବିଚାର

ବିନାୟକ ମିଶ୍ର ମୁଖ୍ୟତଃ ପ୍ରାବନ୍ଧିକ, ସମାଲୋଚକ ଏବଂ ଐତିହାସିକ ଭାବରେ ଜଣାଶୁଣା । କିନ୍ତୁ ତାଙ୍କର ସାହିତ୍ୟିକ ଜୀବନ ଆରମ୍ଭ ହୁଏ କବିତା ରଚନାରୁ । ତାଙ୍କର ପ୍ରାରମ୍ଭିକ ସୃଜନଶୀଳତାର ଏକ ଦୃଷ୍ଟାନ୍ତ ହେଉଛି ନିମ୍ନ କବିତା ପଂକ୍ତି –

"ହେ ବଂଶୀବଦନ କରୁଁ ନିବେଦନ ଘେନ ଆମ୍ଭର ବିନତି
କର ଅନୁଗ୍ରହ ନ କର ନିଗ୍ରହ ସଦା ଏ ସମାଜ ପ୍ରତି ।"

ଆଦ୍ୟ ଜୀବନରେ ସେ ଦୁଇଗୋଟି ଯାତ୍ରାପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକ ଦ୍ୱୟ ହେଉଛି 'ଗଜପତି କେମା' ଓ 'ଉପେନ୍ଦ୍ର ଭଞ୍ଜ' । ଏହି ପୁସ୍ତକ ଦ୍ୱୟ ଏବେ ଦୁଷ୍ପ୍ରାପ୍ୟ । ୧୯୪୬ ମସିହା ବେଳକୁ ତାଙ୍କର 'ବରଣମାଳା' ନାମକ ଏକ କବିତା ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ଏହି କବିତା ଗ୍ରନ୍ଥଟିରୁ ଦୁଇପଦ ଏଠାରେ ଦୃଷ୍ଟାନ୍ତ ସ୍ୱରୂପ ଉଲ୍ଲେଖ କରାଯାଇଛି –

"ଅନୁରାଗେ ଗୁନ୍ଥା ଏ ବରଣମାଳା
କାହା ଗଳେ ଦେବି ଲମ୍ବାଇ
ମାଗୁନାହିଁ ମୂଲ ଦେଇଛି ପରାଣ
ଦାନ ସଙ୍ଗେ ଅଛି ଦକ୍ଷିଣାପାଇ ।
ଧନୀ ବିଳାସୀର ପଲଙ୍କ ତଳରେ
ଜମା ଅଛି କେତେ ରତନ
ତହିଁ ପଦଦଳା ଖାଇବ ଅବା ସେ
ଭୟ ହେଉଛି ମୋ ମନ ।"

କବିତା ରଚନା କରିବା ସହିତ ସେ ମଧ୍ୟ କିଛି କ୍ଷୁଦ୍ର ଗଳ୍ପ ରଚନା କରିଛନ୍ତି । ସେ 'ବୁଢ଼ାବର' ଶୀର୍ଷକ ଏକ କ୍ଷୁଦ୍ରଗଳ୍ପ ରଚନା କରିଥିଲେ ଏବଂ ଏହା ୧୯୨୫ ମସିହାରେ

Digitized by PPRACHIN, SOA

'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ବିନାୟକ ଥିଲେ ପଲ୍ଲୀପ୍ରାଣ । ତେଣୁ ଉତ୍ତର ଜୀବନରେ ସେ ପଲ୍ଲୀର ଶାନ୍ତ ସମାହିତ କୋଳରେ ବିଶ୍ରାମ ନେବାପାଇଁ କାମନା କରିଛନ୍ତି –

"ବାର୍ଦ୍ଧକ୍ୟର ସଖା ତୋତେରେ
ମଣେ ପ୍ରାଣ ଆରାମ
ସତେ ମୋତେ ଦେବୁ ଅନ୍ତିମେ
ତୋର କୋଳେ ବିଶ୍ରାମ ।"

ବିନାୟକ ମିଶ୍ର ଯେ ଥିଲେ କବିପ୍ରାଣ ଏବଂ ସୃଜନଶୀଳ ପ୍ରତିଭାର ଅଧିକାରୀ ତାହା ଉପର୍ଯ୍ୟୁକ୍ତ କୃତି ସମୂହରୁ ଜଣାପଡ଼େ । କିନ୍ତୁ କଲିକତାରେ ସେ ଯେତେବେଳେ ଅଧ୍ୟାପକ ବିଜୟ ଚନ୍ଦ୍ର ମଜୁମ୍‌ଦାରଙ୍କ ସଂସ୍ପର୍ଶରେ ଆସିଥିଲେ, ସେତେବେଳେ ମଜୁମ୍‌ଦାର ବାବୁଙ୍କ ପରାମର୍ଶ ଓ ମତାମତ ବିନାୟକଙ୍କୁ ବିଶେଷ ଭାବରେ ପ୍ରଭାବିତ କଲା । କବିତା ଓ କ୍ଷୁଦ୍ରଗଳ୍ପ ରଚନାରୁ ସେ ପ୍ରବନ୍ଧ ଓ ଗଦ୍ୟ ସାହିତ୍ୟ ପ୍ରତି ଆକୃଷ୍ଟ ହେଲେ । ଭାଷା ଓ ସାହିତ୍ୟର ଆଲୋଚନା, ଇତିହାସ ସମ୍ବଳିତ ପୁସ୍ତକ ରଚନାରେ ସେ ମନୋନିବେଶ କଲେ । ବିଜୟ ବାବୁଙ୍କ ସହିତ "Typical Selections from Oriya Literature" ଗ୍ରନ୍ଥ ପ୍ରସ୍ତୁତ କଲାବେଳେ ସହାୟକ ଭାବରେ ବିନାୟକ ମିଶ୍ର ଓଡ଼ିଆ ସାହିତ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଲାଭ କଲେ । ପୁନଶ୍ଚ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମୟରେ ସେ ଢେର ସମୟ ପାଉଥିଲେ । ସେ ସପ୍ତାହରେ ମାତ୍ର ଦୁଇ ଚାରିଗୋଟି ପିରିଅଡ଼୍ ପଢାଉଥିଲେ । ସୁତରାଂ ଅବଶିଷ୍ଟ ସମୟ ସେ ଅଧ୍ୟୟନ ଓ ଗବେଷଣାରେ ଅତିବାହିତ କରୁଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ଐତିହାସିକ ବିଚାରଧାରାକୁ ଏକ ସୁଶୃଙ୍ଖଳ ରୂପ ପ୍ରଦାନ କରି ବିନାୟକ ମିଶ୍ର ନିଜର ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । 'ଓଡ଼ିଆ ଭାଷାର ଇତିହାସ' ତାଙ୍କର ଏକ ପ୍ରାମାଣିକ୍ ଭାଷା ଗ୍ରନ୍ଥ । ଏହି ଗ୍ରନ୍ଥର ପ୍ରଥମ ଅଧ୍ୟାୟରେ ପଣ୍ଡିତ ଶ୍ରୀ ମିଶ୍ର ଓଡ଼ିଶାର ଭୌଗୋଳିକ ବିବରଣ ଉପରେ ଆଲୋକପାତ କରିଛନ୍ତି । ଏ ସମ୍ପର୍କରେ ଅଧ୍ୟାପକ ମିଶ୍ର ଲେଖିଛନ୍ତି – "ଓଡ଼ିଆ ଭାଷାର ଇତିହାସ ଆଲୋଚନା କରିବାକୁ ହେଲେ ପ୍ରଥମେ ଓଡ଼ିଶାକୁ ଭଲରୂପେ ଚିହ୍ନିବା ଉଚିତ । ଏଣୁ ଏଠାରେ ଓଡ଼ିଶାର ଭୌଗୋଳିକ ବିବରଣ ଉଲ୍ଲେଖ କରିବା ଏକାନ୍ତ ଆବଶ୍ୟକ ।"ଓଡ଼ିଶାର ଭୌଗୋଳିକ ବିଷୟ ବର୍ଣ୍ଣନା କରିବା ପରିପ୍ରେକ୍ଷୀରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଓଡ଼ିଶାର

Digitized by PPRACHIN, SOA

ପ୍ରାକୃତିକ ଦୃଶ୍ୟର ରମଣୀୟତା ଭାରତରେ ଅତୁଳନୀୟ । ପଶ୍ଚିମରେ ମୁକୁଟରୂପୀ ପର୍ବତ ଚୂଡ଼ାରେ ମତ୍ତଗଜ କ୍ରୀଡ଼ା, ପୂର୍ବରେ ପଦାଭରଣ ରୂପୀ ରତ୍ନଗର୍ଭା ସାଗରର କୋଳାହଳ, ହୃଦୟରେ ସ୍ୱର୍ଣ୍ଣପ୍ରସବିନୀ ନଦୀର ଅସଂଖ୍ୟ ହାର – ଏ ଭିତରେ ମୁନିମନ ବିନୋଦିନୀ ପ୍ରକୃତିର ଯେଉଁ ସବୁ ଚାରୁ ନାଟ୍ୟଶାଳା ଅଛି, ତାହା ପ୍ରତ୍ୟକ୍ଷ ନ କଲେ ପାଠକେ କାହାରିଠାରୁ ବର୍ଣ୍ଣନା ଶୁଣି ଉପଲବ୍ଧି କରିପାରିବେ ନାହିଁ । x x x ଓଡ଼ିଶାରେ ପ୍ରତ୍ନତତ୍ତ୍ୱ ଓ ନୃତତ୍ତ୍ୱ ଅନୁଶୀଳନ ନିମନ୍ତେ ଉପାଦାନ ଯେପରି ପୂରି ରହିଅଛି, ଭାରତର ଅନ୍ୟ କୌଣସି ପ୍ରଦେଶରେ ସେହିପରି ନାହିଁ । ଭୁବନେଶ୍ୱରର ଅଶୋକ ଓ ଖାରବେଳଙ୍କ ଶିଳାଲିପି ଏବଂ ସମୁଦ୍ର ତୀରବର୍ତ୍ତୀ ସମତଳ ପ୍ରଦେଶର ଅଗଣିତ ଦୁର୍ଗ ଓ ମନ୍ଦିରର ଭଗ୍ନାବଶେଷ ମର୍ମଭେଦୀ ନୀରବ ସ୍ୱରରେ ଯେପରି ଓଡ଼ିଶାର ଅତୀତ ଗୌରବଗୀତି ଗାଉଅଛନ୍ତି , ସେହିପରି ଗଡ଼ଜାତର ଅରଣ୍ୟ ଭିତରେ ବାସକରୁଥିବା ପ୍ରକୃତି ପାଳିତ ମନୁଷ୍ୟମାନେ ପୃଥିବୀର ସଭ୍ୟତାର କ୍ରମ ବିକାଶ–ତତ୍ତ୍ୱ ଜଗତକୁ ବୁଝାଇ ଦେଉଅଛନ୍ତି ।" ବାସ୍ତବିକ ଏହି ବର୍ଣ୍ଣନା ମନଛୁଆଁ ହୋଇ ପାରିଛି ।

ଏହାପରେ ପଣ୍ଡିତ ମିଶ୍ର ଓଡ଼ିଶାର ପୁରାତତ୍ତ୍ୱ ଉପରେ ଗବେଷଣାମୂଳକ ତଥ୍ୟ ଉପସ୍ଥାପନ କରିଛନ୍ତି । ପୁରାତତ୍ତ୍ୱ ଆଲୋଚ଼ନା ସମ୍ପର୍କରେ ସେ କହନ୍ତି – "ଯେଉଁ ଭାଷାର ଇତିହାସ ଆଲୋଚ଼ନା କରିବାକୁ ହେବ, ସେହି ଭାଷା ଯେଉଁ ପ୍ରଦେଶରେ ପ୍ରଚ଼ଳିତ, ସେହି ପ୍ରଦେଶର ଆଦିମ ଅଧିବାସୀ କିଏ, ସେମାନେ ପ୍ରାଚ଼ୀନ କାଳରେ କି ଭାଷା ବ୍ୟବହାର କରୁଥିଲେ – ଏହା ଆଲୋଚ଼ନା କରିବା ନିତାନ୍ତ ଆବଶ୍ୟକ । x x x ସୁତରାଂ ଓଡ଼ିଆ ଭାଷାର ଇତିହାସ ଆଲୋଚ଼ନା କରିବାକୁ ହେଲେ ଓଡ଼ିଶାର ପୁରାତତ୍ତ୍ୱ ଆଲୋଚ଼ନା କରି ଓଡ଼ିଶାର ଆଦିମ ଅଧିବାସୀମାନଙ୍କୁ ଚ଼ିହ୍ନିବାକୁ ହେବ ଓ ସେମାନେ ଆଦିମ ଅବସ୍ଥାରେ ଯେଉଁ ଭାଷା ବ୍ୟବହାର କରୁଥିଲେ, ସେହି ଭାଷା ସମ୍ବନ୍ଧରେ ଜ୍ଞାନ ଉପାର୍ଜନ କରିବାକୁ ହେବ ।" ଓଡ଼ିଶାର ପ୍ରାଚ଼ୀନତା ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – ପୁରାଣମାନଙ୍କରେ ଉତ୍କଳ ଏବଂ ଓଡ୍ର – ଏହି ଦୁଇଟି ଜାତିର ଉଲ୍ଲେଖଥିବାରୁ ଏମାନଙ୍କୁ କେହି କେହି ଦୁଇଟି ପୃଥକ୍ ଜାତିରୂପେ ନିର୍ଦ୍ଦେଶ କରି ବିଭିନ୍ନ ଅଞ୍ଚଳରେ ଏମାନଙ୍କ ଅବସ୍ଥିତି ନିର୍ଦ୍ଦେଶ କରିଅଛନ୍ତି । କିନ୍ତୁ ଦ୍ରାବିଡୀ ଭାଷା ଆଲୋଚ଼ନା କଲେ ଜଣାଯାଏ ଯେ ତାମିଲୀ ଭାଷାରେ ଚ଼ଷାକୁ 'ଓକ୍କଲ' କହନ୍ତି ଏବଂ କାନେରୀ ଭାଷାରେ ତାହାକୁ 'ଓଡ଼ିସୁ' କହନ୍ତି । ଓଡ଼ିଶାର ପ୍ରାଚ଼ୀନ ଭୌଗୋଳିକ ଅବସ୍ଥାନ ଆଲୋଚ଼ନା କଲାବେଳେ ଜଣାପଡ଼ିଅଛି ଯେ,

Digitized by PPRACHIN, SOA

ଆଧୁନିକ ଓଡ଼ିଶା ଚିରକାଳ ଏକ ଅଖଣ୍ଡ ପ୍ରଦେଶ ରୂପେ ଥିଲା । ପୁଣି ଓଡ଼ିଶାର ବିଭିନ୍ନ ଅଞ୍ଚଳର ଆବିଷ୍କୃତ ତାମ୍ର ଶାସନମାନଙ୍କରୁ ପ୍ରମାଣିତ ହୁଏ ଯେ ପ୍ରାଚୀନ କାଳରେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ 'ଓଡ଼ିସ୍ସୁ' ନାମକ ଗୋଟିଏ ଜାତି ବାସ କରୁଥିଲେ । କୋଙ୍ଗଦରେ ଦଣ୍ଡୀ ମହାଦେବୀ ବ୍ରାହ୍ମଣଙ୍କୁ ଯେଉଁ ଗ୍ରାମ ଦାନ କରିଥିଲେ, ସେହି ଗ୍ରାମରେ ଓଡେସଜାତି ବାସ କରୁଥିଲେ (Vide Plate B of Dandi Mahadevi, Edited by Dr. Keilhorn, E.I. Vol-VI, P-140) । ଉକ୍ତ ତାମ୍ର ଶାସନରେ 'ସୋଡ଼େସସ ତନ୍ତୁବାୟ' ଲେଖାଥିବାରୁ ଜଣାଯାଏ ଯେ, ଓଡ଼େସ ଜାତି ଚଷା ଥିଲେ ବୋଲି ସେମାନଙ୍କ ନାମ ପ୍ରଥମେ ଲେଖାଯାଇଅଛି । ଏହିପରି ଗଣ୍ଡମଣ୍ଡଳରେ ଅର୍ଥାତ୍ ଗାଙ୍ଗପୁର, ବୋଣାଇ ପ୍ରଭୃତି ଅଞ୍ଚଳରେ ପ୍ରାଚୀନ କାଳରେ ଓଡ଼େସ ଜାତି ଥିବାର ପ୍ରମାଣିତ ହେଉଅଛି । ଜୟସ୍ତମ୍ଭଦେବଙ୍କ ତାମ୍ର ଶାସନର ତ୍ରୟୋଦଶ ଧାଡ଼ିରେ ଦତ୍ତ ଗ୍ରାମରେ ଓଡ଼େସ ଜାତି ବାସ କରୁଥିବାର ଉଲ୍ଲେଖ ଅଛି (J.B. & O.R.S pp.405-409) । ହରିବଂଶର ଦଶମ ଅଧ୍ୟାୟରେ ଇଳା ଅଂଶରୁ ଗୟ ଓ ଉତ୍କଳ ନାମକ ଦୁଇଟି ପୁତ୍ର ଜନ୍ମି ଦୁଇଟି ବିଭିନ୍ନ ପ୍ରଦେଶର ରାଜା ହୋଇଥିବାର ବର୍ଣ୍ଣିତ ଅଛି । ଏ ଗଳ୍ପ ପୂରା ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ଐତିହାସିକମାନେ ଏଥିରୁ ଅନୁମାନ କରନ୍ତି ଯେ, ଗୟା ପ୍ରଦେଶ ଓ ଉତ୍କଳ ପ୍ରଦେଶ ପରସ୍ପରରେ ଲଗାଲଗି ହୋଇଥିଲେ । ଏବେ ମଧ୍ୟ ଓଡ଼ିଶାର ଗାଙ୍ଗପୁର ଅଞ୍ଚଳ ଗୟା ଜିଲ୍ଲାକୁ ପ୍ରାୟ ଲାଗି ରହିଅଛି । ଗାଙ୍ଗପୁର ରାଜ୍ୟ ଉତ୍ତାରୁ କେବଳ ସୁରଗୁଜା ରାଜ୍ୟଟି ପାର ହେଲେ, ତେଣିକି ଗୟା ଜିଲ୍ଲା ପଡ଼ିବ । ସୁତରାଂ ଯେଉଁ ଗାଙ୍ଗପୁର ଅଞ୍ଚଳରେ ଅଷ୍ଟମ ଶତାବ୍ଦୀରେ ଓଡ଼େସ ଜାତି ଥିବାର ପ୍ରମାଣିତ ହେଉଅଛି, ସେ ଅଞ୍ଚଳରେ ପ୍ରାଚୀନ କାଳରେ ଉତ୍କଳ ଜାତି ବାସ କରୁଥିବାର ପୁରାଣରୁ ପ୍ରମାଣ ମିଳୁଥିବାରୁ ଜଣାଯାଏ ଯେ ଉତ୍କଳ ଓ ଓଡ଼ା, ଦୁଇଟି ପୃଥକ୍ ଜାତି ନୁହଁନ୍ତି । ପୁଣି କାଳିଦାସଙ୍କ ରଘୁବଂଶରୁ ଉତ୍କଳ ପ୍ରଦେଶ ମେଦିନୀପୁର ଜିଲ୍ଲାର କଂସାଇ ନଦୀ ପର୍ଯ୍ୟନ୍ତ ବ୍ୟାପିଥିବାର ପ୍ରମାଣ ମିଳୁଥିବା ସ୍ଥଳେ ଯଯାତିଙ୍କ ଶାସନପତ୍ରରୁ ଜଣାଯାଏ ଯେ ମୟୂରଭଞ୍ଜ ରାଜ୍ୟ ଓଡ୍ରଦେଶର ଅନ୍ତର୍ଗତ ଥିଲା (ଓଡ୍ରଦେଶ ଶିଳାଭଞ୍ଜ ପତି ବାସ୍ତବ୍ୟୟ) । ତାହା ହେଲେ 'ଓଡ୍ର' ଓ 'ଉତ୍କଳ' ଦୁଇଟି ଭିନ୍ନ ପ୍ରଦେଶ ନୁହେଁ, ଏକଥା ନିଃସନ୍ଦେହରେ ପ୍ରମାଣିତ ହୁଏ । ଦ୍ରାବିଡୀ ଭାଷାରେ ଏକ ଚଷାଜାତି 'ଓକ୍କଳ' ଓ 'ଓଡ଼ିସ୍ସୁ' କହୁଥିବାରୁ ପୁରାଣମାନଙ୍କରେ 'ଉତ୍କଳ ଓ ଓଡ୍ର ନାମକ ଦୁଇଟି ଜାତିର

Digitized by PPRACHIN, SOA

ଉଲ୍ଲେଖ ଅଛି । ଦ୍ରାବିଡୀ ଭାଷାର 'ଓକ୍କଳ' ବା ପାଲି ଭାଷାର 'ଉକ୍କଳ' ସଂସ୍କୃତ ଭାଷାରେ 'ଉତ୍କଳ'ରେ ପରିଣତ ହୋଇଛି । ଓଡ୍ରେସ ଜାତିର ନାମାନୁସାରେ ଏହି ଉତ୍କଳ ପ୍ରଦେଶ ବହୁ ପ୍ରାଚୀନ କାଳରୁ ଓଡ଼ିଶା ନାମରେ ଅଭିତ ହେଉଥିବାର ତିବ୍ବତର ଇତିହାସରୁ ପ୍ରମାଣ ମିଳୁଅଛି । ତିବ୍ବତର ଇତିହାସରେ ଏହା 'ଓଟିଶା' ନାମରେ ଅଭିହିତ ।"

ପୁନଶ୍ଚ ପଣ୍ଡିତ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ତାମିଲୀଭାଷାରେ 'ଉଡୁ' ଧାତୁର ଅର୍ଥ ଚାଷ କରିବା । ଓଡ଼ିଆ ଭାଷାରେ ଦ୍ରାବିଡ଼ ଭାଷାର ପ୍ରଭାବ ଉଲ୍ଲେଖଯୋଗ୍ୟ । ତେଣୁ ପ୍ରାଚୀନ ଓଡେସ ଜାତି ଦ୍ରାବିଡ଼ ଭାଷା ବ୍ୟବହାର କରୁଥିଲେ ବୋଲି ଅନୁମାନ କରିବା ଅସଙ୍ଗତ ନୁହେଁ । ଏହା ସହିତ ଓଡ଼ିଶାର ଆଦିମ ଅଧିବାସୀମାନେ ଦ୍ରାବିଡୀ ଭାଷା ବ୍ୟବହାର କରୁଥିବା ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ବୋଲି ଅଧ୍ୟାପକ ମିଶ୍ର ପ୍ରତିପାଦନ କରିଛନ୍ତି । ଓଡ଼ିଶାରେ ଆର୍ଯ୍ୟଭାଷାର କେଉଁ ସମୟରେ ପ୍ରଚଳନ ଘଟିଲା, ସେ ସମ୍ପର୍କରେ କହନ୍ତି – "ସୁତରାଂ ବୌଦ୍ଧ ଓ ଜୈନ ଧର୍ମ ପ୍ରଚାରକ ମାନଙ୍କ ଦ୍ୱାରା ଓଡ଼ିଶାରେ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରୁ ପାଲି ଭାଷାର ପ୍ରଚାର ଘଟିବାରୁ ଏ ଦେଶର ଦ୍ରାବିଡୀ ଭାଷା ଓ ମଗଧର ପାଲି ଭାଷା ମିଶି ଓଡ୍ର ଭାଷାର ସୃଷ୍ଟି ଘଟିଲା । ବୌଦ୍ଧଧର୍ମ ପ୍ରଚାରକ ଓ ଜୈନଧର୍ମ ପ୍ରଚାରକଙ୍କ ବ୍ୟତୀତ ଖାରବେଳଙ୍କ ସମୟରୁ ମଗଧରୁ ବ୍ରାହ୍ମଣମାନେ ଆସି ଓଡ଼ିଶାରେ ବାସ କରୁଥିବାର ତାହାଙ୍କ ଶିଳାଲିପିରୁ ଜଣାପଡ଼େ । ଏହି ପରି ବହୁଳ ଆର୍ଯ୍ୟମାନଙ୍କର ସଂସ୍ରବରେ ବହୁକାଳ ରହି ଓଡ଼ିଶାର ଆଦିମ ଅଧିବାସୀମାନେ କ୍ରମଶଃ ଦ୍ରାବିଡୀ ଭାଷା ପାଶୋରି ପାଲି ଭାଷାକୁ ନିଜ ଭାଷାର ଉଚ୍ଚାରଣ ଛାଞ୍ଚରେ ଢାଳି ନୂତନ ରୂପ କରି ନିଜସ୍ୱ କରିବାକୁ ଲାଗିଲେ । ସେହି ହେତୁରୁ ଓଡ୍ର ନାମକ ଗୋଟିଏ ଭାଷା ନାଟ୍ୟ ଶାସ୍ତ୍ର ରଚନା କାଳକୁ ସୃଷ୍ଟି ହୋଇସାରିଥିଲା ।"

ଅଧ୍ୟାପକ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ଉଡ୍ର ଭାଷାର ପୂର୍ବରୂପ ହେଉଛି ଉଡ୍ର ବିଭାଷା । ଏହା ଦ୍ୱିତୀୟ ଶତାବ୍ଦୀ ବେଳକୁ ସୃଷ୍ଟି । ଏହାକୁ ବିଭାଷା କହିବାର ତାତ୍ପର୍ଯ୍ୟ ଏହି ଯେ ଏଥିରେ ଆଦିମ ଜାତିଙ୍କର ମାତୃଭାଷା ଅଧିକ ପରିମାଣରେ ମିଶି ରହିଥିଲା, କିନ୍ତୁ ଏହି ବିଭାଷା ଶୀଘ୍ର ପରିବର୍ତ୍ତିତ ହୋଇ ପ୍ରାକୃତରେ ପରିଣତ ହୋଇଥିଲା । ସପ୍ତମ ଶତାବ୍ଦୀ ବେଳକୁ ଓଡ୍ରପ୍ରାକୃତ ସୃଷ୍ଟି ହେଲା ଏବଂ ଦଶମ ଶତାବ୍ଦୀ

Digitized by PPRACHIN, SOA

ବେଳକୁ ଆଧୁନିକ ଓଡ଼ିଆ ଭାଷା ସୃଷ୍ଟି ହୋଇଛି ବୋଲି କହିବାକୁ ହେବ । ଏହିପରି ଭାବରେ ପଣ୍ଡିତ ମିଶ୍ର ଓଡ଼ିଶାର ପ୍ରାଚୀନତା, ନାମକରଣ ସହିତ ଓଡ଼ିଆ ଭାଷାର ଉତ୍ପତ୍ତିକ୍ରମ ସମ୍ପର୍କରେ ଏହି ଅଧ୍ୟାୟରେ ଆଲୋଚନା କରିଛନ୍ତି ।

ତୃତୀୟ ଅଧ୍ୟାୟରେ ଅଧ୍ୟାପକ ବିନାୟକ ମିଶ୍ର ଓଡ଼ିଆ ଶବ୍ଦର ବ୍ୟୁତ୍ପତ୍ତିକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡ଼ିଆ ଭାଷାର ଯେଉଁ ଶବ୍ଦ ଭଣ୍ଡାର ରହିଛି, ସେଥିରୁ କିଛି କିଛି ଦୃଷ୍ଟାନ୍ତ ଦେଇ ଭାଷାକୁ ଶବ୍ଦଗୁଡ଼ିକ କିପରି ଆସିଛି, ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ସେ ଏଥିରେ ଚଉଦଗୋଟି ତତ୍ସମ ଶବ୍ଦର ଦୃଷ୍ଟାନ୍ତ ଦେଇ ଏଗୁଡ଼ିକର କିପରି ମୂଳଅର୍ଥ ପରିବର୍ତ୍ତିତ ହୋଇ ଓଡ଼ିଆରେ ପ୍ରଚଳିତ, ତାହା ଦର୍ଶାଇଛନ୍ତି । ଏହି ଶବ୍ଦଗୁଡ଼ିକ ହେଉଛି – ଅଭ୍ୟନ୍ତର, ଅବାନ୍ତର, ଉପାୟ, ଗନ୍ଧ, ଗୁଣ, ପରାମର୍ଶ, ପରାଭବ, ଯାବ୍, ପ୍ରତିଜ୍ଞା, କଳ୍ପନା, ବିଚିତ୍ର, ଆଶ୍ଚର୍ଯ୍ୟ, ପ୍ରୟୋଜନ ଓ କପଟ । ସେହିପରି ଶହେ ଅଠେଇଶଟି ତଦ୍ଭବ ଶବ୍ଦ, ଅଠାବନଟି ଦ୍ରାବିଡ଼ ଶବ୍ଦ, ପଞ୍ଚତିରିଶିଟି ଆରବୀ ଶବ୍ଦ, ବୟାଳିଶିଟି ପାର୍ସି ଶବ୍ଦ, କିଛି ଇଂରାଜୀ ଶବ୍ଦ ଓ କିଛି ଦେଶୀ ଶବ୍ଦର ଆଲୋଚନା କରିଛନ୍ତି । ବାସ୍ତବିକ ଓଡ଼ିଆ ଭାଷାର ଇତିହାସ ପରିପ୍ରେକ୍ଷୀରେ ପ୍ରଚଳିତ ଶବ୍ଦ ଗୁଡ଼ିକର ବ୍ୟୁତ୍ପତ୍ତି ଆଲୋଚନା ଅତ୍ୟନ୍ତ ଉପାଦେୟ ।

ଚତୁର୍ଥ ଅଧ୍ୟାୟରେ ଓଡ଼ିଆ ବର୍ଣ୍ଣମାଳା ଓ ଧ୍ୱନିତତ୍ତ୍ୱ ଉପରେ ଆଲୋକପାତ କରାଯାଇଛି । ଏଥିରେ ପଣ୍ଡିତ ମିଶ୍ର ଓଡ଼ିଆ ଅକ୍ଷରର ଉତ୍ପତ୍ତି ସମ୍ପର୍କରେ କହନ୍ତି – "ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀର ଖଣ୍ଡଗିରିର ଖାରବେଳଙ୍କ ଶିଳାଲିପିରୁ ଜଣାଯାଏ ଯେ, ପ୍ରାଚୀନ କାଳରେ ଓଡ଼ିଶାରେ ବ୍ରାହ୍ମୀ ଲିପି ବ୍ୟବହୃତ ହେଉଥିଲା । ଖାରବେଳଙ୍କ ଉତ୍ତାରୁ ଓଡ଼ିଶାରେ ବ୍ରାହ୍ମୀ ଲିପି ବ୍ୟବହୃତ ହେଉଥିବାର ମଧ୍ୟ ଖଣ୍ଡଗିରିରୁ ପ୍ରମାଣ ମିଳେ । ଓଡ଼ିଶାରେ ବ୍ରାହ୍ମୀଲିପି ଯେ ବହୁକାଳ ବ୍ୟବହୃତ ହେଉଥିଲା, ଏଥିରେ ସନ୍ଦେହ ନାହିଁ । କିନ୍ତୁ ପ୍ରଥମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବ୍ୟବହୃତ ଲିପିର ଆକୃତି ସମ୍ବନ୍ଧରେ ଏ ପର୍ଯ୍ୟନ୍ତ କୌଣସି ନିଦର୍ଶନ ମିଳିନାହିଁ । ପରବର୍ତ୍ତୀ ଯୁଗରେ ବ୍ରାହ୍ମୀ ଲିପିରୁ ବିକଶିତ ହୋଇ ଯେଉଁ ଲିପି ଉତ୍ତର ଭାରତରେ ବ୍ୟବହୃତ ହେଉଥିଲା, ସେହି ଲିପି ଷଷ୍ଠ ଶତାବ୍ଦୀରେ ଓ ତାହାର ପରବର୍ତ୍ତୀ ଯୁଗରେ ଓଡ଼ିଶାରେ ମଧ୍ୟ ବ୍ୟବହୃତ ହେଉଥିବାର ପଟିଆକେଲା ତାମ୍ର ଶାସନରୁ (E.I. vol - IX, p. 285), ଗଞ୍ଜାମରୁ ଆବିଷ୍କୃତ ମାଧବରାଜଙ୍କ ତାମ୍ର ଶାସନରୁ (E.I. vol - IV) ଓ ହୁଏନ୍‌ସାଙ୍କ ବିବରଣୀରୁ ଜଣାଯାଏ । ଏଥିରୁ ଜଣାଯାଏ ଯେ ବ୍ରାହ୍ମୀଲିପି ଓଡ଼ିଶାରେ ସ୍ୱତନ୍ତ୍ର ଭାବରେ ବିକଶିତ

Digitized by PPRACHIN, SOA

ନ ହୋଇ ତାହାର ଉତ୍ତର ଭାରତୀୟ ବିକାଶ କ୍ରମ ଓଡ଼ିଶାରେ ବ୍ୟବହୃତ ହେଉଥିଲା । କେବଳ ଓଡ଼ିଶାରେ ନୁହେଁ – ମଗଧରେ ବ୍ରାହ୍ମୀଲିପି ବିକଶିତ ହୋଇ ଶୌରସେନ ମହାରାଷ୍ଟ୍ର ପ୍ରଭୃତି ପ୍ରତ୍ୟେକ ପ୍ରଦେଶକୁ ବିସ୍ତୃତ ହୋଇଥିଲା । କାରଣ, ମଗଧ ସେତେବେଳେ ଜ୍ଞାନ ଚର୍ଚ୍ଚାର କେନ୍ଦ୍ରସ୍ଥଳୀ ଥିବାରୁ ବିଭିନ୍ନ ପ୍ରଦେଶରୁ ପଣ୍ଡିତମାନେ ସେଠାକୁ ଯାଇ ଲିପିର ବିକାଶକ୍ରମ ନିଜ ଦେଶକୁ ଘେନି ଆସୁଥିଲେ । ଏହି ହେତୁରୁ ବ୍ରାହ୍ମୀ ଲିପିରୁ କ୍ରମଶଃ ବିକଶିତ କୁଟିଳାକ୍ଷର ଦଶମ ଶତାବ୍ଦୀକି ଓଡ଼ିଶାରେ ବିସ୍ତୃତ ହୋଇଥିଲା ।"

ପୁନଶ୍ଚ ଉଦାହରଣ ଦେଇ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଆଧୁନିକ ଓଡ଼ିଆ ଲିପିମାଳା ଯେ ପ୍ରାଚୀନ କୁଟିଳାକ୍ଷରରୁ ଉତ୍ପନ୍ନ, ଏକଥା Epigraphia Indica ରେ ପ୍ରକାଶିତ କୁଟିଳାକ୍ଷରର ଶାସନପତ୍ରମାନ ଆଲୋଚନା କଲେ ଜଣାଯାଏ । ଆଧୁନିକ ଓଡ଼ିଆ ଲିପିମାଳା ମଧ୍ୟରୁ କ, ନ, ସ, ମ, ଟ, ଗ, ଳ, ଡ, ଢ଼, ଭ, ୟ, ଷ, ପ, ଘ, ଥ, ଧ, ବ, ଜ – ଏହି କେତୋଟି ଲିପିକୁ ଆଧୁନିକ ହିନ୍ଦୀ ଲିପିମାଳାର ସେହି ଲିପିମାନଙ୍କ ସହିତ ତୁଳନା କଲେ ଘନିଷ୍ଠ ସୌସାଦୃଶ୍ୟ ଦେଖାଯାଏ । ଓଡ଼ିଆର ଖ, ଟ, ଶ, ଦ, ହ, ଚ଼, ଓ, ଇ ପ୍ରଭୃତି ଲିପିମାନଙ୍କ ସହିତ ପ୍ରାଚୀନ କୁଟିଳ ଲିପିମାନଙ୍କର ଯେ ଘନିଷ୍ଠ ସୌସାଦୃଶ୍ୟ ଅଛି, ତାହା ପ୍ରତିକୃତି ବିନା ପାଠକମାନଙ୍କୁ ବୁଝାଇବା ଅସମ୍ଭବ । ଏଣୁ ବିଶେଷ କଥା ଉଲ୍ଲେଖ ନ କରି କେବଳ ଏତିକି ଉଲ୍ଲେଖ କଲେ ଚ଼ଳେ ଯେ, ଆଧୁନିକ ଓଡ଼ିଆ ଲିପିଗୁଡ଼ିକର ଉପରିଭାଗ ବର୍ତ୍ତୁଳାକାର ନ କରି କେବଳ ହିନ୍ଦୀ ଓ ବଙ୍ଗଳା ଅକ୍ଷର ଲେଖିବା ରୀତିରେ ରେଖା ଟାଣି ଦେଲେ ଅନେକ ଓଡ଼ିଆ ଅକ୍ଷର କୁଟିଳାକ୍ଷରରେ ପରିଣତ ହୋଇଯିବ । କୁଟିଳାକ୍ଷରରୁ ଯେ ଓଡ଼ିଆ ଅକ୍ଷର ଉତ୍ପତ୍ତି ଏଥିରେ ସନ୍ଦେହ ନାହିଁ ।"

ଏହିପରି ଭାବରେ ପଣ୍ଡିତ ବିନାୟକ ମିଶ୍ର ଓଡ଼ିଆ ଲିପିର ବିକାଶକ୍ରମ ସମ୍ପର୍କରେ ଆଲୋଚ଼ନା କରିବା ସହିତ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣମାନଙ୍କର ଉଚ୍ଚାରଣ ରୀତି ସମ୍ପର୍କରେ ଏହି ଅଧ୍ୟାୟରେ ବ୍ୟାପକ ଆଲୋଚନା କରିଛନ୍ତି । ପଞ୍ଚମ ଅଧ୍ୟାୟରେ ସର୍ବନାମ, ଅବ୍ୟୟ ଓ କ୍ରିୟା ବିଶେଷଣର ଆଲୋଚନା କଲାବେଳେ ସେ ଏଗୁଡ଼ିକର ଉତ୍ପତ୍ତିକ୍ରମ ସମ୍ପର୍କରେ ଆଲୋକପାତ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ସଂସ୍କୃତ 'ଯଥା' 'ତଥା' ପ୍ରଭୃତିରୁ ଉତ୍ପନ୍ନ 'ଯହ' 'ତହ' ପ୍ରଭୃତି ଓଡ଼ିଆରେ 'ଯାହା' 'ତାହା' ରୂପେ ଏବଂ ସଂସ୍କୃତ 'ଯଦ୍' 'ତଦ୍' ପ୍ରଭୃତିରୁ ପ୍ରାକୃତରେ ଉତ୍ପନ୍ନ 'ଯା', 'ତା', ଓଡ଼ିଆରେ

Digitized by PPRACHIN, SOA

'ଯା' 'ତା' ରୂପେ ପ୍ରଚଳିତ । ସଂସ୍କୃତ 'ଏତଦ୍' ଶବ୍ଦରୁ ଓଡ଼ିଆ 'ଏହା' ଉତ୍ପନ୍ନ । ସେହିପରି ସଂସ୍କୃତ 'ସଃ' ବା ପ୍ରାକୃତ 'ସୋ' ରୁ ଓଡ଼ିଆ 'ସେ', ସଂସ୍କୃତ 'କଃ' ବା ପ୍ରାକୃତ 'କୋ' ରୁ ଓଡ଼ିଆ 'କୋ' ଏବଂ ସଂସ୍କୃତ 'ଯଃ' ବା ପ୍ରାକୃତ 'ଯୋ'ରୁ ଓଡ଼ିଆ 'ଯେ' ଉତ୍ପନ୍ନ ।" ସେହିପରି ପଣ୍ଡିତ ମିଶ୍ର ମଧ ପ୍ରତିପାଦନ କରିଛନ୍ତି ଯେ – "ନିଷେଧାର୍ଥକ ସଂସ୍କୃତ 'ନ'ରୁ ଓଡ଼ିଆ 'ନା' ଉତ୍ପନ୍ନ । ସଂସ୍କୃତ 'ନାସ୍ତି' ପାଲିରେ 'ନତ୍ଥି' ରେ ପରିଣତ ହୋଇ ତହିଁରୁ ଓଡ଼ିଆ 'ନାହିଁ' ଉତ୍ପନ୍ନ ହୋଇଅଛି ।" ଏହିପରି ଭାବରେ ପଣ୍ଡିତ ମିଶ୍ର ଓଡ଼ିଆ ସର୍ବନାମ ପଦ, ଅବ୍ୟୟ ପଦ ଓ କ୍ରିୟା ବିଶେଷଣ ଗୁଡ଼ିକର ଉତ୍ପତ୍ତି ସମ୍ପର୍କରେ ଆଲୋକପାତ କରିଛନ୍ତି ।

ଏହାପରେ ପରବର୍ତ୍ତୀ ଅଧ୍ୟାୟ ଗୁଡ଼ିକରେ ପଣ୍ଡିତ ମିଶ୍ର ଲିଙ୍ଗ, ପ୍ରତ୍ୟୟ, ବଚନ ଓ ବିଭକ୍ତି, ଧାତୁରୂପ, କୃଦନ୍ତ ଓ ତଦ୍ଧିତ, ସମାସ ଓ ଦ୍ୱନ୍ଦଶବ୍ଦ, ପ୍ରାଚୀନ ଓଡ଼ିଆ ଭାଷାର ଦୃଷ୍ଟାନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି । ପରିଶେଷରେ ଅଧ୍ୟାପକ ମିଶ୍ର ଭାଷା ସଂସ୍କାର ଉପରେ ନିଜସ୍ୱ ମତାମତ ପ୍ରଦାନ କରିଛନ୍ତି । 'ଓଡ଼ିଆ ଭାଷାର ଇତିହାସ ପୁସ୍ତକଟି ପଣ୍ଡିତ ବିନାୟକ ମିଶ୍ରଙ୍କର ଭାଷା ସମ୍ପର୍କିତ ଏକ ଉପାଦେୟ ପୁସ୍ତକ ।

'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ତାଙ୍କର ଭାଷା ସମ୍ବନ୍ଧୀୟ ଦ୍ୱିତୀୟ ଉଲ୍ଲେଖଯୋଗ୍ୟ କୃତି । 'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ୧ମ ଭାଗ ଏବଂ ୨ୟ ଭାଗ ୧୯୬୫ ମସିହାରେ କଟକର ନୀଳକଣ୍ଠ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା ଏବଂ ଏହାର ପ୍ରକାଶକ ଥିଲେ ଫ୍ରେଣ୍ଡସ୍ ପବ୍ଲିଶର୍ସ । 'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ୧ମ ଖଣ୍ଡରେ ରହିଥିବା ବିଷୟ ଗୁଡ଼ିକ ହେଉଛି – 'ଭାଷା ବିଜ୍ଞାନ'/ଓଡ଼ିଆ ଭାଷାର ଉତ୍ପତ୍ତିପଥ/ ଓଡ଼ିଆ ଭାଷାର ଉତ୍ପତ୍ତିଧାରା । ୨ୟ ଖଣ୍ଡରେ ସ୍ଥାନିତ ହୋଇଥିବା ବିଷୟ ହେଉଛି – 'ବଚନ ଓ କାରକ ପ୍ରକରଣ'/ଅବ୍ୟୟ ଓ କ୍ରିୟା ବିଶେଷଣ/ ଲିଙ୍ଗ/ଧାତୁରୂପ/କୃଦନ୍ତ ଓ ତଦ୍ଧିତ/ଏବଂ /ଛନ୍ଦ/ । ଏହାପରେ ଏହି ଦୁଇଖଣ୍ଡଯାକ ଗ୍ରନ୍ଥ ମିଶି ଗୋଟିଏ ଗ୍ରନ୍ଥ ଭାବରେ ୧୯୭୨ ମସିହାରେ 'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ନାମରେ ଫ୍ରେଣ୍ଡସ୍ ପବ୍ଲିଶର୍ସ ଦ୍ୱାରା ପୁନଃ ପ୍ରକାଶିତ ହୋଇଛି । ଏଥିରେ ନଅ ଗୋଟି ଅଧ୍ୟାୟ ରହିଛି । ପ୍ରଥମ ଅଧ୍ୟାୟର ଆଲୋଚ୍ୟବସ୍ତୁ ହେଉଛି 'ଭାଷାବିଜ୍ଞାନ' । ଏଥିରେ ଭାଷା ଉଚ୍ଚାରଣ ପଦ୍ଧତି, ଉତ୍କଳଜାତିର ଜନ୍ମ, କଳିଙ୍ଗ ରାଜ୍ୟର ଇତିବୃତ୍ତ, ଓଡ଼ନାମର ଉତ୍ପତ୍ତି, ତେଲୁଗୁ

Digitized by PPRACHIN, SOA

ଭାଷାର ପରିଚିତି, ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଛନ୍ତି । ଭାରତର ରାଜ୍ୟ ଓ ଭାଷା ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଭାରତରେ ରାଜ୍ୟ ଓ ଭାଷାମାନଙ୍କର ନାମ ଜାତିଗତ ନୁହେଁ – ଧର୍ମଗତ ଅଟେ । ପୁରାଣ ଅନୁସାରେ କଳିଙ୍ଗ ରାଜ୍ୟ ବଙ୍ଗକୁ ଲାଗିଥିଲା । କାଳିଦାସଙ୍କ ରଘୁବଂଶ ଅନୁସାରେ କଂସାଇ ନଦୀ ପାରହେବା ଉତ୍ତାରୁ ଉତ୍କଳମାନେ ରଘୁଙ୍କ ସୈନ୍ୟମାନଙ୍କୁ କଳିଙ୍ଗକୁ ବାଟ ଦେଖାଇ ଦେଇଥିଲେ । ବୌଦ୍ଧ ସାହିତ୍ୟ ଅନୁସାରେ ଉତ୍କଳ ବର୍ଷର ଦୁଇଜଣ ଭୂୟାଁ ଉରୁବିଲ୍ୱଠାରେ ବୁଦ୍ଧଙ୍କୁ ଭେଟିଥିଲେ । ତାହା ହେଲେ ବାଲେଶ୍ୱରର ଉତ୍ତର ଓ ମୟୂରଭଞ୍ଜର ଉତ୍ତର-ପଶ୍ଚିମରେ ଉତ୍କଳ ଜାତି ବାସ କରୁଥିଲେ । ସପ୍ତମ ଶତାବ୍ଦୀର ଭୌମ ତାମ୍ର ଶାସନରୁ ଜଣାଯାଏ ଯେ ସେତେବେଳେ ବାଲେଶ୍ୱର ପଞ୍ଚମାଳ ପ୍ରଗଣା ପଞ୍ଚାଳ ନାମରେ ଅଭିହିତ ହେଉଥିଲା । ଏଠାରେ ପଞ୍ଚାଳ ରାଜ୍ୟ ଅବସ୍ଥିତ ଥିବାର ଅନ୍ୟାନ୍ୟ ପ୍ରମାଣ ଅଛି । ଦତ୍ତରାଜାଙ୍କ ତାମ୍ର ଶାସନରୁ ଜଣାଯାଏ ଯେ ବାଲେଶ୍ୱର ଜିଲ୍ଲାରେ 'ଉଡ୍ର' ନାମରେ ଗୋଟିଏ ବିଷୟ ଷଷ୍ଠ ଶତାବ୍ଦୀରେ ଅବସ୍ଥିତ ଥିଲା ଓ ବାଲେଶ୍ୱର ଜିଲ୍ଲା ଉତ୍ତର ତୋଷଳା ନାମରେ ଅଭିହିତ ହୋଇଥିଲା । ଏଥିରୁ ଅନୁମିତ ହୁଏ ଯେ ଏକ ଭୌଗୋଳିକ ଅବସ୍ଥାନ ମଧ୍ୟରେ ବିଭିନ୍ନ ଧର୍ମ ସମ୍ପ୍ରଦାୟ ଅବସ୍ଥାନ କରୁଥିଲେ । ଉତ୍କଳରେ ବିଭିନ୍ନ ସମ୍ପ୍ରଦାୟ ବାସକରୁଥିବାର ହୁୟେନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତରୁ ମଧ୍ୟ ଜଣାଯାଏ । ଏକ ରାଜ୍ୟର ରଙ୍ଗମଞ୍ଚରେ ବିଭିନ୍ନ ବ୍ୟବସାୟର ଅଭିନେତା ବିଭିନ୍ନ ପ୍ରାକୃତିକ ଭାଷାରେ କଥା କହିବା ପାଇଁ ସଂସ୍କୃତ ଅଳଙ୍କାର ଶାସ୍ତ୍ରମାନଙ୍କରେ ଉଲ୍ଲିଖିତ ଅଛି । ସାହିତ୍ୟ ଦର୍ପଣ ଅନୁସାରେ ଅନ୍ତଃପୁରର ଚାକର ଚାକରାଣୀମାନେ ମାଗଧୀ ଓ ପଦାତିକମାନେ, ରାଜକୁମାର-କୁମାରୀମାନେ, ବଣିକମାନେ ଅର୍ଦ୍ଧମାଗଧୀ ଏବଂ ବିଦୂଷକ ଓ ଅନ୍ୟାନ୍ୟ ମାନେ ପ୍ରାଚ୍ୟା ପ୍ରାକୃତ ବ୍ୟବହାର କରୁଥିଲେ । ଅସ୍ତ୍ରରେ ଧାରଦେବା ଲୋକେ ଯୋଦ୍ଧା ଓ ଧୂର୍ତ୍ତମାନେ ଆବନ୍ତକୀ, ଜୁଆ ଖେଳାଳୀମାନେ ଦାକ୍ଷିଣାତ୍ୟା, ଶକାରମାନେ ଓ ଅନ୍ୟାନ୍ୟମାନେ ଶାକାରୀ, ସ୍ୱର୍ଗର ବ୍ୟକ୍ତିମାନେ ବାଲ୍‌ହକୀ, ଦ୍ରାବିଡ଼ମାନେ ଦ୍ରାବିଡ଼ୀ, ଗଉଡମାନେ ଆଭୀରୀ ଓ ଅନ୍ତ୍ୟଜମାନେ ଚାଣ୍ଡାଳକୀ ଭାଷା ବ୍ୟବହାର କରୁଥିଲେ । ଏହିପରି ପୈଶାଚୀ ଓ ଶୌରସେନୀ ଅନ୍ୟାନ୍ୟ ଅଭିନେତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିଲା । ଚେଟୀ, ଅନୀଚ୍ ଅଭିନେତା, କୃତାତ୍ମା ଓ ସେପରି ଉଚ୍ଚଶ୍ରେଣୀର ଯୋଷା ଶୌରସେନୀ ଏବଂ ରାଜା, ମନ୍ତ୍ରୀ ଓ ସନ୍ୟାସିନୀ ମାନେ ସଂସ୍କୃତ ଭାଷା ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଅଛି । ବରରୁଚି ପ୍ରଥମେ

Digitized by PPRACHIN, SOA

ପ୍ରାକୃତ ବ୍ୟାକରଣ ଲେଖିଥିଲେ । ସେ ଚାରୋଟି ପ୍ରାକୃତର ଲକ୍ଷଣ ଲେଖିଅଛନ୍ତି । ସେଥିମଧ୍ୟରୁ ମହାରାଷ୍ଟ୍ରୀ ପ୍ରାକୃତର ବହୁଲକ୍ଷଣ ଲେଖିଅଛନ୍ତି ଓ ଏହା ଶିଷ୍ଟ ଭାଷା ବୋଲି ଏହି ପ୍ରାକୃତରେ ସେତୁବନ୍ଧ ଗୌଡ଼ ବଧ, କୁମାର ପାଳ ଚରିତ ପ୍ରଭୃତି ମହାକାବ୍ୟମାନ ରଚିତ ହୋଇଅଛି । ହୋରକ୍ଲି ସାହେବ ମରହଟ୍ଟାମାନଙ୍କ ରାଜ୍ୟର ଭାଷା ସହିତ ତୁଳନା କରି କହିଅଛନ୍ତି ଯେ, ଏ ଭାଷା ସହିତ ମହାରାଷ୍ଟ୍ରୀ ପ୍ରାକୃତର କୌଣସି ସାଦୃଶ୍ୟ ନାହିଁ ଓ ଏ ଭାଷା ସମଗ୍ର ଆର୍ଯ୍ୟାବର୍ତ୍ତର ଶିଷ୍ଟ ସମାଜରେ ପ୍ରଚଳିତ ଥିଲା । ଆର୍ଯ୍ୟାବର୍ତ୍ତ ଭାରତର କେଉଁ ଅଂଶ ? ମନୁସଂହିତା ଅନୁସାରେ ପୂର୍ବ ଓ ପଶ୍ଚିମ ସମୁଦ୍ରର ମଧ୍ୟବର୍ତ୍ତୀ ଭୂଭାଗ ଆର୍ଯ୍ୟାବର୍ତ୍ତ । ମହାରାଷ୍ଟ୍ରର ଅର୍ଥ ପୃଥୁ ବା ବିରାଟ । ପୃଥୁରାଜ ହୋଇ ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତମାଳା ସମୁଦ୍ର ଆଡ଼କୁ ଘୁଞ୍ଚାଇ ତନ୍ମଧ୍ୟବର୍ତ୍ତୀ ଭୂଭାଗକୁ ଜନବସତିର ଉପଯୋଗୀ କରିଥିଲେ । ଏହାର ଅର୍ଥ ସମୁଦ୍ର କୂଳବର୍ତ୍ତୀ ସମତଳ ପ୍ରଦେଶର ଜାତି ଆସି ପାର୍ବତ୍ୟ ଭୂଭାଗର ଆଦିବାସୀଙ୍କ ସହିତ ମିଶି ମୃତ୍ତିକାରୁ ଶସ୍ୟ ଉତ୍ପାଦନ କରି ବହୁବିଧ ଉନ୍ନତି କରିଥିଲେ । ପୃଥୁଧର୍ମ ଅନୁସାରେ ଆଦିବାସୀଙ୍କ ସଂସ୍ରବରେ ବୈଦିକ ଭାଷାର ପରିବର୍ତ୍ତନ ଘଟିଲା । ଏହି ପରିବର୍ତ୍ତିତ ଭାଷା ପାଲି ନାମରେ ଅଭିହିତ । 'ପା' – ର ଅର୍ଥ ରକ୍ଷା । 'ଲ' ର ଅର୍ଥ ପୃଥିବୀ ବା ନାରୀ । ବଳିଙ୍କ ଅତ୍ୟାଚାରରୁ ରକ୍ଷା କରାଯାଇଥିବା ନାରୀଙ୍କ ମୁଖରେ ପରିବର୍ତ୍ତିତ ବୈଦିକ ଭାଷା ପାଲି ନାମରେ ଅଭିହିତ । ଏହି ପାଲିରୁ ମହାରାଷ୍ଟ୍ରୀ ପ୍ରାକୃତ – ଯହିଁରୁ ଅର୍ଦ୍ଧମାଗଧୀ ଉତ୍ପନ୍ନ । ଅର୍ଦ୍ଧମାଗଧୀରୁ ଅନ୍ୟାନ୍ୟ ପ୍ରାକୃତର ଉତ୍ପତ୍ତି ।"

ଆଲୋଚ୍ୟ ପୁସ୍ତକର ଦ୍ୱିତୀୟ ଅଧ୍ୟାୟରେ 'ଓଡ଼ିଆ ଭାଷାର ଉତ୍ପତ୍ତିପଥ' ସମ୍ପର୍କରେ ଆଲୋଚନା କରାଯାଇଛି । ପଣ୍ଡିତ ବିନାୟକ ମିଶ୍ର ଏହି ଅଧ୍ୟାୟରେ ଓଡ଼ିଆ ଭାଷାର ଉତ୍ପତ୍ତି ଉତ୍ସ ଏବଂ ଉତ୍ପତ୍ତି ପଥ ସମ୍ପର୍କରେ ଆଲୋଚନା କରିଛନ୍ତି । ସମସ୍ତ ଭାରତୀୟ ଆର୍ଯ୍ୟ ଭାଷା ମାନଙ୍କର ମୂଳ ସଂସ୍କୃତ । ସଂସ୍କୃତ ଦୁଇ ଭାଗରେ ବିଭକ୍ତ । ପ୍ରଥମଟି ବୈଦିକ ସଂସ୍କୃତ । ଏହା ହେଉଛି ବେଦର ଭାଷା । ବେଦର ଭାଷା କଥିତ ଭାଷା ଥିଲା ବୋଲି କୁହାଯାଇ ନ ପାରେ । କାରଣ ସବୁ ଦେଶରେ, ସବୁ ଯୁଗରେ ସାହିତ୍ୟର ଭାଷା କଥିତ ଭାଷାଠାରୁ ପୃଥକ୍ ହୁଏ । ଦ୍ୱିତୀୟଟି ହେଉଛି ଆର୍ଷ ଅପଭ୍ରଂଶ । ବୈଦିକ ଯୁଗରେ କଥିତ ଭାଷାକୁ ଆର୍ଷ ଅପଭ୍ରଂଶ ଆଖ୍ୟା ଦିଆଯାଇଅଛି । ଏହି ଆର୍ଷ ଅପଭ୍ରଂଶରୁ ପ୍ରାକୃତ ଅପଭ୍ରଂଶର ଉତ୍ପତ୍ତି ହୋଇଅଛି ।

Digitized by PPRACHIN, SOA

ପଣ୍ଡିତ ମିଶ୍ର ଲେଖିଛନ୍ତି ଯେ ପାଣିନି ସମ୍ଭବତଃ ଅର୍ଦ୍ଧ–ମାଗଧୀ ପାଲି ପ୍ରାକୃତକୁ ସାହିତ୍ୟରେ ବ୍ୟବହୃତ ହେବାପାଇଁ ବୈଦିକ ଭାଷାର ଆଦର୍ଶରେ ମାର୍ଜିତ କରିଥିଲେ । ସେହି ଭାଷାର ଲୌକିକ ସଂସ୍କୃତ ନାମରେ ଅଭିହିତ ହେଲା । ଲୌକିକ ସଂସ୍କୃତ ଓ ପ୍ରାକୃତ ଏକ କାଳରେ ଦେଶରେ ବ୍ୟବହୃତ ହେଉଥିଲା । ଏଣୁ ନାଟକରେ ଉଚ୍ଚ ଶ୍ରେଣୀର ପାତ୍ର ସଂସ୍କୃତରେ କଥା କହିଲେ ପ୍ରାକୃତ ଭାଷୀ ନୀଚ଼ ଶ୍ରେଣୀର ପାତ୍ର ତାହା ବୁଝି ପାରୁଥିଲା । ଫଳରେ ଲୌକିକ ସଂସ୍କୃତର ଶବ୍ଦ ସମ୍ଭାରରେ ପ୍ରାକୃତ ପରିପୁଷ୍ଟ ହେଲା । ଯେଉଁ ଲୋକମାନେ ସଂସ୍କୃତ ଭାଷାର ସଂସ୍ରବରୁ ବହୁ କାଳ ଦୂରରେ ବାସ କଲେ, ସେମାନଙ୍କ ପ୍ରାକୃତ ଭାଷା ଲୌକିକ ସଂସ୍କୃତ ସହିତ ସାଦୃଶ୍ୟ ହରାଇ କ୍ରମଶଃ ସ୍ୱତନ୍ତ୍ର ହେଲା ।

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବେଳକୁ ଓଡ଼ିଶାରେ ବୌଦ୍ଧ ମହାଯାନ ପ୍ରଚ଼ଳିତ ଥିଲା । ଏହି ସମୟରେ ପାଲି–ପ୍ରାକୃତ ଭାଷା ଓଡ଼ିଶାରେ ପ୍ରଚ଼ଳିତ ଥିଲା ବୋଲି ବିଭିନ୍ନ ଶିଳାଲିପି ମାନଙ୍କରୁ ଜଣାପଡ଼େ । ପଣ୍ଡିତ ମିଶ୍ର ଲେଖିଛନ୍ତି ଯେ ବାଣପୁରର ବଙ୍କାଡ଼ଠାରେ ଅଶୋକ ବନ ଥିବାର ଓ ସେଠାକୁ ଧଉଳି ଯୋଗୀମାନେ ପାରମ୍ପରିକ ଶୁଦ୍ଧି ନିମନ୍ତେ ଆସୁଥିବାର ଚ଼ତୁର୍ଥ ଶତାବ୍ଦୀର ଲିପିରେ ଶିଳାଗାତ୍ରରେ ଖୋଦିତ ଅଛି । ପଣ୍ଡିତ ମିଶ୍ର ମତପ୍ରକାଶ କରିଛନ୍ତି ଯେ ରାବଣର ପୁଷ୍ପକ ବିମାନ ଆକାଶରେ ଗତି କରୁଥିବାର ଅର୍ଥ ଯେଉଁ ସମ୍ପ୍ରଦାୟ ପୁଷ୍ପପରି ହୃଦୟ କୋମଳ କରୁଥିଲେ, ସେମାନେ ଶୂନ୍ୟବାଦୀ ଥିଲେ । ଚ଼ୀନରୁ ପ୍ରାପ୍ତ ବୌଦ୍ଧଗ୍ରନ୍ଥ ଅନୁସାରେ ଆନ୍ଧ୍ରରାଜ ନାଗାର୍ଜ୍ଜୁନ ଓଡ଼ିଶାର ରାଜାଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିଥିଲେ । ଓଡ଼ିଶାର ଦଣ୍ଡଯାତ୍ରାର ବୀଣାକାରମାନେ ଯେଉଁ ପାରମ୍ପରିକ ପ୍ରବାଦ ସାଇତି ରଖିଛନ୍ତି, ତାହା ଅନୁସାରେ ଅର୍ଜ୍ଜୁନ ବାସୁକୀ ନାଗର କନ୍ୟାକୁ ବିବାହ କରିବାରେ ଏହି ଦମ୍ପତିଙ୍କର ଯେଉଁ ସନ୍ତାନ ଜନ୍ମିଥିଲା, ତାର ନାମ ନାଗାର୍ଜ୍ଜୁନ । ଅର୍ଜ୍ଜୁନର ଅର୍ଥ ଶୁକ୍ଳ ବା ଜ୍ଞାନାଲୋକ । ନାଗ ଶୂନ୍ୟବାଦର ପ୍ରବର୍ତ୍ତକ । ଦୁଇ ସମ୍ପ୍ରଦାୟର ମିଳନରେ ମହାଯାନର ଉତ୍ପତ୍ତି ଘଟି ମୂର୍ତ୍ତିପୂଜା ବୌଦ୍ଧଧର୍ମରେ ପ୍ରଚ଼ଳିତ ହେଲା । ଆନ୍ଧ୍ର ରାଜ୍ୟର ନାଗାର୍ଜ୍ଜୁନ କୋଣ୍ଡାଠାରେ ଯେଉଁ ଶିଳାଲିପି ଆବିଷ୍କୃତ ହୋଇଅଛି, ତାହା ଓଡ଼ିଶାର ରତ୍ନଗିରିରେ ଯୋଗସାଧନା କରି ସେଠାକୁ ଯାଇଥିବା ବୋଧିଶ୍ରୀଙ୍କ ଦ୍ୱାରା ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବା ତଦ୍ ପୂର୍ବରୁ ଖୋଦିତ ହୋଇଥିଲା । ଏହି ଶିଳାଲିପିଟି ପାଲି–ପ୍ରାକୃତରେ ଖୋଦିତ । ପାଲି ପ୍ରାକୃତ ସମଗ୍ର ଭାରତରେ ବ୍ୟବହୃତ ହେଉଥିଲା । ଏଣୁ ଏହାକୁ ମହାରାଷ୍ଟ୍ରୀ ପ୍ରାକୃତ

Digitized by PPRACHIN, SOA

କହୁଥିଲେ । ଏହାକୁ ଅଶ୍ୱଘୋଷ ମାଗଧୀ କହୁଥିବାର କାରଣ ଏହି ଯେ, ସେତେବେଳକୁ ମାଗଧୀର ଉତ୍ପତ୍ତି ଘଟିଥିଲା ବୋଲି ସମ୍ଭବତଃ ପାଲି ଓ ମାଗଧୀ ମଧ୍ୟରେ ପ୍ରଭେଦ ବାରିପାରିନଥିଲେ ।

ଏହାପରେ ପଣ୍ଡିତ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଧଉଳି ଓ ଜଉଗଡ଼ର ଶିଳାଲିପିମାନଙ୍କରେ ବେଦରେ ବ୍ୟବହୃତ ହୋଇଥିବା ଦନ୍ତ୍ୟ ଉଷ୍ମବର୍ଣ୍ଣ ବା 'ସ' ବହୁଳ ବ୍ୟବହୃତ ହୋଇଅଛି । ଉକ୍ତ ବର୍ଣ୍ଣ ଉତ୍ତର-ଭାରତର ଶିଳାଲିପି-ମାନଙ୍କରେ ପରିଦୃଷ୍ଟ ହୁଏ ନାହିଁ । ଉତ୍ତର ଭାରତର ଶିଳାଲିପିମାନଙ୍କରେ ମୂର୍ଦ୍ଧନ୍ୟ ଅନୁନାସିକ ବା 'ଣ'ର ବ୍ୟବହାର ଆଦୌ ନାହିଁ । କିନ୍ତୁ ଓଡ଼ିଶାର ଶିଳାଲିପି ମାନଙ୍କର ପ୍ରଚୁର ଦେଖାଯାଏ । ବୈଦିକ ଭାଷା ଓ ଅର୍ଦ୍ଧ ମାଗଧୀ ପ୍ରାକୃତ ମଧ୍ୟରେ ସୌସାଦୃଶ୍ୟ 'ସ' ଓ 'ଣ' ନିର୍ଦ୍ଦେଶ କରନ୍ତି । ଅର୍ଦ୍ଧ-ମାଗଧୀ ସିଦ୍ଧ ଓ ଦେବତାଙ୍କ ଭାଷା ବୋଲି କେତେକ ପ୍ରାକୃତ ବ୍ୟାକରଣରେ କୁହାଯାଇଛି । ପୁନଶ୍ଚ ଓଡ଼ିଶାରେ ବହୁ ସିଦ୍ଧ ଅବସ୍ଥାନ କରୁଥିବାର ପ୍ରମାଣ ଅଛି । ଏହାପରେ ପଣ୍ଡିତ ମିଶ୍ର ଧଉଳି ଶିଳାଲିପି ଓ ହାତୀଗୁମ୍ଫା ଶିଳାଲିପି ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଭୁବନେଶ୍ୱର କୁମାରଙ୍କର ଅନ୍ୟ ଏକ ନାମ ଏବଂ ଏହା କୁମାରଙ୍କ ଆସ୍ଥାନ ବୋଲି ପଣ୍ଡିତ ମିଶ୍ର ପ୍ରତିପାଦନ କରିଛନ୍ତି । ପୁନଶ୍ଚ ପଣ୍ଡିତ ମିଶ୍ରଙ୍କ ମତ ହେଉଛି "ଓଡ଼ିଆ ଭାଷା ସହିତ ସଂସ୍କୃତ ଭାଷାର ଯେତେ ସାଦୃଶ୍ୟ ରହିଛି, ଅନ୍ୟ କୌଣସି ରାଜ୍ୟର ଭାଷା ସହିତ ସେତେ ସାଦୃଶ୍ୟ ନାହିଁ ।" ଏହାର କାରଣ ସମ୍ପର୍କରେ ସେ ଲେଖିଛନ୍ତି ଯେ ବୌଦ୍ଧମାନଙ୍କ ମଧ୍ୟରୁ ଅନେକ ପ୍ରତୀକ ପୂଜା ଗ୍ରହଣ କରି ମହାଯାନୀ ହୋଇ ସଂସ୍କୃତ ଭାଷାରେ ଗ୍ରନ୍ଥ ଲେଖିଲେ । ବ୍ରାହ୍ମଣ୍ୟ ଧର୍ମର ପୁନରୁଥାନ ଫଳରେ ସଂସ୍କୃତ ସାହିତ୍ୟର ସମୃଦ୍ଧି ମଧ୍ୟ ବଢ଼ିଥିଲା । ଏଣୁ ଜନସାଧାରଣଙ୍କ ଭାଷାରେ ସଂସ୍କୃତ ଶବ୍ଦ-ସମ୍ଭାର ଓ ସଂସ୍କୃତ ଭାଷାର ରୀତି ସେମାନଙ୍କ କଥିତ ଭାଷାକୁ ମାର୍ଜିତ ଓ ରୁଚିପୂର୍ଣ୍ଣ କରିଥିଲା ।

ଏହାପରେ ପଣ୍ଡିତ ମିଶ୍ର ବିସପ୍ କାଲ୍ଡ଼ ଓୟେଲଙ୍କ ମତକୁ ଖଣ୍ଡନ କରିଛନ୍ତି । ବିସପ୍ କାଲ୍ଡ଼ ଓୟେଲ୍ ଧ୍ୱନିଗତ ସାଦୃଶ୍ୟ ଦେଖି କହନ୍ତି ଯେ ଦ୍ରାବିଡ଼ୀ ଭାଷାର ପ୍ରଭାବ ସଂସ୍କୃତ ଭାଷା ଉପରେ ପଡ଼ିଅଛି । କିନ୍ତୁ ପଣ୍ଡିତ ମିଶ୍ର ଏହା ଗ୍ରହଣ ନ କରି କହିଛନ୍ତି – "ସେହି ସାଦୃଶ୍ୟରୁ ସଂସ୍କୃତ ଭାଷାର ପ୍ରଭାବ ଦ୍ରାବିଡୀ ଭାଷା ଉପରେ ପଡ଼ିଅଛି ବୋଲି କାହିଁକି କୁହାନଯିବ ?" ଏହି ପରିପ୍ରେକ୍ଷୀରେ ବିନାୟକ ମିଶ୍ର ଲେଖିଛନ୍ତି – କାଲ୍ଡ଼ ଓୟେଲ୍ କହନ୍ତି ଯେ ତାମିଲୀ ଭାଷାରେ 'ମର' ଶବ୍ଦର ଅର୍ଥ ଗଛ

Digitized by PPRACHIN, SOA

ଓ 'କାଙ୍କୁ' ଧାତୁର ଅର୍ଥ ଗମନ କରିବା । ଗଛରେ ଗମନ କରିପାରେ ବୋଲି ବାନରକୁ ମର୍କଟ କହନ୍ତି । ଏପରି ବ୍ୟୁତ୍ପତ୍ତି ସଂସ୍କୃତ ଭାଷାରେ ନ ଥିବାରୁ ଏହାକୁ ସେ ତାମିଲୀ ଶବ୍ଦ କହିଅଛନ୍ତି । କିନ୍ତୁ ଏପରି 'କାଙ୍କୁ' ଯୋଗରେ ଅନ୍ୟ କେଉଁ ଶବ୍ଦରେ 'କା' 'କ'–ରେ ଓ 'ଙ୍କୁ' 'ଟ'–ରେ ତାମିଲୀ ଭାଷାରେ ପରିଣତ ହୋଇଅଛି, ସେ କହି ନାହାନ୍ତି । ସଂସ୍କୃତରେ 'ମର୍କ' ଶବ୍ଦର ଅର୍ଥ ବାୟୁ ଓ 'ଟ' ର ଅର୍ଥ ତ୍ରିଲୋକ ବିଖ୍ୟାତ । ହନୁମାନ୍ ମରୁତ୍ ବା ବାୟୁର ପୁତ୍ର ହୋଇଥିବାରୁ ଡେଇଁ ଡେଇଁ ବାୟୁରେ ଚଞ୍ଚଳ ଗମନ କରିପାରେ । ମର୍କଟର ଉଦର ନତ । ସିଂହ ବନ୍ଧରେ ଉଦର ନତ କରି ସାଧକମାନେ ଉଡୁଥିଲେ । ହନୁମାନର ବହୁଦୂର ଡେଇଁବା ଗତି ଉଡ଼ିବା ସଙ୍ଗେ ସମାନ । ଏଣୁ ସିଂହ ସନ୍ତକଥିବା ଜୈନତୀର୍ଥଙ୍କର 'ମହାବୀର' ନାମରେ ହନୁମାନ ମୂର୍ତ୍ତି ପୁରୀରେ ପୂଜା କରାଯାଏ । ଏହିପରି ସଂସ୍କୃତ ବ୍ୟୁତ୍ପତ୍ତି ସହିତ 'ମର୍କଟ' ନାମର ସାର୍ଥକତା ଅଛି ଓ ବ୍ୟାକରଣ ଗତ ସନ୍ଦେହ ନାହିଁ ।" ପଣ୍ଡିତ ମିଶ୍ରଙ୍କ ଏହି ମତାମତଟି ଯଥାର୍ଥ ଅଟେ ।

ଏହାପରେ ପଣ୍ଡିତ ମିଶ୍ର ଦ୍ରାବିଡୀ ଶବ୍ଦ 'କୁକ୍କୁର' ସହିତ ଓଡ଼ିଆ 'କେର୍ କେର' ଶବ୍ଦ, ତାମିଲୀ 'ଅରିସା', ଇଂରାଜୀ 'ରାଇଶ୍'(rice), ବଙ୍ଗଳାର 'ଆତ୍ପ ଚାଲ', ଓଡ଼ିଆ 'ଅରୁଆ ଚାଉଳ', 'ଉଆ ଚାଉଳ'ର ବିଚାର କରିଛନ୍ତି । ଓଡ଼ିଆ 'ଅଣସର' ଏବଂ 'ଖେଳ' ଶବ୍ଦ ଦ୍ୱୟର ଆଲୋଚନା କରି ପଣ୍ଡିତ ମିଶ୍ର ପ୍ରତିପାଦନ କରିଛନ୍ତି ଯେ ବୌଦ୍ଧଧର୍ମ ବିକାଶ କାଳରେ ସଂସ୍କୃତ ଓ ପ୍ରାକୃତ ଉଭୟ ଭାଷାର ପ୍ରଚଳନ ଥିବାରୁ ଉଭୟ ଭାଷା ପରସ୍ପର ଆଦାନ ପ୍ରଦାନରେ ସମୃଦ୍ଧ ହୋଇଛନ୍ତି ।

ସୁତରାଂ ଓଡ଼ିଆ ଭାଷା ଏକ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ହେଲେ ହେଁ ଏହା ଉତ୍ପତ୍ତି ପଥ ଦେଇ ଗତି କଲାବେଳେ ବିଭିନ୍ନ ଆର୍ଯ୍ୟେତର ଭାଷା ଯଥା ଦ୍ରାବିଡୀ ଓ ଅଷ୍ଟ୍ରିକ୍ ଭାଷାର ସଂସ୍ରବରେ ଆସି ପରିପୁଷ୍ଟ ହୋଇଛି ।

ତୃତୀୟ ଅଧ୍ୟାୟରେ 'ଓଡ଼ିଆ ଭାଷାର ଉତ୍ପତ୍ତି ଧାରା' ବିଷୟ ଆଲୋଚିତ ହୋଇଛି । ଏହି ଅଧ୍ୟାୟରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ଉଚ୍ଚାରଣ ପଦ୍ଧତି, ସମୀଭବନ, ବିଷମୀଭବନ, ସ୍ୱରାଗମ, ସ୍ୱରଭକ୍ତି, ଧ୍ୱନିପୂରଣ, ଧ୍ୱନିବିପର୍ଯ୍ୟୟ, ଧ୍ୱନିଲୋପ, ସମାହାର ଲୋପ, ଇତ୍ୟାଦି ଧ୍ୱନି ବିଜ୍ଞାନ ସମ୍ପର୍କିତ ବିଷୟ ଆଲୋଚିତ । ଏଥିରେ ମଧ୍ୟ ପଣ୍ଡିତ ମିଶ୍ର 'ଅଣିକିଳ', 'ଉଛୁର', 'ଓଥରା', 'ଛପର', 'ଏରଣ୍ଡିବନ୍ଧ',

Digitized by PPRACHIN, SOA

'ନିକ', 'ତୋରାଣି', 'ପୋଖରୀ', 'ଫୁକିଆ', 'ଫସର', 'ଦାଢ', 'ଧୋକଡ଼ି', 'ଡୁଙ୍ଗର', 'ଢାଙ୍କୁଣି', ପ୍ରଭୃତି ଶବ୍ଦର ନିଷ୍ପନ୍ନ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହାପରେ ଏଥିରେ ସଂସ୍କୃତ, ପାଲି, ପ୍ରାକୃତ ସ୍ତର ଦେଇ ସୃଷ୍ଟି ହୋଇଥିବା କେତେକ ଓଡ଼ିଆ ତଦ୍ଭବ ଶବ୍ଦର ଉଲ୍ଲେଖ କରାଯାଇଛି । ଏହି ଅଧ୍ୟାୟର ଶେଷରେ ପଣ୍ଡିତ ମିଶ୍ର କେତେକ ଆରବିକ୍ ଶବ୍ଦ ଏବଂ ଏଥିରୁ ସୃଷ୍ଟ ଓଡ଼ିଆ ଶବ୍ଦମାନଙ୍କର ଏକ ତାଲିକା ପ୍ରଦାନ କରିଛନ୍ତି । ଏହାପରେ ଚତୁର୍ଥ ଅଧ୍ୟାୟରେ ବଚନ ଓ କାରକ ପ୍ରକରଣ, ପଞ୍ଚମ ଅଧ୍ୟାୟରେ ଅବ୍ୟୟ ଓ କ୍ରିୟା ବିଶେଷଣ, ଷଷ୍ଠ ଅଧ୍ୟାୟରେ ଲିଙ୍ଗ, ସପ୍ତମ ଅଧ୍ୟାୟରେ ଧାତୁରୂପ, ଅଷ୍ଟମ ଅଧ୍ୟାୟରେ କୃଦନ୍ତ ଓ ତଦ୍ଧିତ ପ୍ରକରଣ ଏବଂ ନବମ ଅଧ୍ୟାୟରେ 'ଛନ୍ଦ' ଶିରୋନାମାରେ ଛନ୍ଦ, ଯତି /ସ୍ୱରଧର୍ମ/ମାତ୍ରା/ମିତ୍ରାକ୍ଷର/ଅମିତ୍ରାକ୍ଷର/ ରାଗ/ବୃତ୍ତ/ବାଣୀ ଉପରେ ଆଲୋଚନା ବିନ୍ୟାସ କରାଯାଇଛି ।

ଦୃଷ୍ଟାନ୍ତ ରୂପେ ଷଷ୍ଠ ଅଧ୍ୟାୟରେ ଆଲୋଚିତ 'ଲିଙ୍ଗ' ପ୍ରକରଣ ଉପରେ ଆଲୋକପାତ କରାଯାଇପାରେ । ପଣ୍ଡିତ ମିଶ୍ର ଲେଖିଛନ୍ତି ଯେ ବେଦରେ ବାପାଙ୍କୁ 'ପିତୃ' ଓ ମା'କୁ 'ମାତୃ' କୁହାଯାଇଛି । 'ପିତୃ' ଶବ୍ଦ ରୂପାନ୍ତରିତ ହୋଇ 'ପିଅର' ହୋଇଥିଲା ଓ ଏହା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବ୍ୟବହୃତ ହୋଇଛି । କିନ୍ତୁ ମୁଦ୍ରା ରାକ୍ଷସ ନାଟକରେ ବପ୍ତା ବୀଜବୁଣି ଶସ୍ୟ ସଂଗ୍ରହ କଲାଭଳି ପିତା ସନ୍ତାନ–ଜନ୍ମର ପ୍ରଧାନ କାରଣ ବୋଲି ବର୍ଣ୍ଣିତ । ଏଣୁ ପିତାକୁ 'ବପ୍ତା' କହୁଥିବାରୁ ହିନ୍ଦୀ, ବଙ୍ଗଳା ଓଡ଼ିଆ ପ୍ରଭୃତିରେ 'ବପ୍ତା'ରୁ ଜାତ ବାବା, ବବା, ବା, ବାପା ପ୍ରଭୃତି ନାମରେ ପିତାକୁ ସନ୍ତାନମାନେ ଡାକନ୍ତି । କିନ୍ତୁ ସନ୍ତାନ ପ୍ରସବ–କର୍ତ୍ତ୍ରୀ ବୋଲି ମାତା ପ୍ରମାଣ ସ୍ୱରୂପିଣୀ ହୋଇଥିବାରୁ ସେହି ମାତାରୁ ରୂପାନ୍ତରିତ 'ମା' ସ୍ତ୍ରୀଲିଙ୍ଗରେ ପ୍ରଚଳିତ ଅଛି । ପଣ୍ଡିତ ମିଶ୍ର କହନ୍ତି ଯେ ତେଲୁଗୁରେ ପିତାକୁ 'ଆୟା' ଓ ମାତାକୁ 'ଆମା' କହନ୍ତି । ସଂସ୍କୃତ 'ଆର୍ଯ୍ୟ' ଶବ୍ଦରୁ ଆୟା' ଓ 'ଅମ୍ବା' ଶବ୍ଦରୁ 'ଆମା' ଜାତ ହୋଇଅଛି । ଓଡ଼ିଆରେ କହୁଥିବା 'ଅଜା' ଓ 'ଆଈ' ଯଥାକ୍ରମେ ସଂସ୍କୃତ 'ଆର୍ଯ୍ୟ' ଓ 'ଆର୍ଯ୍ୟା' ଶବ୍ଦ ଦ୍ୱୟରୁ ଉତ୍ପନ୍ନ ବୋଲି କହିବାକୁ ହେବ ।

ସଂସ୍କୃତରେ ମାତାର ଭ୍ରାତାକୁ 'ମାତୃଭ୍ରାତା' କୁହାଯାଉଥିଲା । ପରବର୍ତ୍ତୀ ସଂସ୍କୃତରେ ଏହା 'ମାତୁଳ' ହୋଇ ଓଡ଼ିଆରେ 'ମଉଳା' ହୋଇଅଛି । ଏବେ ପୁଂଲିଙ୍ଗରେ 'ମାମୁଁ' ଓ ସ୍ତ୍ରୀଲିଙ୍ଗ 'ମାତୁଳାନୀ'ରୁ ଜାତ 'ମାଇଁ' ଓଡ଼ିଆରେ ବ୍ୟବହୃତ ।

Digitized by PPRACHIN, SOA

ପଣ୍ଡିତ ମିଶ୍ର ମଧ୍ୟ ବିଚାର କରିଛନ୍ତି ଯେ ଓଡ଼ିଆରେ ଥିବା 'ନନା' ଶବ୍ଦଟି ଓ ତେଲୁଗୁ 'ଆନା' ଶବ୍ଦଟି ସଂସ୍କୃତ 'ଆଜ୍ଞା' ଶବ୍ଦରୁ ସୃଷ୍ଟି ହୋଇଥିବ । ସଂ. ଆଜ୍ଞା > ପାଲି ଅଞ୍ଞା > ପ୍ରାକୃତ ଆଣା । ସେହପରି 'ବୋଉ' ଶବ୍ଦଟି ସଂସ୍କୃତ 'ବଧୂ' ବା ପ୍ରାକୃତ 'ବହୁ' ଶବ୍ଦରୁ ଉତ୍ପନ୍ନ । 'ଭାଉଜ' ଶବ୍ଦଟି ସଂସ୍କୃତ 'ଭାତୃଜାୟା' ଶବ୍ଦରୁ ଉତ୍ପନ୍ନ ।

'ଜେଜେ' ଶବ୍ଦଟି ସଂସ୍କୃତ 'ଜୟ' ଶବ୍ଦରୁ ଉତ୍ପନ୍ନ ହୋଇଥିବାର ଅନୁମିତ ହୁଏ । ଓଡ଼ିଆ 'ଶାଶୁ' ଏବଂ ବଙ୍ଗଳା 'ଶାଶୁଡ଼ୀ' ଶବ୍ଦ ସଂସ୍କୃତ 'ଶ୍ୱଶ୍ରୂ' ଶବ୍ଦରୁ ଉତ୍ପନ୍ନ । ସେହିପରି ସଂସ୍କୃତ 'ପିତୃସ୍ୱସା'ରୁ 'ପିଉସୀ' ଓ 'ମାତୃସ୍ୱସା'ରୁ 'ମାଉସୀ' ଶବ୍ଦର ସୃଷ୍ଟି । 'ଭ୍ରାତ' ଶବ୍ଦର ସଂସ୍କୃତ ଏକ ବଚନର ରୂପ 'ଭ୍ରାତା' ଥିଲା । ପ୍ରାକୃତରେ ଏହା 'ଭାଆ' ହୋଇ ହିନ୍ଦୀରେ 'ଭାୟା' ଓ ଓଡ଼ିଆରେ 'ଭାଇ' ହୋଇଛି । 'ଭଗିନୀପତି' ରୂପାନ୍ତରିତ ହୋଇ ଓଡ଼ିଆରେ 'ଭିଣୋଇ' ପ୍ରଚଳିତ ହୋଇଛି । ସଂସ୍କୃତ 'ଦୁହିତୃ' ଶବ୍ଦ ପ୍ରାକୃତ 'ଧିତର' ହୋଇ ଓଡ଼ିଆରେ 'ଝିଅ' ରୂପେ ପ୍ରଚଳିତ । ଓଡ଼ିଆ 'ଜୁଆଇଁ' ଶବ୍ଦଟି ସଂସ୍କୃତ 'ଜାମାତୃ' ଶବ୍ଦରୁ ସୃଷ୍ଟି ହୋଇଛି । ସଂସ୍କୃତ 'ପାଳିତ'ର ରୂପାନ୍ତର 'ପିଲା' ଉଭୟ ଲିଙ୍ଗ । ସଂସ୍କୃତ 'ପୁତ୍ର' ଶବ୍ଦରୁ ଓଡ଼ିଆ 'ପୁଅ' ସୃଷ୍ଟ । ସେହିପରି ଦେବର > ଦିଅର ଏବଂ ଶାଳକ > ଶଳା । ବଙ୍ଗଳା 'ଜେଠା' ଶବ୍ଦଟି ସଂସ୍କୃତ 'ଜ୍ୟେଷ୍ଠ' ଶବ୍ଦରୁ ଉତ୍ପନ୍ନ । 'ଜେଠା'ର ସ୍ତ୍ରୀଲିଙ୍ଗ 'ଜେଠାଇ' ବା 'ଦେଠେଇ' ।

ସେହିପରି ସଂସ୍କୃତ 'ଆମ୍ବା'ରୁ 'ଅପ୍‌ପା' ଓ 'ଅତା' ଉତ୍ପନ୍ନ । ତାମିଲୀଭାଷାରେ ପିତାକୁ 'ଅପା' କହନ୍ତି । ଏହା ସଂସ୍କୃତ 'ବପ୍ତା' ଶବ୍ଦରୁ ନିଷ୍ପନ୍ନ । ଯଥା – ବପ୍ତା > ବପ୍‌ପ > ଅପା । ସଂସ୍ମୃତ 'ନନନ୍ଦୃ' ଶବ୍ଦରୁ 'ନଣନ୍ଦ'ର ସୃଷ୍ଟି । ସଂସ୍କୃତ 'ନନନ୍ଦୃପତି'ରୁ 'ନଣନ୍ଦେଇ', 'ଭାଗିନେୟ'ରୁ 'ଭଣଜା' ଏବଂ 'ଭାଗିନେୟୀ'ରୁ 'ଭାଣିଜୀ'ର ସୃଷ୍ଟି ।

ସଂସ୍କୃତ 'ଗୃହସ୍ଥ' ଶବ୍ଦର ରୂପାନ୍ତର 'ଗିରସ୍ତ' ବା ଗେରସ୍ତ । ଏହି ଗିରସ୍ତର ସ୍ତ୍ରୀଲିଙ୍ଗ ହେବ ଭାର୍ଯ୍ୟା । ସଂସ୍କୃତ 'ଗ୍ରହୀତା'ର ରୂପାନ୍ତର ଓଡ଼ିଆ 'ଘଇତା' । ଏହାର ସ୍ତ୍ରୀଲିଙ୍ଗ 'ମାଇପ' । 'ମାଇପ' ଶବ୍ଦଟି ସଂସ୍କୃତ 'ମାତୃପତ୍ନୀ'ରୁ ଉତ୍ପନ୍ନ । ଯେଉଁ ପତ୍ନୀକୁ ମାତା ହେବାପାଇଁ ବା ସନ୍ତାନ ପ୍ରସବ ପାଇଁ ଗ୍ରହଣ କରାଯାଇଛି । ମଙ୍ଗୋଲୀ ଭାଷାରେ ଶାଳୀକୁ 'ମାଇପ' କହନ୍ତି ।

Digitized by PPRACHIN, SOA

କୁର୍ଗୁ ଭାଷାରେ ପୁରୁଷକୁ 'ଅଣ୍ଡ୍ରା' କହନ୍ତି । ଏହା ଓଡ଼ିଆରେ 'ଅଣ୍ଡିରା' ଶବ୍ଦ ରୂପେ ପ୍ରଚଳିତ । ଏହାର ସ୍ତ୍ରୀଲିଙ୍ଗ 'ମାଇକିନା' ବା 'ମାଇକନ୍ୟା' । ଏହା ସଂସ୍କୃତ 'ମାତୃକନ୍ୟା' ଶବ୍ଦରୁ ନିଷ୍ପନ୍ନ ହେବାର ଅନୁମେୟ । ଓଡ଼ିଆରେ ପ୍ରଚଳିତ 'ଭେଣ୍ଡା' ଶବ୍ଦଟି ସଂସ୍କୃତ 'ଭାଣ୍ଡ'ରୁ ଉତ୍ପନ୍ନ । ସଂସ୍କୃତରେ ଅଶ୍ୱର ସଜ୍ଜାକୁ ଭାଣ୍ଡ କହନ୍ତି । ଯୁବକ ଅଶ୍ୱାରୋହଣପାଇଁ ଉପଯୁକ୍ତ । ଏଣୁ ତାହାକୁ 'ଭାଣ୍ଡ' କହୁଥିବାରୁ ସେଥିରୁ 'ଭେଣ୍ଡା' ନିଷ୍ପନ୍ନ । 'ଭେଣ୍ଡା'ର ସ୍ତ୍ରୀଲିଙ୍ଗ 'ଭୁଆସୁଣୀ' । ଏହା 'ଭୂବାସିନୀ'ର ରୂପାନ୍ତର । ଯେଉଁ ଯୁବତୀ କୌଣସି ସ୍ଥାନରେ ସ୍ଥିର ରହି ବାସ କରୁଥାଏ, ତାହାକୁ 'ଭୁଆସୁଣୀ' କୁହାଯାଏ ।

ଏହି ପୁସ୍ତକରେ ବିନାୟକ ମିଶ୍ରଙ୍କର ଭାଷାତତ୍ତ୍ୱ ସମ୍ପର୍କିତ ପାଣ୍ଡିତ୍ୟ ପୂର୍ଣ୍ଣ ଆଲୋଚନା ବାସ୍ତବରେ ପ୍ରଣିଧାନ ଯୋଗ୍ୟ । ଏଠାରେ ତାଙ୍କର ଆଲୋଚନାର କିୟଦଂଶ ଉଦ୍ଧାରଯୋଗ୍ୟ – "ସଂସ୍କୃତ 'ପୁଷ୍କରିଣୀ' ପ୍ରାକୃତ 'ପୋଖ୍‌କରିଣି'ର ଅପଭ୍ରଂଶ । ଏଥିରୁ ଓଡ଼ିଆ 'ପୋଖରୀ' ଉତ୍ପନ୍ନ । ସଂସ୍କୃତ 'ପୁଷ୍କରୀୟ' ଶବ୍ଦରୁ ସେପରି ପ୍ରାକୃତ 'ପୋଖ୍‌କରୀଅ'ର ଅପଭ୍ରଂଶ ହୋଇପାରିଥିବ । କିନ୍ତୁ ଏହାର ଦ୍ୱିତୀୟ ମହାପ୍ରାଣ 'ଖ୍'ର ପ୍ରଭାବରେ ଆଦ୍ୟ ସ୍ୱଳ୍ପପ୍ରାଣ 'ପୁ' ଯଦି ମହାପ୍ରାଣ 'ଫୁ' ହୁଏ 'କ' ସମୀଭବନରେ 'କି' ହୋଇ 'ଖ୍' ଓ 'ର' ଲୁପ୍ତ ହୁଏ, ତେବେ 'ପୁଷ୍କରୀୟ' ଶବ୍ଦଟି 'ଫୁକିଆ'ରେ ପରିଣତ ହେବ । ପୁଷ୍କରର ଅର୍ଥ ପଦ୍ମ ଓ ଜରାୟୁକୁ ପଦ୍ମ କହନ୍ତି । ଫୁକିଆ ଶୁକ୍ରତାରାର ନାମ ଓ ଶୁକ୍ରର ଅର୍ଥ ପୁରୁଷର ରେତଃ । ଶୁକ୍ର କବି ଓ ନାରୀ ଦେଖି କବିତା କବି – ହୃଦୟରୁ ପ୍ରସ୍ଫୁରିତ ହୁଏ । କବିତା ଜ୍ଞାନାଲୋକ । ଏଣୁ ଓଡ଼ିଆ 'ଫୁକିଆ ଉଇଁଲା, ଫସର ଫାଟିଲା' କଥାଟି 'ରାତି ପାହିବା ଓ ଆଲୁଅ ହେବା' କଥାର ସାର୍ଥକ କବି ଭାଷା । ସମ୍ବଲପୁର ଅଞ୍ଚଳରେ ସକାଳର ଆଲୁଅକୁ 'ପତ୍ତର ଫୁଟା' କହନ୍ତି । ରାତିରେ ପତ୍ର ଦିଶୁ ନଥାଏ; ସକାଳର ଆଲୁଅରେ ଦିଶେ । ଏଣୁ ସକାଳର ଆଲୋକକୁ 'ପତ୍ତର ଫୁଟା' କହନ୍ତି । ଏଥିରୁ 'ଫୁଟା' ଲୋପ ପାଇ କୁର୍ଗୁ ଭାଷାରେ ଆଲୋକକୁ କେବଳ 'ପତ୍ତର' କହନ୍ତି । କିନ୍ତୁ ଓଡ଼ିଆ 'ଫସର' ସଂସ୍କୃତ 'ପ୍ରସ୍ଫୁରକ'ର (Phosphorous)ର ଅପଭ୍ରଂଶ ।"

'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ଭାଷା ସମ୍ପର୍କିତ ଏକ ପ୍ରାମାଣିକ ଗ୍ରନ୍ଥ ନିଶ୍ଚୟ । ଏଥିରେ ପଣ୍ଡିତ ବିନାୟକ ମିଶ୍ରଙ୍କର ଧୀଶକ୍ତି ସହିତ ଭାଷା ଅଧ୍ୟୟନ କରିବାର ତୁଳନାତ୍ମକଧାରା ମଧ୍ୟ ପ୍ରତିଫଳିତ ।

Digitized by PPRACHIN, SOA

'ଓଡ଼ିଆ ସାହିତ୍ୟର ଇତିହାସ' ପଣ୍ଡିତ ବିନାୟକ ମିଶ୍ରଙ୍କର ଏକ ମନନଧର୍ମୀ ସାହିତ୍ୟ ସମାଲୋଚନାମୂଳକ ଗଦ୍ୟ ଗ୍ରନ୍ଥ । ଏହା ୧୯୨୮ ମସିହାରେ କଟକର ଉତ୍କଳ ସାହିତ୍ୟ ପ୍ରେସ୍ ଆନୁକୂଲ୍ୟରେ ବିଶ୍ୱନାଥ କରଙ୍କ ଦ୍ୱାରା ମୁଦ୍ରିତ ହୋଇଥିଲା । ଗ୍ରନ୍ଥଟିକୁ ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ନାମରେ ଉତ୍ସର୍ଗ କରାଯାଇଛି । ପୁସ୍ତକଟିର ବିଷୟବସ୍ତୁକୁ ନଅଗୋଟି ସୋପାନରେ ବିଭକ୍ତ କରାଯାଇଛି । ପ୍ରଥମ ସୋପାନରେ 'ଓଡ଼ିଆ ସାହିତ୍ୟର ଉତ୍ପତ୍ତିକ୍ରମ' ସମ୍ପର୍କରେ ଆଲୋଚନା କରାଯାଇଛି । ପଣ୍ଡିତ ମିଶ୍ର ଚର୍ଯ୍ୟାପଦକୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ନିଦର୍ଶନ ରୂପେ ଗ୍ରହଣ କରିଛନ୍ତି । ତାଙ୍କ ମତରେ – "କାଳର ଅପ୍ରତିହତ ପ୍ରଭାବରେ ଓଡ୍ର ପ୍ରାକୃତ ପରିବର୍ତ୍ତିତ ହୋଇ ଦ୍ୱାଦଶ ଶତାବ୍ଦୀକି ଆଧୁନିକ ଓଡ଼ିଆ ଭାଷା ସୃଷ୍ଟ ହେବାର ସୂତ୍ରପାତ ହେଲା । ଦ୍ୱାଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ଓଡ୍ର ଭାଷାରେ ଯେଉଁ ସବୁ ଗ୍ରନ୍ଥ ରଚିତ ହୋଇଥିଲା, ସେମାନଙ୍କ ମଧ୍ୟରୁ ସହଜିଆଧର୍ମ ବିଷୟକ କେତେଖଣ୍ଡି ଗ୍ରନ୍ଥ ନେପାଳରୁ ଆବିଷ୍କୃତ ହୋଇଅଛି । ପଣ୍ଡିତ ଶ୍ରୀଯୁକ୍ତ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ମୁଦ୍ରିତ ଓ ବଙ୍ଗୀୟ ସଂସ୍କୃତ ପରିଷଦ ତରଫରୁ ପ୍ରକାଶିତ ବୌଦ୍ଧଗାନ ଓ ଦୋହାରେ ଥିବା କୃଷ୍ଣାଚାର୍ଯ୍ୟଙ୍କ ରଚିତ ଗୀତଗୁଡ଼ିକ ଯେ ଦ୍ୱାଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ଓଡ଼ିଆ ଭାଷାରେ ରଚିତ – ଏହା ଓଡ଼ିଆ ଭାଷାର ଇତିହାସରେ ପ୍ରମାଣିତ ହୋଇଛି ।' ଗ୍ରନ୍ଥଟିର ଦ୍ୱିତୀୟ ସୋପାନର ଆଲୋଚ୍ୟ ବିଷୟ ହେଉଛି – 'ପ୍ରାଚୀନ ଲୁପ୍ତ ଓଡ଼ିଆ ସାହିତ୍ୟ'। ଏଥିରେ ପ୍ରାଚୀନରାଗ ରାଗିଣୀ ଓ ବୃତ୍ତ ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରାଚୀନ ଲୁପ୍ତ ସାହିତ୍ୟ ସମ୍ପର୍କରେ ପଣ୍ଡିତ ମିଶ୍ର କହିଛନ୍ତି – 'ଏହିପରି ଗବେଷଣା କଲେ ମୋତେ ମୂରଲୀ କଳାବାଇ, ବିମ୍ବାଧର ଚଉପଦୀ, ବା ଚଉତିଶା, କୃଷ୍ଣକଳା, ଉଦ୍ଧବଗୀତା, ଗୁଣ୍ଡିଚା ବସନ୍ତ ଓ ଯଦୁବୋଲି ପ୍ରଭୃତି ଅନେକ ରଚନାର ନିଦର୍ଶନ ମିଳେ । ଏଥିମଧ୍ୟରୁ କେବଳ 'ବା ଚଉତିଶା' ଆବିଷ୍କୃତ ହୋଇଅଛି । ଅନ୍ୟାନ୍ୟ ରଚନାର ଆବିଷ୍କାର ନିମନ୍ତେ ବିଶେଷ ଅନୁସନ୍ଧାନର ପ୍ରୟୋଜନ । ଏହି ଲୁପ୍ତ ରଚନାଗୁଡ଼ିକ ଆବିଷ୍କୃତ ନ ହେଲେ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ଲେଖିବା ଅସମ୍ଭବ ଓ ପ୍ରଚଳିତ ଓଡ଼ିଆ ଛନ୍ଦର ଉତ୍ପତ୍ତିକ୍ରମ ଗବେଷଣା କରିବା କଠିନ । ଆଶାକରେଁ, ଦେଶର ଶିକ୍ଷିତ ଲୋକେ ଲୁପ୍ତ ସାହିତ୍ୟର ଉଦ୍ଧାରରେ ଯତ୍ନଶୀଳ ହେବେ ।"

•

ତୃତୀୟ ସୋପାନରେ ପଞ୍ଚଦଶ ଶତାବ୍ଦୀର ସାହିତ୍ୟ ସମ୍ପର୍କିତ ଆଲୋଚନା ସ୍ଥାନିତ । ଏଥିରେ ସଂକ୍ଷେପରେ ମାର୍କଣ୍ଡ ଦାସ, ଗୋରଖ ନାଥ, ଶାରଳା ଦାସ,

Digitized by PPRACHIN, SOA

ବଳଭଦ୍ର ଭଞ୍ଜ ଓ ନୀଳାମ୍ବର ଦାସଙ୍କୁ ଆଲୋଚ଼ନା କରାଯାଇଛି । ମାର୍କଣ୍ଡ ଦାସ ଓ ତାଙ୍କର କୃତି ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ମୋ ମତରେ ମାର୍କଣ୍ଡ ଦାସଙ୍କ କେଶବ କୋଇଲି ପ୍ରାଚ଼ୀନତମ ରଚ଼ନା । x x x କୋଇଲି – ରଚ଼ନା ଓଡ଼ିଆ ସାହିତ୍ୟର ଗୋଟିଏ ବିଶିଷ୍ଟତା । ଭାରତର ଅନ୍ୟକୌଣସି ପ୍ରାଦେଶିକ ସାହିତ୍ୟରେ କୋଇଲି ରଚ଼ନା ଦେଖାଯାଏ ନାହିଁ । ସଂସ୍କୃତ ସାହିତ୍ୟର ମେଘଦୂତ, ହଂସ ଦୂତ ପ୍ରଭୃତି ରଚ଼ନାର ଅନୁକରଣରେ ବୋଧହୁଏ କେଶବ କୋଇଲି ରଚ଼ିତ । x x x ଏହା ଅତିଶୟ ହୃଦୟ ଭେଦୀ ଭାଷାରେ ନିବଦ୍ଧ । ଏଣୁ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଏହା ପ୍ରାଚ଼ୀନ କାଳରୁ ପଢ଼ା ହୋଇ ଆସୁଥିଲା । ଏହି ରଚ଼ନାର ଆଦ୍ୟରେ 'କୋଇଲି କେଶବ ଯେ' ଏହି କଥା ବ୍ୟବହୃତ ହୋଇଥିବାରୁ ଏହା କେଶବ କୋଇଲି ନାମରେ ଅଭିହିତ । ଯଶୋଦାଙ୍କର ବିଳାପ ଯୋଗୁଁ ଏହାର ଅନ୍ୟତର ନାମ 'ଯଶୋଦା କୋଇଲି' ।" ଏହାପରେ ଗୋରଖ ନାଥ ଓ ଓଡ଼ିଆ ସପ୍ତାଙ୍ଗଯୋଗ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚ଼ନା ରହିଛି । "ଗୋରଖନାଥଙ୍କ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – ଏ ସହଜିଆ ଧର୍ମର ଜଣେ ପ୍ରଧାନ ପ୍ରଚାରକ । ଗୋରଖନାଥ ଓ ମଲ୍ଲିକାନାଥଙ୍କ ନାମ ଦ୍ୱୟ ବଙ୍ଗଦେଶର ସହଜିଆ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ ସୁପରିଚ଼ିତ । ଷୋଡ଼ଶ ଶତାବ୍ଦୀର ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତାରେ ଗୋରଖନାଥ ଓ ମଲ୍ଲିକାନାଥଙ୍କ ଆଶ୍ରମ ଭୁବନେଶ୍ୱର ନିକଟବର୍ତ୍ତୀ ପ୍ରାଚ଼ୀ ନଦୀ କୂଳରେ ଥିଲା ବୋଲି ବର୍ଣ୍ଣିତ ଅଛି । ଅଷ୍ଟାଦଶ ଶତାବ୍ଦୀର ରସ ବିନୋଦ ରଚ଼ୟିତା ଦୀନକୃଷ୍ଣ ଦାସଙ୍କ ନାମରତ୍ନ ଗୀତାରେ ଗୋରଖନାଥ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ ବୋଲି ବର୍ଣ୍ଣିତ ।" ଏହାପରେ ପଣ୍ଡିତ ମିଶ୍ର ଶାରଳା ଦାସଙ୍କ ସମ୍ପର୍କରେ ଆଲୋଚନା କରିଛନ୍ତି । ସେ ଶାରଳା ଦାସଙ୍କୁ ଗଜପତି କପିଳେନ୍ଦ୍ର ଦେବଙ୍କ ସମକାଳୀନ ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ ଶାରଳା ଦାସଙ୍କର ପ୍ରକୃତ ନାମ କ'ଣ ଥିଲା ଜାଣିବାର ଉପାୟ ନାହିଁ ବୋଲି ମତ ଦେଇଛନ୍ତି । ଶାରଳା ଦାସଙ୍କ ମହାଭାରତ ଗ୍ରନ୍ଥ ସମ୍ପର୍କରେ ବିଶେଷ ଆଲୋଚ଼ନା ହୋଇନାହିଁ । ତେବେ ମହାଭାରତ ଗ୍ରନ୍ଥ ତତ୍କାଳୀନ ଓଡ଼ିଶାର ସାମାଜିକ ଓ ରାଜନୈତିକ ଚିତ୍ର ବହନ କରେ । କବି ଜାତୀୟ ଭାବରେ ଅନୁପ୍ରାଣିତ ହୋଇ ଜାତୀୟ ସାହିତ୍ୟ ସୃଷ୍ଟି କରିବାପାଇଁ ଚେଷ୍ଟା କରିଥିଲେ ବୋଲି ପଣ୍ଡିତ ମିଶ୍ର ମତ ପ୍ରଦାନ କରିଛନ୍ତି । ସାରଳା ମହାଭାରତ ସମ୍ପର୍କରେ ତାଙ୍କର ଉତ୍କୃଷ୍ଟ ଅଭିମତ ଏହିପରି – 'ସୁତରାଂ ଶାରଳା ଦାସଙ୍କ ମହାଭାରତ ଅତ୍ୟନ୍ତ ମୂଲ୍ୟବାନ୍ । ଏହା

Digitized by PPRACHIN, SOA

ଅତିଶୟ ସୁଖପାଠ୍ୟ ଓ କୌତୁହଳ ଉଦ୍ଦୀପକ । ସେହି ହେତୁରୁ ଏହା ସାଧାରଣ ଜନ ସମାଜରେ ଚିରକାଳ ଆଦୃତ । ଏହା ଷୋଡ଼ଶ ଶତାବ୍ଦୀରେ ବଙ୍ଗଳା ଭାଷାରେ ଅନୁବାଦିତ ହୋଇଥିଲା ।' ଶାରଳାଙ୍କ ମହାନ୍ କାଳଜୟୀ କୃତି ମହାଭାରତ ସମ୍ପର୍କରେ ଆଲୋଚ଼କ ପଣ୍ଡିତ ମିଶ୍ର ଲେଖିଛନ୍ତି "ସେ ଓଡ଼ିଶାର ଜଣେ ପ୍ରଧାନ ଜାତୀୟ କବି ଏବଂ ଜାତୀୟ ଭାବର ପ୍ରେରଣାରେ ସେ ମହାଭାରତ ରଚ଼ନା କରିଥିଲେ । ଓଡ଼ିଶାର ଗୌରବ ବଢ଼ାଇବା ନିମନ୍ତେ ସେ ଆଦି ପର୍ବରେ ଓଡ଼ିଶା ନାମର ଉତ୍ପତ୍ତି ସମ୍ବନ୍ଧରେ କାଳ୍ପନିକ ବିବରଣ ଦେଇ ଅଛନ୍ତି ଏବଂ ସ୍ୱର୍ଗାରୋହଣ ପର୍ବରେ ପାଣ୍ଡବ ମାନଙ୍କୁ ଓଡ଼ିଶାର ଅନେକ ତୀର୍ଥ ଦର୍ଶନ କରିଥିବାର ବର୍ଣ୍ଣନା କରିଅଛନ୍ତି ।

ଶାରଳା ଦାସଙ୍କ ମହାଭାରତରୁ ଓଡ଼ିଶାର ସେ କାଳର ସାମାଜିକ ଓ ରାଜନୈତିକ ଅବସ୍ଥାର ଇତିହାସ ଅନେକ ପରିମାଣରେ ଧରାପଡ଼େ । ଆଦି ପର୍ବରେ ଏକଥା ବର୍ଣ୍ଣିତ ଯେ, ଜତୁଗୃହ ଦାହ ଉତ୍ତାରୁ ପାଣ୍ଡବମାନେ ଯେତେବେଳେ ନିରୁଦ୍ଦିଷ୍ଟ ହୋଇଥିଲେ, ତେତେବେଳେ ବିଷ୍ଣୁକର ଶିବପୁରରେ ଭୀମଙ୍କ ସାହାଯ୍ୟରେ ରାଜାହୋଇ କରବଂଶ ସ୍ଥାପନ କରିଥିଲେ । ଓଡ଼ିଶାରୁ ଯେଉଁ କରବଂଶୀୟ ରାଜାମାନଙ୍କର ତମ୍ବାପଟା ଆବିଷ୍କୃତ ହୋଇଅଛି, ସେହି କରବଂଶର ଇତିହାସ ଏଠାରେ ସୂଚ଼ିତ । ପୁଣି କର୍ଣ୍ଣକେଶରୀ ରାଜାଙ୍କ ନାମାନୁସାରେ କନିକାରାଜ୍ୟର ନାମକରଣ ହୋଇଥିବାର ବିରାଟ ପର୍ବରେ ବର୍ଣ୍ଣିତ । ଏଥିରୁ ଜଣାପଡ଼େ ଦ୍ୱାଦଶ ଶତାବ୍ଦୀରେ ରଚ଼ିତ ରାମପାଳ ଚ଼ରିତରେ ଯେଉଁ କର୍ଣ୍ଣ କେଶରୀଙ୍କ ବିବରଣ ଅଛି, ସେ କର୍ଣ୍ଣ କେଶରୀଙ୍କ ନାମ ପଞ୍ଚଦଶ ଶତାବ୍ଦୀକି ଓଡ଼ିଶାରୁ ଲୁପ୍ତ ହୋଇ ନ ଥିଲା । ପୁଣି ଦ୍ରୌପଦୀଙ୍କ ସ୍ୱୟମ୍ବର ସଭାରେ ପୁରୀର ରାଜା ଉପସ୍ଥିତ ଥିଲେ ବୋଲି ନ ଲେଖି ଯାଜପୁରର ରାଜାଙ୍କ କଥା ଲେଖିଥିବାରୁ ଜଣାଯାଏ, ଯାଜପୁର ପ୍ରାଚ଼ୀନ ଓଡ଼ିଶାର ରାଜଧାନୀ ଥିଲା । ପ୍ରାଚ଼ୀନ କାଳରେ ଓଡ଼ିଶାରେ କି ପ୍ରକାରର ଜରୀବ ପ୍ରଣାଳୀ ପ୍ରଚ଼ଳିତ ଥିଲା, ତାହା ମଧ୍ୟ ମହାଭାରତରେ ବର୍ଣ୍ଣିତ ।"

ଶାରଳା ଦାସଙ୍କ ସମ୍ପର୍କରେ ପଣ୍ଡିତ ମିଶ୍ର ଉଚ୍ଚକୋଟୀର ମତାମତ ଦେଇ ତାଙ୍କୁ ଜଣେ ଜାତୀୟ ସାହିତ୍ୟ ସ୍ରଷ୍ଟାର ସମ୍ମାନ ପ୍ରଦାନ କରିଛନ୍ତି । ଆଲୋଚ଼ନା ମାଧ୍ୟମରେ ସେ ଲେଖିଛନ୍ତି – "ଶାରଳା ଦାସଙ୍କ ମହାଭାରତ ପଢ଼ିଲେ ମନେହୁଏ ଯେ କବି ଜଣେ ବହୁଦର୍ଶୀ ଥିଲେ । ତାହାଙ୍କ ରଚ଼ନାରେ ଜ୍ୟୋତିଷ ଶାସ୍ତ୍ରର ଏତେ ବିବରଣ ଅଛି ଯେ, ତାହା ପଢ଼ିବା ନିମନ୍ତେ ପାଠକମାନେ ଧୈର୍ଯ୍ୟ ସମ୍ଭାଳିପାରନ୍ତି ନାହିଁ । ଆହୁରି ମଧ୍ୟ ତହିଁରେ ଓଡ଼ିଶାର ସମସ୍ତ ତୀର୍ଥମାନଙ୍କ ଉତ୍ପତ୍ତିର ବିବରଣ ଓ ମାହାତ୍ମ୍ୟ

Digitized by PPRACHIN, SOA

ବର୍ଣ୍ଣିତ । ଏହାଛଡ଼ା ଓଡ଼ିଶାରେ ଯେଉଁ ସବୁ କିମ୍ବଦନ୍ତୀ ପ୍ରଚ଼ଳିତ ଥିଲା, ସେଗୁଡ଼ିକୁ ସନ୍ନିବେଶ କରିବାପାଇଁ ଶାରଳା ଦାସ ତିଳେମାତ୍ର କୁଣ୍ଠିତ ହୋଇ ନାହାନ୍ତି । ବୃଷଭ ସ୍ନାନ କରିସାରି ବୈତରଣୀ କୂଳରେ ସାହାଡ଼ାପତ୍ର ପାଇଥିବାରୁ କିପରି ଅମୃତ ଭୋଜନ ପାଇଥିଲା, ସେ ବିବରଣ ଆଦି ପର୍ବରେ ସନ୍ନିବେଶିତ । 'ଝିମାଣି ଖେଳରୁ ମହାଭାରତ ଜାତ' – ଏହି କଥା ଓଡ଼ିଶାରେ ପ୍ରଚ଼ଳିତ ଥିବାରୁ କୁରୁ ପାଣ୍ଡବଙ୍କୁ ଝିମାଣିଖେଳ (ଆଧୁନିକ ଡୁ ଡୁ) ଖେଳାଇ ପରସ୍ପର ବୈର ଭାବର କାରଣ ନିର୍ଦ୍ଦେଶ କରିଅଛନ୍ତି । ପୁଣି ଓଡ଼ିଶାର ଲୋକେ କଥାରେ କଥାରେ ଯେଉଁ ତୁଳାମୁହାଁ କାଙ୍କ ଓ ତୁଳସୀ ବଣ ବାଘର ଦୃଷ୍ଟାନ୍ତ ଦିଅନ୍ତି, ସେମାନଙ୍କ ବିବରଣ ମଧ୍ୟ କବି ବିରାଟ ପର୍ବରେ ସନ୍ନିବେଶ କରିଅଛନ୍ତି । ଏହି ସବୁ ଆଲୋଚ଼ନା କଲେ ଜଣାଯାଏ ଯେ, କବି ଜାତୀୟ ଭାବରେ ଅନୁପ୍ରାଣିତ ହୋଇ ଜାତୀୟ ସାହିତ୍ୟ ସୃଷ୍ଟି କରିବାପାଇଁ ଚ଼େଷ୍ଟା କରିଥିଲେ ।" ପଣ୍ଡିତ ମିଶ୍ରଙ୍କର ଏହି ଉପସ୍ଥାପନା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପାରିଛି । ମହାଭାରତ ବ୍ୟତୀତ ସେ ଶାରଳାଙ୍କ ବିଲଙ୍କା ରାମାୟଣ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚ଼ନା କରିଛନ୍ତି ଏବଂ ଏହା ତାଙ୍କର ମୌଳିକ କଳ୍ପନାରୁ ପ୍ରସୂତ ବୋଲି ମତାମତ ପ୍ରଦାନ କରିଛନ୍ତି । ସେ ଲେଖିଛନ୍ତି – "ବିଲଙ୍କା ରାମାୟଣ ପଢ଼ି ଆଉ ଗୋଟିଏ କଥା ମନରେ ପଡ଼େ । ନାରୀ ଜାତିର ଗୌରବ ପ୍ରକଟ କରିବା ବିଲଙ୍କା ରାମାୟଣର ଉଦ୍ଦେଶ୍ୟ । ସେ କାଳରେ ଓଡ଼ିଶାରେ ପ୍ରଚ଼ଳିତ ତନ୍ତ୍ର ପୂଜାର ପ୍ରଭାବ ଯୋଗୁଁ ବୋଧହୁଏ ଶାରଳା ଦାସଙ୍କ ମନରେ ନାରୀ ଜାତିର ଗୌରବ ସମ୍ବନ୍ଧରେ ଧାରଣା ଜନ୍ମିଥିଲା ।" କିନ୍ତୁ ଶାରଳା ଦାସଙ୍କ ଅନ୍ୟ ଏକ କୃତି 'ଚ଼ଣ୍ଡୀପୁରାଣ' ସମ୍ପର୍କରେ ସେ ନୀରବ । ଏହାପରେ ସେ କବି ବଳଭଦ୍ର ଭଞ୍ଜ ଓ ନୀଳାମ୍ବର ଦାସଙ୍କ ସମ୍ପର୍କରେ କିଞ୍ଚିତ୍ ଆଲୋଚନା କରିଛନ୍ତି । ଚ଼ତୁର୍ଥ ସୋପାନରେ ବୈଷ୍ଣବଧର୍ମର କଥା ସମ୍ପର୍କରେ ଆଲୋଚ଼ନା ରହିଛି । ବୈଷ୍ଣବଧର୍ମ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଯେତେ ପ୍ରାଚ଼ୀନ ଓଡ଼ିଆ ସାହିତ୍ୟ ଅଦ୍ୟାବଧି ଆବିଷ୍କୃତ ହୋଇଅଛି, ସେଗୁଡ଼ିକ ସବୁ ବୈଷ୍ଣବଧର୍ମରେ ଜଡ଼ିତ । ଏଣୁ ବୈଷ୍ଣବ ଧର୍ମ ସମ୍ବନ୍ଧରେ ସାଧାରଣ ଜ୍ଞାନ ଲାଭ ନ କଲେ ଉକ୍ତ ଧର୍ମ ସମ୍ବଳିତ ଓଡ଼ିଆ ସାହିତ୍ୟର ମର୍ମ ଗ୍ରହଣ କରିବା ଅସମ୍ଭବ ।"

ବୈଷ୍ଣବଧର୍ମ ଏକ ପ୍ରାଚ଼ୀନ ଧର୍ମ । କେହି କେହି ବିଚାର କରନ୍ତି ଯେ ଚ଼ୈତନ୍ୟ ବୈଷ୍ଣବ ଧର୍ମର ପ୍ରବର୍ତ୍ତକ । କିନ୍ତୁ ବାସ୍ତବିକ୍ ତାହା ନୁହେଁ । ଚ଼ୈତନ୍ୟଙ୍କ ପୂର୍ବରୁ ବୈଷ୍ଣବ ମାନଙ୍କର ମୂଳଗ୍ରନ୍ଥ ଭାଗବତ ରଚ଼ିତ ହୋଇଥିଲା । ପୁନଶ୍ଚ ଚ଼ୈତନ୍ୟଙ୍କ ପୂର୍ବରୁ ଜୟଦେବ ଗୀତଗୋବିନ୍ଦ ରଚ଼ନା କରିଥିଲେ । ତେବେ ଏହା ସତ୍ୟଯେ ଚ଼ୈତନ୍ୟ ବୈଷ୍ଣବଧର୍ମର ଏକ ପ୍ରକାର ନୂତନ ତତ୍ତ୍ୱ ପ୍ରଚାର କରିଥିଲେ ।

Digitized by PPRACHIN, SOA

ଦୀନକୃଷ୍ଣ ଦାସଙ୍କ ନାମରତ୍ନ ଗୀତାର ତୃତୀୟ ଭାଗରେ ବୈଷ୍ଣବମାନେ ଚାରି ପ୍ରକାରର ବୋଲି ଉଲ୍ଲେଖ ରହିଛି । ତୁଳସୀ ଦାସ ଓ ମୁରଲୀ ଦାସ ପ୍ରଭୃତି ଏକ ଶ୍ରେଣୀର ଶାଳଗ୍ରାମ ପୂଜକ ବୈଷ୍ଣବ । ସେହି ପରି ଚୈତନ୍ୟ, ଗଦାଧର, ଶ୍ରୀନିବାସ ଓ ଗୋପାଳ ଆଚାର୍ଯ୍ୟ ପ୍ରଭୃତି ଶ୍ରୀ ସମ୍ପ୍ରଦାୟଙ୍କ ଶ୍ରେଣୀ ଭୁକ୍ତ । ଶ୍ୟାମାନନ୍ଦ, ବିଷ୍ଣୁସ୍ୱାମୀ, ଆଚାରୀ ପଦ୍ମନାଭ ଓ ଯଶୋବନ୍ତ ପ୍ରଭୃତି ଶ୍ୟାମାନନ୍ଦ ପନ୍ଥୀ ନାମରେ ଅଭିହିତ ଏବଂ ଏମାନଙ୍କ ମଧ୍ୟରେ ବ୍ରାହ୍ମଣ-ଭକ୍ତି ପ୍ରଚଳିତ । ଚତୁର୍ଥ ଶ୍ରେଣୀ ବୈଷ୍ଣବ ସମ୍ପ୍ରଦାୟଟି ହେଉଛି ଜୟଦେବ, ଗୋରଖନାଥ ପ୍ରଭୃତି ଗୌତମ ପଣ୍ଡିତଙ୍କ ଶ୍ରେଣୀଭୁକ୍ତ ।

ଏହାପରେ ପଣ୍ଡିତ ମିଶ୍ର ସହଜିଆ ବୈଷ୍ଣବଧର୍ମ ସମ୍ପର୍କରେ ଆଲୋଚନା କରିଛନ୍ତି । ସହଜିଆ ଧର୍ମ ବୈଷ୍ଣବଧର୍ମର ଏକ ଶ୍ରେଣୀ । ଏହି ଶ୍ରେଣୀର ବୈଷ୍ଣବମାନେ ବିଶ୍ୱାସ କରନ୍ତି ଯେ ସହଜ ପଥରେ ମୁକ୍ତି ଲାଭ କରିହେବ । ସହଜିଆମାନେ ରାଧାକୃଷ୍ଣଙ୍କର ମୂର୍ତ୍ତିପୂଜା ସ୍ୱୀକାର କରନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି ଯେ ମନୁଷ୍ୟ ଶରୀର ଭିତରେ ରାଧାକୃଷ୍ଣ ବିରାଜମାନ । ଦ୍ୱାରକା ଦାସ 'ପ୍ରେମ ରସ ଚନ୍ଦ୍ରିକାରେ' ଜୀବାତ୍ମାଙ୍କୁ ରାଧାରୂପେ, ପରମାତ୍ମାଙ୍କୁ କୃଷ୍ଣ ରୂପେ, ଶରୀରକୁ କଦମ୍ବ ଗଛ ରୂପେ ଏବଂ ପିଙ୍ଗଳା ନାଡ଼ିକୁ ଯମୁନା ନଦୀ ରୂପରେ ବର୍ଣ୍ଣନା କରିଛନ୍ତି । ଏଣୁ ଶରୀର ଭିତରେ ରାଧା କୃଷ୍ଣଙ୍କର ଲୀଳାକୁ ଅନୁଭବ କରିପାରିଲେ ଜୀବ ମୁକ୍ତି ପାଇପାରିବ – ଏହାହିଁ ସହଜିଆ ବୈଷ୍ଣବମତ ।

ଏହାପରେ ବିନାୟକ ମିଶ୍ର ଚୈତନ୍ୟଙ୍କ ପ୍ରବର୍ତ୍ତିତ ବୈଷ୍ଣବଧର୍ମ, ଭଗବାନ-ଙ୍କର ପ୍ରକାଶ ଓ ବିଳାସ, ଅଂଶାବତାର, ଗୁଣାବତାର ଓ ଶକ୍ତ୍ୟାବେଶାବତାର, ଚାରି ପ୍ରକାରର ମୁକ୍ତି, ପାଞ୍ଚ ପ୍ରକାରର ରସ, ଶୁଦ୍ଧରାଗ ମାର୍ଗ ସମ୍ପର୍କରେ ଆଲୋଚନା କରିଛନ୍ତି । ପଞ୍ଚମ ସୋପାନରେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ପଦ୍ମନାଭ ଦେବ, ଦୀନକୃଷ୍ଣ ଦାସ, ରାମ ଦାସ, ବନମାଳୀ ଦାସ, ଦିବାକର ଦାସ, ଗୋବିନ୍ଦ ଭଞ୍ଜ – ଷୋଡ଼ଶ ଶତାବ୍ଦୀର ଏହି କବି ବୃନ୍ଦ ଓ ସେମାନଙ୍କର କୃତି ସମୂହ ସମ୍ପର୍କରେ ଆଲୋଚନା କରାଯାଇଛି । ଷଷ୍ଠ ସୋପାନରେ ବୃନ୍ଦାବତୀ ଦାସୀ, ଭୀମ ଦାସ, କୃପାସିନ୍ଧୁ ଦାସ, ରସାନନ୍ଦ, କୁଞ୍ଜ ବିହାରୀ, ପୁରୁଷୋତ୍ତମ ଦାସ, ଜୟ ସିଂହ, ଶିଖର ଦାସ, ମହାଦେବ ଦାସ, ନାଥୁଆ, ଶଙ୍କର ଦାସ, ଦ୍ୱାରକା ଦାସ, ହଳଧର ଦାସ, ଭୀମାଧୀବର, ନନ୍ଦ ଦାସ, ରତ୍ନାକର, ଗୋବିନ୍ଦ ଦାସ, ସାଲବେଗ, ଚନ୍ଦ୍ରମଣି ଦାସ, ଗୋପେନ୍ଦ୍ର କବି, ରାଜା ସାମନ୍ତ ସିଂହାର,

Digitized by PPRACHIN, SOA

ମଧୁସୂଦନ, ଧନଞ୍ଜୟ ଭଞ୍ଜ, ତ୍ରିବିକ୍ରମ ଭଞ୍ଜ, ଲୋକନାଥ ଦାସ, କୃଷ୍ଣ ଦାସ, ରସ ବିନୋଦର ରଚୟିତା ଦୀନକୃଷ୍ଣ ଦାସଙ୍କ ସମ୍ପର୍କରେ ଆଲୋଚନା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପଣ୍ଡିତ ମିଶ୍ର ଏହି ଗ୍ରନ୍ଥରେ କବି ଦେବଦୁର୍ଲ୍ଲଭ ଦାସଙ୍କୁ 'ରହସ୍ୟମଞ୍ଜରୀ କାବ୍ୟର ରଚୟିତା ବୋଲି ନିରୂପଣ କରିବାକୁ ଦ୍ୱିଧା ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି – 'ରହସ୍ୟମଞ୍ଜରୀ' କାବ୍ୟ ଖଣ୍ଡିକ ଆର୍ତ୍ତବାବୁଙ୍କ ଦ୍ୱାରା ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟର ଅଶେଷ କଲ୍ୟାଣ ସାଧିତ ହୋଇଅଛି । କିନ୍ତୁ ଏହି କାବ୍ୟର ରଚୟିତାଙ୍କ ନାମ ନିରୂପଣ କରିବା କଠିନ । ଏହି କାବ୍ୟର ଛାନ୍ଦମାନଙ୍କ ଶେଷରେ ଭଣିତି ନାହିଁ । କେବଳ ଦିଓଟି ଛାନ୍ଦଭିତରେ ନିମ୍ନୋଦ୍ଧୃତ ପଦମାନ ଦେଖାଯାଏ –

'ଶ୍ରୀରାଧା ପତି ଚରଣେ ନିରନ୍ତର ଆଶ
ଶରଣ ମାଗଇ ଦେବ ଦୁର୍ଲ୍ଲଭଯେ ଦାସ ।' (ଛାନ୍ଦ – ୧୧)
ସବୁ ଠାକୁରାଣୀଙ୍କର ସ୍ତବ ଯାହା
ଦେବ ଦୁର୍ଲ୍ଲଭ ଦାସ ପାଇଲୁ ତାହା ।' (ଛାନ୍ଦ – ୪)

ଏହି ଉଦ୍ଧୃତ ପଦ ଦିଓଟିରୁ ବୋଧହୁଏ ପ୍ରକାଶକ ରହସ୍ୟମଞ୍ଜରୀର ରଚୟିତାଙ୍କ ନାମ ଦେବଦୁର୍ଲ୍ଲଭ ଦାସ ବୋଲି ସ୍ଥିର କରିଅଛନ୍ତି ।' କିନ୍ତୁ ପଣ୍ଡିତ ମିଶ୍ରଙ୍କର ଏହି ମତାମତ ଯଥେଷ୍ଟ ନୁହେଁ । ବଡ଼ ଆନନ୍ଦର କଥା ଏହି ଯେ ପଣ୍ଡିତ ମିଶ୍ର ରହସ୍ୟ ମଞ୍ଜରୀ ବିଷୟରେ ଛଅ ପୃଷ୍ଠା ଆଲୋଚନା କରି ଏହି ଗ୍ରନ୍ଥ, ଗ୍ରନ୍ଥାକାର ଓ ପ୍ରକାଶକଙ୍କୁ ଗୌରବାନ୍ୱିତ କରଛନ୍ତି । ସପ୍ତମ ସୋପାନରେ ଅଷ୍ଟାଦଶ ଶତାବ୍ଦୀ ପ୍ରଥମ ଭାଗରେ ଆବିର୍ଭୂତ ହୋଇଥିବା କବି ଓ ସେମାନଙ୍କର କାବ୍ୟ ସମ୍ପର୍କରେ ଆଲୋଚନା ଗର୍ଭିତ । ଏହି ଅଧ୍ୟାୟରେ ଉପେନ୍ଦ୍ର ଭଞ୍ଜ, ଘନ ଭଞ୍ଜ, ପୁରୁଷୋତ୍ତମ ମାନଧାତା, ଭୂପତି ପଣ୍ଡିତ, ଗୋପାଳ, ରାମ ଦାସ, ନୀଳାମ୍ବର ଭଞ୍ଜ ଓ ପୀତାମ୍ବର ରାଜେନ୍ଦ୍ରଙ୍କ କାବ୍ୟ ସାହିତ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି । ପଣ୍ଡିତ ମିଶ୍ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ତେଇଶି ପୃଷ୍ଠା ବ୍ୟାପୀ ଆଲୋଚନା କରିଛନ୍ତି । କବି ଉପେନ୍ଦ୍ରଙ୍କ ବିଷୟରେ ପଣ୍ଡିତ ମିଶ୍ର ଲେଖିଛନ୍ତି – ଉତ୍କଳର ଏହି କବି ସମ୍ରାଟ ନିଜ ରଚିତ ରସପଞ୍ଚକରେ ଉଲ୍ଲେଖ କରିଅଛନ୍ତି ଯେ ତାହାଙ୍କ ପିତାଙ୍କ ନାମ ନୀଳକଣ୍ଠ ଓ ପିତାମହଙ୍କ ନାମ ଧନଞ୍ଜୟ । ଧନଞ୍ଜୟ ଭଞ୍ଜ ବଡ଼ ବିଳାସୀ ଥିଲେ ଓ ସପ୍ତଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଧନଞ୍ଜୟ ଭଞ୍ଜଙ୍କର ଅନେକ

Digitized by PPRACHIN, SOA

ଗୁଡ଼ିଏ ରାଣୀ ଥଲେ ଓ ପୁତ୍ର ଥିଲେ । ଏ ବଡ଼ରାଣୀ ହାଡୁଦେଇଙ୍କୁ ଅତିଶୟ ସ୍ନେହ କରୁଥିଲେ । ଧନଞ୍ଜୟଙ୍କ ଉତ୍ତାରୁ ବଡ଼ରାଣୀ ହାଡୁଦେଇଙ୍କ ପୁତ୍ର ନୀଳକଣ୍ଠ ରାଜା ପାଇବାର କଥା । କିନ୍ତୁ ଧନଞ୍ଜୟ ସୁଦୀର୍ଘ କାଳ ରାଜତ୍ୱ କଲାରୁ ନୀଳକଣ୍ଠ ଭଞ୍ଜଙ୍କ ରାଜ୍ୟଭୋଗର ଆଶା କ୍ଷୀଣ ହୋଇ ଆସିଲା । ଏଣୁ ୧୭୦୧ ଖ୍ରୀଷ୍ଟାବ୍ଦରେ ନୀଳକଣ୍ଠ ଭଞ୍ଜ କୌଶଳକ୍ରମେ ପିତାଙ୍କର ମୃତ୍ୟୁ ଘଟାଇ ଘୁମୁସର ସିଂହାସନ ଆରୋହଣ କରିଥିଲେ । ଏଥିରୁ ଜଣାଯାଏ, ସେତେବେଳକୁ ନୀଳକଣ୍ଠ ଭଞ୍ଜଙ୍କ ବୟସ ତିରିଶ ବର୍ଷରୁ ଊଣା ହୋଇ ନ ଥିବ । ତାହାହେଲେ, ଉପେନ୍ଦ୍ର ଭଞ୍ଜ ୧୬୯୫ ଖ୍ରୀଷ୍ଟାବ୍ଦର ପୂର୍ବରୁ ଅବଶ୍ୟ ଜନ୍ମଗ୍ରହଣ କରିଥିବେ । ଉପେନ୍ଦ୍ର ଭଞ୍ଜ ନିଜ ରଚିତ ରସଲେଖାରେ ମଧ୍ୟ ଲେଖିଅଛନ୍ତି –

“ ଦିବ୍ୟ ସିଂହ ଗଜପତି   ଅଙ୍କ ସପତବିଂଶତି
ଶେଷ ଦିନେ ଶେଷ ଏହୁ ଗୀତ ।”

ଏଥିରୁ ଜଣାଯାଏ ୧୭୧୧ ଖ୍ରୀଷ୍ଟାବ୍ଦରେ ରସଲେଖାର ରଚନା ସମ୍ପୂର୍ଣ୍ଣ ହୋଇଥିଲା । ରସଲେଖାର ରଚନା ପ୍ରଣାଳୀରୁ ଜଣାଯାଏ, ଏହା ତାଙ୍କ ଜୀବନର ପ୍ରାରମ୍ଭିକ ରଚନା । ସୁତରାଂ ଉପେନ୍ଦ୍ର ଭଞ୍ଜ ପୂର୍ବୋକ୍ତ କବି ଲୋକନାଥ ଦାସଙ୍କ ପରବର୍ତ୍ତୀ ବୋଲି ଅନୁମାନ କରିବା ଉଚିତ ।

ନୀଳକଣ୍ଠ ଭଞ୍ଜ ଧନଞ୍ଜୟଙ୍କ ଉତ୍ତାରୁ ରାଜା ହେଲେ । କିନ୍ତୁ ନୀଳକଣ୍ଠ ଭଞ୍ଜଙ୍କ ମାତାଙ୍କ ବିଷ ପ୍ରୟୋଗରେ ଧନଞ୍ଜୟଙ୍କ ମୃତ୍ୟୁ ଘଟିଥିବାରୁ ରାଜ୍ୟରେ ବିଦ୍ରୋହ ଉପସ୍ଥିତ ହେଲା । ଏଣୁ ନୀଳକଣ୍ଠ ଭଞ୍ଜ ୧୭୦୪ ଖ୍ରୀଷ୍ଟାବ୍ଦରେ ରାଜ୍ୟରୁ ନିର୍ବାସିତ ହୋଇ ନୟାଗଡ଼ରେ ଆଶ୍ରୟ ନେଇଥିଲେ । ନୀଳକଣ୍ଠ ଭଞ୍ଜ ଓ ଉପେନ୍ଦ୍ର ଭଞ୍ଜ ଘୁମୁସରରୁ ନିର୍ବାସିତ ହୋଇ ନୟାଗଡର ମାଳୀସାହି ଗ୍ରାମରେ ବାସ କରିଥିବାର ଏବଂ ନୟାଗଡର ପ୍ରଧାନ ଠାକୁର ରଘୁନାଥଙ୍କୁ ଉପେନ୍ଦ୍ର ଭଞ୍ଜ ସେବା କରିଥିବାର ପ୍ରବାଦ ମଧ୍ୟ ନୟାଗଡ଼ରେ ଅଛି । ଆହୁରି ମଧ୍ୟ ଉପେନ୍ଦ୍ର ଭଞ୍ଜ ନିଜ ରଚନାରେ ସର୍ବତ୍ର ରଘୁନାଥଙ୍କୁ ସ୍ତୁତି କରିଥିବାରୁ ଓ ରାମତାରକ ମନ୍ତ୍ରବଳରୁ କବିତ୍ୱ ଲାଭ କରିଥିବାର ବର୍ଣ୍ଣନା କରିଥିବାରୁ ଉକ୍ତ ପ୍ରବାଦ ସତ୍ୟ ବୋଲି ପ୍ରମାଣିତ ହୁଏ ।” ଉପେନ୍ଦ୍ରଙ୍କ ସାହିତ୍ୟକୁ ସେ ଗୀତିକା, ପୌରାଣିକ କାବ୍ୟ, କାଳ୍ପନିକ କାବ୍ୟ, ଆଳଙ୍କାରିକ କାବ୍ୟ ଓ ବିବିଧ ରଚନା – ଏହିପରି ପାଞ୍ଚ ଶ୍ରେଣୀରେ ବିଭକ୍ତ କରିଛନ୍ତି ।

Digitized by PPRACHIN, SOA

୧. ଗୀତିକା– ଛପୋଇ/ଗାହା/ଦୋହା/ଚ଼ଉତିଶା/ଚ଼ଉପଦୀଭୂଷଣ/ଚ଼ଉପଦୀ ଚ଼ନ୍ଦ୍ର

୨. ପୌରାଣିକ କାବ୍ୟ– ସୁଭଦ୍ରା ପରିଣୟ/ଅବନା ରସତରଙ୍ଗ/ବ୍ରଜଲୀଳା/ ରାମଲୀଳାମୃତ / କୁଞ୍ଜବିହାର / ରାହାସଲୀଳା / କଳାକଉତୁକ / ବୈଦେହୀଶବିଳାସ

୩. କାଳ୍ପନିକ କାବ୍ୟ – ହେମମଞ୍ଜରୀ/ଚି଼ତ୍ରଲେଖା/ଲାବଣ୍ୟବତୀ/ରସଲେଖା/ ସୁବର୍ଣ୍ଣରେଖା / କାମକଳା / ମନୋରମା / ପ୍ରେମଲତା / ଭାବବତୀ / ମୁକ୍ତାବତୀ/ପ୍ରେମ ସୁଧାନିଧି/ରସିକ ହାରାବଳୀ/କୋଟିବ୍ରହ୍ମାଣ୍ଡ ସୁନ୍ଦରୀ/ ତ୍ରୈଲୋକ୍ୟମୋହିନୀ / ଚ଼ନ୍ଦ୍ରକଳା / ଚ଼ନ୍ଦ୍ରରେଖା / ଇଛାବତୀ /କଳାବତୀ/ ଶଶିରେଖା/ଶୋଭାବତୀ/ରସ ମଞ୍ଜରୀ

୪. ଆଳଙ୍କାରିକ କାବ୍ୟ – ଛାନ୍ଦଭୂଷଣ/ଚି଼ତ୍ରକାବ୍ୟ/ରସପଞ୍ଚକ

୫. ବିବିଧ ରଚ଼ନା – ଷଡ଼ରତୁ/ଗୀତାଭିଧାନ/ପୁରୁଷୋତ୍ତମ ମାହାତ୍ମ୍ୟ

ସେ ଉପେନ୍ଦ୍ର ସାହିତ୍ୟରେ ଅକ୍ଷର ନିୟମ, ଅବନା, ବନ୍ଧ, ନିରୋଷ୍ଠ ଓ ସରୋଷ୍ଠକ, ଅନୁପ୍ରାସ, ଯମକ, ଶୃଙ୍ଖଳା, ଗୋମୂତ୍ର, ଅନ୍ତର୍ଲିପି, ବିଭିନ୍ନ ଅର୍ଥ, ବିରୋଧାଭାଷ, କ୍ଲିଷ୍ଟତା ସମ୍ପର୍କରେ ଆଲୋକପାତ କରିଛନ୍ତି । ଭଞ୍ଜ ସାହିତ୍ୟର ଅନ୍ୟାନ୍ୟ ଦିଗ ଉପରେ ସେ ସଂକ୍ଷିପ୍ତ ଆଲୋଚ଼ନା କରିଛନ୍ତି । ଭଞ୍ଜଙ୍କ 'ରସପଞ୍ଚକ' ଗ୍ରନ୍ଥ ଉପରେ ସେ ବେଶ୍ ଅନୁକୂଳ ମନ୍ତବ୍ୟ ବାଢ଼ିଛନ୍ତି । ତାଙ୍କ ଭାଷାରେ – 'ରସ ପଞ୍ଚକ ଖଣ୍ଡିକ ଉପେନ୍ଦ୍ର ଭଞ୍ଜଙ୍କର ଖଣ୍ଡିଏ ଅଳଙ୍କାର ଶାସ୍ତ୍ର । ସେ କାଳରେ ଭାରତର ଅନ୍ୟକୌଣସି ପ୍ରାଦେଶିକ ଭାଷାରେ ଅଳଙ୍କାର ଶାସ୍ତ୍ର ରଚି଼ତ ହୋଇଥିବାର ପ୍ରମାଣ ମିଳେ ନାହିଁ । ସୁତରାଂ ଉପେନ୍ଦ୍ର ଭଞ୍ଜ ପ୍ରାଚ଼ୀନ କାଳରେ ରସପଞ୍ଚକ ରଚ଼ନା କରି ଓଡ଼ିଆ ସାହିତ୍ୟକୁ ଯେ ଗୌରବାନ୍ୱିତ କରିଛନ୍ତି, ତାହା କେହି ଅସ୍ୱୀକାର କରିବେ ନାହିଁ ।'

ଅଷ୍ଟମ ସୋପାନରେ ଅଷ୍ଟାଦଶ ଶତାବ୍ଦୀ ଦ୍ୱିତୀୟାର୍ଦ୍ଧର କବି ରଘୁନାଥ ଭଞ୍ଜ, ଭୂପତି ଭଞ୍ଜ, ପୀତାମ୍ବର ଦେବ, ସଦାନନ୍ଦ କବି ସୂର୍ଯ୍ୟ ବ୍ରହ୍ମା, ଅଭିମନ୍ୟୁ ସାମନ୍ତ ସିଂହାର, ପୀତାମ୍ବର ଦାସ, ଭକ୍ତ ଚ଼ରଣ ଦାସ, ବିଶ୍ୱନାଥ ଖୁଣ୍ଟିଆ, କୃଷ୍ଣସିଂହ, ନିଃସଙ୍କ ରାୟ ରାଣୀ, ବ୍ରଜନାଥ ବଡ଼ଜେନାଙ୍କର ସାହିତ୍ୟକୃତି ସମ୍ପର୍କରେ ପଣ୍ଡିତ ମିଶ୍ର

Digitized by PPRACHIN, SOA

ଆଲୋଚନା କରିଛନ୍ତି । ବ୍ରଜନାଥ ବଡ଼ଜେନାଙ୍କ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – 'ଓଡ଼ିଆ ସାହିତ୍ୟକ୍ଷେତ୍ରରେ ଏହାଙ୍କର ଆସନ ଗୌରବମଣ୍ଡିତ । ଦେଶର କୌଣସି ବିଶିଷ୍ଟ ଘଟନାର ଅବଲମ୍ବନରେ କବିତା ଲେଖିବାର ପ୍ରଥା ପ୍ରାଚ଼ୀନ କାଳରେ ପ୍ରଚ଼ଳିତ ନ ଥିଲା । ସେତେବେଳେ ସାହିତ୍ୟ କେବଳ ଧର୍ମ ବିଷୟକ ଓ କାଳ୍ପନିକ କାବ୍ୟ ଭିତରେ ସୀମାବଦ୍ଧ ଥିଲା । କିନ୍ତୁ ବ୍ରଜନାଥ ବଡ଼ଜେନା ସମରତରଙ୍ଗ ରଚ଼ନା କରି ସାହିତ୍ୟର ସଂକୀର୍ଣ୍ଣତା ଭାଙ୍ଗିବାରେ ପ୍ରୟାସୀ ହୋଇଥିଲେ ।'

ଏହି ଗ୍ରନ୍ଥଟିର ଶେଷ ଅଧ୍ୟାୟ ନବମ ସୋପାନରେ କବି କୃଷ୍ଣଚ଼ରଣ ପଟ୍ଟନାୟକ, ସୂର୍ଯ୍ୟମଣି ଚ଼୍ୟାଉ ପଟ୍ଟନାୟକ, ଯଦୁମଣି, କବିସୂର୍ଯ୍ୟ ବଳଦେବ ରଥ ଓ ଭୀମଭୋଇଙ୍କର ରଚ଼ନା ଉପରେ ପଣ୍ଡିତ ମିଶ୍ର ଆଲୋଚ଼ନା କରିଛନ୍ତି । ପଣ୍ଡିତ ମିଶ୍ରଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକଟି ଓଡ଼ିଆ ସାହିତ୍ୟର ବିକାଶଧାରା ଉପରେ ପ୍ରଥମ ଗ୍ରନ୍ଥ । ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣୟନ ପାଇଁ ପଣ୍ଡିତ ମିଶ୍ର ଏ କ୍ଷେତ୍ରରେ ପ୍ରଥମ ମାର୍ଗ ଦର୍ଶକ । ଏହି ପୁସ୍ତକଟିର ପ୍ରକାଶ ପରେ ୧୯୨୯ ମସିହାରେ କରୁଣାକର କର 'ଶ୍ରୀ ବିନାୟକ ମିଶ୍ରଙ୍କ ଓଡ଼ିଆ ସାହିତ୍ୟ ଇତିହାସର ସମାଲୋଚନା' ଶୀର୍ଷକ ୫୬ ପୃଷ୍ଠା ବ୍ୟାପୀ ଏକ ଗ୍ରନ୍ଥ ପ୍ରକାଶ କଲେ । ଏହି ପୁସ୍ତକଟି କଟକ ପ୍ରାଚ଼ୀ ସମିତି ଦ୍ୱାରା ପ୍ରକାଶିତ ହୋଇଛି । ଯେଉଁ ବିଶେଷ ପରିସ୍ଥିତିର ଆହ୍ୱାନକ୍ରମେ କରୁଣାକର କର ବିନାୟକ ମିଶ୍ରଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'ର ସମାଲୋଚ଼ନା ଟିଏ ଲେଖିଲେ, ସେ ସମ୍ପର୍କରେ ସେ ଲେଖିଛନ୍ତି – "ବିଜୟ ମଜୁମ୍‌ଦାର ମହାଶୟ ଅନେକ ରୂପରେ ଅନେକ ସ୍ଥାନରେ ଓଡ଼ିଆ ସାହିତ୍ୟ ଓ ଭାଷାର ଇତିହାସ ଲେଖିଯାଇଛନ୍ତି । ତହିଁର ସ୍ଥାନ ବିଶେଷର ସାମୟିକ ସମାଲୋଚ଼ନା ମଧ୍ୟ ଉତ୍କଳ ସାହିତ୍ୟ ପ୍ରଭୃତି ମାସିକ ପତ୍ରରେ କେହି କେହି ପ୍ରକାଶ କରିଅଛନ୍ତି । କିନ୍ତୁ ଓଡ଼ିଆ ପ୍ରାଚ଼ୀନ ସାହିତ୍ୟ ଅତି ବୃହତ୍ । ତହିଁର ଚ଼ତୁର୍ଥାଂଶ ମଧ୍ୟ ଆଜିଯାଏ ପ୍ରକାଶ ପାଇନାହିଁ । ସେଥିପାଇଁ ବିଜୟ ବାବୁଙ୍କର ଉକ୍ତ ଇତିହାସ ଲେଖା ଧାରାବାହିକ ଭାବରେ ହୋଇପାରିନାହିଁ । ବର୍ତ୍ତମାନ ଆମ୍ଭମାନଙ୍କର ବିନାୟକ ମିଶ୍ରେ ବିଜୟ ବାବୁଙ୍କ ମତକୁ ଟିକିଏ ରୂପାନ୍ତର କରି ଓଡ଼ିଆରେ ତାହା ପ୍ରକାଶ କରିଅଛନ୍ତି । ବିଜୟ ବାବୁଙ୍କର ବହି ସହିତ ଅତି ଅଳ୍ପ ଓଡ଼ିଶା ଲୋକଙ୍କର ସମ୍ପର୍କ ଅଛି, କିନ୍ତୁ ବିନାୟକ ମିଶ୍ରଙ୍କର ବହିକୁ ଓଡ଼ିଶାର ଅଧିକାଂଶ ଲୋକେ ପଢ଼ିବେ । ଗୋଟିଏ ଭ୍ରାନ୍ତ ଧାରଣା ବଦ୍ଧମୂଳ ହୋଇଗଲେ – ତହିଁର ସଂସ୍କାର କରିବା ବଡ଼ କଠିନ ହୋଇପଡ଼ିବ ।

Digitized by PPRACHIN, SOA

ସେଥିପାଇଁ ମୁଁ ପଣ୍ଡିତ ଶ୍ରୀ ବିନାୟକ ମିଶ୍ରଙ୍କର ବହି ଖଣ୍ଡିକର ସମାଲୋଚନା କରିବାକୁ ଯାଉଅଛି ।”

କରୁଣାକର କର ଦର୍ଶାଇଛନ୍ତି ଯେ ପଣ୍ଡିତ ବିନାୟକ ମିଶ୍ର ତାଙ୍କ ‘ଓଡ଼ିଆ ସାହିତ୍ୟ ଇତିହାସ’ରେ କେତେକ ପ୍ରାଚୀନ ଗ୍ରନ୍ଥ ଓ କବିମାନଙ୍କୁ ଉଲ୍ଲେଖ କରି ନାହାନ୍ତି । ଅଧ୍ୟାପକ କର ତାହାର ଗୋଟିଏ ତାଲିକା ପ୍ରସ୍ତୁତ କରିଛନ୍ତି –

୧. ଚଣ୍ଡିପୁରାଣ – ସାରଳା ଦାସ
୨. ଚଣ୍ଡୀଛାନ୍ଦ ବା ମାଳଶ୍ରୀ – ସୋମନାଥ ନୃପ (ଅନୁଗୁଳର ରାଜା)
୩. ସୋମନାଥ ନୃପଙ୍କର ଚଉପଦୀ
୪. ବୃନ୍ଦାବନ ବିନୋଦ – କୁଞ୍ଜବିହାରୀ ପଟ୍ଟନାୟକ
୫. ବ୍ରଜବିହାର – ଦାଶରଥି ଦାସ
୬. ରାମକୃଷ୍ଣକେଳିକଲ୍ଲୋଳ – ତ୍ରିପୁରାରି ଦାସ
୭. ଅନନ୍ତ ଦାସଙ୍କ ଭଜନ
୮. ମହୀମଣ୍ଡଳ ଗୀତା – ଅରକ୍ଷିତ ଦାସ
୯. ବିଚିତ୍ର ଭାରତ – ବିଶ୍ୱମ୍ଭର ଦାସ ବା ପଟ୍ଟନାୟକ
୧୦. ବସନ୍ତ ରାସ – ପିଣ୍ଡିକ ଶ୍ରୀଚନ୍ଦନ
୧୧. ପଚିଶପୋଇ – ଗୋବର୍ଦ୍ଧନ
୧୨. ଟୀକାଭାରତ – ଗୋପୀନାଥ
୧୩. ଟୀକା ହରିବଂଶ – ବିପ୍ର ନାରାୟଣ ଦାସ
୧୪. ଗୀତଗୋବିନ୍ଦର ଅନୁବାଦ – ଧରଣୀଧର ମିଶ୍ର
୧୫. ଶକୁନ୍ତଳା – ଅନନ୍ତ ରଥ
୧୬. ଲୀଳାବତୀ – ଲୋକନାଥ ନାୟକ
୧୭. ନିର୍ଗୁଣ ମାହାତ୍ମ୍ୟ } ଚୈତନ୍ୟ ଦାସ
୧୮. ବିଷ୍ଣୁଗର୍ଭ ପୁରାଣ }

ଇତ୍ୟାଦି ।

ଅଧ୍ୟାପକ ଶ୍ରୀଯୁକ୍ତ କର ଦର୍ଶାଇଛନ୍ତି ଯେ ତାରିଣୀ ଚରଣ ରଥଙ୍କ ଇତିହାସରେ ଏହା ମଧ୍ୟରୁ ଅନେକ ଗ୍ରନ୍ଥର ନାମ ଓ ଗ୍ରନ୍ଥକାରଙ୍କ ସମୟ ଉଲ୍ଲେଖ ରହିଛି । କେତେକ ଗ୍ରନ୍ଥ

Digitized by PPRACHIN, SOA

ବିଶେଷ ଭାବରେ ଓଡ଼ିଶାରେ ପରିଚିତ । ମୃତ୍ୟୁଞ୍ଜୟ ରଥ ଏବଂ ନଗେନ୍ଦ୍ର ନାଥ ବସୁ କେତେକ ଗ୍ରନ୍ଥ ସମ୍ପର୍କରେ ଆଲୋଚନା କରିଛନ୍ତି । କିନ୍ତୁ କେଉଁଥି ପାଇଁ ପଣ୍ଡିତ ମହାଶୟଙ୍କ ନଜରକୁ ଏସବୁ ଆସିଲା ନାହିଁ, ବୁଝି ହେଉ ନାହିଁ ।

ଶାରଳା ଦାସଙ୍କ ଚଣ୍ଡୀ ପୁରାଣ ସମ୍ପର୍କରେ ଅଧ୍ୟାପକ କର ଲେଖିଛନ୍ତି – "ବିଶେଷତଃ ଶାରଳା ଦାସଙ୍କ ଚଣ୍ଡୀପୁରାଣକୁ ଓଡ଼ିଶାର ଅଧିକାଂଶ ଲୋକେ ଜାଣନ୍ତି । ମୃତ୍ୟୁଞ୍ଜୟ ରଥ ଏବଂ ତାରିଣୀ ଚରଣ ରଥ ମଧ୍ୟ ସେ ବିଷୟରେ ଲେଖିଛନ୍ତି – କିନ୍ତୁ ପଣ୍ଡିତ ମହାଶୟଙ୍କ ଗ୍ରନ୍ଥରେ ଚଣ୍ଡୀପୁରାଣର ଉଲ୍ଲେଖ ନାହିଁ । ଚଣ୍ଡୀପୁରାଣ ପଢ଼ି ନ ଥିବାରୁ ଶାରଳା ଦାସଙ୍କୁ ବିଚାର କଲାବେଳେ ପଣ୍ଡିତ ମହାଶୟଙ୍କର ଯେଉଁ ଭ୍ରମ ହୋଇଅଛି – ତାହା ପରେ କୁହାଯିବ ।"

ସେହିପରି ଶାରଳା ଦାଶଙ୍କ ବିଷୟ ଆଲୋଚନା କଲା ବେଳେ ପଣ୍ଡିତ ଶ୍ରୀ ମିଶ୍ର ଲେଖିଛନ୍ତି – "କିନ୍ତୁ ତାଙ୍କର ପ୍ରକୃତ ନାମ କ'ଣ ଥିଲା, ତାହା ଜାଣିବାର ଉପାୟ ନାହିଁ ।" ଏହି ବକ୍ତବ୍ୟର ଉତ୍ତର ଦେବାକୁ ଯାଇ କର ମହାଶୟ ଲେଖିଛନ୍ତି – "ଦୁଃଖର କଥା, ଲେଖକ ମହାଶୟ ଶାରଳା ଦାଶଙ୍କର ସମସ୍ତ ଗ୍ରନ୍ଥ ପଢ଼ି ନାହାନ୍ତି । ତାହା ହୋଇଥିଲେ ଚଣ୍ଡୀ ପୁରାଣର ନାମ ଉଲ୍ଲେଖ କରିଥାନ୍ତେ । ସେ ତ ଦୂରର କଥା – ମୃତ୍ୟୁଞ୍ଜୟ ରଥଙ୍କ ଶାରଳା ଚରିତକୁ ମଧ୍ୟ ହେୟ କୋଟିରେ ପାଠ୍ୟ ବୋଲି ବିବେଚନା କରିନାହାନ୍ତି । ତାହା ନ ହୋଇଥିଲେ, ମୃତ୍ୟୁଞ୍ଜୟ ରଥ ଶାରଳା ଚରିତରେ "କିମ୍ବଦନ୍ତୀରୁ ଜଣାଯାଏ – ତାହାଙ୍କ ନାମ ସିଦ୍ଧେଶ୍ୱର ଥିଲା" – ଏକଥା ଲେଖକ ମହାଶୟ ଦେଖିବାକୁ ପାଇପାରିଥାନ୍ତେ ।"

ଏହି ପ୍ରସଙ୍ଗରେ ମଧ୍ୟ କରୁଣାକର କର ନିଛକ ସତ କଥାଟିଏ କହିଅଛନ୍ତି । ତାହା ହେଉଛି – "ଲେଖକ ମହାଶୟ କିମ୍ବା ମୃତ୍ୟୁଞ୍ଜୟ ରଥ ମଧ୍ୟ ଶାରଳାଦାସଙ୍କ ବିଲଙ୍କା ରାମାୟଣ ପଢ଼ି ନାହାନ୍ତି । ସେମାନେ ପଢ଼ିଥିଲେ ସେଥିରେ ଶାରଳା ଦାସଙ୍କର ସିଦ୍ଧେଶ୍ୱର ନାମ ପାଇପାରିଥାନ୍ତେ – ତଳେ ସେହି ସବୁ ଅଂଶ ଉଦ୍ଧାର କଲି :–

"ମୁହିଁ ସିଦ୍ଧେଶ୍ୱର ଦାସ ମୂର୍ଖ ଅପଣ୍ଡିତ
ଶ୍ରୀ ହିଙ୍ଗୁଳା ପରସନ୍ନେ କଲଇ ବ୍ୟକତ ।"
ପୁଣି – "ଶ୍ରୀ ହରି ଚରଣେ ଭଜେ ସିଦ୍ଧେଶ୍ୱର ଦାସ ।" ଇତ୍ୟାଦି ।

Digitized by PPRACHIN, SOA

ପୁନଶ୍ଚ କରୁଣାକର ଦର୍ଶାଇଛନ୍ତି ଯେ ପଣ୍ଡିତ ମହାଶୟ ପଞ୍ଚସଖାଙ୍କୁ ସହଜିୟା ବୈଷ୍ଣବ ବୋଲି ପ୍ରମାଣ କରିଗଲେ । ବାସ୍ତବିକ୍ ପଞ୍ଚସଖାମାନେ ସହଜିୟା ବୈଷ୍ଣବ ନଥିଲେ । ଏହି ଉକ୍ତିଟିରେ ସତ୍ୟତା ନଥିବାରୁ ଶ୍ରୀଯୁକ୍ତ କର ବିଭିନ୍ନ ଯୁକ୍ତି ଉପସ୍ଥାପନ କରି ଦୃଢ ମତ ଦେଇଛନ୍ତି – "ମୋଟ ଉପରେ କହିବାକୁ ଗଲେ ଓଡ଼ିଶାର ପଞ୍ଚସଖା ଯାକ ସହଜିୟା ବୈଷ୍ଣବ ନଥିଲେ ।"

କରୁଣାକର କର ମହାଶୟ ପଣ୍ଡିତ ମିଶ୍ରଙ୍କର ପୁସ୍ତକରେ ଥିବା ଆଉ ଗୋଟିଏ ତ୍ରୁଟିକୁ ସୁଧାରିବାପାଇଁ ଚେଷ୍ଟା କରିଛନ୍ତି । ତାହା ହେଉଛି ପଣ୍ଡିତ ମିଶ୍ର ଲେଖିଛନ୍ତି – "ଜଗନ୍ନାଥ ଦାସଙ୍କ ଶିଷ୍ୟ ଜଗନ୍ନାଥ ଚରିତାମୃତର ଲେଖକ ଦିବାକର ଦାସ ଯେ ଷୋଡ଼ଶ ଶତାବ୍ଦୀର କବି, ଏ ପ୍ରମାଣ କରିବା ନିମନ୍ତେ ବିଶେଷ କଥା ଉଲ୍ଲେଖ କରିବାର ନାହିଁ ।" ସେହିପରି ୪୭ ପୃଷ୍ଠାରେ ମଧ ଲେଖିଛନ୍ତି – "ଜଗନ୍ନାଥ ଦାସ :– ଏହାଙ୍କର ଶିଷ୍ୟ ଦିବାକର ଦାସ"। ଏହି ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ କର ମତପ୍ରଦାନ କରନ୍ତି ଯେ ଜଗନ୍ନାଥ ଚରିତାମୃତର ଦିବାକର ଦାସ ଜଗନ୍ନାଥ ଦାସଙ୍କର ଶିଷ୍ୟ–ପ୍ରଶିଷ୍ୟ କ୍ରମେ ଷଷ୍ଠ ପୁରୁଷ ବୋଲି କୁହାଯାଇଛି । ସେ ଦୃଷ୍ଟାନ୍ତ ଦେଇ କହିଛନ୍ତି ଯେ ଜଗନ୍ନାଥ ଦାସଙ୍କ ଶିଷ୍ୟ ବନମାଳୀ, ବନମାଳୀଙ୍କ ଶିଷ୍ୟ – କେଳିକୃଷ୍ଣ, କେଳିକୃଷ୍ଣଙ୍କ ଶିଷ୍ୟ – ଦୟାଳୁ, ତାଙ୍କ ଶିଷ୍ୟ ନବୀନ କିଶୋର, ନବୀନ କିଶୋରଙ୍କ ଶିଷ୍ୟ – ଦିବାକର ଦାସ । ଏହା ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତରେ ଉଲ୍ଲେଖ ଅଛି । ତେଣୁ କର ମହାଶୟ ପଣ୍ଡିତ ମିଶ୍ରଙ୍କର ଏହି ମତାମତକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।

ସେହିପରି ଶ୍ରୀ କର ମହୋଦୟ ଆଉ ଗୋଟିଏ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି । ତାହା ହେଉଛି ଯେ କାଞ୍ଚିକାବେରୀ ବିଷୟରେ ପଣ୍ଡିତ ମହାଶୟ ୭୩ ପୃଷ୍ଠାରେ ଲେଖଛନ୍ତି – "... ଏହି ଘଟଣାର ଅବଲମ୍ବନରେ କାଞ୍ଚିକାବେରୀ ନାମକ ଖଣ୍ଡିଏ କାବ୍ୟ ଥିବାର ମୁଁ ଶୁଣେ ।" ଏହି ବକ୍ତବ୍ୟ ଉପରେ ମତାମତ ଦେବାକୁ ଯାଇ କରୁଣାକର କର ଲେଖିଛନ୍ତି – "କିନ୍ତୁ ଗୋବିନ୍ଦ ରଥେ ଏହାକୁ ପ୍ରକାଶ କରିଅଛନ୍ତି । ପ୍ରକାଶିତ ପୁସ୍ତକମାନ ପଣ୍ଡିତ ମହାଶୟଙ୍କ ନଜରରେ ନ ପଡ଼ିବା ନିତାନ୍ତ କ୍ଷୋଭର ବିଷୟ ।"

୭୮ ପୃଷ୍ଠାରେ ପଣ୍ଡିତ ମହାଶୟ ଦୀନବନ୍ଧୁ ଦାସଙ୍କ ଉପରେ ଆଲୋଚନା ପ୍ରସଙ୍ଗରେ ଲେଖିଛନ୍ତି – "... ଏ ଶୃଙ୍ଗାର ରସ ଭକ୍ତ ଥିଲେ ।" ଏହି ବକ୍ତବ୍ୟ ଉପରେ

Digitized by PPRACHIN, SOA

ଶ୍ରୀଯୁକ୍ତ କର ଲେଖିଛନ୍ତି ଯେ ବୈଷ୍ଣବ କବିଙ୍କ ବିଷୟରେ ଆଲୋଚ଼ନା କରିବାକୁ ଯାଇ 'ଶୃଙ୍ଗାର ରସ' ଶବ୍ଦ ପ୍ରୟୋଗ କରିବା ଦ୍ୱାରା କବି ଓ ତାଙ୍କର ଧର୍ମକୁ ଅପମାନିତ କରିବାକୁ ହୁଏ । ସମାଲୋଚ଼କ ଯେଉଁ ଧର୍ମର ହୁଅନ୍ତୁ ପଛକେ, ସମାଲୋଚ଼ନାବେଳେ ନିଜକୁ କବିର ଧର୍ମରେ ପରିଚାଳିତ କରିବାକୁ ହୁଏ । ବୈଷ୍ଣବ ଧର୍ମରେ ରାଧାକୃଷ୍ଣଙ୍କ ଭାବକୁ ମଧୁର ରସ କହନ୍ତି, ଶୃଙ୍ଗାର ରସ କହନ୍ତି ନାହିଁ । ବିଶେଷତଃ "ଏ ଶୃଙ୍ଗାର ରସର ଭକ୍ତ ଥିଲେ" କହିଲେ ସାଧାରଣତଃ ଧର୍ମଭାବ ନ ବୁଝାଇ ଅଧର୍ମ ଭାବକୁ ବୁଝାଏ ।

ଏହି ପରି ଭାବରେ ଏଥିରେ ସେ ପଣ୍ଡିତ ମିଶ୍ରଙ୍କର କିଛି ଦୋଷତ୍ରୁଟି ଦର୍ଶାଇଛନ୍ତି । ତେବେ ଏହି ଉଭୟ ଗ୍ରନ୍ଥ ଅର୍ଥାତ୍ ପଣ୍ଡିତ ମିଶ୍ରଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ଓ କରୁଣାକର କରଙ୍କ ସମାଲୋଚ଼ନାଗ୍ରନ୍ଥକୁ ମିଶାଇ ଦେଲେ ଯାହା ହେବ, ତାହା ହେଉଛି ସ୍ଥୂଳତଃ ଓଡ଼ିଆ ସାହିତ୍ୟର ଇତିହାସ । ଏତିକି କୁହାଯାଇପାରେ ଯେ, ପଣ୍ଡିତ ମିଶ୍ରଙ୍କର ଗ୍ରନ୍ଥଟିର ପ୍ରାମାଣିକତା ସମ୍ପର୍କରେ ସମାଲୋଚ଼କମାନେ ଏକମତ । ଅଧ୍ୟାପକ ବୃନ୍ଦାବନ ଆଚାର୍ଯ୍ୟଙ୍କ ମତରେ – 'ଓଡ଼ିଆ ସାହିତ୍ୟର ଇତିହାସରେ ତାଙ୍କର ପାଣ୍ଡିତ୍ୟ ଓ ଗଭୀର ଅନୁଶୀଳନ ପ୍ରୀତିର ପରିଚୟ ପ୍ରତିଭାତ ।' ସେହିପରି ଡକ୍ଟର କୁଞ୍ଜବିହାରୀ ଦାସ ଲେଖିଛନ୍ତି – 'ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସ ସେ କାଳରେ ଜାତୀୟ ପୁସ୍ତକ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲା ।'

ପଣ୍ଡିତ ବିନାୟକ ମିଶ୍ର ଓଡ଼ିଆ ସାହିତ୍ୟର ଆଧୁନିକ ପର୍ବ ଉପରେ ଏକ ପ୍ରାମାଣିକ ପୁସ୍ତକ 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ' (୧୯୬୬) ରଚ଼ନା କରିଛନ୍ତି । ଏହି ଗ୍ରନ୍ଥଟି ତାଙ୍କର ଅନୁଜ ଡାକ୍ତର ଲୋକନାଥ ମିଶ୍ରଙ୍କ ଦ୍ୱାରା ୧୯୬୮ ମସିହାରେ ପ୍ରକାଶିତ । ଏହି ଗ୍ରନ୍ଥର ମୁଖବନ୍ଧରେ ପଣ୍ଡିତ ବିନାୟକ ମିଶ୍ର ଲେଖିଛନ୍ତି – 'ଆଧୁନିକ ଓଡ଼ିଆ ସାହିତ୍ୟ ଇଂରାଜୀ ସାହିତ୍ୟର ଆଦର୍ଶରେ ଗଢି ଉଠିଛି । ଏଣୁ ଇଂରେଜୀ ସାହିତ୍ୟିକମାନେ ସାହିତ୍ୟର କି କି ଲକ୍ଷଣ ନିର୍ଦ୍ଦେଶ କରିଛନ୍ତି, ତାହା ଜାଣିବା ଉଚ଼ିତ୍ । ହଡସନ (Hudson) ସାହିତ୍ୟ ପାଠ ପାଇଁ ଗୋଟିଏ ମୁଖବନ୍ଧ (An introduction to the study of Literature) ଲେଖି ଅଛନ୍ତି । ତାହାର ପ୍ରାରମ୍ଭରେ ସେ କହିଅଛନ୍ତି ଯେ ସମାଲୋଚ଼ନାର ଭାଷାରେ ଓ ସମାଜର ପ୍ରତିଦିନ ଚ଼ଳାଚ଼ଳ ହେବାର ଭାଷାରେ ସାହିତ୍ୟ–ଶବ୍ଦ ସୀମାରହିତ ହୋଇଥିବାର ସ୍ପଷ୍ଟ ସୂଚ଼ନା

Digitized by PPRACHIN, SOA

ପରିବହନ କରୁଅଛି (... the word literature carries with it alike in the language of criticism and in that of everyday intercourse, a clear suggestion of delimination) । ତଥାପି ସେ କେତୋଟି ଲକ୍ଷଣ ନିର୍ଦ୍ଦେଶ କରିଅଛନ୍ତି । ସେ କହନ୍ତି ମନୁଷ୍ୟମାନେ ଜୀବନରେ ଯାହା ଦେଖନ୍ତି ଓ ଏ ସମ୍ବନ୍ଧରେ ସେମାନଙ୍କର ଯେଉଁ ଅଭିଜ୍ଞତା ଜନ୍ମେ ଏବଂ ଏହାର ନାନା ଦିଗ ବିଷୟରେ ଯାହା ଅନୁଭବ ଓ ଚିନ୍ତା କରନ୍ତି – ଯେଉଁ ଯେଉଁ ଦିଗ ବିଷୟରେ ଆମ ସମସ୍ତଙ୍କର ସହସା ଚିରନ୍ତନ ମମତା ଜନ୍ମେ – ସେ ସମସ୍ତର ଜୈବୀଶକ୍ତି ସମ୍ପନ୍ନ ପାଞ୍ଜି ସାହିତ୍ୟର ରୂପ । ଏଣୁ ଚାରିଶ୍ରେଣୀର ପ୍ରେରଣାରୁ ସାହିତ୍ୟ ଜାତ ବୋଲି ସେ କହିଅଛନ୍ତି । ଯଥା: (୧) ଆତ୍ମ ଅଭିବ୍ୟକ୍ତି ପାଇଁ ଆମର ଇଚ୍ଛା (Our desire for self-expression) (୨) ଲୋକମାନଙ୍କ ପ୍ରତି ଓ ସେମାନଙ୍କ କାର୍ଯ୍ୟ ପ୍ରତି ଆମର ମମତା (Our interest in people and their doings) (୩) ଯେଉଁ ବାସ୍ତବ ଜଗତରେ ଆମେ ବାସ କରୁଅଛୁ, ତହିଁରେ ଆମର କଳ୍ପନା ଜଗତକୁ ସ୍ଥାନ ଦେବା ପାଇଁ ମୁଗ୍ଧକର କାର୍ଯ୍ୟ ପ୍ରତି ମମତା (Our interest in the world of reality in which we live and in the world of imagination which we conjure into existence) ଏବଂ (୪) ରୂପକୁ ରୂପ ପରି ଉପଭୋଗ କରିବାପାଇଁ ଆମର ଶ୍ରଦ୍ଧା (Our love of form as form)

ଏହିପରି ଏକ ତାତ୍ତ୍ୱିକ ମୁଖବନ୍ଧ ଉପସ୍ଥାପନ କରି ଅଧ୍ୟାପକ ମିଶ୍ର ଲେଖିଛନ୍ତି – 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ଲେଖିବାକୁ ହେଲେ ପାଶ୍ଚାତ୍ୟ ସାହିତ୍ୟର ତଥା ପ୍ରାଚୀନ ଓଡ଼ିଆ, ସଂସ୍କୃତ ଓ ପ୍ରତିବେଶୀ ସାହିତ୍ୟମାନଙ୍କର ପ୍ରଭାବ ତାହା ଉପରେ କିପରି ପଡ଼ିଅଛି, ତାହା ଆଲୋଚନା କରିବାକୁ ହେବ । ଏହା ବଡ଼ କଠିନ ବ୍ୟପାର । ବିଶାଳ ଆଧୁନିକ ସାହିତ୍ୟ ଏପରି ଆଶାନୁଯାୟୀ ଆଲୋଚିତ ହୋଇନାହିଁ; ଏଣୁ ଏ ଗ୍ରନ୍ଥରେ ତାହା ଆଲୋଚିତ ହୋଇପାରିବ ବୋଲି ପାଠକେ ଆଶା କରିପାରିବେ ନାହିଁ ।' ଏହାପରେ ବିନାୟକବାବୁ ଆଧୁନିକ ସାହିତ୍ୟ ସୃଜନର ସୂତ୍ରପାତ ଓ ଏହାର ପୃଷ୍ଠଭୂମି ଉପରେ ଆଲୋଚନା କରିଛନ୍ତି । ପର୍ତ୍ତୁଗୀଜ, ଓଲନ୍ଦାଜ, ଫରାସୀ ଓ ଇଂରେଜଜାତି ଓଡ଼ିଶାକୁ ଆସି ବାଣିଜ୍ୟ କରିବାଠାରୁ ୧୮୦୦ ଖ୍ରୀ. ରେ କଲିକତାରେ ଫୋର୍ଟ ଉଇଲିୟମ୍ କଲେଜ ପ୍ରତିଷ୍ଠା, ୧୮୨୨ ଜୁନ୍‌ଠାରୁ ୧୯୨୩ ଡ଼ିସେମ୍ବର ମଧ୍ୟରେ ୧୫ଟି ମାତୃଭାଷାର ବିଦ୍ୟାଳୟ ପ୍ରତିଷ୍ଠା, ୧୮୩୫ରେ

Digitized by PPRACHIN, SOA

ପୁରୀଠାରେ ଗୋଟିଏ ସ୍କୁଲ ସ୍ଥାପିତ ହେବା, ୧୮୩୬ରେ ଓଡ଼ିଆ ଅକ୍ଷର ପ୍ରସ୍ତୁତ କରାଇ ସେକାଳର ପାଦ୍ରୀମାନଙ୍କର ଛାପାଖାନା ପ୍ରତିଷ୍ଠା, ୧୮୬୮ରେ ରେଭେନ୍ସା କଲେଜ ପ୍ରତିଷ୍ଠା, ୧୮୬୯ରେ କଟକଠାରେ ଓଡ଼ିଆମାନଙ୍କ ଦ୍ୱାରା 'ଉତ୍କଳୋଲ୍ଲାସିନୀ' ସମାଜ ଗଠନ, ପୁଣି ୧୮୬୯ରେ 'କଟକ ସୋସାଇଟି' ଗଢାହୋଇ ଛାପା କାର୍ଯ୍ୟମାନ ପରିଚାଳନା କରିବାକୁ ମନସ୍ଥ, ୧୮୬୯ର ଭାଷା ବିଲୋପ ଆନ୍ଦୋଳନ, ଫକୀର ମୋହନ –ଜନ୍ ବୀମ୍ସ୍ ଓ ରେଭେନ୍ସା ସାହେବଙ୍କ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପ୍ରସ୍ତାବ, ୧୮୯୪ରେ ସମ୍ବଲପୁର ଅଞ୍ଚଳରୁ ଓଡ଼ିଆ ଶିକ୍ଷା ଉଠିଯାଇ ହିନ୍ଦୀ ଭାଷା ପ୍ରଚ଼ଳନ, ବିଚ୍ଛନ୍ଦ ପଟ୍ଟନାୟକ ଓ ଗଙ୍ଗାଧର ମେହେରଙ୍କ ଲେଖନୀ ବଳରେ ଆଧୁନିକ ସାହିତ୍ୟର ଆବିର୍ଭାବ, ଏବଂ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ସହିତ ବିଭିନ୍ନ ଛାପାଖାନା, ପତ୍ରପତ୍ରିକା ଇତ୍ୟାଦି ବିଷୟରେ ଉଲ୍ଲେଖ କରିଛନ୍ତି । ବାଲେଶ୍ୱର ହିଁ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟିର ପ୍ରଥମ କ୍ଷେତ୍ର ବୋଲି ମଧ୍ୟ ପଣ୍ଡିତ ମିଶ୍ର ଉଲ୍ଲେଖ କରିଛନ୍ତି । କାରଣ ଆଧୁନିକ ଯୁଗର ତ୍ରୟୀ ରାଧାନାଥ – ମଧୁସୂଦନ – ଫକୀର ମୋହନ ବାଲେଶ୍ୱର ଜିଲ୍ଲାରେ ଅବସ୍ଥାନ କରି ଓଡ଼ିଆ ସାହିତ୍ୟ ରଚ଼ନାରେ ବ୍ରତୀ ଥିଲେ । ଏହି ସମୟରେ ମୟୂରଭଞ୍ଜ ରାଜା ଶ୍ରୀରାମଚ଼ନ୍ଦ୍ର ଭଞ୍ଜଙ୍କର ଆନୁକୂଲ୍ୟରେ କଟକରୁ 'ଉତ୍କଳପ୍ରଭା' ପତ୍ରିକା ପ୍ରକାଶିତ ହେଲା । କବିମାନଙ୍କୁ ଉତ୍ସାହିତ କରିବାପାଇଁ ପୁରସ୍କାର ବିତରଣ କରିବାର ବ୍ୟବସ୍ଥାହେଲା । ଅଧୁନିକ ସାହିତ୍ୟ ସୃଷ୍ଟି ଓ ପୃଷ୍ଠପୋଷକତା କ୍ଷେତ୍ରରେ ବାମଣ୍ଡାର ରାଜା ସୁବଳଦେବ, ଯୁବରାଜ ସଚ୍ଚିଦାନନ୍ଦ ତ୍ରିଭୁବନଦେବ, ବଡ଼କୁମାର ବଳଭଦ୍ରଦେବ ଓ ପାଳିତ ପୁତ୍ର ଜଳନ୍ଧର ଦେବଙ୍କ ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହିପରି ଭାବରେ ପଣ୍ଡିତ ବିନାୟକ ମିଶ୍ର ଆଧୁନିକ ସାହିତ୍ୟର ପଥ ପ୍ରସ୍ତୁତକାରୀ କ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି । ସର୍ବୋପରି 'ଉତ୍କଳ ପ୍ରଭା', 'ଉତ୍କଳ ଦୀପିକା', 'ଅରୁଣୋଦୟ', 'ଉତ୍କଳ ବାର୍ତ୍ତା', 'ମନୋରମା', 'ଇନ୍ଦ୍ରଧନୁ', 'ବିଜୁଳି', 'ସମ୍ବଲପୁର ହିତୈଷିଣୀ', 'ପ୍ରଜାବନ୍ଧୁ' ପ୍ରଭୃତି ପତ୍ରପତ୍ରିକା ସମ୍ପର୍କରେ ପଣ୍ଡିତ ମିଶ୍ରଙ୍କ ବକ୍ତବ୍ୟ ପ୍ରଣିଧାନ ଯୋଗ୍ୟ ।

ଏହାପରେ ଅଧ୍ୟାପକ ମିଶ୍ର ଦ୍ୱିତୀୟ ଅଧ୍ୟାୟରେ ଓଡ଼ିଆ ଆଧୁନିକ ସାହିତ୍ୟର ଜନକ ଓ ତଦୀୟପଙ୍କ୍ତି ବିଷୟକ୍ରମରେ 'ଆଦି–ବରେଣ୍ୟ ପୁରୋଧା ରାଧାନାଥ ରାୟ'ଙ୍କ ଜୀବନୀ, ଶିକ୍ଷା, ଜୀବିକା ଓ ସାହିତ୍ୟସୃଷ୍ଟି ସମ୍ପର୍କରେ ଆଲୋଚ଼ନା କରିଛନ୍ତି ।

Digitized by PPRACHIN, SOA

ରାଧାନାଥଙ୍କ ସମୟରେ ଥିବା ଦେଶର ଅବସ୍ଥା ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ରାଧାନାଥ ଲେଖନୀ ଧାରଣ କଲା ବେଳକୁ ଓଡ଼ିଶା ଦରିଦ୍ର, ଅଜ୍ଞାନତମସାଚ୍ଛନ୍ନ ଓ ଆଳସ୍ୟ ପରାୟଣ । ସଂସ୍କୃତଜ୍ଞ ପଣ୍ଡିତଙ୍କୁ ଆଦର କରିବାକୁ ରାଜା ବା ଜମିଦାର ନ ଥିଲେ । ରାଜକାର୍ଯ୍ୟରେ ପାଶ୍ଚାତ୍ୟ ଶିକ୍ଷା ଅଭାବରୁ କେହି ସ୍ଥାନ ପାଇଲେ ନାହିଁ । ଯୁବକ ପ୍ରାଣ ଆଲୋଡ଼ିତ ହେଉଥିଲା – ଯୁବତୀ–ଯୌବନ–କାବ୍ୟରେ ଓ କୁଞ୍ଜଲୀଳାଭିସାର ପାଇଁ ଦୂତୀ ପ୍ରେରଣରେ । ପ୍ରୌଢ଼ଙ୍କ ପ୍ରାଣରେ ଶୂନ୍ୟବାଦର 'ହା–ହୁତାଶନ' ଜଳୁଥିଲା । ରାଜକର୍ମଚାରୀର ଅତ୍ୟାଚାର, ଓ ଧନୀର ଦରିଦ୍ର ରକ୍ତ ଶୋଷଣ ଶାସନର ପରିବର୍ତ୍ତନ କାଳରେ ଅଲଙ୍ଘନୀୟ ବ୍ୟାପାର । ମିଥ୍ୟା ପ୍ରବଞ୍ଚନାର ଦ୍ରୁତ ପ୍ରସାର । ଯେତେବେଳେ ଭର୍ଣ୍ଣାକୁଲର ସ୍କୁଲମାନଙ୍କରୁ ବଙ୍ଗ ଭାଷାର ପାଠ୍ୟପୁସ୍ତକ ବଦଳରେ ଓଡ଼ିଆ ଭାଷାର ପୁସ୍ତକ ପାଠ୍ୟ ହେବାର ସରକାର ସ୍ଥିର କଲେ, ସେତେବେଳେ ଓଡ଼ିଆ ଭାଷୀ ଶିକ୍ଷିତ ବଙ୍ଗାଳୀ ଅଥବା ବଙ୍ଗ ଭାଷୀ ଶିକ୍ଷିତ ଓଡ଼ିଆ ବଙ୍ଗ ଭାଷାର ପାଠ୍ୟପୁସ୍ତକମାନ ସହଜରେ ଅନୁକରଣ ବା ଅନୁବାଦ କରି ପୁସ୍ତକ ପ୍ରକାଶ କରିପାରେ, ଏଣୁ ଅନେକ ଓଡ଼ିଆ ଭାଷା ଜାଣିଥିବା ବଙ୍ଗାଳୀ ଓ ବଙ୍ଗ ଭାଷା ଜାଣିଥିବା ଓଡ଼ିଆ ପ୍ରାଥମିକ ବିଦ୍ୟାଳୟମାନଙ୍କ ପାଠ୍ୟପୁସ୍ତକ ଲେଖିଲେ । ତତ୍ପରେ ଉଚ୍ଚଶ୍ରେଣୀ ମାନଙ୍କରେ ଓ କାବ୍ୟରସିକ ମାନଙ୍କର ପାଠ୍ୟ ହେବାଭଳି ପାଶ୍ଚାତ୍ୟ ସାହିତ୍ୟର ଆଦର୍ଶରେ କାବ୍ୟ ରଚନା ପାଇଁ ରାଧାନାଥ ମନ ବଳାଇଲେ ।

ଇଂରାଜୀରେ ଯେପରି ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ଚରିତ୍ର ସମାଲୋଚନାରେ ପ୍ରଥମେ ସାହିତ୍ୟର ପ୍ରସାର ଘଟିଥିଲା, ଏ ଦେଶରେ ସେପରି ସାହିତ୍ୟ ସୃଷ୍ଟି କରିବାରେ ସେ ବ୍ରତୀହେଲେ । ଏହା ପୂର୍ବରୁ ଶିବନାରାୟଣ ନାୟକଙ୍କ ସହ ମିଶି 'ଭୂଗୋଳ' ଓ ଭୀମଚରଣ ପଣ୍ଡାଙ୍କ ସଙ୍ଗେ ମିଶି 'ଭୂଗୋଳ ସାର ସଂଗ୍ରହ' ଲେଖି ବାଲେଶ୍ୱରରେ ଛପାଇଲେ । ତତ୍ପରେ ଶିବନାରାୟଣ ନାୟକ ଓ ସେ ମିଶି 'କ୍ଷେତ୍ରତତ୍ତ୍ୱ' ପ୍ରକାଶ କରିଥିଲେ । ମଧୁସୂଦନ ରାଓ ଓ ରାଧାନାଥ ରାୟ ମିଶି ଲେଖିଥିବା 'କବିତାବଳୀ' ଭର୍ଣ୍ଣାକୁଲର ବା ମଧ୍ୟ–ଓଡ଼ିଆ ପରୀକ୍ଷା ପାଇଁ ପାଠ୍ୟ ନିର୍ବାଚିତ ହୋଇଥିଲା । ରାଧାନାଥ ବାଇରନ୍‌ଙ୍କ ପରି ଅନେକ ପଦ୍ୟ–ଗଳ୍ପ ଲେଖିଲେ । ରାଧାନାଥଙ୍କ ଯେ କୌଣସି କାବ୍ୟର କେତେ ଚରଣ ସହିତ ମଧ୍ୟଯୁଗର ଯେ କୌଣସି ଓଡ଼ିଆ କାବ୍ୟର ଚରଣ ତୁଳନା କଲେ, ଆମେ ମହାପରିବର୍ତ୍ତନ ଅନୁଭବ କରିବୁ । ଶବ୍ଦ–ଓଡ଼ିଆ, ଅକ୍ଷର ଓଡ଼ିଆ ମଧ୍ୟଯୁଗର କାବ୍ୟପରି ହେଲେ ମଧ୍ୟ ଭାବ ଓ ଚିନ୍ତାର ସଂପ୍ରସାରଣ ଏବଂ

Digitized by PPRACHIN, SOA

ଅଭିବ୍ୟକ୍ତିର ନୂତନତା ଓ ମହନୀୟତା ରାଧାନାଥଙ୍କ କବିତାର ଚରଣମାନଙ୍କରେ ଅନୁଭୂତ ହେବ ।" ସେ ରାଧାନାଥ ରାୟଙ୍କର ପ୍ରତ୍ୟେକ କାବ୍ୟକୁ ସ୍ୱତନ୍ତ୍ର ଭାବରେ ବିଚାର ଆଲୋଚନା କରିଛନ୍ତି । ରାଧାନାଥଙ୍କ ଗଦ୍ୟ 'ବିବେକୀ' ଓ 'ଇତାଲୀୟ ଯୁବା' ଉପରେ କିଞ୍ଚିତ୍ ଆଲୋଚନା କରିଛନ୍ତି । କବିବରଙ୍କ ଶ୍ରେଷ୍ଠ କୃତି 'ମହାଯାତ୍ରା' ସମ୍ପର୍କରେ ଶ୍ରୀ ମିଶ୍ରଙ୍କ ଅନୁକୂଳ ଅଭିମତ ଏହିପରି – 'ରାଧାନାଥଙ୍କ କାବ୍ୟମାନଙ୍କ ମଧ୍ୟରୁ ମହାଯାତ୍ରାରେ କବି ବିଷୟ ଗାମ୍ଭୀର୍ଯ୍ୟ ରକ୍ଷା କରିବା ନିମନ୍ତେ ଓ ଛନ୍ଦକୁ ଗୁରୁ ଗମ୍ଭୀର କରିବା ପାଇଁ ବହୁତ ତତ୍ସମ ଶବ୍ଦ ବ୍ୟବହାର କରିଛନ୍ତି । ପୁଣି ତାଙ୍କ କାବ୍ୟମାନଙ୍କରେ ଯେପରି ଅନୁପ୍ରାସ ଓ ଅର୍ଥାଳଙ୍କର ଦେଖାଯାଏ, ଅନ୍ୟ କୌଣସି ଆଧୁନିକ କବିଙ୍କ ରଚନାରେ ସେପରି ଦେଖାଯାଏ ନାହିଁ । ପଣ୍ଡିତ ଶ୍ରୀ ମିଶ୍ର ରାଧାନାଥଙ୍କ 'ଭାରତ–ଗୀତିକା' ସମ୍ପର୍କରେ ମଧ୍ୟ ଏକ ଯଥାର୍ଥ ଅଭିମତ ବାଢ଼ିଛନ୍ତି – 'ସଂସ୍କୃତଭାଷାକୁ ସ୍ୱାଧୀନ ଭାରତର ଜାତୀୟ ଭାଷା ରୂପରେ ଗୃହୀତ ହୋଇଥିଲେ , ରାଧାନାଥଙ୍କ 'ଭାରତ ଗୀତିକା' ଜାତୀୟ ସଙ୍ଗୀତ ରୂପେ ବ୍ୟବହୃତ ହୋଇଥାନ୍ତା ।'

ଏହାପରେ ମଧୁସୂଦନଙ୍କୁ ବିଚାର ବିମର୍ଷ କରାଯାଇଛି । ପଣ୍ଡିତ ମିଶ୍ର ତାଙ୍କୁ 'ରାଧାନାଥପନ୍ଥୀ ବ୍ରହ୍ମଜ୍ଞ ମଧୁସୂଦନ' ଭାବରେ ଆଲୋଚନା କରିଛନ୍ତି । ସେ ତାଙ୍କର 'ଛାନ୍ଦମାଳା', 'କୁସୁମାଞ୍ଜଳି', 'ବସନ୍ତଗାଥା', 'ହେମମାଳା' ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଛନ୍ତି । ମଧୁସୂଦନଙ୍କର କେତୋଟି କାଳଜୟୀ କବିତାକୁ ସେ ସ୍ୱତନ୍ତ୍ର ଭାବରେ ବିଚାର କରିଛନ୍ତି ; ଯେପରି 'ଜୀବନଚିନ୍ତା' । ଏ କବିତା ସମ୍ପର୍କରେ ଶ୍ରୀ ମିଶ୍ର କହନ୍ତି – 'ଜୀବନଚିନ୍ତା କବିତାରେ ସଂସାରରେ ମନଷ୍ୟର ଭୋଗବିଳାସ କ୍ଷଣିକ ବୋଲି ଚିନ୍ତାକରି ଉପଲବ୍ଧି କରିଅଛନ୍ତି; କାରଣ ସମସ୍ତଙ୍କ ଜୀବନର ଅନୁଭୋଗ – ଉପଭୋଗ କ୍ଷଣକରେ ଭାସିଯାଇ କେବଳ ସ୍ମୃତିରେ ରହେ । ତାହା ଫେରେ ନାହିଁ, କିନ୍ତୁ ମନୁଷ୍ୟ ମନେ ପକାଇ ଶୋକ କରେ । ଏ କବିତାର ଛନ୍ଦ ମଧ୍ୟ ନୂତନ । ଏଥିରେ ସେ ମନୁଷ୍ୟକୁ ନୂତନ ଦେଶର ସନ୍ଧାନ ଦେଇଅଛନ୍ତି ।'

ସେହିପରି 'କୁସୁମାଞ୍ଜଳି' ଅନ୍ତର୍ଗତ 'ନବ ବସନ୍ତ ଭବନା' କବିତା ସମ୍ପର୍କରେ ପଣ୍ଡିତ ମିଶ୍ର କହିଛନ୍ତି – "କୁସୁମାଞ୍ଜଳିର 'ନବ ବସନ୍ତ ଭାବନା' କବିତାଟି ଇଂରାଜୀ 'West Wind' କବିତାରୁ ପ୍ରେରଣାପାଇ ଲେଖି ପାରିଥିବେ ; କିନ୍ତୁ ଏହାର ବର୍ଣ୍ଣନା ଭିନ୍ନ ଆକାର ଧାରଣ କରିଛି । ଏହାର ଭାଷାରେ ସମାସୋକ୍ତି, ରୂପକ ପ୍ରଭୃତି ଅଳଙ୍କାର ସମାବେଶ କରାଯାଇଛି । ବସନ୍ତ ଋତୁର ଆଗମନରେ ପୃଥିବୀରେ ଶୀତ

Digitized by PPRACHIN, SOA

ଋତୁ ଉତ୍ତାରେ ଯେଉଁ ପରିବର୍ତ୍ତନ ଘଟିଲା, ତାହା ବର୍ଣ୍ଣନା କଲେ –

"ଆସନ୍ତେ ବସନ୍ତ ଉତ୍ସବ
ଏବେ ଭବ ଭବନେ
ପରିଣତ ଜୀର୍ଣ୍ଣ ଧରଣୀ
ନବ ନନ୍ଦନ ବନେ ।
x x x
ବସନ୍ତ ମାଧୁରୀ ମଦିରା
ପାନେ ମାତି ଭୁବନ
ଉଦାର ଉଦ୍ଦାମ ଉଲ୍ଲାସେ
ଭୁଞ୍ଜୁ ଅଛି ଯୌବନ ।" ଇତ୍ୟାଦି,

ପଣ୍ଡିତ ମିଶ୍ର ବ୍ୟକ୍ତ କରିଛନ୍ତି ଯେ 'ଏ ସୃଷ୍ଟି ଅମୃତମୟ ହେ' ସମ୍ଭବତଃ ବେଦର "ମଧୁ ମଧୁ ମଧୁବାତା ଋତାୟତେ ମଧୁଂକ୍ଷରନ୍ତି ସିନ୍ଧବଃ" ଇତ୍ୟାଦି ମନ୍ତ୍ରର ଆଦର୍ଶରେ ରଚିତ । ମଧୁ ବିଦ୍ୟାଲାଭର ଇତିହାସ ସାଟ୍ୟାୟନ ବ୍ରାହ୍ମଣରେ ଦେଖାଯାଏ । ଏଣୁ 'ମଧୁ' ଶବ୍ଦକୁ ମଧୁର ବା ଆନନ୍ଦ ଅର୍ଥରେ ଗ୍ରହଣ କଲେ ଏହା ଉପାଦେଶମୂକ (didastic) ଶ୍ରେଣୀର ଅନ୍ତର୍ଗତ ହେବ । କବିଙ୍କର 'ଆଶା' ଓ 'ଆତ୍ମା ସମର୍ପଣ' କବିତା ଆଦର୍ଶାତ୍ମକ (Idealistic) । 'ଭାରତ ଭାବନା' କବିତାଟି ଭାରତର ପ୍ରାଚୀନ ଗୌରବର ଆଲେଖ୍ୟ ବହନ କରେ ବୋଲି ପଣ୍ଡିତ ମିଶ୍ର ମତ ପ୍ରଦାନ କରିଛନ୍ତି । ପଣ୍ଡିତ ମିଶ୍ର ଉକ୍ତ କବିଙ୍କର ଆଉ ଏକ କୃତି 'ଋଷିପ୍ରାଣେ ଦେବାବତରଣ' ସମ୍ପର୍କରେ କହିଛନ୍ତି ଯେ ଉଷା କାଳରେ ସରସ୍ୱତୀ ନଦୀ ତଟରେ ହିରଣ୍ୟଗର୍ଭ ଋଷିଙ୍କ ହୃଦୟରେ ଭୂମା ପରମାତ୍ମା କିପରି ଅନୁଭୂତ ହୋଇ, ଭାଷାରେ ରୂପଶାଳୀ ହୋଇ ବେଦରେ ଶୀର୍ଷ ସ୍ଥାନ ଅଧିକାର କଲେ, ତାହା 'ଋଷିପ୍ରାଣେ ଦେବାବତରଣ' କବିତାରେ ବର୍ଣ୍ଣିତ ।

କବିଙ୍କର 'ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ' ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଇଂରାଜୀରୁ ଅନୁଦିତ 'ନର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ'ରୁ ଜଣାଯାଏ ଯେ, ମାନବ ସମାଜରୁ ଅନ୍ତର ହୋଇ ମାୟାବାଦରେ ବିଶ୍ୱାସ କରିବା, ମନୁଷ୍ୟର ଅନ୍ତରର ସ୍ୱଭାବ ନୁହେଁ – ଏକଥା ପାଠକ ପ୍ରାଣରେ ଅନୁଭୂତ ହେବା ପାଇଁ

Digitized by PPRACHIN, SOA

ସେ ଅନୁବାଦ କରିଥିଲେ । ଅନୁବାଦ କିପରି ହୋଇଅଛି, ତାହା ନିମ୍ନୋଦ୍ଧୃତ ଉଦାହରଣରୁ ପାଠକେ ବୁଝିପାରିବେ –

"I am monarch of all I survey
My right there is none to dispute."
"ଦେଖଇ ନେତ୍ର ଯାହା ଚଉଦିଗର
ସେ ସର୍ବର ଅଟଇ ମୁଁ ଅଧୀଶ୍ୱର,
ମହୀମଣ୍ଡଳେ ନାହିଁ ଏମନ୍ତ ଜନ
ମୋ ଅଧିକାର ଲୋଭେ କରିବ ରଣ ।"
"Society friendship and love
Devinely bestowed upon man."
"କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର,
ଯାର ପ୍ରାପତି ଯୋଗୁଁ ଦେବତା ନର ।" ।"

ଅଧିକନ୍ତୁ ପଣ୍ଡିତ ମିଶ୍ର ଲେଖିଛନ୍ତି – "ପ୍ରଥମ ଉଦାହରଣରେ ଅନୁବାଦ ଚମତ୍କାର ହୋଇଅଛି । କିନ୍ତୁ ଇଂରାଜୀ କବିତାର ଦ୍ୱିତୀୟ ଉଦାହରଣକୁ ନିମ୍ନଲିଖିତ ପ୍ରକାରେ ଅନୁବାଦ କରିଥିଲେ, ତାହା ସୁସ୍ପଷ୍ଟ ହୋଇଥାନ୍ତା –

"କାହିଁ ବନ୍ଧୁତା କାହିଁ ପ୍ରେମ ଶାଶ୍ୱତ / ନର ହୃଦୟେ ଯାହା ବିଧାତା ଦତ୍ତ ।"

ଭକ୍ତକବି ମଧୁସୂଦନ ରାଓଙ୍କ ସମ୍ପର୍କରେ ପଣ୍ଡିତ ମିଶ୍ର ସୁନ୍ଦର କଥାଟିଏ କହିଛନ୍ତି । ତାହା ହେଉଛି – "ପାଠକମାନେ ତୁଳନା କଲେ ଜାଣିବେ ଯେ ରାଧାନାଥ ସମ୍ଭ୍ରାନ୍ତ ବଂଶୀୟ ପାଠକ ମାନଙ୍କୁ ଆନନ୍ଦ ପରିବେଷଣ କରିଅଛନ୍ତି । ସେମାନଙ୍କର ସେତେବେଳେ ଯେପରି ରୁଚିଥିଲା; ସେମାନଙ୍କ ପରି ସେପରି ସାହିତ୍ୟ ପ୍ରସ୍ତୁତ କଲେ । କିନ୍ତୁ ମଧୁସୂଦନ ଜନଗଣଙ୍କୁ ଅମୃତ ପରିବେଷଣ କଲେ । ଦୁଇ କବିଙ୍କ ମଧ୍ୟରେ ଗୁରୁ–ଶିଷ୍ୟ ସମ୍ପର୍କ ଥିଲା ଓ ଦୁହେଁ ପରସ୍ପର ସୁହୃଦ । ଏଣୁ କବିତାର ବିଷୟମାନ ପରାମର୍ଶ କରି ବାଣ୍ଟିଥିବାର ପ୍ରତୀତ ହୁଏ ; ମାତ୍ର ବିଦ୍ୟାଳୟ ମାନଙ୍କରେ ପାଠର ଉପଯୋଗୀ କରି ଏପରି କବିତା ରଚନା କରିବା ପାଇଁ ରାଧାନାଥ ପରାମର୍ଶ ଦେଇଥିଲେ ।" ମଧୁସୂଦନଙ୍କ ସମ୍ପର୍କରେ ଅଧ୍ୟାପକ ମିଶ୍ରଙ୍କର ଅଭିମତ ଏହିପରି – 'ଭକ୍ତି, ବିଶ୍ୱାସ ଓ ସୁଖବାଦୀ କବିଙ୍କର ଜୀବନର ଦର୍ଶନ ଓ ପ୍ରସାଦ ଗୁଣ ବିଶିଷ୍ଟ

Digitized by PPRACHIN, SOA

ଶୈଳୀ ବ୍ୟକ୍ତିତ୍ୱର ପରିଚୟ । ସେ ଓଡ଼ିଆ ଗୁଚ୍ଛ ସାହିତ୍ୟର ଆଦିକବି ।' ଏହାପରେ ଗଙ୍ଗାଧର ମେହେର, ଚିନ୍ତାମଣି ମହାନ୍ତି, ନନ୍ଦ କିଶୋର ବଳଙ୍କ ସଂକ୍ଷିପ୍ତ ଜୀବନୀ ଓ ସାହିତ୍ୟକୃତି ସମ୍ପର୍କରେ ପଣ୍ଡିତ ମିଶ୍ର ଏହି ଅଧ୍ୟାୟରେ ମନୋଜ୍ଞ ଆଲୋଚନା କରିଛନ୍ତି ।

ପରବର୍ତ୍ତୀ ଅଧ୍ୟାୟରେ ତିନିଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ବିଷୟ ଆଲୋଚିତ । ସେମାନେ ହେଲେ ପ୍ରଥମ ଗଳ୍ପ ସ୍ରଷ୍ଟା ତଥା କଥା ସମ୍ରାଟ ଫକୀର ମୋହନ ସେନାପତି, ଆଦି ନାଟ୍ୟକାର ରାମ ଶଙ୍କର ରାୟ ଏବଂ ପ୍ରଥମ ଔପନ୍ୟାସିକ ଉମେଶ ଚନ୍ଦ୍ର ସରକାର । ପରବର୍ତ୍ତୀ ଅଧ୍ୟାୟରେ ପଣ୍ଡିତ ବିନାୟକ ମିଶ୍ର ଆଧୁନିକ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ଯେଉଁ ସ୍ରଷ୍ଟାମାନଙ୍କୁ ଆଲୋଚନା କରିଛନ୍ତି, ସେମାନେ ହେଲେ ବାସୁଦେବ ସୁଢଳଦେବ, ପଣ୍ଡିତ ଗୋବିନ୍ଦ ରଥ, ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ବଡ଼କୁମାର ବଳଭଦ୍ର ଦେବ, ଜଳନ୍ଧର ଦେବ, ବୀର ମିତ୍ରୋଦୟ ସିଂହଦେବ, ବିକ୍ରମଦେବ ବର୍ମା, ଶ୍ୟାମସୁନ୍ଦର ରାଜଗୁରୁ, ବିଶ୍ୱନାଥ କର, ଗୋପାଳ ଚନ୍ଦ୍ର ପ୍ରହରାଜ, ମୃତ୍ୟୁଞ୍ଜୟ ରଥ କାବ୍ୟତୀର୍ଥ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ରାଜା ପଦ୍ମନାଭ ଦେବ, ଭିକାରି ଚରଣ ପଟ୍ଟନାୟକ, କାମପାଳ ମିଶ୍ର, ହରିହର ରଥ, ରାଧାମୋହନ ରାଜେନ୍ଦ୍ର ଦେବ, ରାମ ଚନ୍ଦ୍ର ମହାପାତ୍ର, ଶ୍ରୀବତ୍ସ ପଣ୍ଡା, ରମାରଞ୍ଜନ ମହାନ୍ତି, କାଳୀଚରଣ ପଟ୍ଟନାୟକ, କାର୍ତ୍ତିକ କୁମାର ଘୋଷ, ବାଳକୃଷ୍ଣ କର ଓ ଅଶ୍ୱିନୀ କୁମାର ଘୋଷ । ପଞ୍ଚମ ଅଧ୍ୟାୟରେ ଚନ୍ଦ୍ର ମୋହନ ମହାରଣାଙ୍କ ଠାରୁ ଆରମ୍ଭ କରି ରତ୍ନାକର ପତି, ବିପିନ ବିହାରୀ ରାୟ, କୁନ୍ତଳା କୁମାରୀ ସାବତ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଗୋଲୋକ ବିହାରୀ ଧଳ, ପ୍ରାଣନାଥ ମହାନ୍ତି ପର୍ଯ୍ୟନ୍ତ ଲେଖକମାନଙ୍କୁ ସଂକ୍ଷେପରେ ଆଲୋଚନା କରାଯାଇଛି । ଷଷ୍ଠ ଅଧ୍ୟାୟରେ ସତ୍ୟବାଦୀ ସାହିତ୍ୟ, ସପ୍ତମ ଅଧ୍ୟାୟରେ ସବୁଜ ସାହିତ୍ୟ ଆଲୋଚିତ । ଅଷ୍ଟମ ଅଧ୍ୟାୟରେ ବୈଷ୍ଣବପାଣି, ଗୋବିନ୍ଦ ଚନ୍ଦ୍ର ଶୂରଦେଓ, କୃଷ୍ଣ ପ୍ରସାଦ ବସୁ, ବୈଷ୍ଣବ ଚରଣ ଦାସଙ୍କୁ ଆଲୋଚନା କରାଯାଇଛି । ନବମ ବା ଶେଷ ଅଧ୍ୟାୟରେ ମାୟାଧର ମାନସିଂହ, ଜ୍ଞାନୀନ୍ଦ୍ର ବର୍ମା, ଅନନ୍ତ ପ୍ରସାଦ ପଣ୍ଡା, ରାଜ କିଶୋର ରାୟ, ସଚ୍ଚିଦାନନ୍ଦ ରାଉତରାୟ ପ୍ରମୁଖ କେତେକ କବି, ଏବଂ କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ବସନ୍ତ କୁମାରୀ ପଟ୍ଟନାୟକ, ହରେକୃଷ୍ଣ ମହତାବ, ରାମ ପ୍ରସାଦ ସିଂହ, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ କେତେକ ଔପନ୍ୟାସିକଙ୍କୁ ଅଧ୍ୟାପକ ବିନାୟକ ମିଶ୍ର ବିଚାର ଆଲୋଚନା କରିଛନ୍ତି ।

Digitized by PPRACHIN, SOA

ଏହି ପୁସ୍ତକଟିର କେତେକାଂଶରେ ଆଲୋଚନା ମନୋଜ୍ଞ ହୋଇନାହିଁ । କିନ୍ତୁ ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗକୁ ଯେଉଁ ମନୀଷୀମାନେ ସମୃଦ୍ଧ କରିଛନ୍ତି, ପଣ୍ଡିତ ମିଶ୍ର ସେମାନଙ୍କୁ ଓ ସେମାନଙ୍କର କୃତିରାଜିକୁ ଉଲ୍ଲେଖ କରି ଧନ୍ୟବାଦର ପାତ୍ର ନିଶ୍ଚୟ । କାରଣ ଆଧୁନିକ ପର୍ବର ଲେଖକମାନଙ୍କୁ ବିଧିବଦ୍ଧ ଭାବରେ ଉଲ୍ଲେଖ କରି ପଣ୍ଡିତ ମିଶ୍ର ଯେଉଁ ଶ୍ରମ ସ୍ୱୀକାର କରଛନ୍ତି, ତାହା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଇତିହାସ ଲେଖକ ମାନଙ୍କୁ ପ୍ରଚୋଦିତ କରିଅଛି ନିଶ୍ଚୟ ।

ପଣ୍ଡିତ ବିନାୟକ ମିଶ୍ର ଓଡ଼ିଆ ସାହିତ୍ୟ ଇତିହାସ (୧୯୨୭) ଏବଂ 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ'(୧୯୬୮)ର ଲେଖକ । ଏହି ଦୁଇଗୋଟି ଗ୍ରନ୍ଥ ପଣ୍ଡିତ ମହାଶୟଙ୍କର ବହୁ ଦିନର ସାଧନା ଓ ଅଧ୍ୟବସାୟର ଫଳ । କିନ୍ତୁ ପ୍ରଥମଟି ଅପେକ୍ଷା, ଦ୍ୱିତୀୟ ଗ୍ରନ୍ଥ ଅର୍ଥାତ୍ 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ' ଟି ଅଧିକ ଗବେଷଣାଧର୍ମୀ ଓ ଉତ୍କୃଷ୍ଟ ଆଲୋଚ଼ନା ଯୋଗୁଁ ବେଶ୍ ସଫଳତା ଲାଭ କରିଛି । ସର୍ବୋପରି ଆଧୁନିକ ସମୟର ସମସ୍ତ ଲେଖକ ଓ ସ୍ରଷ୍ଟାମାନଙ୍କୁ ଉଲ୍ଲେଖ କରି ଆଲୋଚ଼ନାର ପରିସରକୁ ଆଣିଛନ୍ତି । ତେଣୁ 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକଟି ତାଙ୍କର ଏକ ସାର୍ଥକ କୃତି । ଏହି ଗ୍ରନ୍ଥଟି ତାଙ୍କର ଅଧ୍ୟୟନ, ଗବେଷଣା ବିଚାର ଓ ବିଶ୍ଲେଷଣର ପ୍ରକୃଷ୍ଟ ପରିଚ଼ୟ ବହନ କରେ ।

'ଓଡ଼ିଆ ସାହିତ୍ୟ ପ୍ରକାଶ' ବିନାୟକ ସ୍ରଷ୍ଟାମାନସର ଅନ୍ୟତମ ଅମ୍ଳାନ କୃତି । ଏହା ପ୍ରଥମ ଓ ଦ୍ୱିତୀୟ ଭାଗରେ ପ୍ରକାଶିତ । ଓଡ଼ିଆ ସାହିତ୍ୟ (ପ୍ରଥମ ଭାଗ) ଶିବ ପ୍ରସନ୍ନ ଦାଶଗୁପ୍ତ, ଓରିଏଣ୍ଟ ପ୍ରେସ୍, କଟକଙ୍କ ଦ୍ୱାରା ମୁଦ୍ରିତ ଏବଂ ଏହାର ପ୍ରକାଶକ ହେଉଛନ୍ତି ବ୍ରଜବନ୍ଧୁ ଦାଶ, ଉତ୍କଳ ବୁକ୍ ଏଜେନ୍ସି, କଟକ । ଏହି ପୁସ୍ତକର ସଙ୍କଳନ ସମ୍ପର୍କରେ ପଣ୍ଡିତ ବିନାୟକ ମିଶ୍ର ଏହାର ଭୂମିକାରେ ଲେଖିଛନ୍ତି – 'ଆଧୁନିକ ଓଡ଼ିଆ ସାହିତ୍ୟ ପ୍ରାଚ଼ୀନ ସାହିତ୍ୟଠାରୁ ଅନେକ ଲକ୍ଷଣରେ ପୃଥକ୍ ହୋଇପଡ଼ିଥିବାରୁ ଆଧୁନିକ ସାହିତ୍ୟର ଉପଯୋଗୀ ହେବାଭଳି ଖଣ୍ଡିଏ ଅଳଙ୍କାର ଶାସ୍ତ୍ରର ପ୍ରୟୋଜନ ଅଛି । ସେଥିପାଇଁ ପ୍ରଥମ ଚ଼େଷ୍ଟାରେ ଏହି 'ଓଡ଼ିଆ ସାହିତ୍ୟ ପ୍ରକାଶ' ସଙ୍କଳନ କରାଗଲା ।' ଏହି ଗ୍ରନ୍ଥର ପ୍ରଥମ ପରିଚ୍ଛେଦରେ 'କାବ୍ୟ ସ୍ୱରୂପ' ସମ୍ପର୍କିତ ଆଲୋଚ଼ନା ସ୍ଥାନିତ । ପଣ୍ଡିତ ମିଶ୍ର ଏଥିରେ ପଦ୍ୟ କାବ୍ୟକୁ ଛଅ ଭାଗରେ ବିଭକ୍ତ କରିଛନ୍ତି, ଯଥା – ମହାକାବ୍ୟ, ଖଣ୍ଡକାବ୍ୟ, କୋଷକାବ୍ୟ, ଗୀତିକାବ୍ୟ, ନାଟ୍ୟକାବ୍ୟ, ଓ ଗୀତା କାବ୍ୟ । ସେହିପରି ଗଦ୍ୟ ସାହିତ୍ୟକୁ ମଧ୍ୟ ଛଅ ଭାଗରେ

Digitized by PPRACHIN, SOA

ବିଭକ୍ତ କରିଛନ୍ତି, ଯଥା – ଉପନ୍ୟାସ, ଗଳ୍ପ, ଉପାଖ୍ୟାନ, ନାଟକ, ଜୀବନ ଚ଼ରିତ ଓ ପ୍ରବନ୍ଧ । ଏଥିରେ ଅଧ୍ୟାପକ ମିଶ୍ର ମହାକାବ୍ୟ, ଖଣ୍ଡକାବ୍ୟ, ଉପନ୍ୟାସ, କୋଷକାବ୍ୟ, ଗୀତିକାବ୍ୟ, ଗଳ୍ପ, ଗୀତାକାବ୍ୟ, ଉପାଖ୍ୟାନ, ପ୍ରବନ୍ଧ, ଜୀବନ ଚ଼ରିତ, ନାଟକ ଓ ନାଟ୍ୟକାବ୍ୟର ଲକ୍ଷଣ ସହିତ କତିପୟ ସାହିତ୍ୟିକ କୃତିକୁ ବିଚାର ବିମର୍ଷ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ଉପନ୍ୟାସ ସମ୍ପର୍କରେ ସେ ଲେଖିଛନ୍ତି – "ମହାକାବ୍ୟ ବା ଖଣ୍ଡକାବ୍ୟର ବିଷୟ ବସ୍ତୁ ଠାରୁ ଉପନ୍ୟାସ ବିଷୟ ବସ୍ତୁ ଭିନ୍ନ ନୁହେଁ । ମହାକାବ୍ୟ ଓ ଖଣ୍ଡକାବ୍ୟ ପଦ୍ୟରେ ଏବଂ ଉପନ୍ୟାସ ଗଦ୍ୟରେ ରଚ଼ିତ ହେଉଥିବାରୁ ଉପନ୍ୟାସକୁ ଏକ ସ୍ୱତନ୍ତ୍ର ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଏ । ଏହା ପ୍ରାଚ଼ୀନ କାଳରେ ଐତିହାସିକ ବା କିମ୍ବଦନ୍ତୀ ମୂଳକ ଘଟଣାକୁ ଅବଲମ୍ବନ କରି ରଚ଼ିତ ହେଉଥିଲା ଅଥବା ଶୁଦ୍ଧ କଳ୍ପନାରୁ ପ୍ରସୂତ ହେଉଥିଲା । କି ଉପନ୍ୟାସ, କି ଖଣ୍ଡକାବ୍ୟ, କି ମହାକାବ୍ୟ ସବୁଥିରେ ପ୍ରାଚ଼ୀନ କାଳରେ କୌଣସି ରାଜା ବା ରାଜପୁତ୍ର ପ୍ରଧାନ ନାୟକ ରୂପେ ଅଭିନୟ କରୁଥିଲେ । କିନ୍ତୁ ଆଧୁନିକ ଯୁଗରେ ଦେଶର ବା ସମାଜର କୌଣସି ପ୍ରତ୍ୟକ୍ଷ ବିଶିଷ୍ଟ କର୍ମୀର କୌଣସି ଗୋଟିଏ ବିଶିଷ୍ଟ କର୍ମକୁ ଅବଲମ୍ବନ କରି କ୍ଷୁଦ୍ର ଉପନ୍ୟାସ ଅଥବା ବିଭିନ୍ନ ବିଶିଷ୍ଟ କର୍ମକୁ ଅବଲମ୍ବନ କରି ବୃହତ୍ ଉପନ୍ୟାସ ରଚ଼ିତ ହୁଏ । ଦୁର୍ବଳ ଉପରେ ପ୍ରବଳର ଅତ୍ୟାଚାର, ସମାଜର କୁସଂସ୍କାର ପ୍ରଭୃତି ଦେଶଗତ ବା ସମାଜଗତ ଅନୁଭୂତି ମାନଙ୍କୁ ଭାଷା ଶିଳ୍ପୀ ଭାଷାରେ ଚ଼ିତ୍ର କରେ । ତହିଁରେ ବ୍ୟକ୍ତି ବିଶେଷର ଅନୁଭୂତିକୁ ପୂର୍ଣ୍ଣ ଚ଼ିତ୍ରର ଅଙ୍ଗରୂପେ ମଧ୍ୟ ଯୋଜନା କରିଥାଏ । ବ୍ୟକ୍ତି ବିଶେଷର ଅନୁଭୂତି କବିବର ରାଧାନାଥଙ୍କ କାବ୍ୟ ମାନଙ୍କରେ ଅନେକ ସ୍ଥାନରେ ଚ଼ିତ୍ରିତ । ଯଥା –

"ସହିଲାକୁ ସିନା ହୀରକ ଦାରୁଣ
ଆୟୋଘନ ଘାତ ଦୁଃଖ
ଅବତଂସ ଛଳେ ଲଭଇ ସୁନ୍ଦରୀ
କପୋଳ ଚୁମ୍ବନ ସୁଖ ।" (ଯଯାତିକେଶରୀ)

"ଏ ସନ ତନୟା ପାଇ ରାଣୀଙ୍କର
କିମ୍ପାଇଁ ମଳିନ ମୁଖ,
ଯା' ଲାଗି ଜଗତେ ଯେତେ ସୁଖ ସେହି
ଦିଏ ପୁଣି ତେତେ ଦୁଃଖ ।" (ପାର୍ବତୀ)

Digitized by PPRACHIN, SOA

ଏପରି ଅନୁଭୂତି ଗୁଡ଼ିକ ସର୍ବ କାଳରେ ଓ ସର୍ବ ଦେଶରେ ସର୍ବ ଜନ ସିଦ୍ଧ । ଦୁଃଖ ବିନା ସୁଖ ନାହିଁ ଓ ସୁଖ ମଧ ଦୁଃଖର କାରଣ ପ୍ରଭୃତି ସତ୍ୟଗୁଡ଼ିକ କାବ୍ୟ ଉପନ୍ୟାସ ପଢ଼ି ଭଲରୂପେ ହୃଦୟଙ୍ଗମ କରିପାରିଲେ, ପାଠକର ସ୍ୱଭାବ ମହତ୍ ହୁଏ । ଏଥିପାଇଁ ସାହିତ୍ୟକୁ ମହତ୍ ସ୍ୱଭାବର ଧାତ୍ରୀ ସ୍ୱରୂପ କହନ୍ତି (Literature is the nurse of noble natures)" ।

ଏହାପରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ମିଥ୍ୟାର ଶତ ଆବରଣ ତଳରୁ ସତ୍ୟ ଫୁଟି ବାହାରି ପଡ଼େ – ଏହି ସୂକ୍ଷ୍ମ ସତ୍ୟଟି ଛ'ମାଣ ଆଠଗୁଣ୍ଠରେ ରାମଚନ୍ଦ୍ର ମଙ୍ଗରାଜଙ୍କ ଚରିତ୍ରରେ ପ୍ରମାଣିତ । କାମନା ଧ୍ୱଂସର କାରଣ – ଏହା ତନ୍ତିଆଣୀ ସାରିଆର ଜୀବନରେ ପ୍ରମାଣିତ । ଭଗବାନଙ୍କ ନିର୍ଦ୍ଦେଶ ବୁଝି ନପାରି ଅବଳା ଜାତି ମାତୃତ୍ୱର ଲାଳସାରେ ସର୍ବସ୍ୱ ବଳିଦେଇ ପାରନ୍ତି, ତାହା ମଧ ସାରିଆର ଚରିତ୍ରରେ ପ୍ରତିଫଳିତ । ଏହିପରି ଅନେକ ସତ୍ୟ ଛ'ମାଣ ଆଠ ଗୁଣ୍ଠରେ ସ୍ୱତଃ ମୂର୍ତ୍ତିମନ୍ତ । ରାଧାନାଥଙ୍କ ପରି ଫକୀର ମୋହନ ସତ୍ୟର ଉପଦେଷ୍ଟା ନୁହଁନ୍ତି, ସେ କେବଳ ପ୍ରକାଶକ । ଅର୍ଥାତ୍ କାର୍ଯ୍ୟ ରୂପରେ ସତ୍ୟ ମୂର୍ତ୍ତିମନ୍ତ ହୋଇଅଛି ।" ଇତ୍ୟାଦି ।

ସେହିପରି କୋଷକାବ୍ୟ ସମ୍ପର୍କରେ ପଣ୍ଡିତ ମିଶ୍ରଙ୍କର ମତାମତ ହେଉଛି – "ବିଭିନ୍ନ ବିଷୟରେ ରଚିତ ବିଭିନ୍ନ ପଦ୍ୟର ଏକତ୍ର ସମାବେଶକୁ କୋଷକାବ୍ୟ କହନ୍ତି । ଏଥିରେ ଖଣ୍ଡ ଗୀତି କବିତା, ଚତୁର୍ଦ୍ଦଶପଦୀ ଓ ସାଧାରଣ କବିତା ଥାଏ । ବୃଦ୍ଧଙ୍କ ମଧୁସୂଦନ ଇଂରେଜୀ sonnetର ଅନୁକରଣରେ ଚତୁର୍ଦ୍ଦଶପଦୀ କବିତା ରଚନା କଲେ । ଏଥିରେ ଚତୁର୍ଦ୍ଦଶ ଚରଣ ଥିବାରୁ ଓଡ଼ିଆରେ ଏହାକୁ ଚତୁର୍ଦ୍ଦଶପଦୀ କୁହାଯାଇଛି । ଏଥିରେ କୌଣସି ବିଷୟର ସାଧାରଣ ବର୍ଣ୍ଣନା ଆଠ ଚରଣରେ, ଚରମ ବର୍ଣ୍ଣନା (climax) ଚାରି ଚରଣରେ ଓ କବିଙ୍କ ଉପସଂହାର ଦୁଇ ଚରଣରେ ବର୍ଣ୍ଣିତ ହୁଏ । ବିଭିନ୍ନ ଚତୁର୍ଦ୍ଦଶପଦୀ କବିତାର ଗୁଚ୍ଛକୁ ମଧୁସୂଦନ ଗାଥା ନାମରେ ଅଭିହିତ କରିଅଛନ୍ତି । ପ୍ରାଚୀନ କାଳରେ ବୌଦ୍ଧଧର୍ମର ନୀତି ଶିକ୍ଷା ମୂଳକ ପଦ୍ୟ ଗଚ୍ଛକୁ ଗାଥା କହୁଥିଲେ । ମଧୁସୂଦନଙ୍କ ଚତୁର୍ଦ୍ଦଶପଦୀ କବିତାରେ ମଧ ନୀତିତତ୍ତ୍ୱ ଅଛି । ଏଣୁ 'ଗାଥା' ନାମର ସାର୍ଥକତା ଥିଲେ ମଧ ବିଭିନ୍ନ ଚତୁର୍ଦ୍ଦଶପଦୀ କବିତା ସନ୍ନିବେଶିତ ବସନ୍ତ ଗାଥା କୋଷକାବ୍ୟ ଶ୍ରେଣୀର ଅନ୍ତର୍ଭୁକ୍ତ । ଏହିପରି କୁନ୍ତଳା କୁମାରୀଙ୍କ ଅର୍ଚ୍ଚନା ଓ କବି ପଦ୍ମଚରଣ ପଟ୍ଟନାୟକଙ୍କ ପଦ୍ମ ପାଖୁଡ଼ାକୁ କୋଷକାବ୍ୟ କୁହାଯାଏ ।" ଦ୍ୱିତୀୟ ପରିଚ୍ଛେଦରେ ନାଟକ ଓ ଉପନ୍ୟାସର ଚରିତ୍ର ସମ୍ପର୍କରେ

Digitized by PPRACHIN, SOA

ଅବତାରଣା କରାଯାଇଛି । ପଣ୍ଡିତ ମିଶ୍ର ଚ଼ରିତ୍ର ସମ୍ପର୍କରେ ବକ୍ତବ୍ୟ ରଖିଛନ୍ତି – ଅସଂଖ୍ୟ ପ୍ରକାରର ଚ଼ରିତ୍ର ଅଛି । ପ୍ରତ୍ୟେକ ଚ଼ରିତ୍ରର ଲକ୍ଷଣ ନିର୍ଦ୍ଦେଶ କରିବା କଠିନ । ତଥାପି ଯେଉଁ କେତେ ପ୍ରକାରର ଚ଼ରିତ୍ର ଅଧିକାଂଶ ଲୋକ ଅନୁଭବ କରନ୍ତି ସେହି କେତୋଟି ପ୍ରଧାନ ଚ଼ରିତ୍ରର ଲକ୍ଷଣମାନ ଆମ ଦେଶର ପ୍ରାଚ଼ୀନ ଆଳଙ୍କାରିକ ମାନେ ନିର୍ଦ୍ଦେଶ କରି ଅଛନ୍ତି । ଚ଼ରିତ୍ର ନାୟକ ନାୟିକା ମାନଙ୍କୁ ଅବଲମ୍ବନ କରି ରହିଥିବାରୁ ନାୟକ ନାୟିକା ମାନଙ୍କ ଲକ୍ଷଣ ରୂପରେ ଚ଼ରିତ୍ର ଲକ୍ଷଣ ନିର୍ଦ୍ଦେଶିତ ହୋଇଅଛି ।’

ଏହାପରେ ଅଧ୍ୟାପକ ମିଶ୍ର ଧୀରୋଦାତ୍ତ, ଧୀରପ୍ରଶାନ୍ତ, ଧୀରୋଦ୍ଧତ, ଧୀରଲଳିତ ନାୟକମାନଙ୍କର ଲକ୍ଷଣ ଓ ଉଦାହରଣ ଉପସ୍ଥାପନ କରିଛନ୍ତି । ସେହିପରି ଦକ୍ଷିଣ ନାୟକ, ଧୃଷ୍ଟ ନାୟକ, ଅନୁକୂଳ ନାୟକ, ଶଠ ନାୟକ, ସ୍ୱୀୟା ନାୟିକା, ପରକୀୟା ନାୟିକା, ସାମାନ୍ୟା ନାୟିକା ସମ୍ପର୍କରେ ଆଲୋକପାତ କରିଛନ୍ତି । ଅଧ୍ୟାପକ ଶ୍ରୀ ମିଶ୍ର ସାମାନ୍ୟା ନାୟିକାକୁ ତିନିଭାଗରେ ବିଭକ୍ତ କରିଛନ୍ତି – ‘ବକ୍ରୋକ୍ତି ଗର୍ବିତା’, ‘ସଂଭୋଗ ଦୁଃଖିତା’ ଓ ‘ମାନବତୀ’ । ଏମାନଙ୍କ ସମ୍ପର୍କରେ ଅଧ୍ୟାପକ ମିଶ୍ର ଲେଖିଛନ୍ତି – ଯେ ବକ୍ରୋକ୍ତି ହୃଦୟଙ୍ଗମ କରି ଓ କହିପାରି ଗର୍ବ ଅନୁଭବ କରେ, ତାହାକୁ ‘ବକ୍ରୋକ୍ତି ଗର୍ବିତା’ କହନ୍ତି । ପରପୁରୁଷ ସମ୍ଭୋଗ କରି ଯେ ଅନୁତାପ କରେ ସେ ଅନ୍ୟ ‘ସମ୍ଭୋଗ ଦୁଃଖିତା’ ନାମରେ ଅଭିହିତା ହୁଏ । ଯେ ମାନରକ୍ଷା କରିବାକୁ ଅଭିଳାଷ କରୁଥାଏ, ତାହାକୁ ‘ମାନବତୀ’ କହନ୍ତି ଓ ଏହି ମାନବତୀ ପୁଣି ଆଠ ଭାଗରେ ବିଭକ୍ତ : –

ସ୍ୱାମୀ ଯେଉଁ ସ୍ତ୍ରୀର ଗୁଣରେ ମୋହିତ ହୋଇ ତାହାର ବଶବର୍ତ୍ତୀ ହୋଇଥାଏ, ତାହାକୁ ‘ସ୍ୱାଧୀନ–ପତିକା’ କହନ୍ତି । ନିଜ ସ୍ୱାମୀଠାରେ ପର ସ୍ତ୍ରୀର ଅନୁରାଗ ଚ଼ିହ୍ନ ଦେଖି କୁପିତା ହେବା ନାୟିକାକୁ ‘ଖଣ୍ଡିତା’ କୁହାଯାଏ । ପରପୁରୁଷ ପ୍ରତି ଆସକ୍ତା ହୋଇ ଯେଉଁ ସ୍ତ୍ରୀ କୌଣସି ସଙ୍କେତ ସ୍ଥାନକୁ ଅଭିସାର କରେ, ତାହାକୁ ‘ଅଭିସାରିକା’ କହନ୍ତି । ଯେଉଁ ସ୍ତ୍ରୀ ପତି ସଙ୍ଗେ କଳହ କରି ବିଚ୍ଛେଦ ହେତୁରୁ ଅନୁତାପ କରେ ସେ ‘କଳହାନ୍ତରିତା’ ନାମରେ ଅଭିହିତା ହୁଏ । ସଙ୍କେତ–ସ୍ଥଳରେ ନାୟକକୁ ନ ଦେଖି ହତାଶ ହେବା ନାୟିକାକୁ ‘ବିପ୍ରଲବ୍ଧା’ କହନ୍ତି । ଯେଉଁ ସ୍ତ୍ରୀ ସ୍ୱାମୀ ସହ ସଙ୍ଗମ ଆଶାରେ ବେଶଭୂଷା ପିନ୍ଧି ଓ ଶଯ୍ୟାଗୃହ ମଣ୍ଡନ କରି ନୈରାଶ୍ୟରେ ରାତ୍ରିଯାପନ କରେ, ସେ ‘ବାସକସଜ୍ଜା’ ନାମରେ ପରିଚ଼ିତା । ସ୍ୱାମୀ

Digitized by PPRACHIN, SOA

ପ୍ରବାସରେ ଥିବା ହେତୁରୁ ଯେଉଁ ସ୍ତ୍ରୀ ବିଷାଦରେ କାଳଯାପନ କରୁଥାଏ, ତାହାକୁ 'ପ୍ରୋଷିତ ଭର୍ତ୍ତୃକା' କହନ୍ତି । ପ୍ରିୟର ଆଗମନକୁ ଅପେକ୍ଷା କରି ଯେଉଁ ସ୍ତ୍ରୀ କାତରା ତାହାକୁ 'ବିରହୋତ୍କଣ୍ଠିତା' କୁହାଯାଏ ।'' ପୁନଶ୍ଚ ଅଧ୍ୟାପକ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ନାୟକ ଓ ନାୟିକାଙ୍କ ମଧ୍ୟରେ ପରସ୍ପର ନିତ୍ୟ ବନ୍ଧନକୁ ବିବାହ କହନ୍ତି । ଏହାପରେ ସେ ବ୍ରାହ୍ମ ବିବାହ, ଦୈବ ବିବାହ, ଆର୍ଷ ବିବାହ, ଆସୁର ବିବାହ, ପ୍ରାଜାପତ୍ୟ ବିବାହ, ଗାନ୍ଧର୍ବ ବିବାହ ଏବଂ ରାକ୍ଷସ ବିବାହ ସମ୍ପର୍କରେ ଆଲୋଚନା କରିଛନ୍ତି । ପରିଶେଷରେ ଉପନ୍ୟାସର ଚରିତ୍ର ଉପରେ ସେ ଏକ ସଂକ୍ଷିପ୍ତ ଆଲୋଚନା କରିଛନ୍ତି ।

ପରବର୍ତ୍ତୀ ଅଧ୍ୟାୟର ବିଷୟବସ୍ତୁ ହେଉଛି 'ଛନ୍ଦ' । ଏଥିରେ ଯତି (Breath-house), ସ୍ୱରଧର୍ମ, ମାତ୍ରା, ମିତ୍ରାକ୍ଷର, ସଂସୃଷ୍ଟି ଛନ୍ଦ, ଅମିତ୍ରାକ୍ଷର ଛନ୍ଦ, ରାଗ, ବୃତ୍ତ, ବାଣୀ ସମ୍ପର୍କରେ ଆଲୋଚନା କରାଯାଇଛି । ପ୍ରତ୍ୟେକ କ୍ଷେତ୍ରରେ ପଣ୍ଡିତ ମିଶ୍ର ପ୍ରାଚ୍ୟ ସାହିତ୍ୟକୁ ଆଧାର କରି ଆଲୋଚନା କରିଛନ୍ତି । ଛନ୍ଦ ସମ୍ପର୍କରେ ପଣ୍ଡିତ ମିଶ୍ର କହନ୍ତି – ''ସୃଷ୍ଟିର ଯାବତୀୟ କ୍ରିୟାର ଶୃଙ୍ଖଳା ଅଛି । ଭାଷାର ମଧ୍ୟ ସ୍ପନ୍ଦନ ଶୃଙ୍ଖଳା ଅଛି ; ଏଣୁ ଏହି ସ୍ପନ୍ଦନ ଶୃଙ୍ଖଳାକୁ ଅର୍ଥାତ୍ ଯେଉଁ ରୀତିରେ ପଦ ବିନ୍ୟାସ କଲେ ବାକ୍ୟ ଶ୍ରୁତିମଧୁର ହୁଏ ଏବଂ ଶ୍ରୋତା ବା ପାଠକର ଚିତ୍ତରେ ରସ ସଞ୍ଚାର ହୁଏ, ତାହାକୁ ଛନ୍ଦ କହନ୍ତି ।

କଥା କହିବାବେଳେ ଆମେ କୌଣସି କଥା ଅନର୍ଗଳ ଅଧିକ ସମୟ କହିଯାଇପାରିବୁ ନାହିଁ । ନିଶ୍ୱାସ ବାୟୁ ଗ୍ରହଣ କରିବା ପାଇଁ ମଧ୍ୟେ ମଧ୍ୟେ ଅର୍ଥବୋଧରେ ବ୍ୟାଘାତ ନ ଘଟିବା ସ୍ଥାନରେ ଆମେ ବିରାମ ଆବଶ୍ୟକ କରୁ । ଅର୍ଥ ବୋଧର ସୁବିଧା ପାଇଁ ବିରାମ ସ୍ଥାନ ମାନଙ୍କରେ ଛେଦ, ଅର୍ଦ୍ଧ ଛେଦ ଓ ପୂର୍ଣ୍ଣଛେଦ ପ୍ରଭୃତି ଚିହ୍ନ ନିର୍ଦ୍ଦେଶ କରାଯାଏ । ଯେତେବେଳେ ଏହି ବିରାମ ଚିହ୍ନଗୁଡ଼ିକ ପରିମିତ ସ୍ଥାନ ଓ କାଳର ବ୍ୟବଧାନରେ ବ୍ୟବହୃତ ହୋଇ ଅର୍ଥ ବୋଧର ଅସୁବିଧା ମଧ୍ୟ ଘଟାଏ ନାହିଁ ସେତେବେଳେ ଛନ୍ଦର ସୃଷ୍ଟି ହୁଏ ।''

ସେହିପରି ପଣ୍ଡିତ ମିଶ୍ର 'ଯତି' ସମ୍ପର୍କରେ ଲେଖିଛନ୍ତି – '' 'ଗଦ୍' ଧାତୁର ଅର୍ଥ – କହିବା । କହିବା ଭଙ୍ଗୀରେ ଯେଉଁ ବାକ୍ୟରେ ପଦ ବିନ୍ୟାସ କରାଯାଏ, ତାହାକୁ ଗଦ୍ୟ କହନ୍ତି । ନିଶ୍ୱାସ ଗ୍ରହଣ ପାଇଁ ମଧ୍ୟେ ମଧ୍ୟେ ସାମାନ୍ୟ ବିରାମ ନେଇ

Digitized by PPRACHIN, SOA

ବାକ୍ୟର ଶେଷରେ ସମ୍ପୂର୍ଣ୍ଣ ବିରାମ ନିଆଯାଏ । ଏହି ସମସ୍ତ ବିରାମ ଅର୍ଥ ବୋଧ ସମ୍ବନ୍ଧରେ କୌଣସି ବାଧା ଦିଏ ନାହିଁ । ଯେଉଁ ବାକ୍ୟରେ ଅର୍ଥବୋଧକୁ ଲକ୍ଷ୍ୟ ନ ରଖି ପଦମାନଙ୍କର ଉଚ୍ଚାରଣ କାଳର ପରିମାଣ ଅନୁସାରେ ବିରାମ ନିଆଯାଏ, ତାହାକୁ ପଦ୍ୟ କହନ୍ତି । ପଦ୍ୟରେ ବିରାମ-ସ୍ଥାନକୁ ଯତି (Breath-house) କହନ୍ତି ।''

'ସ୍ୱରଧର୍ମ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – ''ସ୍ୱର ବିଜ୍ଞାନ ଅନୁସାରେ ସ୍ୱରର ଚାରୋଟି ଧର୍ମ ଅଛି – 'ତୀବ୍ରତା' (pitch), 'ଗାମ୍ଭୀର୍ଯ୍ୟ' (intensity or loudness), 'ସ୍ୱର-ରଙ୍ଗ' (tone-colour) ଏବଂ 'ସ୍ୱରଦୈର୍ଘ୍ୟ' ବା ସ୍ୱରର କାଳ ପରିମାଣ (length or duration) ।

ଶ୍ୱାସ ବହିର୍ଗତ ହେବାବେଳେ କଣ୍ଠସ୍ଥ ବାକ୍-ତନ୍ତ୍ରୀ ଉପରେ ଶ୍ୱାସ ବାୟୁର ଚାପ ଯେତିକି ପରିମାଣରେ ପଡ଼େ, ସ୍ୱରର କମ୍ପନ ସେତିକି ପରିମାଣରେ ହୁଏ । ବେଶୀ ଚାପ ପଡ଼ିଲେ ସ୍ୱରର ଚାପ ବେଶୀ ଦ୍ରୁତ ଓ ତୀବ୍ର ହୁଏ । ଏହାକୁ ସ୍ୱରର ତୀବ୍ରତା କହନ୍ତି ।

ଅକ୍ଷରର ଉଚ୍ଚାରଣ ସଙ୍ଗେ ସଙ୍ଗେ ଶ୍ୱାସ ବାୟୁ ଯେତେ ବେଶୀ ପରିମାଣରେ ବହିର୍ଗତ ହେବ, ତେତେ ବେଶୀ ପରିମାଣରେ ସ୍ୱର ଗମ୍ଭୀର ହୋଇ ସେତିକି ବେଶୀ ଦୂରରୁ ସ୍ୱର ସ୍ପଷ୍ଟ ରୂପେ ଶୁଣାଯାଇ ପାରିବ । ଏହାକୁ ସ୍ୱର ଗାମ୍ଭୀର୍ଯ୍ୟ କହନ୍ତି ।

କେବଳ ଶୁଦ୍ଧସ୍ୱର କେହି ଉଚ୍ଚାରଣ କରିପାରେ ନାହିଁ । ସ୍ୱରର ଉଚ୍ଚାରଣ ସଙ୍ଗେ ସଙ୍ଗେ ଅନ୍ୟ ଧ୍ୱନିର ସୃଷ୍ଟି ହୁଏ । ଏହି ହେତୁରୁ କାହାର ମିଷ୍ଟ ଓ କାହାର ସ୍ୱର କର୍କଶ ହୁଏ, ଏହାକୁ ସ୍ୱର ରଙ୍ଗ କହନ୍ତି ।

ଯେତେବେଳ ଯାଏଁ କୌଣସି ବର୍ଣ୍ଣ ବାଗଯନ୍ତ୍ରରେ ରହି ଉଚ୍ଚାରିତ ହେଉଥାଏ, ତେତେବେଳ ଯାଏ ସ୍ୱର ଦୀର୍ଘ ଥାଏ । ଏହାକୁ ସ୍ୱରଦୈର୍ଘ୍ୟ କହନ୍ତି ।''

ଏହାପରେ ପଣ୍ଡିତ ମିଶ୍ର ସଂସୃଷ୍ଟି ଛନ୍ଦ, ଅମିତ୍ରାକ୍ଷର ଛନ୍ଦ ବିଷୟରେ ଆଲୋକପାତ କରିଛନ୍ତି । ରାଗ ସମ୍ପର୍କରେ ଅଧ୍ୟାପକ ମିଶ୍ର କହନ୍ତି – 'କେଉଁ ଯୁଗରେ କିଏ ସ୍ୱର-ଝୁଙ୍କକୁ ସାତ ଭାଗରେ ବିଭକ୍ତ କରି ପ୍ରତ୍ୟେକ ଭାଗକୁ ସା, ରି, ଗା, ମା, ପା, ଧା, ନି, ରୂପେ ସଙ୍ଗୀତ ଶାସ୍ତ୍ରରେ ନିର୍ଦ୍ଦେଶ କରିଅଛି, ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ । ସଙ୍ଗୀତ ଶାସ୍ତ୍ର ଅନୁସାରେ ମୟୂର ଷଡ଼ଜ ରବର ଅନୁକରୀ ସ୍ୱରକୁ

Digitized by PPRACHIN, SOA

'ସା', ବୃଷର ଋଷଭଧ୍ୱନିର ଅନୁରୂପ ସ୍ୱରକୁ 'ରି', ଛାଗର ଗାନ୍ଧାର ସଦୃଶ ସ୍ୱରକୁ 'ଗା', ବକର ମଧମ ରବର ଅନୁକରୀସ୍ୱରକୁ 'ମା', ବସନ୍ତଋତୁର କୋକିଳର ପଞ୍ଚମତାନ ସଦୃଶ ସ୍ୱରକୁ 'ପା', ଅଶ୍ୱର ବା ଭେକର ଧୈବତ ରଡ଼ିର ଅନୁରୂପ ସ୍ୱରକୁ 'ଧା' ଏବଂ ହସ୍ତୀର ନିଷାଦ ଗର୍ଜନର ସଦୃଶ ସ୍ୱରକୁ 'ନି' କହନ୍ତି । ଏହି ସପ୍ତ ସ୍ୱରର ବିଭିନ୍ନ ପ୍ରକାର ଓଲମ ବିଲୋମରେ ବିଭିନ୍ନ ରାଗର ସୃଷ୍ଟି ହୁଏ । ପ୍ରଥମେ ଶ୍ରୀ, ବସନ୍ତ, ପଞ୍ଚମ, ଭୈରବ, ମେଘ ଓ ନଟ ନାରାୟଣ (ମତାନ୍ତରେ – ଶ୍ରୀ, ବସନ୍ତ, ଭୈରବ, ହିନ୍ଦୋଳ, ମାଳକୋଷ ଓ ଦୀପକ) – ଏହି ଛ'ଟି ରାଗର ସୃଷ୍ଟି ହୋଇଥିଲା । ତତ୍ପରେ ଏହି ରାଗମାନଙ୍କର ଅଙ୍ଗର ଶୃଙ୍ଖଳା–କ୍ରମରେ ଯୋଗ ପରିବର୍ତ୍ତନ ଦ୍ୱାରା (permutation and combination) ଭୈରବୀ, ରାମକେଳୀ, ହିନ୍ଦୋଳୀ, ତୋଡ଼ୀ, ଗାନ୍ଧାରୀ, ଗୁର୍ଜରୀ ପ୍ରଭୃତି ଯେଉଁ ନୂତନ ନୂତନ ସ୍ୱର–ରୀତି ଆବିଷ୍କୃତ ହେଲା ସେଗୁଡ଼ିକୁ ରାଗିଣୀ କୁହାଗଲା । ରାଗିଣୀର ସଂଖ୍ୟା ପ୍ରଥମେ ଛତ୍ରିଶ ଥିଲା । କ୍ରମଶଃ ବଢ଼ିଲା ଓ ବଢୁଅଛି ।''

ଏହାର ପରବର୍ତ୍ତୀ ଅଧ୍ୟାୟରେ ପଣ୍ଡିତ ମିଶ୍ର 'ରସ' (କାବ୍ୟରସ) କୁ ପ୍ରାଚ୍ୟ ଆଳଙ୍କାରିକ ମାନଙ୍କ ଦୃଷ୍ଟିରୁ ଆଲୋଚ଼ନା କରିଛନ୍ତି । ସେ ଏଥିରେ ରସର ପାଞ୍ଚଟି ଅବସ୍ଥା, ଯଥା – ଭାବ, ବିଭାବ, ସ୍ଥାୟିଭାବ, ଅନୁଭାବ, ସଞ୍ଚାରିଭାବ ବା ବ୍ୟଭିଚାରିଭାବ ସମ୍ପର୍କରେ 'ସାହିତ୍ୟଦର୍ପଣ' ଦୃଷ୍ଟିରୁ ଆଲୋଚ଼ନା କରିଛନ୍ତି । ଏହାପରେ ଆଦିରସ, ବୀରରସ, କରୁଣ, ରୌଦ୍ର, ଅଦ୍ଭୁତ, ଭୟାନକ, ହାସ୍ୟ, ବିଭତ୍ସ, ଶାନ୍ତ, ବତ୍ସଳ ରସ ସମ୍ପର୍କରେ ଉଦାହରଣ ମାଧ୍ୟମରେ ଉପସ୍ଥାପନ କରାଯାଇଛି । ପରବର୍ତ୍ତୀ ଅଧ୍ୟାୟରେ 'ଶୈଳୀ' ବିଷୟ ଆଲୋଚ଼ିତ । 'ଶୈଳୀ' ସମ୍ପର୍କରେ ଅଧ୍ୟାପକ ମିଶ୍ର ଲେଖିଛନ୍ତି – 'କବିର ସ୍ୱତନ୍ତ୍ର ଭାଷା ଅଛି । ସାଧାରଣ ଭାଷାଠାରୁ ତାହା ପୃଥକ୍ । ବାକ୍ୟରେ କିପରି ବିଭିନ୍ନ ଧ୍ୱନିର ବିଭିନ୍ନ ପଦ ଏକତ୍ର ଯୋଜନା କଲେ ବାକ୍ୟ ଶ୍ରୁତି ମଧୁର ହେବ ତାହା ମଧ ସେ ଜାଣେ । ପାଠକର ହୃଦୟ ଦର୍ପଣରେ ପ୍ରତିବିମ୍ବିତ ହେବାଭଳି ଭାଷାରେ ସେ ନିଜର ଚ଼ିନ୍ତା ଗୁଡ଼ିକୁ ମୂର୍ତ୍ତିମନ୍ତ କରେ । ଏଣୁ ଅନୁଭୂତି ଯେତେବେଳେ ଚ଼ିନ୍ତାରେ ପରିଣତ ହୋଇ ଭାଷାକାରରେ ପ୍ରକାଶ ପାଏ, ସେତେବେଳେ ସେହି ଭାଷାର ରୀତିକୁ (style) କହନ୍ତି । କବିର ଭାଷା ସୁଖବୋଧ (perspicuous), ସ୍ୱାଭାବିକ (accurate) ଓ ଯଥାର୍ଥ (appropriate) ହୋଇ ଶୈଳୀର ଆଦର୍ଶ ସ୍ଥାପନ କରେ । ଏ ପ୍ରସଙ୍ଗରେ ସେ ବାକ୍ୟାର୍ଥ

Digitized by PPRACHIN, SOA

ସମ୍ପର୍କରେ ଆଲୋଚ଼ନା କରିଛନ୍ତି । ବାକ୍ୟାର୍ଥ ଆଲୋଚ଼ନା ପରିପ୍ରେକ୍ଷୀରେ ପଦମାନଙ୍କର ଯୋଗ୍ୟତା (compatibility), ଆକାଙ୍‌କ୍ଷା (Expectancy) ଓ ଆସତ୍ତି (Proximity) ବିଷୟ ବିଚାର୍ଯ୍ୟ ବୋଲି ସେ ମତ ପ୍ରଦାନ କରିଛନ୍ତି । ବାକ୍ୟର ପଦମାନଙ୍କର ଯୋଗ୍ୟତା, ଆକାଙ୍‌କ୍ଷା ଓ ଆସତ୍ତି ରକ୍ଷା କରିବାକୁ ହେଲେ ଶବ୍ଦାର୍ଥ ଜାଣିବା ଉଚ଼ିତ । ଏହି ଶବ୍ଦାର୍ଥ ତ୍ରିବଧ – ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା । ସୁତରାଂ ପ୍ରାବନ୍ଧିକ ମିଶ୍ର ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା ସମ୍ପର୍କରେ ପ୍ରାଞ୍ଜଳ ଆଲୋଚ଼ନା କରିଛନ୍ତି । ଏହାପରେ 'ଗୁଣ' ପ୍ରସଙ୍ଗ ଅବତାରଣା କରାଯାଇ ଓଜୋଗୁଣ, ମାଧୁର୍ଯ୍ୟଗୁଣ ଓ ପ୍ରସାଦଗୁଣ ସମ୍ପର୍କରେ ଆଲୋଚ଼ନା କରାଯାଇଛି ।

'ଓଜୋଗୁଣ (strength of style)' ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଶୈଳୀରେ ଯେଉଁ ଗୁଣଥିଲେ ପାଠ କରିବା ସଙ୍ଗେ ସଙ୍ଗେ ପାଠକର ଚ଼ିତ୍ତ ଉଦ୍ଦୀପ୍ତ ହୋଇଉଠେ, ତାହାକୁ ଓଜୋଗୁଣ କହନ୍ତି । ବୀର, ବିଭତ୍ସ ଓ ରୌଦ୍ର ରସର ପ୍ରକାଶ ପାଇଁ ସାଧାରଣତଃ ଏହି ଗୁଣ ଉପଯୋଗୀ ।" ପୁନଶ୍ଚ ଓଜୋଗୁଣର ସ୍ୱରୂପ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଓଡ଼ିଆରେ ଯେ କୌଣସି ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣ ଏବଂ ଖ, ଘ, ଛ, ଝ, ଠ, ଢ, ଥ, ଧ, ଫ, ଭ, ଶ, ଷ, ସ, ହ ପ୍ରଭୃତି ମହାପ୍ରାଣ ବର୍ଣ୍ଣ ଅଥବା ଦୀର୍ଘ ସ୍ୱର ଯୁକ୍ତ ସ୍ୱଳ୍ପ ପ୍ରାଣ ବର୍ଣ୍ଣ ଯେଉଁ ଶବ୍ଦମାନଙ୍କର ଦ୍ୱିତୀୟ ବର୍ଣ୍ଣ ହୋଇଥାଏ, ସେହି ଶବ୍ଦମାନ ବିନ୍ୟାସ କରି ବାକ୍ୟଗଠନ କଲେ ଓଜୋଗୁଣ ପ୍ରକାଶିତ ହୁଏ । ପଦ୍ୟରେ ଏହି ଗୁଣ ଫୁଟାଇବାକୁ ହେଲେ ଉଲ୍ଲିଖିତ ବର୍ଣ୍ଣମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିଏ ବର୍ଣ୍ଣ ପ୍ରତ୍ୟେକ ପର୍ବର ଦ୍ୱିତୀୟ ବର୍ଣ୍ଣ ହେବା ଉଚ଼ିତ ।" ଓଜୋଗୁଣ ସମ୍ପର୍କରେ ମଧ ପଣ୍ଡିତ ମିଶ୍ର ଲେଖିଛନ୍ତି ଯେ ଦୀର୍ଘ ସମାସ ଯୁକ୍ତ ବାକ୍ୟ ଗଠିତ ହେଲେ ସଂସ୍କୃତ ରଚ଼ନାରେ ଓଜୋଗୁଣ ପ୍ରକଟିତ ହୁଏ ଓ ଏପରି ଶବ୍ଦ ବିନ୍ୟାସର ରୀତିକୁ ଗୌଡ଼ୀରୀତି କହନ୍ତି । 'ମାଧୁର୍ଯ୍ୟ (elegance)'ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "ଯେଉଁ ରଚ଼ନା ପାଠ କରୁ କରୁ ପାଠକର ଚ଼ିତ୍ତ ଆନନ୍ଦରେ ଅଭିଭୂତ ହୋଇ ଉତ୍ତରୋତ୍ତର ପାଠ କରିବା ପାଇଁ ଆଗ୍ରହାନ୍ୱିତ ହୁଏ ତହିଁରେ ମାଧୁର୍ଯ୍ୟ–ଗୁଣ ଅନୁଭୂତ ହୁଏ । ଶୃଙ୍ଗାର, କରୁଣ ଓ ଶାନ୍ତ ରସର ପ୍ରକାଶ ପାଇଁ ଏହି ଗୁଣ ବିଶିଷ୍ଟ ଶୈଳୀ ଉପଯୋଗୀ । ଟ–ବର୍ଗ ଛଡା ଅନ୍ୟ ଯେ କୌଣସି ପଞ୍ଚମ ବର୍ଣ୍ଣ ସେହି ବର୍ଗର ଅନ୍ୟ ବର୍ଣ୍ଣରେ ସଂଯୁକ୍ତ ହୋଇଥିବା ବର୍ଣ୍ଣ (ଣ୍ଟ, ଣ୍ଠ, ଣ୍ଡ, ଣ୍ଢ, ବ୍ୟତୀତ ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, ଞ୍ଛ, ଞ୍ଜ, ଞ୍ଝ, ନ୍ତ, ନ୍ଥ, ନ୍ଦ, ନ୍ଧ, ମ୍ପ, ମ୍ଫ, ମ୍ବ, ମ୍ଭ) ଓ ସ୍ୱଳ୍ପପ୍ରାଣ ବର୍ଣ୍ଣ ଥିବା ଶବ୍ଦମାନ

Digitized by PPRACHIN, SOA

ବିନ୍ୟାସ କରି ଯେଉଁ ବାକ୍ୟ ଗଠିତ ହୁଏ, ତହିଁରେ ଏହି ଗୁଣ ପ୍ରକଟିତ ହୁଏ । ଏଥିରେ ଉଲ୍ଲିଖିତ ଯୁକ୍ତାକ୍ଷର ଛଡ଼ା ଅନ୍ୟ ଯୁକ୍ତାକ୍ଷର ବା ଦୀର୍ଘ ସମାସଯୁକ୍ତ ପଦ ବ୍ୟବହୃତ ହୁଏ ନାହିଁ । କ୍ଷୁଦ୍ର ସମାସ ଯୁକ୍ତ ପଦ ବ୍ୟବହୃତ ହୋଇପାରେ । ଏପରି ରଚନାର ରୀତିକୁ ସଂସ୍କୃତରେ ବୈଦର୍ଭୀ ରୀତି କହନ୍ତି ।'' ଏହାପରେ ପଣ୍ଡିତ ମିଶ୍ର ଉଦାହରଣ ମାଧ୍ୟମରେ ମାଧୁର୍ଯ୍ୟ ଗୁଣକୁ ବୁଝାଇଛନ୍ତି ।

'ପ୍ରସାଦ' ଗୁଣ (perspicuity) ସମ୍ପର୍କରେ ମଧ୍ୟ ପଣ୍ଡିତ ମିଶ୍ର ଉଲ୍ଲେଖ କରିଛନ୍ତି – ''ବ୍ୟାକରଣ ଅନୁଯାୟୀ ମାର୍ଜିତ କଥିତ ଭାଷାରେ ସରଳ ସରଳ ଶବ୍ଦମାନଙ୍କର ବିନ୍ୟାସ ସହ ସୁଖବୋଧ୍ୟ କ୍ଷୁଦ୍ର କ୍ଷୁଦ୍ର ବାକ୍ୟମାନ ଗଠିତ ହୋଇ ଯେଉଁ ରଚ଼ନାରେ ସନ୍ନିବେଶିତ ହୋଇଥାଏ, ତାହାର ଶୈଳୀରେ ପ୍ରସାଦ ଗୁଣ ପ୍ରକଟିତ ହୋଇଥାଏ । ଯଥା :–

''ଶିଶୁଗଣ ଏବେ ହରଷେ ରତ
ଫୁଲ ଉପବନେ ବୁଲି ସନ୍ତତ,
କୁସୁମ ପରାଗ ମୁଖରେ ବୋଳି
ଧରି ପ୍ରଜାପତି କୁସୁମ ତୋଳି
ନାନାରଙ୍ଗେ ଖେଳି ତରୁ ତଳରେ
କରନ୍ତି ସଙ୍ଗୀତ ଆନନ୍ଦ ଭରେ ।'' (ବସନ୍ତ)

ପଣ୍ଡିତ ମିଶ୍ର ଦର୍ଶାଇଛନ୍ତି ଯେ ପ୍ରସାଦ ଗୁଣ ବିଶିଷ୍ଟ ଶୈଳୀରେ ବିଶେଷ ଶବ୍ଦାଳଙ୍କାର ବା ଅର୍ଥାଳଙ୍କାର ନ ଥାଏ । ଏଥିରେ ଦୃଷ୍ଟାନ୍ତାଳଙ୍କାରର ପ୍ରୟୋଜନ ହୁଏ । ବାସ୍ତବିକ୍ ପଣ୍ଡିତ ମିଶ୍ରଙ୍କର ବିଶ୍ଳେଷଣ ପ୍ରାଞ୍ଜଳ ଓ ରୁଚ଼ିପୂର୍ଣ୍ଣ ।

ପରବର୍ତ୍ତୀ ଅଧ୍ୟାୟରେ ପଣ୍ଡିତ ମିଶ୍ର ଶବ୍ଦାଳଙ୍କାର ଆଲୋଚ଼ନା କରିଛନ୍ତି । ସେ ଏଥିରେ ଶ୍ଳେଷ, ଛଳ, ବକ୍ରୋକ୍ତି, କାକୁବକ୍ରୋକ୍ତି, ଅନୁପ୍ରାସ, ଏକବର୍ଣ୍ଣାନୁପ୍ରାସ, ଦ୍ୱିବର୍ଣ୍ଣାନୁପ୍ରାସ, ତ୍ରିବର୍ଣ୍ଣାନୁପ୍ରାସ, ଚ଼ତୁର୍ବର୍ଣ୍ଣାନୁପ୍ରାସ, ପଞ୍ଚବର୍ଣ୍ଣାନୁପ୍ରାସ, ବର୍ଗାନୁପ୍ରାସ, ଏକାନ୍ତାନୁପ୍ରାସ, ଯୁଗ୍ମାନ୍ତାନୁପ୍ରାସ, ମଧ୍ୟାନୁପ୍ରାସ, ଅନ୍ତର୍ନିହିତାନୁପ୍ରାସ, ଛେକାନୁପ୍ରାସ, ଯମକ, ଆଦ୍ୟଯମକ, ମଧ୍ୟଯମକ, ମାଳଯମକ, ପ୍ରାନ୍ତଯମକ, ସର୍ବଯମକ, ଏକାକ୍ଷରାଦ୍ୟଯମକ, ଦ୍ୱିତୀୟବର୍ଣ୍ଣାଦ୍ୟଯମକ, ଦ୍ୱନ୍ଦ୍ୱାଦ୍ୟଯମକ, ଦ୍ୱିରୁକ୍ତିଯମକ, ଅନୁଛନ୍ଦଯମକ, ଯୁଗ୍ମଯମକ, ଆଦ୍ୟାନ୍ତଯମକ, ତ୍ରିବୃତ୍ତିଯମକ, ଯମକସାର ଯମକ,

Digitized by PPRACHIN, SOA

ସମପାଦ ଯମକ, ଧ୍ୱନି ଯମକ, ଶୃଙ୍ଖଳା, ସିଂହାବଲୋକନ ଶୃଙ୍ଖଳା, ମଣ୍ଡୁକପ୍ଳୁତ ଶୃଙ୍ଖଳା, ଗଙ୍ଗାସ୍ରୋତ ଶୃଙ୍ଖଳା, ସର୍ବାଙ୍ଗପାଦ ଶୃଙ୍ଖଳା, ଶ୍ଳେଷ, ଅଭଙ୍ଗ, ସଭଙ୍ଗ, ଅନ୍ତର୍ଲିପି ଓ ବହିର୍ଲିପି, ଅବନା, ବନା, ଦ୍ୟକ୍ଷରା, ସରୋଷ୍ଠକ, ନିରୋଷ୍ଠକ, ଦତ୍ତଚ୍ୟୁତାକ୍ଷର, ଗୋମୂତ୍ର, ଚିତ୍ରାଳଙ୍କାରକୁ ସୋଦାହରଣ ବର୍ଣ୍ଣନା କରିଛନ୍ତି । ସେହିପରି ପରବର୍ତ୍ତୀ ଅଧ୍ୟାୟରେ ଅର୍ଥାଳଙ୍କାର ପ୍ରସଙ୍ଗରେ ପଣ୍ଡିତ ମିଶ୍ର ଉପମା (ପୂର୍ଣ୍ଣୋପମା, ମାଳୋପମା, ଲୁପ୍ତୋପମା, ରସନୋପମା, ସାରୋପମା, ଅନନ୍ୱୟୋପମା, ଉପମେୟୋପମା, ପ୍ରତିବସ୍ତୁପମା, ବିଦେଶୀଉପମା), ଅଧିକାରୂଢ, ପ୍ରତୀତ, ବ୍ୟତିରେକ, ସନ୍ଦେହ, ଉତ୍ପ୍ରେକ୍ଷା, ସ୍ମରଣ, ଅନୁମାନ, ଭ୍ରାନ୍ତିମାନ, ମୀଳିତ, ନିଶ୍ଚୟ, ଦୃଷ୍ଟାନ୍ତ, ଅପହ୍ନୁତି, ନିଦର୍ଶନା, ଅର୍ଥାନ୍ତରନ୍ୟାସ, ବିଷମ, ଅତଦ୍‌ଗୁଣ, ରୂପକ (ପରମ୍ପରିତ ରୂପକ ଓ ସାଙ୍ଗରୂପକ), ଅସଙ୍ଗତି, ବିଭାବନା, ସମୁଚ୍ଚୟ, କାବ୍ୟଲିଙ୍ଗ, ଅର୍ଥାପତ୍ତି, ବ୍ୟାଘାତ, ବିରୋଧ, ବିରୋଧାଭାସ, ପରିଣାମ, ଦୀପକ, ମାଳାଦୀପକ, ପରିବୃତ୍ତି, ବିକଳ୍ପ, ଉଲ୍ଲେଖ, ସହୋକ୍ତି, ବିନୋକ୍ତି, ପର୍ଯ୍ୟାୟୋକ୍ତି, ସୂକ୍ଷ୍ମ, ତଦ୍‌ଗୁଣ, ଅତିଶୟୋକ୍ତି, ଅନୁକୂଳ, ସ୍ୱଭାବୋକ୍ତି, ବ୍ୟାଜସ୍ତୁତି, ବ୍ୟାଜୋକ୍ତି, ଅପ୍ରସ୍ତୁତ ପ୍ରଶଂସା, ସମାସୋକ୍ତି, ତୁଲ୍ୟଯୋଗିତା, ଅଧିକ, ଆକ୍ଷେପ, ଅନ୍ୟୋନ୍ୟ, ଏକାବଳୀ, କାରଣମାଳା, ଭାବିକ, ସଂସୃଷ୍ଟି, ସଂକର ଅଳଙ୍କାର ଗୁଡ଼ିକୁ ଲକ୍ଷଣ ସହ ସୋଦାହରଣ ବର୍ଣ୍ଣନା କରିଛନ୍ତି । ଶେଷ ଅଧ୍ୟାୟରେ କାବ୍ୟଦୋଷ ବର୍ଣ୍ଣିତ । ଏଥିରେ 'ଶବ୍ଦଦୋଷ' ପରିପ୍ରେକ୍ଷୀରେ ଶ୍ରୁତିକଟୁତା, ଚ୍ୟୁତ ସଂସ୍କୃତି, ଅପ୍ରଯୁକ୍ତତା, ଅବାଚ୍‌କତା, ଅସମର୍ଥତା, ଅଶ୍ଳୀଳତା, କ୍ଲିଷ୍ଟତା, ପ୍ରତିକୂଳ ବର୍ଣ୍ଣତା, ଅନବୀକୃତତା, ପ୍ରସିଦ୍ଧି ବିରୁଦ୍ଧତା, ନ୍ୟୂନପଦତା, ସମାପ୍ତ ପୁନରାତ୍ତତା ଦୋଷ ବର୍ଣ୍ଣିତ । ସେହିପରି 'ଅର୍ଥଦୋଷ' ପ୍ରସଙ୍ଗରେ ଦୁଷ୍କ୍ରମତା, ସନ୍ଦିଗ୍ଧତା, ଗ୍ରାମ୍ୟତା, ନିର୍ହେତୁତ୍ୱ, ବ୍ୟାହତତା, ପ୍ରକାଶିତ ବିରୁଦ୍ଧତ୍ୱ, ଅନୌଚ୍‌ତ୍ୟ, ସହଚ୍‌ର ଭିନ୍ନତା, ପ୍ରକୃତି ବିପର୍ଯ୍ୟୟ ବର୍ଣ୍ଣନା କରାଯାଇଛି । ଏହିପରି ଭାବରେ ଏହି ଗ୍ରନ୍ଥରେ ପଣ୍ଡିତ ମିଶ୍ର ସାହିତ୍ୟତତ୍ତ୍ୱ ସମ୍ପର୍କରେ ଶାସ୍ତ୍ରୀୟ ମତାମତ ପ୍ରଦାନ କରିଛନ୍ତି ।

'ଓଡ଼ିଆ ସାହିତ୍ୟ ପ୍ରକାଶ' (୧ମ ଭାଗ) ଗ୍ରନ୍ଥଟି ପ୍ରାଚ୍ୟ ସାହିତ୍ୟ ତତ୍ତ୍ୱ ଉପରେ ଏକ ପ୍ରାମାଣିକ ଗ୍ରନ୍ଥ । ଏଥିରେ ବିନାୟକ ମିଶ୍ର ବେଶ୍ ବୌଦ୍ଧିକତାର ପରିଚ୍‌ୟ ଦେଇଛନ୍ତି ।

Digitized by PPRACHIN, SOA

ଏହାପରେ ପଣ୍ଡିତ ବିନାୟକ ମିଶ୍ରଙ୍କର 'ଓଡ଼ିଆ ସାହିତ୍ୟ ପ୍ରକାଶ' (ଦ୍ୱିତୀୟ ଭାଗ) ଗ୍ରନ୍ଥଟି ୧୯୪୯ ମସିହାରେ ପ୍ରକାଶ ପାଇଛି । ଏହି ପୁସ୍ତକର ମୁଦ୍ରାକର ହେଉଛନ୍ତି ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା ଏବଂ ଏହା ବ୍ରହ୍ମପୁରର ଶିରୋମଣି ପ୍ରେସ୍ ଦ୍ୱାରା ପ୍ରକାଶ ପାଇଛି । ଏହି ପୁସ୍ତକର ପ୍ରକାଶକ ହେଉଛନ୍ତି ଶ୍ରୀ ବ୍ରଜବନ୍ଧୁ ଦାଶ, ଉତ୍କଳ ବୁକ୍ ଏଜେନ୍ସି, ରାଣୀହାଟ, କଟକ-୧ । ଆଲୋଚ୍ୟ ପୁସ୍ତକଟି ହେଉଛି ଉତ୍କଳ ଭାରତୀର ଚତୁର୍ବିଂଶ ଅବଦାନ । ଏହା ଏକ ଆଲୋଚନା ମୂଳକ ପୁସ୍ତକ । ଏଥିରେ ପାଞ୍ଚଗୋଟି ବିଷୟ ଉପରେ ଆଲୋଚନା ସ୍ଥାନିତ ହୋଇଛି । ପ୍ରଥମ ଅଧ୍ୟାୟରେ 'କବିତ୍ୱ କଳା' ସମ୍ପର୍କରେ ଆଲୋଚନା ରହିଛି । ଦ୍ୱିତୀୟ ଅଧ୍ୟାୟର ଆଲୋଚ୍ୟ ବିଷୟ ହେଉଛି 'କବିର ବ୍ୟକ୍ତିତ୍ୱ' । ତୃତୀୟ ଅଧ୍ୟାୟରେ ରହିଛି 'କାବ୍ୟର କଥାବସ୍ତୁ' । ଚତୁର୍ଥ ଅଧ୍ୟାୟରେ 'ରାଧାନାଥଙ୍କ ପ୍ରକୃତି ଚିତ୍ରଣ' ଉପରେ ଆଲୋକପାତ କରାଯାଇଛି । ଶେଷ ଅଧ୍ୟାୟର ବିଷୟ ବସ୍ତୁ ହେଉଛି 'ରାଧାନାଥଙ୍କ ଜୀବନର ଦର୍ଶନ' ।

'କବିତ୍ୱ କଳା' ବିଷୟରେ ପଣ୍ଡିତ ମିଶ୍ର ଏକ ବ୍ୟାଖ୍ୟା ମୂଳକ ଆଲୋଚନା ଉପସ୍ଥାପନ କରିଛନ୍ତି । ସେ ଲେଖିଛନ୍ତି – 'ଆହାର ବିହାର ମନୁଷ୍ୟ ଜୀବନର ଚରମ ଲକ୍ଷ୍ୟ ବୋଲି ଯେଉଁମାନେ ବୁଝି ଅଛନ୍ତି, ସେମାନେ ନିର୍ବୋଧ ବୋଲି ଯଦି କୁହାଯାଏ, ତେବେ ମନୁଷ୍ୟ ଜୀବନର ଯଥାର୍ଥ ଲକ୍ଷ୍ୟ କଅଣ ? ଏ ପ୍ରଶ୍ନର ଉତ୍ତର ପାଇଁ ପର ମୁହଁକୁ ଚାହିଁବାର ପ୍ରୟୋଜନ ନାହିଁ । ନିଜେ ଚିନ୍ତାକଲେ ଉତ୍ତର ନିଜ ହୃଦୟରୁ ମିଳିବ । ବାଳକ ବାଳିକାଙ୍କର ଆହାରର ଚିନ୍ତା ନ ଥାଏ । ପିତାମାତଙ୍କର ଯତ୍ନରେ ପାଳିତ ହେଉଥାଆନ୍ତି । କିନ୍ତୁ ସେମାନେ ସ୍ଥିର ରହି ପାରନ୍ତି ନାହିଁ । ଧୂଳିବାଲିରେ ଘର ତିଆରି କରି ସେମାନେ ଖେଳନ୍ତି । କାହିଁକି ? ମନୁଷ୍ୟଠାରେ ସୃଜନ ଶକ୍ତି ଅଛି । ସେହି ଶକ୍ତିର ପ୍ରକାଶ ପାଇଁ ତାହାର ଅନ୍ତରରୁ ପ୍ରେରଣା ଜାତ ହୁଏ । ଏଣୁ ବାଳକ ବାଳିକା ମାନେ ବିନା ପ୍ରୟୋଜନରେ ଧୂଳି ବାଲିରେ ଘର କରନ୍ତି ବା କାଦୁଅରେ ଘଡ଼ି କୁଣ୍ଢେଇ ଗଢ଼ନ୍ତି । ଏହି ସୃଜନ ଶକ୍ତି ଓ ତାହାର ପ୍ରକାଶ ପାଇଁ ଅନ୍ତରର ପ୍ରେରଣା ନଥିଲେ ମାନବ ସଭ୍ୟତାରେ ଅଗ୍ରସର ନୋହି ଏବେ ମଧ୍ୟ ଆଦିମ ଅବସ୍ଥାରେ ପଡ଼ିଥାଆନ୍ତା ।

ଜୀବନ ରକ୍ଷାର ପ୍ରୟୋଜନ ପାଇଁ ମନୁଷ୍ୟ ଯେଉଁ ସବୁକର୍ମ କରି ସୃଜନ ଶକ୍ତିର ପରିଚୟ ଦିଏ, ତାହାକୁ କଳା କହନ୍ତି । ଏଣୁ କୃଷି, ବାଣିଜ୍ୟ ପ୍ରଭୃତିକୁ ବାତ୍ସାୟନ ଚଉଷଠି କଳା ମଧ୍ୟରେ ଯୋଗ କରି ନାହାନ୍ତି । କଳାର ଅର୍ଥ ଅଂଶ ।

Digitized by PPRACHIN, SOA

ଚନ୍ଦ୍ରଙ୍କଠାରେ ଷୋଳକଳା ବା ଅଂଶ ଅଛି ବୋଲି ପ୍ରାଚୀନ ଋଷିମାନେ ନିରୂପଣ କରିଥିଲେ । ଏହି ଷୋଳ କଳା ମଧ୍ୟରୁ କୃଷ୍ଣପକ୍ଷରେ ପ୍ରତ୍ୟହ ଗୋଟିଏ ଗୋଟିଏ କଳା କ୍ଷୟ ପାଇ ପନ୍ଦରଟି ଯାଇ ଗୋଟିଏ ଅବଶିଷ୍ଟ ରହେ ଓ ସେହି ଗୋଟିକରୁ ସମସ୍ତ ହୃତ ପନ୍ଦର କଳାର ପୁଣି କ୍ରମଶଃ ଉତ୍ପତ୍ତି ଘଟେ । ମନୁଷ୍ୟଠାରେ ଏହିପରି ଷୋଳକଳା ଅଛି ଓ ଏଥିରୁ ପନ୍ଦର କଳା ଲୁପ୍ତ ହେଲେ ମଧ୍ୟ ଯଦି ଗୋଟିଏ କଳା ଥାଏ, ତେବେ ଲୁପ୍ତ ପନ୍ଦର କଳାକୁ ପୁଣି ଉଦ୍ଧାର କରାଯାଇପାରେ ବୋଲି ଛାନ୍ଦୋଗ୍ୟ ଉପନିଷଦରେ ଉକ୍ତ ଅଛି । ଏଥିରୁ ବୁଝାଯାଏ ଯେ ଯେଉଁ କଳାଟି ଅବଶିଷ୍ଟ ରହିବାରୁ ଅନ୍ୟାନ୍ୟ କଳା ମାନଙ୍କର ଉତ୍ପତ୍ତି ଘଟେ, ସେହି କଳା ମଧ୍ୟରେ ସୃଜନୀ ଶକ୍ତି ଥାଏ – ଅନ୍ୟ କଳା ମାନଙ୍କରେ ନଥାଏ । ଏଣୁ ଚନ୍ଦ୍ରଙ୍କର କ୍ଷୟ ନୋହୁଥିବା କଳାକୁ ପ୍ରଜାପତି–କଳା କୁହାଯାଏ । ପୁରାଣ ପଢ଼ି ସମସ୍ତେ ଜାଣନ୍ତି ଯେ ପ୍ରଜାପତି ବିଶ୍ୱର ସ୍ରଷ୍ଟା ଅଟନ୍ତି । ମନୁଷ୍ୟର ସେହିପରି ନାମକଳା ବା ପଦାର୍ଥ ବିଭେଦୀକରଣ ଶକ୍ତି ଅବଶିଷ୍ଟ ରହେ, ଏହାକୁ ଚୈତନ୍ୟ କୁହାଯାଇପାରେ । ଚୈତନ୍ୟ ଥିଲେ ଶରୀରର ପୁନରୁଦ୍ଧାର ଅସମ୍ଭବ ନୁହେଁ । ଏହି ଚୈତନ୍ୟ ସୃଜନ ଶକ୍ତିର ଅଧିକାରୀ । ଚୈତନ୍ୟକୁ କେହି କେହି ଆତ୍ମା କହିଛନ୍ତି, କିନ୍ତୁ ଯେ କୌଣସି କର୍ମରେ ଚୈତନ୍ୟର ସୃଜନ ଶକ୍ତିର ପ୍ରକାଶ ପାଇଲେ ତାହାକୁ କଳା–କର୍ମ କୁହାଯାଏ ନାହିଁ । x x x ଶରୀର ରକ୍ଷାର ପ୍ରୟୋଜନରେ ନଲାଗିବା ଭଳି କର୍ମରେ ସୃଜନ ଶକ୍ତିର ପ୍ରକାଶ ପାଇଲେ ତାହାକୁ କଳା–କର୍ମ କହନ୍ତି ।

ମାତୃଭାଷାର ଉନ୍ନତିପାଇଁ ଆଧୁନିକ ଓ ପୁରାତନ ସାହିତ୍ୟ ପଢ଼ିବାର ପ୍ରୟୋଜନ ଅଛି ବୋଲି ଡ୍ରାଇଡ଼େନ୍ (Dryden) କହିଛନ୍ତି (I trade with the living and the dead for the enrichment of our national language). ଆହୁରି ମଧ୍ୟ ସେ କହିଛନ୍ତି – 'ମନୋହର ଅଭିବ୍ୟକ୍ତି ସବୁ ଭାଷାରେ ସୁଖପାଠ୍ୟ' (A thing well said will be wit in all language).

ପୃଥିବୀରେ ନୂଆ ସତ୍ୟ କହିବା ପାଇଁ କିଛି ନାହିଁ । ସତ୍ୟର କେବଳ ରୂପ ବଦଳୁଛି । ପ୍ରାଚୀନ କାଳରେ ଅନେକ ମହାପୁରୁଷ ଧର୍ମ ନୀତିରେ ଅହିଂସା–ମନ୍ତ୍ର ଘୋଷଣା କରିଥିଲେ । ଏବେ ମହାତ୍ମା ଗାନ୍ଧି ରାଜନୀତିରେ ତାହାକୁ ଘୋଷଣା କରି ନୂତନ ରୂପ ଦେଲେ । ଅତୀତ ଯୁଗରେ ସେପରି ଧର୍ମନୀତିରେ ସାମ୍ୟବାଦ ପ୍ରଚାରିତ ହେଉଥିଲା । ବର୍ତ୍ତମାନ ଅର୍ଥନୀତିରେ ପ୍ରଚାରିତ ହୋଇ ତାହାର ରୂପ ବଦଳୁଛି ।

Digitized by PPRACHIN, SOA

ଏହିପରି ସତ୍ୟର ରୂପ ବଦଳି ବଦଳି ତାହାର ପ୍ରକାଶ ଦିନକୁ ଦିନ ଅଧିକତର ବାସ୍ତବ ହେଉଅଛି । ଆତ୍ମୀୟ ସ୍ୱଜନଙ୍କଠାରୁ ଶିଶୁ ଯେପରି ଭାଷା ଶିଖେ ନାନା ଗ୍ରନ୍ଥପଢ଼ି ସେପରି ମନୁଷ୍ୟ ସତ୍ୟ ଜ୍ଞାନ ଅର୍ଜନ କରେ । ତାହାକୁ ନୂତନ ରୂପରେ ପ୍ରକାଶ କରିପାରିଲେ ତାହାର ସୃଜନଶକ୍ତିର ପରିଚୟ ମିଳେ । James Scottଙ୍କ The making of Literature, Quiller Arthurଙ୍କ The art of writing ଓ ଅନ୍ୟାନ୍ୟ ପ୍ରାଚ୍ୟ ପାଶ୍ଚାତ୍ୟ ଗ୍ରନ୍ଥମାନ ପଢ଼ି ନଥିଲେ ଏହି ପ୍ରବନ୍ଧ ଲେଖିବା ଲେଖକ ପକ୍ଷରେ ଅସମ୍ଭବ ହୋଇ ଥାଆନ୍ତା । ଏହିପରି ନ ପଢ଼ି କେହି ବଡ଼ କବି ହୋଇପାରି ନାହିଁ ।"

ବାସ୍ତବିକ ଉଚ୍ଚକୋଟୀର କବି ହେବାପାଇଁ ହେଲେ ବ୍ୟାପକ ଅଧ୍ୟୟନର ମଧ ଆବଶ୍ୟକତା ରହିଛି । ଆହରଣ ଓ ସମୀକରଣ ହିଁ କବିର କବିତ୍ୱକୁ ଅନେକ ପରିମାଣରେ ପରିପୁଷ୍ଟ କରିଥାଏ ।

ଏହାପରେ ପଣ୍ଡିତ ମିଶ୍ର ଏକ ସୁନ୍ଦର କଥା ଉପସ୍ଥାପନ କରିଛନ୍ତି । ସେ ଲେଖିଛନ୍ତି – 'ସତ୍ୟର ପ୍ରଚାର କରିବା କବିର ଲକ୍ଷ୍ୟ । ସେ ଯେ କୌଣସି ସାହିତ୍ୟ ପଢ଼ି ସତ୍ୟଜ୍ଞାନ ଲାଭ କରି ନୂତନ ରୂପରେ ପ୍ରକାଶ କରିପାରେ । ଏଣୁ ରାଧାନାଥ ପ୍ରାଚୀନ ଓଡ଼ିଆ, ବଙ୍ଗଳା, ସଂସ୍କୃତ ଓ ଇଂରାଜୀ କାବ୍ୟମାନ ପଢ଼ି ତହିଁରୁ ମଧୁ ସଂଗ୍ରହ କରି ବାଣ୍ଟି ଅଛନ୍ତି ।' ବାସ୍ତବିକ୍ ପଣ୍ଡିତ ମିଶ୍ରଙ୍କର ଏହି ବକ୍ତବ୍ୟ ଯଥାର୍ଥ ।

ଏହାପରେ ପଣ୍ଡିତ ମିଶ୍ର ଦ୍ୱିତୀୟ ଅଧ୍ୟାୟରେ 'କବିର ବ୍ୟକ୍ତିତ୍ୱ ଉପରେ ଆଲୋଚନା ଜାରି ରଖିଛନ୍ତି । ସେ ଏଥିରେ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ଓ ରାଧାନାଥ ପ୍ରଭୃତି କବିମାନଙ୍କୁ ବିଚାରକୁ ନେଇ କବିମାନଙ୍କର ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଛନ୍ତି । ପରବର୍ତ୍ତୀ ଅଧ୍ୟାୟରେ ସେ କାବ୍ୟର କଥାବସ୍ତୁ ଉପରେ ମତାମତ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଆ ସାହିତ୍ୟରେ ବର୍ତ୍ତମାନ ଅବସ୍ଥାରେ ବିଭିନ୍ନ କଥାବସ୍ତୁ ଓ ଚରିତ୍ରକୁ ତୁଳନା କରାଯାଇପାରୁ ନାହିଁ । ଲେଖକମାନେ ଚରିତ୍ର ଚିତ୍ରଣରେ କିପରି ସ୍ଥଳରେ କାହାର କି ପ୍ରକାର କାର୍ଯ୍ୟ ବର୍ଣ୍ଣନା କରିବା ଉଚିତ୍ । ପୌରାଣିକ ଗଳ୍ପକୁ ନୂତନ ଆକାରରେ (Neo-classic) ମଧ ପରିଣତ କରାଯାଇ ପାରିବ । ରାଧାନାଥଙ୍କ ମହାଯାତ୍ରା ଏହି ପ୍ରକାରର ରଚନା । ଏହାପରେ 'ରାଧାନାଥଙ୍କ ପ୍ରକୃତି ବର୍ଣ୍ଣନା' ସମ୍ପର୍କରେ ପଣ୍ଡିତ ମିଶ୍ର ସ୍ୱକୀୟ ମତ ପ୍ରକାଶ କରିଛନ୍ତି । ସ୍ଥାନେ ସ୍ଥାନେ ସେ ଇଂରାଜୀ କବିମାନଙ୍କର ପ୍ରସଙ୍ଗଉଦ୍ଧାର କରି

Digitized by PPRACHIN, SOA

ତୁଳନାତ୍ମକ ତଥ୍ୟ ପ୍ରଦାନ କରିଛନ୍ତି । ଯେପରି ପୁରୀର ବସନ୍ତ ଦୃଶ୍ୟ ବର୍ଣ୍ଣନା ଉତ୍ତାରୁ ରାଧାନାଥ ଲେଖିଛନ୍ତି –

'ଏହି ଭବେ ଥାଇ ମହାରାଣୀଙ୍କର
ମନେ ନାହିଁ ସୁଖ ଲେଶ
କି କୌଶଳେ କଲା ଶୋକ କୀଟ ଏହି
କୁସୁମ ବନେ ପ୍ରବେଶ ।'

ଏପରି ବର୍ଣ୍ଣନା Arnoldଙ୍କ 'Shorab and Rustum' କାବ୍ୟରେ ଦେଖାଯାଏ ବୋଲି ପଣ୍ଡିତ ମିଶ୍ର ଲେଖିଛନ୍ତି ।

ଏହି ପୁସ୍ତକର ଶେଷ ବିଷୟଟି ହେଉଛି 'ରାଧାନାଥଙ୍କ ଜୀବନ ଦର୍ଶନ' । ଏହା ୧୯୪୭ ମସିହାରେ ମାର୍ଚ୍ଚ ୨୨ ତାରିଖରେ କଲିକତା ବେତାର କେନ୍ଦ୍ରରୁ ପ୍ରଚାରିତ ହୋଇଥିଲା । ରାଧାନାଥଙ୍କ ବିଭିନ୍ନ କାବ୍ୟରୁ ଉଦ୍ଧୃତି ପ୍ରଦାନ କରି ପଣ୍ଡିତ ମିଶ୍ର ପ୍ରମାଣ କରିଛନ୍ତି ଯେ ରାଧାନାଥ ରାୟ ଥିଲେ ବିଷାଦବାଦୀ କବି । ସେ ଲେଖିଛନ୍ତି ଯେ ବିଷୟ ବିମୁଖ ହୋଇ କାମନା ବିନାଶ କରିବା ବିଧାତାର ବିଧାନ ବୋଲି ରାଧାନାଥ ନିଶ୍ଚୟ ବିଶ୍ୱାସ କରୁଥିଲେ । ପାର୍ଥିବ ସୌନ୍ଦର୍ଯ୍ୟରେ ପବିତ୍ରତା ନାହିଁ ବୋଲି ସେ କହିଅଛନ୍ତି । ଶେଲୀ କହିଅଛନ୍ତି ଯେ ଯେଉଁ କବିତାରେ ଗଭୀର ଦୁଃଖର ବର୍ଣ୍ଣନା ଥାଏ, ସେହି କବିତା ସବୁଠାରୁ ଅଧିକ ମନୋହର । ରାଧାନାଥ ନିଜେ ଦୁଃଖ ଭୋଗ କରୁଥିବାରୁ ସେ ଜଗତରେ ସୁଖ ଦେଖିପାରୁ ନଥିଲେ । ସେ କହିଛନ୍ତି –

'ଦୁଃଖଦତ୍ତ ଜ୍ଞାନ ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ ।'

ଏହି ଦୁଃଖର ବର୍ଣ୍ଣନା ଥିବାରୁ ତାହାଙ୍କ କବିତା ପ୍ରାଣସ୍ପର୍ଶୀ । କିନ୍ତୁ ସେ ଶଙ୍କରାଚାର୍ଯ୍ୟଙ୍କ ପରି ବିଶୁଦ୍ଧ ମାୟାବାଦ ପ୍ରଚାର କରି ନାହାନ୍ତି । ପାର୍ଥିବ ସୁଖକୁ କ୍ଷଣିକ ବୋଲି ସେ କହିଅଛନ୍ତି । ଏହିପରି ଭାବରେ ପଣ୍ଡିତ ବିନାୟକ ମିଶ୍ର ରାଧାନାଥଙ୍କ ଜୀବନ ଦର୍ଶନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

'ଓଡ଼ିଆ ସାହିତ୍ୟ ପ୍ରକାଶ' (ଦ୍ୱିତୀୟ ଭାଗ) ପଣ୍ଡିତ ବିନାୟକ ମିଶ୍ରଙ୍କର ଏକ ସଫଳ ଆଲୋଚନା ଗ୍ରନ୍ଥ ନିଶ୍ଚୟ । ଏଥିରେ କବିତ୍ୱ, କାବ୍ୟର କଥାବସ୍ତୁ ରାଧାନାଥଙ୍କ

Digitized by PPRACHIN, SOA

ଚରିତ୍ର ଚିତ୍ରଣ ଓ ଜୀବନ ଦର୍ଶନ ପ୍ରଭୃତି ଆଲୋଚନା ଗୁଡ଼ିକ ସୁଖପାଠ୍ୟ ଓ ମନୋଜ୍ଞ ହୋଇପାରିଛି ।

ପଣ୍ଡିତ ବିନାୟକ ମିଶ୍ରଙ୍କର ଆଉ ଏକ ତାତ୍ତ୍ୱିକ ଆଲୋଚନା ପୁସ୍ତକ ହେଉଛି 'ଓଡ଼ିଆ ଛାନ୍ଦ ସାହିତ୍ୟ' । ଓଡ଼ିଆ ଛାନ୍ଦ କାବ୍ୟ ଉପରେ ଏହା ଏକ ତାତ୍ତ୍ୱିକ ଆଲୋଚନା । ପୁସ୍ତକଟି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ୧୯୫୮ ମସିହାରେ ପ୍ରକାଶିତ । ଏ ଗ୍ରନ୍ଥର ପ୍ରାରମ୍ଭରେ ସୃଷ୍ଟି ଓ ନାମକରଣ ପ୍ରସଙ୍ଗ ଆଲୋଚନା କରାଯାଇ କାବ୍ୟର ଲକ୍ଷଣମାନ ଉଲ୍ଲେଖ କରାଯାଇଛି । ଧ୍ୱନ୍ୟାଲୋକ ଅନୁସାରେ କାବ୍ୟ ହେଉଛି 'ଧ୍ୱନ୍ୟାତ୍ମକଂ ବାକ୍ୟମ୍' । କାବ୍ୟାଦର୍ଶରେ ଆଚାର୍ଯ୍ୟ ଦଣ୍ଡୀ କହିଛନ୍ତି, 'ଇଷ୍ଟାର୍ଥବ୍ୟବଚ୍ଛିନ୍ନା ପଦାବଳୀ କାବ୍ୟମ୍ । 'କାବ୍ୟ ଦୀପିକା'ରେ 'ଇଷ୍ଟ' ପଦର 'ଅଲୌକିକ ଚମତ୍କାରିତ୍ୱେନ ସହୃଦୟ ମନୋରମଂ ଲୋକୋତ୍ତର ଚମତ୍କାରିତୟା ସହୃଦୟ ହୃଦୟାକର୍ଷି ବାକ୍ୟଂ କାବ୍ୟମ୍' – ଏହି ଅର୍ଥ ଦିଆଯାଇଛି । 'ସାହିତ୍ୟ ଦର୍ପଣ' ଅନୁସାରେ 'ବାକ୍ୟଂ ରସାତ୍ମକଂ କାବ୍ୟମ୍' । ସଂସ୍କୃତରେ ସାହିତ୍ୟକୁ 'କାବ୍ୟ' କୁହାଯାଇଛି । ସେଥିପାଇଁ ସାହିତ୍ୟ ଦର୍ପଣରେ ମହାକାବ୍ୟ, ଖଣ୍ଡକାବ୍ୟ ଓ ଚମ୍ପୂର ପୃଥକ୍ ପୃଥକ୍ ଲକ୍ଷଣ ନିର୍ଦ୍ଦେଶ କରିବା ଦ୍ୱାରା କାବ୍ୟର ଶ୍ରେଣୀ ବିଭାଗ ହୋଇଅଛି ।

ସଂସ୍କୃତ କାବ୍ୟମାନଙ୍କରେ ଛନ୍ଦକୁ 'ବୃତ୍ତ' କୁହାଯାଇଛି । କାରଣ ବୃତ୍ତମାନଙ୍କର ଲକ୍ଷଣମାନ ଯହିଁରେ ନିର୍ଦ୍ଦେଶ କରାଯାଇଛି ତାହାକୁ 'ଛନ୍ଦୋମଞ୍ଜରୀ' କୁହାଯାଇଛି । ଏଣୁ ଛନ୍ଦ ଓ ବୃତ୍ତ ମଧ୍ୟରେ କୌଣସି ଅର୍ଥଗତ ପ୍ରଭେଦ ନାହିଁ । ଭାରତରେ ପ୍ରଥମେ ଛନ୍ଦରେ ରଚନା ଆରମ୍ଭ କରାଯାଇଥିଲା । ବେଦ ଛନ୍ଦଯୁକ୍ତ ଥିବାରୁ ବେଦର ଅନ୍ୟନାମ 'ଛନ୍ଦସ' । ସୁତରାଂ ଛନ୍ଦରେ ରଚିତ ଏବଂ ଛାନ୍ଦ ମାନଙ୍କରେ ବିଭକ୍ତ ଓଡ଼ିଆ କାବ୍ୟକୁ ଛାନ୍ଦ କାବ୍ୟ କୁହାଯାଏ । ପୁନଶ୍ଚ ଓଡ଼ିଆ କାବ୍ୟକୁ ଛାନ୍ଦ ବନ୍ଧୀ କୁହାଯାଏ, କାରଣ ଓଡ଼ିଆ କାବ୍ୟ ଛାନ୍ଦ ମାନଙ୍କରେ ବିଭକ୍ତ । ଓଡ଼ିଆ ଛାନ୍ଦ କାବ୍ୟ ସମ୍ପର୍କରେ ଜାଣିବାକୁ ହେଲେ ସଂସ୍କୃତ ମହାକାବ୍ୟ ଓ ଖଣ୍ଡକାବ୍ୟ ମାନଙ୍କର ଲକ୍ଷଣ ମାନ ଜାଣିବା ବିଧେୟ । ମହାକାବ୍ୟ ଓ ଖଣ୍ଡକାବ୍ୟର ଲକ୍ଷଣ ମାନ 'ସାହିତ୍ୟ ଦର୍ପଣ' ପ୍ରଭୃତି ଗ୍ରନ୍ଥରେ ନିର୍ଦ୍ଦେଶିତ । ମହାକାବ୍ୟରେ ସର୍ଗ ସଂଖ୍ୟା ଆଠରୁ ଅଧିକ । ପଣ୍ଡିତ ମିଶ୍ର ଲେଖିଛନ୍ତି ଯେ ଶିଳ୍ପୀ କୌଣସି ବିଧିର ଅଧୀନ ହୁଏ ନାହିଁ । ଶିକ୍ଷାର୍ଥୀଙ୍କ ପାଇଁ ବିଧିର ପ୍ରୟୋଜନ ଅଛି । ସିଦ୍ଧି ଲାଭ କରିଥିବା ବ୍ୟକ୍ତି ପାଇଁ ବିଧିର କଟକଣା ନାହିଁ । ରସର ପ୍ରସବଣ ଥିଲେ ଓ ପଢ଼ିବା ପାଇଁ ପାଠକର ଉତ୍ତରରୋତ୍ତର

Digitized by PPRACHIN, SOA

ଆଗ୍ରହ ବଢୁଥିଲେ ମହାକାବ୍ୟରେ ସର୍ଗସଂଖ୍ୟା ବତିଶରୁ ଉର୍ଦ୍ଧ୍ୱ ହେଲେ କ୍ଷତି ନାହିଁ । ଓଡ଼ିଆ ଛାନ୍ଦକାବ୍ୟ ଦୁଇଭାଗରେ ବିଭକ୍ତ, ଯଥା – ପୌରାଣିକ ଓ କାଳ୍ପନିକ । କିନ୍ତୁ କୌଣସି ପ୍ରକାରର କାବ୍ୟରେ ନାୟକର ଚରିତ୍ରରେ ଜ୍ଞାନ ଓ କର୍ମର ଆଦର୍ଶ ଫୁଟିଉଠି ନାହିଁ । ପ୍ରତ୍ୟେକ ନାୟକ ପ୍ରେମ ସଙ୍ଗିନୀ ପାଇଁ ବ୍ୟାକୁଳ । ଅବଶ୍ୟ ପୃଥିବୀର ପ୍ରତ୍ୟେକ ଜାତିର ସାହିତ୍ୟରେ ଆଦି ରସର ଅବତାରଣା କରାଯାଇଛି । ପ୍ରବୃତ୍ତିର ଚିତ୍ର ସାହିତ୍ୟରେ ସମାବେଶ କରାଯାଉ ଥିବାରୁ ବଳବତୀ ଆଦି ରସର ପ୍ରବୃତ୍ତି ସାହିତ୍ୟରେ ପ୍ରଧାନ ସ୍ଥାନ ଲାଭ କରେ । କିନ୍ତୁ ପ୍ରବୃତ୍ତିର ସଂଯତ ନହୋଇ ସୀମା ଅତିକ୍ରମ କଲେ ସୃଷ୍ଟି ପରିବର୍ତ୍ତେ ପ୍ରଳୟ ଘଟେ । ଇନ୍ଦ୍ରିୟ ଅପବ୍ୟବହାରର କୁଫଳ ଅନୁଭବ କରି ସଂଯମର ବ୍ୟବସ୍ଥା କରାଯାଇଛି । ଏହି ସଂଯମ ପ୍ରବୃତ୍ତି ପ୍ରଥମେ ରାମାୟଣରେ ଲିପିବଦ୍ଧ ହୋଇଅଛି । ପରସ୍ପର ସହାନୁଭୂତିଶୀଳ ହୋଇ ପତିପତ୍ନୀ କିପରି ଆଜୀବନ ମଧୁର ଜୀବନ ଅତିବାହିତ କରିପାରନ୍ତି – ଏ କଥା ରାମାୟଣରେ ଚିତ୍ରିତ । ପୁନଶ୍ଚ ପଣ୍ଡିତ ମିଶ୍ର ସୁନ୍ଦର କଥାଟିଏ ଉପସ୍ଥାପନ କରିଛନ୍ତି ଯେ ପୁରାଣ ମାନଙ୍କରେ ଶିବପାର୍ବତୀଙ୍କର ପରସ୍ପର ନିଷ୍କାମ ପ୍ରେମର ବର୍ଣ୍ଣନା ଅଛି । କିନ୍ତୁ ତାହା ସମାଜ ପକ୍ଷରେ କଲ୍ୟାଣକର ନୁହେଁ । ସମାଜ କଲ୍ୟାଣକର ଦାମ୍ପତ୍ୟପ୍ରେମର ନିଚ୍ଛକ ଚିତ୍ର ରାମାୟଣରେ ଚିତ୍ରିତ ।

ଓଡ଼ିଆ ଛାନ୍ଦ କାବ୍ୟ ଏକପତି ଓ ଏକପତ୍ନୀ ଆଦର୍ଶର ବାର୍ତ୍ତା ବହନ କରେ । ନାୟକ-ନାୟିକା କିପରି ପରସ୍ପର ପ୍ରତି ପ୍ରେମାବିଷ୍ଟ ତାହାର ମଧୁର ଚିତ୍ର ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ରସଲେଖା', 'ବୈଦେହୀଶ ବିଳାସ' ପ୍ରଭୃତିରୁ ଉପଲବ୍‌ଧ । ବିଦଗ୍ଧ ଚିନ୍ତାମଣିରେ ରାଧାଙ୍କୁ ନାୟିକା ରୂପେ ବର୍ଣ୍ଣନା କରାଯାଇଛି । କିନ୍ତୁ ରସକଲ୍ଲୋଳ ଓ ମଥୁରାମଙ୍ଗଳରେ ଗୋପୀମାନେ ନାୟିକା । ଏଥିରେ ଶ୍ରୀକୃଷ୍ଣ ଦକ୍ଷିଣ ନାୟକ ଅଟନ୍ତି । ଅଧ୍ୟାପକ ବିନାୟକ ମିଶ୍ର ଏଠାରେ ଉଲ୍ଲେଖ କରିଛନ୍ତି ଯେ ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି'ରେ ପ୍ରେମର ପାରମାର୍ଥିକ ବ୍ୟାଖ୍ୟା କରିଛନ୍ତି । କିନ୍ତୁ ତାଙ୍କର ନିମ୍ନୋକ୍ତ ପଂକ୍ତିମାନ ସମାଜ କଲ୍ୟାଣକର ନୁହେଁ –

'ଦେବାଶିକ୍ଷା ମନ୍ତ୍ର ଯନ୍ତ୍ର ବିଧିକି । ଆକରଷିବ ଦେବ ବାମାଦିକି ॥
ଅଙ୍ଗନା ବାମ ପଦ ଧୂଳିକି । ମନ୍ତ୍ରି ମଣ୍ଡିବ ନିଜ ମଉଳିକି ॥
ତ୍ରିବୀଜ ରତି ପୀରତି ଧୃତିକି । 'କୁସୁମ ବାଣାୟ ନମ' ଏତିକି ॥
ଏ ଧୂଳି କାମରାଜ ଭେଳିକି । ମୋହି ମୋହିବ ଅଳକା ବଳୀକି ॥

Digitized by PPRACHIN, SOA

କାମ ବୀଜ ନାରୀ ସମଯେତିକି । 'ବିଶ୍ୱଜୟାୟ' ମିଶାଇ ତେତିକି ॥
ମିଳାଇ କାମ ଅଷ୍ଟାକ୍ଷରୀକି । ବଂଶୀ ବଜାଇଲେ ନାରୀ ରହିବେକି ?'

ଶ୍ରୀଚୈତନ୍ୟଙ୍କର ପ୍ରେମଧର୍ମ ଆନ୍ଦୋଳନ ଫଳରେ ଓଡ଼ିଶାର ଜନ ଜୀବନର ଅବସ୍ଥା କିପରି ହୋଇଥିଲା, ତାହା କବି ଲୋକନାଥଙ୍କ 'ବା-ଚଉତିଶା'ରେ ବର୍ଣ୍ଣିତ । ସେହିପରି ବୈଷ୍ଣବଙ୍କ ଚରିତ୍ରର କଳୁଷତାର ଚିତ୍ର ଉପେନ୍ଦ୍ରଙ୍କ 'ରସିକ ହାରାବଳୀ' କାବ୍ୟର ଚନ୍ଦନ ଯାତ୍ରା ବର୍ଣ୍ଣନା ପ୍ରସଙ୍ଗରୁ ମିଳିଥାଏ । ସେ ସମୟରେ ରାଜପୁତ୍ର ମାନେ ବିଶେଷ ପରିମାଣରେ ବ୍ୟଭିଚାରୀ ଥିଲେ । ଏଣୁ ଛାନ୍ଦକାବ୍ୟ ମାନଙ୍କରେ ସେମାନଙ୍କ ପାଇଁ ଆଦର୍ଶ ଗଢ଼ାଯାଇଛି । କେତେକ କାବ୍ୟରେ ଋତୁର ବର୍ଣ୍ଣନା ଅଛି, କିନ୍ତୁ କୌଣସି ଋତୁ ଚିତ୍ର ପୂର୍ଣ୍ଣାଙ୍ଗ ନୁହେଁ । ସେହିପରି ବ୍ରଜନାଥ ବଡ଼ଜେନାଙ୍କର 'ସମରତରଙ୍ଗ' ବ୍ୟତୀତ ଆଉ କୌଣସି କାବ୍ୟରେ ସମସାମୟିକ ଘଟଣାର ବର୍ଣ୍ଣନା ନାହିଁ । ଉପେନ୍ଦ୍ର ଭଞ୍ଜ 'ସୁଭଦ୍ରା ପରିଣୟ' କାବ୍ୟରେ ହାଟର ବର୍ଣ୍ଣନା ଦେଇଛନ୍ତି । କିନ୍ତୁ ଏଥିରେ ଲୋକଙ୍କର ଇନ୍ଦ୍ରିୟାପବ୍ୟବହାରର ନଗ୍ନ ବର୍ଣ୍ଣନା ରହିଛି । ପ୍ରେମ-ଭକ୍ତି-ଶାସ୍ତ୍ର ସମ୍ମତ ନୁହେଁ ବୋଲି କେତେକ ମତ ବ୍ୟକ୍ତ କରିଥାନ୍ତି । ତେଣୁ ଶିଶୁ ଭୀମ ଦାସ ବହୁ ଶାସ୍ତ୍ରରୁ ପ୍ରମାଣ ସଂଗ୍ରହ କରି 'ଭକ୍ତି ରତ୍ନାବଳୀ' ଓ 'ହରିହର ଚନ୍ଦ୍ରୋଦୟ' ରଚନା କରିଥିଲେ । ପ୍ରେମ ଭକ୍ତି ପୂର୍ବରୁ ଭାଗବତ ଧର୍ମ ପ୍ରଚଳିତ ଥିଲା । ଏହା ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥରେ ପ୍ରଚାରିତ । ଗୀତା ନିଷ୍କାମ ଧର୍ମ କଥା କହେ । କିନ୍ତୁ ଦୀନକୃଷ୍ଣ ଦାସଙ୍କର 'ରସକଲ୍ଲୋଳ'ରେ ଜୀବାତ୍ମାର ଫଳଭୋଗର ସ୍ପୃହା ବର୍ଣ୍ଣିତ ।

ଶବ୍ଦାଳଙ୍କାର ଓଡ଼ିଆ ଛାନ୍ଦକାବ୍ୟ ମାନଙ୍କର ଏକ ପ୍ରଧାନ ଲକ୍ଷଣ । ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ, ବ୍ରଜନାଥ, ଯଦୁମଣି ପ୍ରଭୃତି ବହୁ କବିଙ୍କର କାବ୍ୟକୃତିରେ ଅନୁପ୍ରାସ, ଯମକ, ଶୃଙ୍ଖଳାଳଙ୍କାର ପ୍ରାବଲ୍ୟ ଲକ୍ଷ୍ୟ କରିହୁଏ । ଯେ କୌଣସି ଘଟଣା ବା ପ୍ରସଙ୍ଗକୁ ବର୍ଣ୍ଣନା କଲେ ତାହାର ଯଥାର୍ଥ ରୂପ ଯଦି ପାଠକର ହୃଦୟରେ ସହସା ଆଙ୍କି ହୋଇଯାଏ, ତେବେ ତାହାକୁ ସୁକବିତ୍ୱର ପ୍ରକାଶ କୁହାଯାଏ । ଏପରି ବର୍ଣ୍ଣନାରେ ଯଦି ଶୃଙ୍ଖଳା, ଯମକ, ଶ୍ଳେଷ ପ୍ରଭୃତି ଅଳଙ୍କାରର ସମାବେଶ ହୁଏ, ତେବେ ସେହି ରଚନାଟି ଅତ୍ୟନ୍ତ ପ୍ରୀତିକର ହୋଇଥାଏ । 'ରସକଲ୍ଲୋଳ' କାବ୍ୟର ବର୍ଣ୍ଣିତ ବର୍ଷାଋତୁର ଯଥାର୍ଥ ବର୍ଣ୍ଣନା ଶ୍ଳେଷାଳଙ୍କାର ଯୁକ୍ତ ହୋଇ ହୃଦୟଗ୍ରାହୀ ହୋଇପାରିଛି । ଭାଷା ଓ ସାହିତ୍ୟରୁ ଜାତିର ମନସ୍ତତ୍ତ୍ୱର ନିଦର୍ଶନ ମିଳିଥାଏ ବୋଲି ପାଶ୍ଚାତ୍ୟ ପଣ୍ଡିତମାନେ ମତ ଦେଇଥାନ୍ତି । ଏ ପରିପ୍ରେକ୍ଷୀରେ ଅଧ୍ୟାପକ ମିଶ୍ର

Digitized by PPRACHIN, SOA

କହିଥାନ୍ତି ଯେ ଆମ ଦେଶରେ ସାହିତ୍ୟର ବିହିତ ଆଲୋଚ଼ନା ହେଉ ନଥିବାରୁ ମନସ୍ତତ୍ତ୍ୱ ଆବିଷ୍କୃତ ହୋଇପାରିନାହିଁ । ପଣ୍ଡିତ ମିଶ୍ର ଉପେନ୍ଦ୍ର ଭଞ୍ଜ, ଯଦୁମଣି, ଦୀନକୃଷ୍ଣଙ୍କ କାବ୍ୟରୁ କେତେକ ଅଳଙ୍କାରର ତର୍ଜମା କରି ସେଥିରେ ଥିବା କବି ମନସ୍ତତ୍ତ୍ୱକୁ ଉପସ୍ଥାପନ କରିଛନ୍ତି । ସର୍ବୋପରି ତୁଳନାତ୍ମକ ପାଠ ଉପରେ ମଧ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସଂସ୍କୃତ କାବ୍ୟ ମାନଙ୍କର ଅନୁକରଣରେ ଓଡ଼ିଆ ଛାନ୍ଦ କାବ୍ୟ ସୃଷ୍ଟିର ଅନ୍ୟ ଏକ ହେତୁ ହୋଇପାରେ । ତେଣୁ ସଂସ୍କୃତ ସାହିତ୍ୟର ପ୍ରଭାବ ଛାନ୍ଦ କାବ୍ୟରେ ରହିବା ସ୍ୱାଭାବିକ । ଦୃଷ୍ଟାନ୍ତ ସ୍ୱରୂପ ପାର୍ବତୀଙ୍କୁ ବିବାହ କରିବାପାଇଁ ପାର୍ବତୀଙ୍କ ପିତାଙ୍କ ନଗର ଦାଣ୍ଡରେ ଶିବଯାତ୍ରା କଲାବେଳର ପୁର ନାରୀଙ୍କ ଅବସ୍ଥାକୁ କାଳି ଦାସ 'କୁମାର ସମ୍ଭବ' କାବ୍ୟରେ ଯେପରି ବର୍ଣ୍ଣନା କରିଛନ୍ତି, ଶ୍ରୀରାମ ମିଥିଳା ଦାଣ୍ଡରେ ଯାତ୍ରା କଲାବେଳେ ମିଥିଳାପୁର ନାରୀଙ୍କ ଅବସ୍ଥାକୁ 'ବୈଦେହୀଶ ବିଳାସ' କାବ୍ୟରେ ଉପେନ୍ଦ୍ର ସେହିପରି ବର୍ଣ୍ଣନା କରିଛନ୍ତି । ଓଡ଼ିଆ ଛାନ୍ଦ କାବ୍ୟରେ ସଂସ୍କୃତ ସାହିତ୍ୟର ପ୍ରଭାବର ଅନେକ ଦୃଷ୍ଟାନ୍ତ ରହିଛି । ସଂସ୍କୃତ କାବ୍ୟ ଗୁରୁ ଓ ଟୀକାର ସାହାଯ୍ୟବିନା ବୁଝି ହୁଏ ନାହିଁ । ସେହିପରି ଓଡ଼ିଆ ଛାନ୍ଦ କାବ୍ୟ ପାଇଁ ଗୁରୁ ଓ ଟୀକାର ଆବଶ୍ୟକତା ରହିଛି । କାରଣ ଛାନ୍ଦକାବ୍ୟ ମାନଙ୍କରେ କ୍ଲିଷ୍ଟତା ଦୋଷ ଥିବା କଥା ସ୍ୱୀକୃତ । ଅବଶ୍ୟ ପଣ୍ଡିତ ବୀରଭଦ୍ର ମହାପାତ୍ର, ଭୁବନେଶ୍ୱର ରଥ ପ୍ରଭୃତି କେତେଜଣ ଟୀକାକାର ଏ କ୍ଷେତ୍ରରେ ଧନ୍ୟବାଦର ପାତ୍ର ବୋଲି ଶ୍ରୀ ମିଶ୍ର କହିଛନ୍ତି ।

କବି ନାୟକ-ନାୟିକାଙ୍କ ପ୍ରତି କାବ୍ୟୋଚ଼ିତ ସୁବିଚ଼ାର କରି ଅଛନ୍ତି କି ନାହିଁ ତାହା ବିଚ଼ାର କରିବାର ସୁଯୋଗ ଛାନ୍ଦ କାବ୍ୟମାନଙ୍କରୁ ମିଳେ ନାହିଁ । କାରଣ କାବ୍ୟରେ ନାୟକ-ନାୟିକାଙ୍କର ଜୀବନରେ ଦଶା ବିପର୍ଯ୍ୟୟ ଘଟିନାହିଁ । କୌଣସି ନାୟକର ଜୀବନରେ ଘଟନା-ବୈଚ଼ିତ୍ର୍ୟ ନାହିଁ । ସବୁ କାଳ୍ପନିକ କାବ୍ୟର ନାୟକ-ନାୟିକା ଗୋଟିଏ ଛାଞ୍ଚରେ ନିର୍ମିତ ହେବାପରି ମନେ ହୁଅନ୍ତି । ସୂକ୍ଷ୍ମ ଆଲୋଚ଼ନା କଲେ ଜଣାଯାଏ ଯେ ନାରୀ ଜାତିକୁ ମୂର୍ତ୍ତିମତୀ ଶକ୍ତି ରୂପରେ ଉପଲବ୍ଧ କରିଥିବାରୁ ଆମଦେଶରେ ତନ୍ତ୍ରପୂଜା ପ୍ରଚ଼ଳିତ ହୋଇଥିଲା । ଏଣୁ ନାୟିକା ନିକଟରେ ନାୟକ ଛାନ୍ଦ କାବ୍ୟ ମାନଙ୍କରେ ନିଜକୁ ଦାସ ରୂପରେ ଉପସ୍ଥାପିତ କରିଛି । ସେହିପରି ନାୟିକା ମଧ ଦାସୀ ରୂପରେ ପତି ନିକଟରେ ରହିବା ପାଇଁ ଆଗ୍ରହ ପ୍ରକାଶ କରୁଥିଲା

Digitized by PPRACHIN, SOA

ଏହା ହେଉଛି ପରସ୍ପର ପ୍ରତି ସେବା ମନୋବୃତ୍ତି ଓ ଘେନାଘେନି ଭାବ । ଏହି ଭାବ ନ ରହିଲେ ଦାମ୍ପତ୍ୟ ଜୀବନ ସୁଖକର ହୁଏ ନାହିଁ । ଏହି ଘେନାଘେନି ଭାବର କେତୋଟି ଦୃଷ୍ଟାନ୍ତ ଉପେନ୍ଦ୍ରଙ୍କ କାବ୍ୟରୁ ପଣ୍ଡିତ ମିଶ୍ର ଉପସ୍ଥାପନ କରିଛନ୍ତି ।

ପରିଶେଷରେ ପାଠକ ମାନଙ୍କର ଅବଗତି ନମନ୍ତେ ପଣ୍ଡିତ ମିଶ୍ର କେତେ ଗୋଟି ପ୍ରସିଦ୍ଧ ଓଡ଼ିଆ ପୌରାଣିକ କାବ୍ୟ ଓ କାଳ୍ପନିକ କାବ୍ୟର ନାମୋଲ୍ଲେଖ କରିଛନ୍ତି । ସର୍ବୋପରି କେତେଜଣ ବିଶିଷ୍ଟ କବି ମାନଙ୍କର କାଳ ମଧ୍ୟ ନିରୂପଣ କରିଛନ୍ତି । ଛାନ୍ଦ କାବ୍ୟ ବିବୁଧରଞ୍ଜକ । ଏଥିରେ ଶବ୍ଦ ଓ ଅର୍ଥର କସରତ ଦେଖିବାକୁ ମିଳେ । ପାର୍ବତୀ ପରମେଶ୍ୱର ଯେପରି ଅଭେଦ୍ୟ ଏକାକାର, କାବ୍ୟରେ ସେହିପରି ଶବ୍ଦ ଓ ଅର୍ଥ ପରସ୍ପର ନିତ୍ୟ ସମ୍ବନ୍ଧାନ୍ୱିତ । ତେଣୁ ଉପେନ୍ଦ୍ର 'ରମା' ଶବ୍ଦକୁ 'ମାର-ବିପରୀତ' ଓ 'ଋଷ୍ୟଶୃଙ୍ଗ' ନାମକୁ 'ବିଷାଣଋଷ୍ୟ' କହିବାରେ କୌଣସି ବିଚିତ୍ରତା ନାହିଁ । ଯୁଗେ ଯୁଗେ ଛାନ୍ଦକାବ୍ୟର ଆଦର ରହିଛି । ବିଦଗ୍ଧ ପାଠକ ମାନେ ଛାନ୍ଦ କାବ୍ୟ ପାଠ କରିବା ପାଇଁ ସତତ ଆଗ୍ରହୀ । ଛାନ୍ଦମାନଙ୍କ ରାଗରେ ଏପରି ମୋହିନୀ ଶକ୍ତି ଅଛି ଯେ କୌଣସି ଗାୟକ କୌଣସି ଛାନ୍ଦ ଗାନ କରୁଥିଲେ ତାହା କଣ୍ଠସ୍ଥ କରିବାପାଇଁ ଶ୍ରୋତାର ମନ ବଳେ ।

'ଓଡ଼ିଆ ଛାନ୍ଦ ସାହିତ୍ୟ' ପଣ୍ଡିତ ବିନାୟକ ମିଶ୍ରଙ୍କର ଏକ ମନନ ଧର୍ମୀ ଆଲୋଚନା । ଏଥିରେ ଛାନ୍ଦ ସାହିତ୍ୟର ବ୍ୟାପ୍ତି ଓ ଦୀପ୍ତି ସହିତ ସବୁ ଦିଗକୁ ଅଧ୍ୟାପକ ମିଶ୍ର ଛୁଇଁଛନ୍ତି ଓ ଆଲୋଚନା କରିଛନ୍ତି ।

ଭାରତୀୟ ଦର୍ଶନକୁ ଆଧାରକରି ବିନାୟକ ମିଶ୍ର 'ଭାରତୀୟ ଦର୍ଶନ ପ୍ରବେଶିକା' (୧୯୪୭) ପୁସ୍ତକ ପ୍ରଣୟନ କରିଥିଲେ । କଟକ ରାଣୀହାଟସ୍ଥିତ ଉତ୍କଳ ବୁକ୍ ଏଜେନ୍ସି ଏହି ପୁସ୍ତକର ପ୍ରକାଶକ ଥିଲେ । ପୁସ୍ତକଟିର ପ୍ରଥମ ସଂସ୍କରଣ ୧୯୪୭ ମସିହା । ୨୩୬ ପୃଷ୍ଠା ବିଶିଷ୍ଟ ଏହି ଗ୍ରନ୍ଥଟିର ମୂଲ୍ୟ ସେତେବେଳେ ଟ.୨ (ଦୁଇଟଙ୍କା) ମାତ୍ର ଥିଲା । ଏହି ପୁସ୍ତକର ଭୂମିକାରେ ପଣ୍ଡିତ ମିଶ୍ରଙ୍କ ବକ୍ତବ୍ୟ ହେଉଛି 'ବହୁଦିନ ତଳେ ଢେଙ୍କାନାଳର କୌଣସି ରାଜା ସଂସ୍କୃତ 'ସର୍ବଦର୍ଶନ-ସଂଗ୍ରହ' ଓଡ଼ିଆରେ ଅନୁବାଦ କରିଥିଲେ ବୋଲି ମୁଁ ଶୁଣିଅଛି । କିନ୍ତୁ ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ହିନ୍ଦୋଳର ରାଜା ବାହାଦୂରଙ୍କ ଆନୁକୂଲ୍ୟରେ ୧୯୨୦ ସାଲରେ ଉତ୍କଳ ସାହିତ୍ୟ ପ୍ରେସ୍‌ରୁ ପ୍ରକାଶିତ ପଣ୍ଡିତ ସିଦ୍ଧେଶ୍ୱର ତ୍ରିପାଠୀଙ୍କ

Digitized by PPRACHIN, SOA

'ଜ୍ଞାନ ଦର୍ପଣ' ବୋଧହୁଏ ଓଡ଼ିଆରେ ପ୍ରଥମ ପ୍ରକାଶିତ ଦର୍ଶନ ଶାସ୍ତ୍ର । ଦେଶରେ ଦର୍ଶନ-ଶାସ୍ତ୍ର ଆଲୋଚ଼ନା ପ୍ରୟୋଜନୀୟତା ଅନେକ ଲୋକ ଉପଲବ୍‌ଧି କରନ୍ତି । କିନ୍ତୁ ପୁସ୍ତକ ଅଭାବରୁ ସେମାନଙ୍କର ପିପାସା ମେଣ୍ଟେନାହିଁ । ଏଣୁ ଭାରତର ପ୍ରଧାନ ପ୍ରଧାନ ସମସ୍ତ ଦର୍ଶନର ସାରକଥା ଏହି ପୁସ୍ତକରେ ସଂକଳନ କରାଯାଇଅଛି । ସାଧାରଣ ପାଠକଙ୍କର ସୁବୋଧ ହେବା ନିମନ୍ତେ ଯଥାସାଧ ଚ଼େଷ୍ଟା କଲେ ମଧ ଦର୍ଶନ ବିଷୟ ସାଧାରଣତଃ ଦୁର୍ବୋଧ ହୋଇଥିବାରୁ ଚ଼େଷ୍ଟା ସମ୍ପୂର୍ଣ୍ଣରୂପେ ଫଳବତୀ ହୋଇପାରିଲା ନାହିଁ । ତଥାପି ଜ୍ଞାନ ପିପାସୁ ପାଠକ ମାନଙ୍କର ଆଦର ଆକର୍ଷଣ କରିବ ବୋଲି ଆଶା କରି ଏହା ପ୍ରକାଶ କରିବାକୁ ସାହସ ବଳିଅଛି ।'

ଭାରତୀୟ ଦର୍ଶନ ଉପରେ ପଣ୍ଡିତ ମିଶ୍ରଙ୍କର ଏହି ଗ୍ରନ୍ଥଟି ନିଶ୍ଚିତଭାବରେ ଏକ ଉଲ୍ଲେଖଯୋଗ୍ୟ କୃତି । ଭାରତ ଓ ବାହାରର ବିଭିନ୍ନ ଦାର୍ଶନିକ, ତଥା ବିଦ୍ୱାନ ମାନଙ୍କର ପ୍ରଣୀତ ଗ୍ରନ୍ଥଗୁଡ଼ିକୁ ଆଧାର କରି ଏହା ପ୍ରକାଶିତ ହୋଇଛି । ପଣ୍ଡିତ ମିଶ୍ର Edmund Holmesଙ୍କ 'The Creed of the Buddha', Hardyଙ୍କର "An introduction to the Buddhism, ସାର୍‌ ରାଧାକୃଷ୍ଣନ୍‌ଙ୍କର 'Indian Philosophy', ଦାସ ଗୁପ୍ତାଙ୍କର 'Indian Philosophy' ମାକ୍ସ ମୁଲାରଙ୍କର 'Indian Philosophy', ପଞ୍ଚାନନ ତର୍କରତ୍ନଙ୍କର 'ବୈଶେଷିକ ଦର୍ଶନ' ଖଗେନ୍ଦ୍ର ନାଥ ଶାସ୍ତ୍ରୀଙ୍କର ପାତଞ୍ଜଳି ଦର୍ଶନ, ଫଣୀଭୂଷଣ ତର୍କବାଗୀଶଙ୍କର 'ନ୍ୟାୟ ଦର୍ଶନ' ପ୍ରଭୃତି ଗ୍ରନ୍ଥ ଗୁଡ଼ିକର ସହାୟତା ଲୋଡ଼ିଛନ୍ତି ବୋଲି ସ୍ୱୀକାର କରିଛନ୍ତି । କିନ୍ତୁ ଏଥିରେ ଲେଖକଙ୍କର ଉପସ୍ଥାପନା ଶୈଳୀରେ ମୌଳିକତା ନିହିତ ।

ଆଲୋଚ୍ୟ ଗ୍ରନ୍ଥରେ ଦଶଗୋଟି ଅଧ୍ୟାୟ ସ୍ଥାନିତ । ଏଥିରେ ସ୍ଥାନ ପାଇଥିବା ବିଷୟ ଗୁଡ଼ିକ ହେଉଛି – 'ଦାର୍ଶନିକ ଚ଼ିନ୍ତାର ଉତ୍ପତ୍ତି', 'ଚାର୍ବାକ୍ ଦର୍ଶନ', ଜୈନ ଦର୍ଶନ', 'ବୌଦ୍ଧ ଦର୍ଶନ', 'ବୈଶେଷିକ ଦର୍ଶନ', 'ନ୍ୟାୟ ଦର୍ଶନ', 'ସାଂଖ୍ୟ ଦର୍ଶନ', 'ଯୋଗ ଦର୍ଶନ', 'ପୂର୍ବ ମୀମାଂସା' ଏବଂ 'ବେଦାନ୍ତ ଦର୍ଶନ' ।

'ଦାର୍ଶନିକ ଚ଼ିନ୍ତାର ଉତ୍ପତ୍ତି' ଶୀର୍ଷକ ପ୍ରଥମ ଅଧ୍ୟାୟରେ ବିନାୟକ ମିଶ୍ର 'ଅତ୍ମା', କର୍ତ୍ତ, 'ଜ୍ଞାନ', 'କାମନା', 'ସଦ୍ ଓ ଅସଦ୍' (ଭାବ ଓ ଅଭାବ), 'ଗୁଣ', 'କର୍ମ୍ମ' ଓ 'ପୂର୍ବଜନ୍ମ', 'ଭାବନା ଯଜ୍ଞ' ଉପରେ ଆଲୋଚ଼ନା କରିଛନ୍ତି । ଏଠାରେ ସେ ଏକ ଚ଼ିରନ୍ତନ ସତ୍ୟକୁ ଉପସ୍ଥାପିତ କରିଛନ୍ତି । ତାହା ହେଉଛି – 'ଦର୍ଶନ ଶାସ୍ତ୍ର

Digitized by PPRACHIN, SOA

ମାନଙ୍କରେ ଅନ୍ୟାନ୍ୟ ବିଷୟରେ ଯେତେ ମତଭେଦ ଥିଲେ ସୁଦ୍ଧା ଇନ୍ଦ୍ରିୟ ସଂଯମ ସତ୍ କର୍ମକୁ ସୁଖଲାଭର ପ୍ରଧାନ ଉପାୟ ବୋଲି ସମସ୍ତେ ସ୍ୱୀକାର କରିଛନ୍ତି । ଇନ୍ଦ୍ରିୟ ବାସନା ମନୁଷ୍ୟର ସମସ୍ତ ଦୁଃଖର କାରଣ । ଏହା ଦ୍ୱାରା ମଣିଷ ବିବେକ ହରାଏ । ଚିତ୍ତ ସ୍ଥିର ହେଲେ ବିନା ବିଚାରରେ ଯେଉଁ ବୁଦ୍ଧି ଜାତ ହେବ, ସେହି ବୁଦ୍ଧି ଅନୁସାରେ କର୍ମ୍ମ କଲେ ମଣିଷ ସୁଖଲାଭ କରିବ ।' ବାସ୍ତବିକ୍ ପଣ୍ଡିତ ମିଶ୍ରଙ୍କର ଏହି ଅନୁଭବଟି ବିଚାରଯୋଗ୍ୟ । ଇନ୍ଦ୍ରିୟର ଅତ୍ୟାଚାରରେ ମଣିଷ କେତେ ଯେ ଦୁଃଖ ପାଏ, ତାହା ଅନୁଭବୀ ହିଁ ଜାଣେ ।

ଏହାପରେ ପଣ୍ଡିତ ମିଶ୍ର ଚାର୍ବାକ୍ ଦର୍ଶନ ଉପରେ ଆଲୋକପାତ କରିଛନ୍ତି । ଏହି ଦର୍ଶନ ବିଷୟ ଆଲୋଚନା ପ୍ରସଙ୍ଗରେ ସେ 'ପ୍ରମାଣ', 'ନାସ୍ତିକତା' ଉପରେ ମଧ୍ୟ ଆଲୋଚନା କରିଛନ୍ତି । 'ଜୈନ ଦର୍ଶନ' ପ୍ରସଙ୍ଗରେ ସେ 'ପଦାର୍ଥ', 'ଜୀବ', 'ପୁଦ୍‌ଗଳ ଓ ଗୁଣ','ଅନେକାନ୍ତ ବାଦ', 'ଜ୍ଞାନ', 'ପରୋକ୍ଷ ଏବଂ ଅପରୋଧ ଜ୍ଞାନ', 'ସ୍ୟାଦ୍ ବାଦ', ଓ 'ପ୍ରମାଣ' ଉପରେ ଆଲୋଚନା କରିଛନ୍ତି । 'ବୌଦ୍ଧଦର୍ଶନ' ଉପରେ ପଣ୍ଡିତ ମିଶ୍ର ଏକ ଦୀର୍ଘ ଆଲୋଚନା ରଖିଛନ୍ତି । ଏହି ଦର୍ଶନ ଆଲୋଚନା କ୍ରମରେ ସେ 'ଚାରି ପ୍ରକାରର ସତ୍ୟ', 'ଦୁଃଖ', 'ତୃଷ୍ଣା', 'ସହଯୋଗୀ କାର୍ଯ୍ୟ କାରଣ ଶୃଙ୍ଖଳା', 'ଅବିଦ୍ୟା', 'ସଂସ୍କାର', ବିଜ୍ଞାନ', 'ନାମ ରୂପ', 'ଷଡାୟତନ', ଉପରେ ଆଲୋକପାତ କରିଛନ୍ତି । 'କାମନା ବିନାଶର ଉପାୟ', 'ଅଷ୍ଟାଙ୍ଗମାର୍ଗ', 'ମାଧ୍ୟମିକ ମହାଯାନ', 'ବିଜ୍ଞାନ ବାଦ' ପ୍ରଭୃତି ଉପରେ ଶ୍ରୀ ମିଶ୍ରଙ୍କର ଆଲୋଚନା ବାସ୍ତବିକ୍ ମନନଧର୍ମୀ । 'ବୌଦ୍ଧଦର୍ଶନ' ଅଧ୍ୟାୟଟି ତାଙ୍କର ଏକ ସାର୍ଥକ ଆଲୋଚନା ହୋଇପାରିଛି ।

କ୍ରମେ ପଣ୍ଡିତ ମିଶ୍ର ଆଚାର୍ଯ୍ୟ କଣାଦଙ୍କର 'ବୈଶେଷିକ ଦର୍ଶନ'ର କଥା କହିଛନ୍ତି । ଏଥିରେ ସେ 'ପଦାର୍ଥ ବିଭାଗ', 'ଦ୍ରବ୍ୟ', 'ଗୁଣ', 'କର୍ମ୍ମ', 'ଦ୍ରବ୍ୟର ଉତ୍ପତ୍ତି', 'କାଳ', 'ଆତ୍ମା', 'ମନ–ଇନ୍ଦ୍ରିୟ', 'କାର୍ଯ୍ୟ–କାରଣ', 'ଶବ୍ଦ', 'ସଂଶୟ', 'ଅନ୍ତର୍ବିଷୟକ ସଂଶୟ ଓ ବହିର୍ବିଷୟକ ସଂଶୟ', 'ପ୍ରମାଣ' ଉପରେ ଆଲୋଚନା ଜାରି ରଖିଛନ୍ତି । ଷଷ୍ଠ ଅଧ୍ୟାୟର ଆଲୋଚ୍ୟ ବିଷୟ ହେଉଛି ଗୌତମଙ୍କର 'ନ୍ୟାୟ ଦର୍ଶନ' । ଏଥିରେ ସେ 'ଷୋଡ଼ଶ ପଦାର୍ଥ', ପ୍ରତ୍ୟକ୍ଷ ପ୍ରମାଣ, ଅନୁମାନ, ଉପମାନ ଏବଂ ଆପ୍ତ ବଚନ – ଏହି ଚାରି ପ୍ରକାରର ପ୍ରମାଣ, ଆତ୍ମା, ଜ୍ଞାନ, ମନ, କାର୍ଯ୍ୟ, କାରଣ, ଇନ୍ଦ୍ରିୟ, ଶରୀର, ଅବୟବ, ଅଦୃଷ୍ଟ, ଫଳ, ପ୍ରେତ୍ୟଭାବ–ପୁନର୍ଜନ୍ମ, ପ୍ରବୃତ୍ତି

Digitized by PPRACHIN, SOA

ଓ ଦୋଷ, ଚବିଶ ପ୍ରକାରର ଜାତି, ନିଗ୍ରହ ସ୍ଥାନ ଉପରେ ବିଶଦ୍ ଆଲୋଚନା କରିଛନ୍ତି । ନ୍ୟାୟ ଦର୍ଶନ ଉପରେ ପଣ୍ଡିତ ମିଶ୍ର ଏକ ଦୀର୍ଘ ଆଲୋଚନା କରିଛନ୍ତି । ଏହି ଆଲୋଚନାଟି ଅତ୍ୟନ୍ତ ତାତ୍ତ୍ୱିକ ଏବଂ ଉଚ୍ଚକୋଟୀର ହୋଇ ପାରିଛି ।

ଏହାପରେ ବିନାୟକ ମିଶ୍ର କପିଳ ମୁନିଙ୍କର 'ସାଂଖ୍ୟ ଦର୍ଶନ' ଉପରେ ମନୋଜ୍ଞ ଆଲୋଚନା କରିଛନ୍ତି । ସେ ଏଥିରେ ପର୍ଯ୍ୟାୟକ୍ରମେ 'ମୂଳପ୍ରକୃତି', 'ଆତ୍ମା', 'ଗୁଣ', 'ପ୍ରକୃତିର ଅବସ୍ଥା', 'ଚିତ୍ତ', 'ଅହଙ୍କାର', 'ଦେହ', 'ଅନ୍ତଃକରଣ', 'ଇନ୍ଦ୍ରିୟ' ଉପରେ ସାଂଖ୍ୟଦର୍ଶନ ଦୃଷ୍ଟିରୁ ଆଲୋଚନା କରିଛନ୍ତି ।

ଅଷ୍ଟମ ଅଧ୍ୟାୟରେ ପାତଞ୍ଜଳିଙ୍କର 'ଯୋଗଦର୍ଶନ' ଉପରେ ଆଲୋଚନା ରହିଛି । ଏହି ଦର୍ଶନ ପ୍ରସଙ୍ଗରେ ବିନାୟକ ମିଶ୍ର ଚିତ୍ତ, ଅସମଜ୍ଞାତ ସମାଧି, ଉପାସନା, 'ସାଧନପାଦ–କର୍ମଯୋଗ', 'ଯୋଗାଙ୍ଗ', ବିଭୂତିପାଦ, ଯୋଗର ଫଳ, କୈବଲ୍ୟପାଦ ଉପରେ ଆଲୋକପାତ କରିଛନ୍ତି । ପଣ୍ଡିତ ମିଶ୍ରଙ୍କର 'ଯୋଗଦର୍ଶନ' ଉପରେ ଏହି ଆଲୋଚନାଟି ମଧ୍ୟ ସୁବୋଧ ଓ ସରସ ହୋଇପାରିଛି । ନବମ ଅଧ୍ୟାୟରେ ପଣ୍ଡିତ ବିନାୟକ ମିଶ୍ର 'ପୂର୍ବମୀମାଂସା' ଦର୍ଶନ ଉପରେ ଆଲୋକପାତ କରିଛନ୍ତି । ଏଥିରେ ସେ ସ୍ଫୋଟବାଦ, ଶବ୍ଦ, ପ୍ରମାଣ ଉପରେ ଆଲୋଚନା ବିନ୍ୟସ୍ତ କରିଛନ୍ତି । ଏହି ଗ୍ରନ୍ଥର ଶେଷ ଅଧ୍ୟାୟ ହେଉଛି 'ବେଦାନ୍ତ ଦର୍ଶନ' । ମହର୍ଷି ବେଦବ୍ୟାସ ବେଦାନ୍ତ ଦର୍ଶନର ପ୍ରବକ୍ତା । ଏହି ଦର୍ଶନର ଆଲୋଚନା କ୍ରମରେ ଅଧ୍ୟାପକ ଶ୍ରୀ ମିଶ୍ର 'ଶଙ୍କରାଚାର୍ଯ୍ୟ', 'ମାୟାବାଦ', 'ଅଦ୍ୱୟ ବ୍ରହ୍ମ', 'ରାମାନୁଜ ସ୍ୱାମୀ', 'ଅବିଦ୍ୟା','ମାୟା', 'ସଗୁଣ ବ୍ରହ୍ମ' ଉପରେ ବିଶେଷ ଆଲୋଚନା କରିଛନ୍ତି । ଆଲୋଚନା ବେଶ୍ ପ୍ରାଞ୍ଜଳ, ସରଳ ଓ ମଞ୍ଜୁଳ ହୋଇପାରିଛି । 'ବେଦାନ୍ତ ଦର୍ଶନ' ଆଲୋଚନା ପରିପ୍ରେକ୍ଷୀରେ ପଣ୍ଡିତ ମିଶ୍ର ମଧ୍ୟ ଯଥେଷ୍ଟ ସଫଳତା ଲାଭ କରିଛନ୍ତି ।

'ଭାରତୀୟ ଦର୍ଶନ ପ୍ରବେଶିକା' ପଣ୍ଡିତ ବିନାୟକ ମିଶ୍ରଙ୍କର ଭାରତୀୟ ଦର୍ଶନ ତତ୍ତ୍ୱ ସମ୍ପର୍କିତ ଏକ ସାର୍ଥକ ଗ୍ରନ୍ଥ । ସୂଚନା ଯୋଗ୍ୟ ଯେ ଏହି ଗ୍ରନ୍ଥଟି ୧୯୪୭ ମସିହାରେ ବନମାଳୀ ମିଶ୍ର କର୍ତ୍ତୃକ କଟକସ୍ଥିତ ନବଭାରତ ପ୍ରେସ୍ ଦ୍ୱାରା ମୁଦ୍ରିତ ହୋଇଥିଲା । କିନ୍ତୁ ବର୍ତ୍ତମାନ ଏହା ଏକ ଦୁର୍ଲ୍ଲଭ ଗ୍ରନ୍ଥ । ଭାରତୀୟ ଦର୍ଶନର ବିବିଧ ବିଭାବ ଉପରେ ପଣ୍ଡିତ ମିଶ୍ର ଏଥିରେ ଯଥାର୍ଥ ଆଲୋଚନା କରିଛନ୍ତି । ଦର୍ଶନ ତତ୍ତ୍ୱ

Digitized by PPRACHIN, SOA

ମାତ୍ରେ ହିଁ ଜଟିଳ । କିନ୍ତୁ ଶ୍ରୀ ମିଶ୍ର ଏହାକୁ ଏପରି ସୁବୋଧ ଓ ସାବଲୀଳ ଶୈଳୀରେ ଏବଂ ସରଳ, ତରଳ ଭାଷା ଦ୍ୱାରା ଉପସ୍ଥାପନ କରିଛନ୍ତି ଯେ ଏହା ସୁଖପାଠ୍ୟ ହୋଇପାରିଛି । ପଣ୍ଡିତ ଶ୍ରୀ ମିଶ୍ର ଏହି ଗ୍ରନ୍ଥର ଭୂମିକାରେ ଉଲ୍ଲେଖ କରିଛନ୍ତି – ["None was ever a great poet without being at the same time a profound philosopher" - Coleridge]. ବାସ୍ତବିକ ଏହା ସତ୍ୟ । ଦର୍ଶନ ଶାସ୍ତ୍ର ନ ପଢି ସୁକବି ହେବା କଠିନ କଥା । ସୁତରାଂ ପଣ୍ଡିତ ବିନାୟକ ମିଶ୍ର ଭାରତର କେତୋଟି ପ୍ରଧାନ ଦର୍ଶନକୁ ଗଭୀର ଭାବରେ ଅନୁଶୀଳନ କରି ଏବଂ ଆହରଣ କରି ସେସବୁକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ସ୍ଥାନେ ସ୍ଥାନେ ପଣ୍ଡିତ ମିଶ୍ରଙ୍କର ଯୁକ୍ତି ବେଶ୍ ବଳିଷ୍ଠ ଓ ଆକାଟ୍ୟ ପରି ପ୍ରତିଷ୍ଠିତ ହୋଇଛି । ଭାରତୀୟ ଦର୍ଶନର ପଟ୍ଟଭୂମି ଉପରେ ବିନାୟକଙ୍କର ଚିନ୍ତାମାନସ ଅଧିଷ୍ଠିତ । ତେଣୁ ସେ ଜଣେ କୃତବିଦ୍ୟ ଅଧ୍ୟାପକ, ଗବେଷକ, ପ୍ରାବନ୍ଧିକ, ଦର୍ଶନତତ୍ତ୍ୱବିତ୍, ଐତିହାସିକ ଓ ସଫଳ ସାରସ୍ୱତ ମନୀଷୀ ଭାବରେ ଆସନ ପାତି ବସିଛନ୍ତି ।

ଏହା ବ୍ୟତୀତ ପଣ୍ଡିତ ବିନାୟକ ମିଶ୍ରଙ୍କର ଆଉ ଏକ ସଫଳ ପ୍ରୟାସ ହେଉଛି ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କର ସାରସ୍ୱତ କୃତିର ସଙ୍କଳନ ଓ ସମ୍ପାଦନା । କବି ଯଦୁମଣି ମହାପାତ୍ର ମଧ୍ୟଯୁଗୀୟ ସାରସ୍ୱତ ଜଗତର ପ୍ରତିଭାବାନ କାବ୍ୟସ୍ରଷ୍ଟା । ତାଙ୍କର ବାସସ୍ଥାନ ଓ ସାହିତ୍ୟ ସାଧନାର କ୍ଷେତ୍ର ହେଉଛି ଇଟାମାଟି ଗ୍ରାମ । ଏହା ନୟାଗଡ଼ ସହରଠାରୁ ନୟାଗଡ଼-ଭୁବନେଶ୍ୱର ରାସ୍ତାର ମାତ୍ର ପାଞ୍ଚ କିଲୋମିଟର ଦୂରରେ ଅବସ୍ଥିତ । ସେ ଥିଲେ ନବଦୁର୍ଗର ନରପତି ବିନାୟକସିଂହ ମାନଧାତାଙ୍କ ସମକାଳୀନ ଓ ତାଙ୍କର ଦରବାରୀ କବି । ବାରମ୍ୱାର ଇଟାମାଟି ଗ୍ରାମରେ ଅଗ୍ନ୍ୟୁତ୍ପାତ ଯୋଗୁଁ କବିଙ୍କ ପୋଥିଗୁଡ଼ିକ ନଷ୍ଟ ହୋଇଯାଇଥିଲା । ତେବେ ପଣ୍ଡିତ ମିଶ୍ର ବିଭିନ୍ନ ସୂତ୍ରରୁ କବିଙ୍କର ରଚନାଗୁଡ଼ିକୁ ସଂଗ୍ରହ କରି 'ଯଦୁମଣି ଗ୍ରନ୍ଥାବଳୀ' ପ୍ରଣୟନ କରିଥିଲେ । ୧୯୬୫ ମସିହାରେ ଏହା କଟକର ଉଦୟପ୍ରେସ୍ ଓ ମୁକୁର ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା । ଏହି ଗ୍ରନ୍ଥାବଳୀର ପ୍ରକାଶକ ଥିଲେ କଟକ ବାଲୁବଜାରସ୍ଥିତ ଇଉନାଇଟେଡ୍ ବୁକ୍ ହାଉସ୍‌ର ଅଧିକାରୀ । ଗ୍ରନ୍ଥାବଳୀଟିର ମୂଲ୍ୟଥିଲା ଟ୧୮ ଙ୍କା । ଗ୍ରନ୍ଥାବଳୀର ଗ୍ରନ୍ଥ କ୍ରମରେ ରହିଛି ସର୍ବପ୍ରଥମେ 'ଆଶୁକବି ଯଦୁମଣି ମହାପାତ୍ରଙ୍କର ପରିଚୟ' । ଏହା ହେଉଛି ପଣ୍ଡିତ ବିନାୟକ ମିଶ୍ରଙ୍କର କବି ଯଦୁମଣିଙ୍କ ସମ୍ପର୍କରେ ଏକ ଆଲୋଚନା । ଗ୍ରନ୍ଥାବଳୀର ପ୍ରଥମାର୍ଦ୍ଧରେ 'ରାଘବ ବିଳାସ' କାବ୍ୟର ପ୍ରଥମ

Digitized by PPRACHIN, SOA

ଛାନ୍ଦରୁ ସତତିରିଶି ଛାନ୍ଦ, ନାମମାଳା, ଭଜନମାଳିକାକୁ ସ୍ଥାନିତ କରାଯାଇଛି । ଦ୍ୱିତୀୟାର୍ଦ୍ଧରେ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କାବ୍ୟକୁ ସ୍ଥାନିତ କରାଯାଇଛି । 'ରାଘବ ବିଳାସ' କାବ୍ୟ ଓ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କାବ୍ୟର ଟୀକା ମଧ୍ୟ ଏହି ଗ୍ରନ୍ଥାବଳୀରେ ସନ୍ନିବିଷ୍ଟ ହୋଇଛି ।

କବି ଯଦୁମଣିଙ୍କର 'ରାଘବ ବିଳାସ' ଏକ ଉଚ୍ଚକୋଟୀର ରାମକାବ୍ୟ । ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତା କବିଙ୍କର ପୃଷ୍ଠପୋଷକ ଥିବାରୁ ଏହି କାବ୍ୟର ପ୍ରତ୍ୟେକ ଛାନ୍ଦର ଶେଷରେ ବିନାୟକ ସିଂହ ମାନଧାତାଙ୍କ ନାମରେ ଭଣିତା କରାଯାଇଛି । ଏ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – 'ଯେତେବେଳେ ରାଘବ ବିଳାସ ଯଦୁମଣି ରଚନା କଲେ ସେତେବେଳେ ନୟାଗଡ଼ କୌଣସି ଦୁର୍ବିପାକର ସମ୍ମୁଖୀନ ହୋଇଥିବାର ନିମ୍ନୋଦ୍ଧୃତ ଉକ୍ତିରୁ ଜଣାପଡ଼େ । ଯାହା ହେଉ ସେ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ ।

'ଗରିଷ୍ଠ ଦଶା ଏ ରାଷ୍ଟ୍ରର
କଷ୍ଟ ଫେଡ଼ ଦୁସ୍ତର ।' (୧/୨)

ବିନାୟକ ସିଂହ ୧୭୮୯ରୁ ୧୮୩୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନୟାଗଡ଼ର ରାଜଗାଦିରେ ଆସୀନ ଥିବାର ବ୍ରିଟିଶ୍ ସରକାରଙ୍କ କାଗଜପତ୍ରରୁ ଜଣାପଡ଼େ । ସରକାର ରାଜାମାନଙ୍କ ମାଜିଷ୍ଟ୍ରେଟ୍ କ୍ଷମତାରେ ହସ୍ତକ୍ଷେପ କରିବାକୁ ଉଦ୍ୟମ କରିବାରୁ ୧୮୩୦ ଖ୍ରୀଷ୍ଟାବ୍ଦରେ ବିନାୟକ ସିଂହ ତୀବ୍ରପ୍ରତିବାଦ କରିଥିଲେ । ତାଙ୍କର ପୁତ୍ର ଯୁବରାଜ ନିଃସନ୍ତାନ ଥିଲେ । କନିଷ୍ଠ ପୁତ୍ରଙ୍କର ମଧ୍ୟ ବହୁକାଳ ପର୍ଯ୍ୟନ୍ତ ସନ୍ତାନ ଜାତ ହୋଇ ନଥିଲେ । ଜାତ ହେବାରୁ ରାଜା ବ୍ରଜ ବଲ୍ଲଭ ସିଂହ ଭାତୃଷ୍ପୁତ ଲଡ୍ଡୁକେଶ୍ୱର ସିଂହଙ୍କୁ ପୋଷ୍ୟପୁତ୍ର ଗ୍ରହଣ କଲେ । ବ୍ରଜବଲ୍ଲଭ ସିଂହଙ୍କ ମୃତ୍ୟୁବେଳକୁ ଲଡ୍ଡୁକେଶ୍ୱର ସିଂହ ନାବାଳକ ଥିବାରୁ ସରକାରଙ୍କର ରାଜ୍ୟପ୍ରତି ଲୋଲୁପ ଦୃଷ୍ଟି ଓ ରାଜବଂଶର ଉତ୍ତରାଧିକାରୀ ଶୂନ୍ୟତା ପ୍ରଜାମାନଙ୍କ ମନକଷ୍ଟ ସୃଷ୍ଟି କରିଥିବାର ସଙ୍କେତ ଉଦ୍ଧୃତ ଉକ୍ତିରେ ଥିବାର ଅନୁମିତ ହୁଏ । କବି ପୁଣି କହିଛନ୍ତି –

'କଚ୍ଛି କଚ୍ଛି କେତେ ଜଚ୍ଛିଲା ଶିଚ୍ଛକାର କୁମର
କଚ୍ଛେ କଚ୍ଛତରୁ ଭଜିଲିଦୁଃଖ ନଗଲା ମୋର ।' (୧/୧୧)

Digitized by PPRACHIN, SOA

କବି ଜାତିର ପ୍ରାଣ ନିର୍ମାତା ଓ ଚିତ୍ରକର ଥିବାର ଜନଶ୍ରୁତିକୁ ଏପଦ ସମର୍ଥନ କରୁଅଛି । ପୁଣି ଜଣା ଯାଉଅଛି ଯେ ରାଘବ ବିଳାସ ରଚନା ବେଳକୁ ତାଙ୍କର ଖ୍ୟାତି ବ୍ୟାପି ନଥିଲା ଓ ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ରାଘବ ବିଳାସ ରଚନା କଲା ଉତ୍ତାରେ ରାଜଦ୍ୱାର ମାନଙ୍କୁ ଯାଇ ପୁରସ୍କୃତ ହୋଇଥିବେ ।'

ପଣ୍ଡିତ ମିଶ୍ରଙ୍କର ଅନେକ ଗବେଷଣାଧର୍ମୀ ପ୍ରବନ୍ଧ ବିଭିନ୍ନ ମାଗାଜିନ୍, ଜର୍ଣ୍ଣାଲ ପ୍ରଭୃତିରେ ବିଭିନ୍ନ ସମୟରେ ପ୍ରକାଶିତ ହୋଇଛି । Orissa Historical Reasearch Journal, Bihar Historical Research Journal, Indian Historical Quarterly, Mayurbhanja Chronicle, କୋଣାର୍କ, ଝଙ୍କାର ପ୍ରଭୃତି ପତ୍ରପତ୍ରିକାରେ ତାଙ୍କର ପ୍ରବନ୍ଧ ଗୁଡ଼ିକ ପ୍ରକାଶିତ ହୋଇଛି । ତାଙ୍କର 'Jagannath Temple at Puri' ପ୍ରବନ୍ଧଟି ବାରିପଦାରୁ ପ୍ରକାଶିତ Mayurbhanja Chronicle (VI/1) ୧୯୩୬ ସଂଖ୍ୟାରେ ପ୍ରକାଶିତ । ସେହିପରି 'Origin of Lord Jagannath' ('Local Tradition' ପ୍ରବନ୍ଧଟି ୧୯୩୭ ମସିହା, Mayurbhanja Chronicle (VI/2)ରେ ସ୍ଥାନିତ । 'Origin of Lord Jagannath' (Puranic Tradition) ବିଷୟଟି ମଧ୍ୟ ୧୯୩୭ ମସିହା Mayurbhanja Chronicle (VI/3)ରେ ପ୍ରକାଶ ପାଇଥିଲା । ଜଗନ୍ନାଥଙ୍କ ଉତ୍ପତ୍ତି ସମ୍ପର୍କିତ ଆଉ ଏକ ପ୍ରବନ୍ଧ 'Origin of Lord Jagannath' ୧୯୩୭ ମସିହା Mayurbhanja Chronicle (VII/1)ବାରିପଦାରୁ ପ୍ରକାଶିତ ହୋଇଛି । କଲିକତାରୁ ପ୍ରକାଶିତ 'Indian Historical Quarterly) ୧୯୩୭ ମସିହା (XIII/4) ସଂଖ୍ୟାରେ 'Folklore and Puranic Tradition about the Origin of Lord Jagannath' ପ୍ରବନ୍ଧଟି ସ୍ଥାନ ପାଇଥିଲା । ୧୯୩୮ ମସିହା Mayurbhanja Chronicle (VII/3)ସଂଖ୍ୟାରେ 'Origin of Jagannath Worship in Puri (Car Festival)' ପ୍ରବନ୍ଧଟି ପ୍ରକାଶ ପାଇଥିଲା । ୧୯୩୯ ମସିହା Mayurbhanja Chronicle ସଂଖ୍ୟା (VIII/2)ରେ 'Puri after Kharavela' ପ୍ରବନ୍ଧଟି ପ୍ରକାଶିତ । ଏହି ବର୍ଷ ମଧ୍ୟ ଏହି ପତ୍ରିକାର (VIII/4) ସଂଖ୍ୟାରେ 'Identification of Indradyumna' ପ୍ରବନ୍ଧଟି ପ୍ରକାଶିତ । ୧୯୪୧ ମସିହା Mayurbjanja Chronicle ସଂଖ୍ୟା (X/2)ରେ 'Puri after Rudradaman II' ପ୍ରବନ୍ଧଟି ପ୍ରକାଶ ପାଇଥିଲା ।

Digitized by PPRACHIN, SOA

ସେହିପରି 'ଝଙ୍କାର' ସଂଖ୍ୟା (୫/୧୦)ରେ 'ଓଡ଼ିଆ ସାହିତ୍ୟରେ ଗୌଡ଼ୀୟ ବୈଷ୍ଣବଧର୍ମ' ଶୀର୍ଷକ ପ୍ରବନ୍ଧଟି ପ୍ରକାଶିତ । 'ଝଙ୍କାର' ସଂଖ୍ୟା (୬/୨) ରେ ପଣ୍ଡିତ ମିଶ୍ରଙ୍କର 'ରାଧାଦାମୋଦର' ପ୍ରବନ୍ଧଟି ପ୍ରକାଶିତ । ଝଙ୍କାର (୬/୫) ସଂଖ୍ୟାରେ ମଧ ତାଙ୍କର 'କୃଷ୍ଣ ସମ୍ପ୍ରଦାୟ' ପ୍ରବନ୍ଧଟି ସ୍ଥାନିତ ହୋଇଥିଲା । 'କୋଣାର୍କ' ପତ୍ରିକା (୧/୧) ସେପ୍ଟେମ୍ବର ସଂଖ୍ୟାରେ 'ଇତିହାସ ଗବେଷଣା' ନିବନ୍ଧଟି ସ୍ଥାନ ପାଇଛି । ସେହିପରି 'କୋଣାର୍କ' ସଂଖ୍ୟା (୧/୨)ରେ 'ଜଗନ୍ନାଥ ପୂଜା' ପ୍ରବନ୍ଧଟି ପ୍ରକାଶ ପାଇଥିଲା । ପଣ୍ଡିତ ମିଶ୍ରଙ୍କ ଦେହାନ୍ତ ପରେ ତାଙ୍କଦ୍ୱାରା ଲିଖିତ କିଛି ପ୍ରବନ୍ଧ ମଧ ପ୍ରକାଶପାଇଛି । ୧୯୮୪ ମସିହାରେ ପୁରୀରୁ ପ୍ରକାଶିତ 'ଶ୍ରୀଜଗନ୍ନାଥ ଲହରୀ' ସଂଖ୍ୟା (୧/୧)ରେ 'ଶ୍ରୀଜଗନ୍ନାଥ ନାମ ମହିମା', ବିଷୟଟି ପ୍ରକାଶିତ । ସେହିପରି ପୂର୍ବରୁ ପ୍ରକାଶିତ 'ଜଗନ୍ନାଥ ପୂଜା' ପ୍ରବନ୍ଧଟି ଏକାଦିକ୍ରମେ ଭୁବନେଶ୍ୱରରୁ ପ୍ରକାଶିତ 'ଶ୍ରୀଜଗନ୍ନାଥ' ପତ୍ରିକାରେ ୧୯୮୨ ମସିହାରେ ଏବଂ କଟକରୁ ପ୍ରକାଶିତ 'ରାଜାଧିରାଜ ଜଗନ୍ନାଥ' ପତ୍ରିକାରେ ୧୯୮୪ ମସିହା (ପୃ-୨୪୫-୨୫୪)ରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି ।

'ଜଗନ୍ନାଥ ପୂଜା' ପ୍ରବନ୍ଧଟି ପଣ୍ଡିତ ମିଶ୍ରଙ୍କର ଏକ ବହୁଚର୍ଚ୍ଚିତ ପ୍ରବନ୍ଧ । 'ଜଗନ୍ନାଥ ପୂଜା' ପଦ୍ଧତିର ଏକ ବିଜ୍ଞାନ ସମ୍ମତ ଆଲୋଚନା ଏଥିରେ କରାଯାଇଛି । ପ୍ରବନ୍ଧଟିର ପ୍ରାରମ୍ଭରେ ସେ ଲେଖିଛନ୍ତି – 'ଜଗନ୍ନାଥଙ୍କ ସମ୍ବନ୍ଧରେ ହିନ୍ଦୁଶାସ୍ତ୍ରଜ୍ଞ ପ୍ରାଚୀନ ପଣ୍ଡିତମାନେ ନିଜର ଅଜ୍ଞତା ସ୍ୱୀକାର କରିବାକୁ ବାଧ ହେଉଥିଲେ । ପାଶ୍ଚାତ୍ୟ ଇତିହାସ ଗବେଷଣା ପ୍ରଣାଳୀ ଏ ଦେଶରେ ପ୍ରବର୍ତ୍ତିତ ହେବାରୁ ଗବେଷକମାନେ ଜଗନ୍ନାଥଙ୍କ ସମ୍ବନ୍ଧରେ ନାନା କଳ୍ପନା-ଜଳ୍ପନା କରି ଆସୁଛନ୍ତି । ବୌଦ୍ଧଧର୍ମ ସହିତ କେତେକ ସାମଞ୍ଜସ୍ୟ ଥିବାର ଦେଖି ପ୍ରଥମେ ବଙ୍ଗୀୟ ପଣ୍ଡିତ ରାଜେନ୍ଦ୍ରଲାଲ ମିତ୍ର ଜଗନ୍ନାଥ ବୌଦ୍ଧଧର୍ମର ନିଦର୍ଶନ ବୋଲି କହିଗଲେ । ଖ୍ରୀଷ୍ଟୀୟ ୧୯୩୭ ସାଲରେ ଜଗନ୍ନାଥ ଧର୍ମରେ ଜୈନଧର୍ମର ନିଦର୍ଶନ ମୁଁ ଆବିଷ୍କାର କଲି ।'

ଏହାପରେ ପଣ୍ଡିତ ମିଶ୍ର ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପିର ଦଶମ ଧାଡ଼ିରେ ଥିବା 'ପିଥୁଡଗ' ଏବଂ ସଂସ୍କୃତ ମହାଭାରତ ବନପର୍ବରେ ଉଲ୍ଲେଖ ଥିବା 'ପୃଥଦକ'କୁ ପୁରୀ ବୋଲି ପ୍ରମାଣିତ କରିଛନ୍ତି । ପ୍ରାବନ୍ଧିକ ଲେଖିଛନ୍ତି – 'ଭାରତରେ ନାନା ସ୍ଥାନରେ କୁରୁକ୍ଷେତ୍ର ଓ ସରସ୍ୱତୀ ଥିବାର ପ୍ରମାଣ ମିଳେ । କୁରୁକ୍ଷେତ୍ର ଓ ସରସ୍ୱତୀର ଗୂଢ଼ ଅର୍ଥ ଅଛି । ସେସବୁ ପ୍ରତିପାଦନ କରିବାପାଇଁ ଏଠାରେ ଅବକାଶ

Digitized by PPRACHIN, SOA

ନାହିଁ । ପୁରୀକୁ ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର ଓ ବିମଳକ୍ଷେତ୍ର କହନ୍ତି । ଜଗନ୍ନାଥଙ୍କ ସହିତ ସରସ୍ୱତୀଙ୍କର ପୂଜା ହୁଏ ଓ ଏହାଙ୍କର ବୀଜମନ୍ତ୍ର 'ଐ' ଅର୍ଥାତ୍ 'ଐନ୍ଦ୍ରୀ' ନାମର ପ୍ରଥମ ବର୍ଣ୍ଣ । ଏନ୍ଦ୍ରୀକୁ ବା ଇନ୍ଦ୍ରିୟର ପ୍ରଜନନ ରସକୁ ସରସ୍ୱତୀ କହନ୍ତି । ଏହା 'କୁରୁ' ବା ପ୍ରଜନନ କର୍ମରୁ ଜାତ ହୁଏ । ପୁଣ୍ୟ ଅର୍ଜିବା ପାଇଁ କାର୍ତ୍ତିକ ମାସରେ ପୁରୀରେ ଯାତ୍ରୀମାନେ ଜମା ହୁଅନ୍ତି ଓ କାର୍ତ୍ତିକ ମାସର ଅମାବାସ୍ୟା ରାତ୍ରିରେ ପିତୃଦେବଙ୍କୁ ଅର୍ଚ୍ଚନା କରିବାର ପୁରୀ ଭାରତରେ ଗୋଟିଏ ପ୍ରଧାନ ସ୍ଥାନ । କାର୍ତ୍ତିକେୟଙ୍କର ନାମ ଅନୁସାରେ କାର୍ତ୍ତିକ ମାସର ନାମ ହୋଇଅଛି । କାରଣ କୃତ୍ତିକା ନକ୍ଷତ୍ରରେ ପୂର୍ଣ୍ଣିମା ହୋଇଥିବାରୁ ମାସର ନାମ କାର୍ତ୍ତିକ ଓ କାର୍ତ୍ତିକେୟଙ୍କୁ କୃତ୍ତିକାନକ୍ଷତ୍ର ପାଳନ କରିଥିଲେ । ଏଣୁ ପୁରୀକୁ ପୃଥୂଦକ କହୁଥିବାର ପ୍ରମାଣିତ ହୁଏ ।'

ଏହାପରେ ପଣ୍ଡିତ ମିଶ୍ର ଖାରବେଳଙ୍କୁ କାର୍ତ୍ତିକେୟ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ କରିଛନ୍ତି । ପୁନଶ୍ଚ ସେ ମତପ୍ରଦାନ କରିଛନ୍ତି ଯେ ଖାରବେଳ କୁମାର କ୍ରୀଡ଼ା କରୁଥିବାରୁ ସେ ଗନ୍ଧର୍ବ ଅଟନ୍ତି । ବୌଦ୍ଧ ଚେ଼ତିୟ ଜାତକ ଅନୁସାରେ ବ୍ରାହ୍ମଣ କପିଳ ଚେ଼ତିବଂଶର ପୁରୋହିତ ଥିଲେ । କପିଳ ଶ୍ରେଷ୍ଠ ସିଦ୍ଧ ଥିବାରୁ ଓ ଖାରବେଳ ସିଦ୍ଧମାନଙ୍କୁ ପ୍ରମାଣ କରିଥିବାରୁ ଓ ଗନ୍ଧର୍ବ ଥିବାରୁ ଗନ୍ଧର୍ବ ଚି଼ତ୍ରରଥ ନାମର ପ୍ରଥମାର୍ଦ୍ଧ 'ଚି଼ତ୍ର' ଚେ଼ତରେ ପରିଣତ ହୋଇ ତାହାଙ୍କ ବଂଶର ନାମ ରୂପେ ବ୍ୟବହୃତ ହେଉଥିଲା । ରାମାୟଣରେ ସଗର ଓ କପିଳ ଗଳ୍ପରେ କପିଳଙ୍କୁ ବାସୁଦେବ କୁହାଯାଇଛି । ଏଣୁ ଖାରବେଳ ବାସୁଦେବ ଧର୍ମାବଲମ୍ବୀ ଥିବାର ପ୍ରମାଣିତ ହୁଏ । ପୁନଶ୍ଚ ପଣ୍ଡିତ ମିଶ୍ର ପ୍ରତିପାଦନ କରନ୍ତି ଯେ ମହାଭାରତ (ଅନୁଶାସନ,୭୬) ଅନୁସାରେ ତାରକାସୁରକୁ ବଧ କରିବାପାଇଁ ସବୁଜାତିର ଲୋକମାନେ ଓ ସବୁ ଦେବତାମାନେ କାର୍ତ୍ତିକେୟଙ୍କର ଅଭିଷେକ କାଳରେ ଜମା ହୋଇଥିଲେ । ଏଣୁ କାର୍ତ୍ତିକେୟଙ୍କ ଧର୍ମ ପୃଥୁ ବା ବିରାଟ ନାମରେ ଅଭିହିତ ହେଉଥିଲା ବୋଲି କୁହାଯାଇପାରେ । ସବୁଧର୍ମ ମିଶିଥିବା ଏହି ବିରାଟଧର୍ମ ପୁରୀରେ ପ୍ରଚ଼ଳିତ ଅଛି ।

ଏହାପରେ ସେ ଉଲ୍ଲେଖ କରିଛନ୍ତି ଯେ ଅଶ୍ୱଜାତୀୟ ଲୋକଙ୍କ ମଧ୍ୟରୁ ଯେଉଁମାନେ ସଂଯତେନ୍ଦ୍ରିୟ ଥିଲେ ସେମାନେ ପୁରୁଷୋତ୍ତମ ହୋଇଥିଲେ । ଏହାଙ୍କ ନାମ ମଧ୍ୟ ଜଗନ୍ନାଥ । ଇକ୍ଷାକୁ କୁଳର ଦେବତା ଜଗନ୍ନାଥଙ୍କୁ ପୂଜା କରିବାପାଇଁ ରାମ ବିଭୀଷଣଙ୍କୁ କହିଥିଲେ । ଏହାପରେ ପଣ୍ଡିତ ମିଶ୍ର ପ୍ରମାଣ କରିଛନ୍ତି ଯେ ସୌତ୍ରାନ୍ତିକ ବୌଦ୍ଧମାନେ କୁମାର ସମ୍ପ୍ରଦାୟର ଗୋଟିଏ ଶାଖା । ସୌତ୍ରାନ୍ତିକମାନେ

Digitized by PPRACHIN, SOA

ପରମାଣୁବାଦୀ ଓ ଜଗନ୍ନାଥଧର୍ମ ପରମାଣୁବାଦ ଉପରେ ପ୍ରତିଷ୍ଠିତ । ଏହିପରି ଭାବରେ ପଣ୍ଡିତ ମିଶ୍ର ବିଭିନ୍ନ ପୁରାଣ, ଇତିହାସ ଶିଳାଲିପି ଇତ୍ୟାଦିକୁ ଆଧାରକରି ଜଗନ୍ନାଥ ଧର୍ମ ଓ ପୂଜାର ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି ।

ପଣ୍ଡିତ ବିନାୟକ ମିଶ୍ର ଓଡ଼ିଆ ଭାଷା ଓ ସାହିତ୍ୟର ଆଲୋଚ଼ନାରେ ଯେପରି ସଫଳତା ଲାଭ କରିଛନ୍ତି, ସେହିପରି ସଂସ୍କୃତି ଓ ଇତିହାସର ଗବେଷଣାରେ ମଧ ତତୋଽଧିକ ସଫଳତା ଲାଭ କରିଛନ୍ତି । ତାଙ୍କ ଦ୍ୱାରା ପ୍ରସ୍ତୁତ 'Indian Culture and cult of Jagannath' ପୁସ୍ତକଟି ଇତିହାସ ଓ ସଂସ୍କୃତି ସମ୍ବଳିତ ଏକ ପ୍ରାମାଣିକ ପୁସ୍ତକ । ପଣ୍ଡିତ ମିଶ୍ରଙ୍କର ଦେହାନ୍ତର ପ୍ରାପ୍ତି ପରେ ଏହି ଗବେଷଣା ମୂଳକ ଗ୍ରନ୍ଥଟି ଲୋକ ଲୋଚ଼ନକୁ ଆସିଛି । କଲିକତାର ବିଧାନ ସରଣୀସ୍ଥିତ ପୁନ୍ଥି ପୁସ୍ତକର ଅଧିକାରୀ ଶଙ୍କର ଭଟ୍ଟାଚାର୍ଯ୍ୟଙ୍କ ଆନୁକୂଲ୍ୟରେ ଏହି ଗ୍ରନ୍ଥଟିର ପ୍ରଥମ ପ୍ରକାଶ ୧୯୮୬ ମସିହାରେ ହୋଇଛି । ଏହି ଗ୍ରନ୍ଥଟି ଇଂରାଜୀରେ ଆମୂଳଚୂଳ ରଚ଼ିତ । ତେଣୁ ଭାବିଲେ ବିସ୍ମିତ ହେବାକୁ ପଡ଼େ ଯେ ମାତ୍ର ମଧ ଇଂରାଜୀ ପାଠ ପଢ଼ି ପଣ୍ଡିତ ମିଶ୍ର କିପରି ନିଜସ୍ୱ ପ୍ରଚ଼େଷ୍ଟାରେ ଇଂରାଜୀ ଭାଷାରେ ରଚ଼ନା କରିବାର ସାମର୍ଥ୍ୟକୁ ଲାଭ କରିଥିଲେ । ସୁତରାଂ ଏହି ଗ୍ରନ୍ଥର ମୁଖବନ୍ଧରେ ଲେଖାଯାଇଛି – "He had no higher academic degree. He had only passed the M.E. School examination, but he was appointed Professor of Oriya in Calcutta University in recognition of his vast knowledge in Oriya, Sanskrit and Pali. The present volume would itself speak of his command over the English Language as well".

"Indian Culture, and cult of Jagannath" ପୁସ୍ତକଟି ବିଭିନ୍ନ ଐତିହାସିକ, ପୌରାଣିକ ତଥ୍ୟ ଏବଂ ଲୋକ ସଂସ୍କୃତି ଓ ଲୋକକଥା ସମ୍ବଳିତ ଓ ଗବେଷଣାମୂଳକ ବାରଗୋଟି ବିଷୟ ଉପରେ ଆଧାରିତ ଏକ ଦୁର୍ଲ୍ଲଭ ଗ୍ରନ୍ଥ । ଏଥିରେ ସନ୍ନିବେଶିତ ହୋଇଥିବା ବିଷୟଗୁଡ଼ିକ ହେଉଛି – 'Topography, castes and Tribes of Orissa', 'Origin of some Races', 'Folk Gods and worships', 'Musical Notes and Incarnations', 'Alekhism, Buddhism and Vajrayana', 'Dynasties of Remote past in Medieval Orissa', 'Kharavela and Devanam Priya Priyadarshi Asoka',

Digitized by PPRACHIN, SOA

'Miscellanesous Data', 'Mudrarakshasa and Folk songs', 'Some Data from Ancient Oriya Literature', 'Traditions, Folklores and Functions at Puri', ଏବଂ 'Date of Jagannath worship' ।

'Topography, castes and tribes of Orissa' ଶୀର୍ଷକ ଅଧ୍ୟାୟରେ ପଣ୍ଡିତ ମିଶ୍ର ଓଡ଼ିଶାର ଭୂବୃତ୍ତାନ୍ତ ବର୍ଣ୍ଣନା କରିବା ସହିତ ବିଭିନ୍ନ ଜାତି, ଉପଜାତି ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡ଼ିଶାର ଯାଜପୁରର କ୍ଷେତ୍ର ମାହାତ୍ମ୍ୟ ମଧ ବର୍ଣ୍ଣନା କରିଛନ୍ତି । ତାଙ୍କ ଭାଷାରେ – "The land, on which the Oriya language is spoken now, is naturally divided into two parts - eastern and western. The eastern part on the coast of Bay of Bengal extends from the river Cossāi, in the district of Midnapur in the north upto the Mahendra mountain, in the south and the western part with the succession of hill ranges and valleys extends upto the district of Bilaspur in Madhya Pradesh. The boundary line in the west runs almost from the southern limit of the Gaya District in Bihar in the north upto the district of Vizagapatanam in Andhra in the South. The area defined above is drained by six principal rivers - The Subarnarekha, Burabalanga, Brahmani, Baitarani, Mahanadi and Rishikulya - all flowing into the Bay of Bengal from the west. Of them the Mahanadi provides a good communication to maintain the social and commercial intercourse of the people of extreme west of Orissa with those of her eastern counterpart, while the sea-route in the east facilitates the intercourse of the people of North Orissa with those of South Orissa. There is one chief land-route from Gaya to Jajpur which first runs southward and reaches the source of the Baitarani and then proceeds east-ward along the right bank of the river Baitarani.

Digitized by PPRACHIN, SOA

This route helped in ancient times to maintain the social and cultural link between the Gangetic plain and Orissa. On both sides of this route are found the ruins of ancient monuments in large number. In 1360 A.D. Sultan Firoz Shah followed this route in his Jajpur expedition from Bihar. We can not therefore, doubt in the link - cultural and ethnical - of Gaya with Jajpur, retained in the tradition which reveals that the munda denoting head, of the demon, Gaya, lay at Gaya and his nabhi or navel at Jajpur after he had been killed by Vishnu. By munda we may mean the Munda tribe and by nabhi the Bhuyan tribe, who trace their descent from Bhumi or earth. But I am inclined to hold that munda means cultivation of intellect owing origin to brain in the head in as much as Gotam Buddha is said to have attained knowledge in the proximity of Gaya. Similarly nabhi is compared to lotus, an allegory for woman symbolically called bhumi or earth. Needless to say that both Gaya and Jajpur are famous for ancestor worship and the two tribes mentioned above are not ethnologically different from each other."

ଏହି ଅଧ୍ୟାୟରେ ପଣ୍ଡିତ ବିନାୟକ ଭୂୟାଁ, କୋହ୍ଲ, ଶବର, କନ୍ଧ, ଲୋଧା, ନିଷାଦ, ପ୍ରଭୃତି ଜନଜାତି ଏବଂ ବ୍ରାହ୍ମଣ, କରଣ, ଖଣ୍ଡାୟତ ପ୍ରଭୃତି ଜାତି ସମ୍ପର୍କରେ ବିଭିନ୍ନ ପୁରାଣ, ବ୍ରାହ୍ମଣ ଏବଂ ମୀମାଂସା, ଶାସ୍ତ୍ରକୁ ଆଧାର କରି ଆଲୋଚନା କରିଛନ୍ତି । ଦ୍ୱିତୀୟ ଅଧ୍ୟାୟ "Origin of some Races" ରେ ପଣ୍ଡିତ ମିଶ୍ର ଅତ୍ରି, ମରୀଚି, ଅଙ୍ଗିରା, ପୁଲସ୍ତି, କ୍ରତୁ ପ୍ରଭୃତି ବଂଶର ଉତ୍ପତ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି । ଅତ୍ରିଙ୍କ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "It is described in the Brahma-purana (Ch-11,7) that Arti had a son Uttãnapãda by name. This name denotes a man upside down and is thus similar to the Asvattha tree mentioned in our sacred Gita (Ch. XV) and this tree is worshipped in Orissa as Vishnu who likes

Digitized by PPRACHIN, SOA

creation and not dissolution. The term Atri denotes denial of three (A-no, tri-three, i.e. sattva, raja and tama) and it means non observance of caste-system. The members of the school of Arti in Orissa use the family title Ratha or chariot in contradiction to denial of entity or matter. Though in the Upanishadic literature the word ratha, is used in the sense of body, yãska in his Nirukta (XI, 4, 50) gives its meaning as megha, or cloud, of stationary habit. The word, megha, is derived from the root, mih meaning to sprinkle. If we take this sprinkling in the sense of discharging the seminal liquid it appears that Arti did not accept the doctrine of unreality to travel, riding on a peacock but indulged in sprinkling of seminal liquid. x x x the Brahmanas belonging to the Arti Gotra in Orissa identify Atri with the deer and venerate it." ଇତ୍ୟାଦି ।

ସେହିପରି କେତେକ ପୌରାଣିକ ନାମବାଚକ ଶବ୍ଦକୁ ପଣ୍ଡିତ ମିଶ୍ର ଭିନ୍ନ ଏକ ଦୃଷ୍ଟି କୋଣରୁ ବିଚାର କରିଛନ୍ତି । ସେହି ଆଲୋଚନାର କିୟଦଂଶ ଏଠାରେ ଉଲ୍ଲେଖ କରାଯାଇଛି । "The Ex-state of Sonepur is called Suvarnapur, meaning the city of gold, in the ancient copper-plates. The name, Suvarnapur, probably owes its origin to the Hiranyagarbha school as the female folk of this place are of yellow complexion. It now appears that the Buddhist kandino Jataka faithfully records that a mountain stag, representing a follower of deer-venerating Atri school, was enamoured of a doe representing a maiden.

It is stated in Ramayana that in the Dandaka forest Ram ran after a golden deer, named Maricha a sect of the Nãga school. It is not a golden deer, but the Purnakumbha which is

Digitized by PPRACHIN, SOA

wordhipped under the name, Mallinath, by the Jainas who assign a great antiquity to this god. In the rural areas the sudra women used to place a purnakumbha on the village road at the time of approach of their ruler as an item of functions of welcome, probably for sexual promiscuity. We should not take Lanka of the Ramayana as a name of any particular island. Lanka, the name of kingdom of Ravana, consists of two syllables - Lam and ka. The first syllable, Lam, means earth i.e. seminal matter. As the latter, ka, means the masculine form of sexual desire (kamarupa) the second syallable ka can be taken in the sense of the feminine form of sexual desire (kamarupã). Thus the name, Lanka, denotes adulteress woman as well as a branch of a tree or sense organ. That the women of Lanka over indulged in satisfying passion is gathereed from the fact that the lady, Surpanakha, of Lanka implored Rama to satisfy her passion. In an island on the bed of the Mahanadi is found a goddess, Lankesvari by name, which name means the goddesses of Lanka. As the island referred to is now called Villanka, meaning devoid of Lanka, we may hold that there existed a Lanka sect in the island, which sect being expelled the place is now called Vilanka. x x x similarly Mandodari, denoting contracted abdomen and represented as wife of Ravana, can be taken as Uddiyanabandha.".

ସେହିପରି ଓଡ଼ିଆ ଭାଷାରେ ପ୍ରଚଳିତ ଥିବା 'ଯକ୍ଷ' ଏକ ପୌରାଣିକ ଶବ୍ଦ । ପଣ୍ଡିତ ମିଶ୍ର 'ଯକ୍ଷ' ସମ୍ପର୍କରେ ଲେଖିଛନ୍ତି – "The word yaksha is formed of two syllables - ya, meaning 'wind' and 'ksha' from the root, 'kshi' signifying destroyer. Those people who never abstained from

Digitized by PPRACHIN, SOA

the yoga practice are called yaksha or destroyer of wind. The yakshas are called therefore miser in the common parlance as they hoarded energies without embracing a woman." ଏହିପରି 'ଯକ୍ଷ' ଶବ୍ଦକୁ ପଣ୍ଡିତ ବିନାୟକ ମିଶ୍ର ଏକ ତାତ୍ତ୍ୱିକ ଦୃଷ୍ଟି କୋଣରୁ ବିଚାର କରିଛନ୍ତି ।

ଭାରତୀୟ ଚେତନାରେ କୃଷ୍ଣଙ୍କୁ ଭଗବାନ ରୂପେ ସ୍ୱୀକାର କରାଯାଇଛି । କିନ୍ତୁ 'କୃଷ୍ଣ'ଙ୍କୁ ପଣ୍ଡିତ ମିଶ୍ର ଏକ ନୂତନ ଦୃଷ୍ଟିରୁ ବିଚାର କରିଛନ୍ତି । ତଥାପି ଏହା ଯଥାର୍ଥ ବୋଲି ମନେ ହୁଏ । ତାଙ୍କ ଭାଷାରେ – "Krishna is called Ghanasyama meaning as black as cloud and Jayadev of 13th century A.D. has chosen also in his Gitagovinda the dark atmosphere created by clouds for Krishna's sport with Radha. The deity released from darkness can be taken as Vasu or seminal matter that lies in every being acording to the old commentary of the Ramayana. Again we find in the Jagamohan temple at Puri the representation of Krishna rowing the boat with a peacock on its front end. All these go to say that the teaching of kumars dancing like peacocks was based on analogy of increase of fertilising power of peacocks by singing and dancing in the season when the blue clouds naturally appear in the sky."

ମହାଭାରତର 'କୁରୁ' ବଂଶ ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "The term Kuru denotes ploughing. The Oriya root kar to do, is used to mean to copulate. Thus we find that ploughing is metaphorically used for sacred act for progeney. The Brahmanas using the family title, kar-sarma and belonging to the pravara of Brihaspati who diffused the charvak philosophy of nihilism to mislead the Asuras or demons seem to be descendants of the founder of Kuru tenet."

ଓଡ଼ିଶାରେ ଗୋଲାଜାତି ଏକ ଯାଯାବର ଜାତି । ଏହି ଜାତିର ଉତ୍ପତ୍ତି

Digitized by PPRACHIN, SOA

ସମ୍ପର୍କରେ ବିନାୟକ ମିଶ୍ର ଲେଖିଛନ୍ତି – "The chief occupation of the clan of Golas of south Orissa is to keep 'Lanka Chheli' or the flock of goats called Lanka denoting audltress woman. These Golas speak the Andhra language and the term 'Andhra' seems to have been derived from the root 'andh' or blind. So these Golas may be taken as descendants of blind Dhritarashtra in as much as the Andhras were youngest sons of Viswamitra or they embraced the cult of Visvamitra from the beginning and did not accept caste distinctions earlier to lead decent life."

ମହାଭାରତରେ ବର୍ଣ୍ଣିତ ଯଦୁବଂଶ ସମ୍ପର୍କରେ ପଣ୍ଡିତ ମିଶ୍ର ଯେଉଁ ଅଭିମତ ବାଢ଼ିଛନ୍ତି, ତାହା ବେଶ୍ କୌତୁହଳପ୍ରଦ । ସେ ଲେଖିଛନ୍ତି – "In the Brihaddevata Devapi of the race of Kuru is said to have been afflicted with the skin disease for which fact he did not accept kingship. We may hold that his skin disease was due to syphilitic poison. As the oriya equivalent of ringworm is yădu. I hold that the rigvedic race of yădu suffered from ringworm, because it is stated in the Mahabharat that yadu and Turvasa were sons of Devayani, daughter of Sukra, who officiated as priest of the Asuras indulging in immortality. This assumption probably finds support in the following statement of the Rigved.

"O, here (Indra) when you crossed the sea you brought yadu and Turvasu over the sea." (vol, 20,21). We have already taken the vedic equivalent of sea as metaphorically meaning woman. In that case, the yadus appear to have been brought from the land dominated by women. In the Rig Veda (x, 62,10) Yadu and Turva are called Dasa. Krishna in boyhood belonged to the race of Yadu and the followers of Krishna cult of

Digitized by PPRACHIN, SOA

Vaishnavism use Dãsa as their family title."

ସେହିପରି 'Folk Gods and Worships' ଅଧ୍ୟାୟରେ ଅଧ୍ୟାପକ ବିନାୟକ ମିଶ୍ର ବିଭିନ୍ନ ଲୋକଦେବତା ଏବଂ ଲୋକ ପର୍ବ ଓ ପାର୍ବଣ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ସବୁ ଆଲୋଚ଼ନା ଅତ୍ୟନ୍ତ ତାତ୍ତ୍ୱିକ । ଶ୍ରୀ ମିଶ୍ରଙ୍କ ଆଲୋଚ଼ନା ପଦ୍ଧତିର ଏକ ବୈଶିଷ୍ଟ୍ୟ ଏହି ଯେ ସେ ବିଭିନ୍ନ ଶବ୍ଦକୁ ଉତ୍ପତ୍ତି ଦୃଷ୍ଟିରୁ ବିଚାର କରିଛନ୍ତି । ଯେପରି 'ତ୍ରେତା', 'ରାବଣ', 'ଅଶ୍ୱିନୀ' ଓ 'ଦଶରଥ'ଙ୍କ ସମ୍ପର୍କରେ ସେ ଲେଖିଛନ୍ତି – 'The age Treta, means faith in sattva or spirit, rajas or things sprung from desire and tamas or destructive nature. We may now understand what are Dasarath, denoting one having ten chariots, and Ravana, meaning cryful (Rava-cry). Balaram Das, the auther of Oriya Ramayana rightly says that Ravana is so called due to his loud cry at the time of his birth and he belonged to the samaveda. To denote his loud cry and suppleness of his ten siras or nerves - sensory and motor - he seems to have been described as Dasasira. The tree warshipper Asvins who discovered medicines for satisfaction of ten sense and motor organs were called Dasarath. It is they who would have taken themselves to the profession of car-making."

ସେହିପରି ବିଭିନ୍ନ ଓଡ଼ିଆ ମାସର ନାମକରଣ ଓ ସେହି ମାସରେ ପାଳିତ ହେଉଥିବା ପୂଜା ସମ୍ପର୍କରେ ପଣ୍ଡିତ ବିନାୟକ ମିଶ୍ର ସାମାଜିକ ଦୃଷ୍ଟିଭଙ୍ଗୀରୁ ବିଚାର କରିଛନ୍ତି । ସେ ଲେଖିଛନ୍ତି – "In the Gadadhar Padhati, the social code of Orissa, it is stated that on the fullmoon day of lunar Aśvin in the sarad season Kumar was born. But in the Bhagabat Purana Krishna is said to have performed the Rãsa dance on this day. Kumar meaning Kalinga, leading the life of celebacy. On this day the boys and girls in Orissa make amuse-

Digitized by PPRACHIN, SOA

ments and curiously enough, Dirghatamã who preached the cult of love is called Saradvanta. On the full moon day of lunar Kartik the Rasa dance of Krishna is closed and it was probably introduced by Kartikeya, a sect of Kumar School. The nomenclature, Kãrttika is derived from Krittika, meaning image-maker (Krit-image). I now hold that one Maghavan ousted the Ranpur family in the month of Mãgha. The word, Mãgha, is probably derived from the root Mah, denoting to warship. The vedic goddess Mahi, is probably connected with Maha. On the full-moon day of Kartika a lighted candle probably symbol of knowledge, is made to float on water, the symbol of prakriti and this candle is offered to Akãmã, meaning one who is free form desire. This function probably teaches the people to discard the Buddhist teaching of annihilation of desire. After relinquishment of dancing the people became Mrigasirsha, denotes the horn of deer which horn is solid. The deer lives on the grass. So it was realised that by taking botanical produce either as food or medicine the generative organ can be solid. On the full moon day of Kartika Hanuman returned from Lanka with definite information about sita." ବାସ୍ତବିକ୍ ପଣ୍ଡିତ ମିଶ୍ରଙ୍କର ବିଶ୍ଳେଷଣ ଅତ୍ୟନ୍ତ ତାତ୍ତ୍ୱିକ ଓ ବିଜ୍ଞାନ ସମ୍ମତ ।

ପଣ୍ଡିତ ବିନାୟକ ମିଶ୍ର ଚତୁର୍ଥ ଅଧ୍ୟାୟରେ 'Musical notes and incarnations' ଉପରେ ଆଲୋଚନା କରିଛନ୍ତି । ଭାରତୀୟ ସଙ୍ଗୀତର ସପ୍ତସ୍ୱର ସମ୍ପର୍କରେ ପଣ୍ଡିତ ମିଶ୍ର ବିସ୍ତୃତ ଆଲୋଚନା କରିଛନ୍ତି । 'ସା ରି ଗା ମା ପା ଧା ନି' ସମ୍ପର୍କରେ ସେ ପର୍ଯ୍ୟାୟକ୍ରମେ ଏହିପରି ଲେଖିଛନ୍ତି – "The first note of the Indian music is 'sa' believed from time immemorial as the first syllable of the word 'shadaja' denoting the note of peacock"./

Digitized by PPRACHIN, SOA

"The second note of music is 'Ri', the initial syllable of 'rishabha' denoting bull"/ The third note, 'Ga', is believed as the first syllable of the the word Gandher, meaning the bleating of goat. The fourth note, 'Mā̃' is considered as the initial syllable of Madhyama denoting the cry of vaka or stork./ The fifth note is called 'pā̃', the initial syllable of 'pancham', denoting the note of cuckoo./ The sixth note, 'Dhā̃' the initial syllable of 'Dhaivata' denotes the tone of frog, heard after heavy rainfall and distorts cuckoo's note/ The seventh note, 'Ni', the initial syllable of Nishada is compared to the neighing of horse in the Indian musical works"/ ସେଥିରେ ସେ ପର୍ଯ୍ୟାୟକ୍ରମେ ଭାରତରେ ମୟୂରପୂଜା, ବୃଷଭ ପୂଜା, ଛାଗଳ, ବକ ଉପାସନା ଇତ୍ୟାଦି ସମ୍ପର୍କରେ ଆଲୋଚ଼ନା କରିଛନ୍ତି । ଏହାପରେ ଭଗବାନ ବିଷ୍ଣୁଙ୍କର ଦଶାବତାର ସମ୍ପର୍କରେ ସେ ବିଭିନ୍ନ ବେଦ ଓ ଉପନିଷଦରୁ ତଥ୍ୟ ଆଣି ଆଲୋଚ଼ନା କରିଛନ୍ତି ।

ଏହି ଗ୍ରନ୍ଥର ଷଷ୍ଠ ଅଧ୍ୟାୟରେ ସନ୍ନିବେଶିତ ବିଷୟଟି ହେଉଛି – "Dynasties of remote past in medieval Orissa" ଏହା ନିଶ୍ଚିତ ଭାବରେ ଏକ ଉପାଦେୟ ଅଧ୍ୟାୟ । ଏଥିରେ ଅଧ୍ୟାପକ ମିଶ୍ର 'ଦତ୍ତଶାସକ', 'ମାଣଶାସକ', 'ଭୌମରାଜା', 'ବଶିଷ୍ଠଭଞ୍ଜ ଶାସକ', 'ବୌଦ୍ଧର କାଶ୍ୟପ ଭଞ୍ଜରାଜା', 'ସୋମବଂଶ', 'ଆନନ୍ଦ ଶାସକ', 'ବରାହ ଶାସକ', 'ତୁଙ୍ଗରାଜା', 'ଶୈଳୋଦ୍ଭବ ରାଜା', 'ଦକ୍ଷିଣ ଗଙ୍ଗ ଶାସକ' ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଛନ୍ତି । ମଧ୍ୟଯୁଗୀୟ ଓଡ଼ିଶାର ବିଭିନ୍ନ ରାଜବଂଶ ମଧ୍ୟରେ ଭୌମବଂଶ ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ଅଧିକାର କରନ୍ତି । ଓଡ଼ିଶାର ଭୌମ ବଂଶ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଲେଖି ପଣ୍ଡିତ ବିନାୟକ ମିଶ୍ର ଯଶସ୍ୱୀ ହୋଇଛନ୍ତି । ଏହି ବଂଶ ସମ୍ପର୍କରେ ସେ ଲେଖିଛନ୍ତି – "The Origin of the Bhauma kings is of much importance. The names of these kings ended with the suffix 'Kara' and the tradition', current in the district of Midnapore, relates that the name of district owes its origin to one Medini Kara. According to

Digitized by PPRACHIN, SOA

Puranas, Medini, the Sanskrit equivalent of earth, owes its origin to meda, or fat, of the demon, named Madhu which name appears as personification of Madhu-vidya. The Kara clan of the Bhauma family may be taken as Kurus of the Mahabharat epic. This clan held suzerainty over Orissa from 7th to 9th century A.D. and a large number of copper-plate grants issued by the Kara kings have been discovered. All these grants have been edited or re-edited by the author in a monograph entitled - "Orissa under the Bhauma kings."

'Miscellaneous data' ଅଧ୍ୟାୟରେ ପଣ୍ଡିତ ମିଶ୍ର କେତେକ ବିଶେଷ ମତାମତ ଉପସ୍ଥାପନ କରିଛନ୍ତି । ରାମାୟଣର କିଛି ଉପାଦାନ ଓଡ଼ିଶାର ଅନ୍ତର୍ଗତ ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ଯେପରି – "The sect of Chandragupta can be compared to Bharata of the Ramayan. I now suggest that Vindusara and Satrughata are not identical with each other because, Satrughata can be indentified with Satrughna and Vindusara with Lakshmana of the Ramayana. The kapis or monkeys of the Ramayana seem to be identical with the followers of Kapil's school that existed on the Kapilasa hill in Dhenkanal as well as in other parts of Orissa. The hills, Gandhamadan and Malyagiri mentioned in the Ramayana are now found in Sambalpur and Pal-Lahara of Orissa respectively. Krishkindhya, the fort of monkeys, is probably identical with Sukinda in the district of Cuttack."

ସେହିପରି ଚିଲିକା ହ୍ରଦ ସମ୍ପର୍କରେ ପଣ୍ଡିତ ମିଶ୍ର ମତପ୍ରଦାନ କରନ୍ତି ଯେ ଏହା 'ଚିରକା' ଶବ୍ଦରୁ ସୃଷ୍ଟି । ସେ ଲେଖିଛନ୍ତି – "Chilka, the name of lake is probably derived from 'Chirakā' meaning 'chira' or 'eternally' and 'ka' or sensuous desire." ସେହିପରି ହନୁମାନ ମହାପ୍ରଭୁ ପୁରୀରେ

Digitized by PPRACHIN, SOA

ଜନ୍ମଗ୍ରହଣ କରିଥିଲେ ବୋଲି ଶ୍ରୀଯୁକ୍ତ ମିଶ୍ର ଉଲ୍ଲେଖ କରିଛନ୍ତି – "Hanuman was born probably at Puri, where the image of Hanuman is worshipped now under the name at Mahavir, first because for practice of physical exercises the temple priests have maintained gymnasium there since long, secondly, Hanuman was born in the eastern country, thirdly, the Madalapanji assigns a long period of rule to the Kesari dynasty and fourthly, the kingdom of Angada of the Ramayan is identified below with the ancient kongada country of Orissa."

ପଣ୍ଡିତ ବିନାୟକ ମିଶ୍ର ରାମାୟଣର ପୁରୁଷୋତ୍ତମ ଶ୍ରୀରାମ ଏବଂ ଇତିହାସର ପ୍ରିୟଦର୍ଶୀ ଅଶୋକଙ୍କ ମଧ୍ୟରେ ଅଭିନ୍ନତା ପ୍ରତିପାଦନ କରିଛନ୍ତି । ଏହି ଯୁକ୍ତିକୁ ବଳବତ୍ତର କରିବାପାଇଁ ସେ ମଧ୍ୟ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିଛନ୍ତି । ପଣ୍ଡିତ ମିଶ୍ର ଲେଖିଛନ୍ତି – "A valuable information is obtained from the Ramayana. Mahendra was defeated by Ravan. There upon he entreated Goutama to pardon his offence of spoiling the chastity of Ahalya (Goutama's wife). Then Gautama declares that Rama shall be born in the Ikshvaku family to kill Ravana for the benefit of Brahmanas. Devanam priya Priyadarsi orders in the Dhauli inscription to honour the Brahmanas and tells that the princes from Ujjayini should visit Toshali. Ujjayini was no doubt the centre of Mahendra cult of Krishna school and some followers of Krishna school would spoil the chastity of Ahalyas. Now Devanam priya Priyadarshi appears to be identical with Rama, because the alliance of both with the king of Ujjayini is revealed alike - the formers alliance, from the inscription and the latter's from the Ramayan wherein it is stated that Mahendra congratulated Rama after restoration of Sita. Mahendra at the early

Digitized by PPRACHIN, SOA

stage of life spoiled the chastity of Ahalya in course of singing and dancing and as such he could not defeat Ravana."

ଅଯୋଧ୍ୟା ନଗରୀର ଅବସ୍ଥିତି ସମ୍ପର୍କରେ ପଣ୍ଡିତ ମିଶ୍ର ମଧ୍ୟ ଗବେଷଣା ମୂଳକ ମତାମତ ଉପସ୍ଥାପନ କରିଛନ୍ତି । ଓଡ଼ିଶାର ବାଲେଶ୍ୱର ଜିଲ୍ଲା ମଧ୍ୟରେ ଅଯୋଧ୍ୟା ଅବସ୍ଥିତ ବୋଲି ସେ ଲେଖିଛନ୍ତି । ତାଙ୍କ ମତରେ – "So Ayodhya near Kalinga-nagara mentioned in the Ramayana can be identified with the place of the same name in the district of Balasore where the archeological remains are found now." ସେହିପରି ଅଯୋଧ୍ୟା ଉପକଣ୍ଠରେ ପ୍ରବାହିତ ସରଯୁ ନଦୀକୁ ସୋରୋ ନିକଟବର୍ତ୍ତୀ ଶାଳିନ୍ଦୀ ନଦୀ ସହିତ ଏବଂ ବୈତରଣୀ ନଦୀକୁ ଗଙ୍ଗାନଦୀ ସହିତ ଚିହ୍ନଟ କରିଛନ୍ତି । ତାଙ୍କ ଭାଷାରେ "We may now identify the river Sarayu, that flows near Ayodhya with Salindi near Soro in the district of Balasore. Here the people would cause unrestricted flow of seminal liquid that was the implication of the name, sarayu, according to the Ramayana. In the light of the Mudrarakshasa, we may say that the name Sarayu, was changed into Salindi to mean the woman producing offsprings. But the trace of its name has been retained in the name of the place, Soro, the antiquities of which place was gone back to the 5th century A.D. Again a tributary of the sona near Ayodhya in Balasore is called Sarayu. On the southern bank of the Sarayu lay the principality of Guha. The trace of rule of Guha near soro is found in the cupper-plate records of the Bhauma kings. The river Ganga that was crossed by Rama and Bharata can be identified with the Vaitarani Ganga."

ଆଲୋଚ୍ୟ ପୁସ୍ତକର ଏକ ଉଲ୍ଲେଖଯୋଗ୍ୟ ଅଧ୍ୟାୟ ହେଉଛି "Some Data from Ancient Oriya Literature". ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟକ

Digitized by PPRACHIN, SOA

କେତେକ ପ୍ରସଙ୍ଗକୁ ପଣ୍ଡିତ ମିଶ୍ର ବିଶ୍ଳେଷଣାତ୍ମକ ଦୃଷ୍ଟିରୁ ବିଚାର କରିଛନ୍ତି । ସେ ପ୍ରସଙ୍ଗକ୍ରମେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର, ଯଶୋବନ୍ତ ଦାସ କବିଙ୍କର କେତୋଟି ପଂକ୍ତିକୁ ନୂତନ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି । ପଣ୍ଡିତ ମିଶ୍ର ଲେଖିଛନ୍ତି – "Several ancient Oriya poets including Dinakrishna Das of 16th century A.D. use the names of some particular flowers as puns for expressing the characteristics of love sentiments of some religious sects. Needless to say that each and every Hindu God or Goddess has got his or her special favourite flower with which he or she is worshipped by the priest and each god or goddess is personification of religious views of a particular sect." ଏହି ବିଚାର ଧାରାକୁ ଭିତ୍ତିକରି ପଣ୍ଡିତ ମିଶ୍ର କେତକୀ, ଛୁରିଅନା, ତମାଳ, କିଂଶୁକ, ସୁନାରି, ଚମ୍ପକ ପ୍ରଭୃତି ଫୁଲକୁ ଆଲୋଚନା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ:–

"Kusum uttam vãsa manoram mãtrak e chhurianã,
karnapathe suni prakãsi ramani mãne huanti kshunnamanã,
Krishnare, Krishna sama dekhi tamãla
kãnta viyogare viraha bhogare, prate huye kãmatamãla."

The flower named chhuriana, smells sweet and looks beautiful. But as soon as its name was heard, the Gopis became gloomy, because the name signified "Look at the knife." The tamala tree looks life Krishna, but at the time of absence of lover this tree is just like a sword of love god."

ଏଠାରେ ସୂଚନାଯୋଗ୍ୟ ଯେ ଛୁରିଅନା ଏବଂ ତମାଳ ଫୁଲ ଯଥାକ୍ରମେ ଶିବ ଓ କୃଷ୍ଣଙ୍କର ପ୍ରିୟଫୁଲ । ତେଣୁ ଶିବ ସମ୍ପ୍ରଦାୟ ଏବଂ କୃଷ୍ଣ ସମ୍ପ୍ରଦାୟ ମତକୁ ଆଧାର କରି ଅଧ୍ୟାପକ ମିଶ୍ର ପ୍ରେମର ସ୍ୱରୂପକୁ ନିର୍ଣ୍ଣୟ କରିଛନ୍ତି । ସେ ଲେଖିଛନ୍ତି – "The chhuriana flower is favourite of Siva who advocated to keep off the company of woman. The fire that issued from the eyes of

Digitized by PPRACHIN, SOA

siva destroyed kama or sexual desire. This statement conveys the sense that due to over-indulgence in sexuality his sexual desire dissappeared. The fire that issued from his eyes can be taken in the sense that he was attracted by the forms of things wherefore he over-induIged in the sexual union. There after he kept off the company of woman. First married Sati and then Parvati to show that in the Universe the spirit and matter exist separately and are joined together by external influence." ଏହାପରେ କୃଷ୍ଣ ଏବଂ ତମାଳ ଫୁଲ ସମ୍ପର୍କରେ ପଣ୍ଡିତ ମିଶ୍ରଙ୍କ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଏହିପରି – "The ever green Tamala tree is reminiscent of constant amorous dealings of Krishna. The remenbrance of past enjoyment with him causes pain. At the base of filament of Tamala flower there are five small petals which probably represent five Skandhas of Buddhism as these petals make movement depending on rise and decline of Sun. Again on the top of its stalk the petals are invaded by small black ants which seem to be identical with the followers of Bãleya school of Dirghatama who preached darkness as source of creation."

ସେହିପରି କାବ୍ୟରେ କିଂଶୁକ ଫୁଲର ପ୍ରତୀକୀତ, ପ୍ରେମ ସ୍ୱରୂପକୁ ପଣ୍ଡିତ ମିଶ୍ର ଲେଖିଛନ୍ତି – "The flower kimsuka, looks like a crescent and as such we can assume that it admitted the equal improtance of both energies - male and female for producing off springs but did not like married life. The kinsuka flower is kissed by the bees. It thus causes pain to the women who has got no partner in life." ସୁନାରି ଫୁଲ ପ୍ରସଙ୍ଗରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "As sunari leaves help for the quick ripening of fruits, the women of sunari group of men seem to have speedily persuaded women to embrace man." ସାରଳା ଦାସଙ୍କ ମହାଭାରତ ଗ୍ରନ୍ଥରେ ବର୍ଣ୍ଣିତ 'ନବଗୁଞ୍ଜର'

Digitized by PPRACHIN, SOA

ପ୍ରସଙ୍ଗ ଏକ ଅଦ୍ଭୁତ ପରିକଳ୍ପନା । ନବଗୁଞ୍ଜର ଏକ ବିଚିତ୍ର ଜୀବ ଯାହାର ନଅଗୋଟି ଅଙ୍ଗ ରହିଛି ଏବଂ ଏଥିରେ ଏଗାରଟି ପ୍ରାଣୀଙ୍କର ଅଙ୍ଗ ଦେଖିବାକୁ ମିଳେ । ଏବେ ମଧ୍ୟ ଓଡ଼ିଶାର ବିଭିନ୍ନ ମନ୍ଦିରର ପ୍ରସ୍ତର ଗାତ୍ରରେ ନବଗୁଞ୍ଜରର ଚିତ୍ର ଦେଖିବାକୁ ମଳିଥାଏ । ପଣ୍ଡିତ ବିନାୟକ ମିଶ୍ର ଏହି 'ନବଗୁଞ୍ଜର' ସମ୍ପର୍କରେ ବିଶ୍ଳେଷଣାତ୍ମକ' ମତାମତ ପ୍ରଦାନ କରିଛନ୍ତି – "The Navagunjara animal was a peculier one and all of its limbs were not of a special shape nor was shaped on the model of those of any particular animal. It had nine limbs and each limb represented the similar one of a particular living being and thus the nine limbs looked like those of eleven different living beings. Though the three legs were similar to those of three different animals one leg of one animal - the legs together were reckoned as one limb. The hunch and tail of the Navagunjara animal looked like a bull's hunch and a serpent respectively. Each of the fore and hind parts of the trunk represented that of a cow and a lion respectively. The left fore-leg, the left and right hind legs resembled the leg of an elephant, of a horse and of a tiger respectively while the right fore leg looked like a man's arm holding up a lotus. It may be supposed now that this animal is the symbol of nine tenets of eleven sects of totemistic population. Due to commonness of a chief idea in the three tenets elephant, horse and tiger, the three feet are probably reckoned as one limb. These nine combined cults are probably called Prithu or Virat, meaning extensive religion." ପଣ୍ଡିତ ମିଶ୍ରଙ୍କର ଏହି ବିଶ୍ଳେଷଣ ଯେପରି ଚମତ୍କାର, ସେହିପରି ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ଅଟେ ।

ଏହି ପୁସ୍ତକର ଅନ୍ୟ ଏକ ଗବେଷଣାମୂଳକ ଅଧ୍ୟାୟ "Traditions, Folk-lores and Functions at Puri" ଏକ ମନୋଜ୍ଞ ଆଲୋଚନା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ସନ୍ନିବେଶିତ 'ଭୁଷଣ୍ଡକାକ' ଉପାଖ୍ୟାନକୁ ଏକ ଦୃଷ୍ଟାନ୍ତ

Digitized by PPRACHIN, SOA

ଭାବରେ ଗ୍ରହଣ କରାଯାଇପାରେ । ଏହି ଉପାଖ୍ୟାନଟି ପରୋକ୍ଷରେ ଗାଲମାଧବଙ୍କର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମତବାଦକୁ ଗ୍ରହଣ କରିନେବାର ବିଷୟକୁ ସୂଚିତ କରେ । ପଣ୍ଡିତ ମିଶ୍ର ଲେଖିଛନ୍ତି – "Bhushanda kaka is mentioned in the yoga-vasistha Ramayana and on the coast of Chilka lake there lies a village where an ancient image of the Buddhist goddess, Tara, is now worshipped, called Bhushandapura. It is stated in the Mahabahrata that the kakas went across the sea with the help of swans symbol of knowledge. These kakas were Bhushanda kakas. By their example the dogmatic Gala-Madhava accepted the doctrine of Indradyumna to subdue passions. The kakas used to take the remnants of meals left in the dish by a member of the inferior caste and ravished the women who were ravished by other people."

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରେ ସ୍ନାନଯାତ୍ରା ଅନ୍ୟତମ । ସ୍ନାନ ବେଦୀରେ ଜୀଉମାନଙ୍କର ସ୍ନାନ ବିଧି ସମାପନ ପରେ ସେମାନଙ୍କୁ 'ପହଣ୍ଡି' କରାଇ ଅଣସର ପ୍ରକୋଷ୍ଠକୁ ନିଆଯାଏ । ଏହି 'ପହଣ୍ଡି' ସମ୍ପର୍କିତ ତତ୍ତ୍ୱକୁ ପଣ୍ଡିତ ମିଶ୍ର ନିମ୍ନମତେ ପ୍ରତିପାଦନ କରିଛନ୍ତି – "While carrying the images the Daita group of servants rock the images to and fro and drop them down at some places on the way so as concussion can be caused to the images which concussion is called pahandi, appearing to be a variation of sanskrit praspanda used in the vaiseshika philosophy of uluka to denote inherent quality of activity in atom. This pahandi is a some sort of long jumping borrowed from the monkey, Hanumana, and due to this long jumping the gods are identical with the wide striding Vishnu of the Rigveda. Hieun Tsang has said that the people of Kandoda are brave and impetuous." ସେହିପରି ଜଗନ୍ନାଥ ମହାପ୍ରଭୁଙ୍କର ରଥର ନାମ 'ନନ୍ଦିଘୋଷ' । ଏହି ରଥର ନାମକରଣ ସମ୍ପର୍କରେ ପୌରାଣିକ ମତ ଯାହା ଥାଉ ନା

Digitized by PPRACHIN, SOA

କାହିଁକି, ପଣ୍ଡିତ ମିଶ୍ର ଏହା ସମ୍ପର୍କରେ ସ୍ୱତନ୍ତ୍ର ମତାମତ ପ୍ରଦାନ କରିଛନ୍ତି । ସେ କହନ୍ତି – "The car of Jagannath is called Nandighosha or roar of bull that can be compared with Nandisena, a servant granted by Brahma to Kumara. It probably alludes to the school founded by Jaina Rishabha. The Kumaras probably used to carry with them a bull for preaching continence. The name Nandighosha reminds us the name of Vrishajara mantioned in the Aikshvāka story as well as the thundering sounds of the sattvatas and those of Danda worshippers.

ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ରଥର ନାମ ଯଥାକ୍ରମେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ । ଏମାନଙ୍କର ଚ଼କ ସଂଖ୍ୟା ମଧ୍ୟ ଯଥାକ୍ରମେ ଷୋହଳ, ଚ଼ଉଦ ଓ ବାର । ତିନି ରଥର ଚ଼କସଂଖ୍ୟା ସମ୍ପର୍କରେ ମଧ୍ୟ ପଣ୍ଡିତ ମିଶ୍ର ଭିନ୍ନମତ ପୋଷଣ କରିଛନ୍ତି । ତାଙ୍କ ମତରେ – "The wheels of the car of Balabhadra number to fourteen which wheels can be taken as symbols of fourteen rock edicts of Devanam Priya Priyadarsi. The car of Subhadra is made of twelve wheels which are identical with the Buddhist interdependent links of chain of causation of the same number. The wheels of car of Jagannath number to sixteen. Why? He adds two more principles - love and dancing - to the fourteen edicts."

ପଣ୍ଡିତ ମିଶ୍ର ଏହିପରି ଏକ ନୂତନ ଦୃଷ୍ଟିକୋଣରୁ ତିନି ରଥର ଚକସଂଖ୍ୟାର ତାତ୍ପର୍ଯ୍ୟ ବର୍ଣ୍ଣନା କରିଛନ୍ତି । ସେହିପରି ଅଧ୍ୟାପକ ମିଶ୍ର ବଳଭଦ୍ରଙ୍କୁ ଜୈନ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ସହିତ ଏବଂ ସୁଭଦ୍ରାଙ୍କୁ ଜୈନ ମଲ୍ଲିନାଥଙ୍କ ସହିତ ଚ଼ିହ୍ନଟ କରିଛନ୍ତି । ବଳଭଦ୍ରଙ୍କ ବର୍ଣ୍ଣ ଶ୍ୱେତ ବର୍ଣ୍ଣ ଏବଂ ତାଙ୍କର ଶରୀରର ଆକୃତି ଏକ ସର୍ପପରି ଦେଖାଯାଏ । ସୁଭଦ୍ରାଙ୍କ ବର୍ଣ୍ଣ ହରିଦ୍ରା ଏବଂ ସେ ମରୀଚ଼ି ସ୍କୁଲର ପ୍ରତିନିଧିତ୍ୱ କରନ୍ତି । ତାଙ୍କର ମୁଖ ମଣ୍ଡଳ ଗୋଲାକୃତି ଏବଂ ରଙ୍ଗ ହଳଦିଆ ହୋଇଥିବାରୁ ଏହା ସୂର୍ଯ୍ୟ ସମୁଦ୍ର ଭିତରୁ ବାହାରିବା ପରି ଜଣାପଡ଼ନ୍ତି । ସେହିପରି ଜଗନ୍ନାଥଙ୍କ ବିଷୟରେ

Digitized by PPRACHIN, SOA

ପଣ୍ଡିତ ମିଶ୍ରଙ୍କ ବକ୍ତବ୍ୟ ଏହିପରି – "Jagannatha's colour is black and a mark of cylindrical ornament in yellow colour is given on his nose. His face looks like a triangle and the triangular diagram is worshipped by the Tantrics. This diagram is trivrittikarana of sattva, raja and tama, given in the chhandogyapanishad. A mark of conch in red colour appears in his right arm. Jagannath is worshipped with 'Om klim krishnaya Govindaya Gopijana-vallabhaya." It denotes kali or immature girls for Krishna or dark people and for lord of Gopijanas who are symbollically represented in the chhandogyapanishad." ଏହାପରେ ପଣ୍ଡିତ ମିଶ୍ର ଏହି ଅଧ୍ୟାୟରେ ପୁରୀର ବିମଳା ଉପାସନା, ଜଗନ୍ନାଥଙ୍କ ନବକଳେବର, ରଥଯାତ୍ରା, ପୁରୀର ମାହାତ୍ମ୍ୟ ସମ୍ପର୍କରେ ଆଲୋଚ଼ନା କରିଛନ୍ତି । ପୃଥିବୀଧର୍ମ ବା ମାନବଧର୍ମ ପୁରୀକ୍ଷେତ୍ରରୁ ହିଁ ବିଶ୍ୱକୁ ପ୍ରସାରିତ ଓ ପ୍ରଚାରିତ ହୋଇଛି ବୋଲି ସେ ସ୍ୱୀକାର କରିଛନ୍ତି । ତେଣୁ ସେ ଲେଖିଛନ୍ତି – "The Puri tradition that the unburnt naval portion (the seat of Brahman) of Krishna was carried in to the Sagara or sea, points to the fact that the institution by Jagannath retains the cult of Virãt the form of which was revealed by SriKrishna in the inner part of his body to Arjuna (Gita Ch.X). This cult owes origin to the school of Sãgar. According to this cult the man himself is a miniature world. Virãt and all other conceptions of Krishna sects and clans are apparent. The word, Prithivi, denoting earth, is found in the Rig Veda and thus the Prithivi religion was propagated from Puri."

ସୁତରାଂ ପଣ୍ଡିତ ମିଶ୍ରଙ୍କର ଏହି ବିଶ୍ଳେଷଣଟି ଅତ୍ୟନ୍ତ ଦାର୍ଶନିକ ସୁଲଭ ଏବଂ ହୃଦୟଗ୍ରାହୀ ଅଟେ ।

ସେହିପରି ଆଉ ଏକ କୌତୁହଳପୂର୍ଣ୍ଣ ପ୍ରସଙ୍ଗ ଏହି ଯେ ବଳଭଦ୍ର ଠାକୁର ଜ୍ୟେଷ୍ଠଭ୍ରାତା ଏବଂ ଜଗନ୍ନାଥ ତାଙ୍କର ଅନୁଜ । କିନ୍ତୁ ଓଡ଼ିଶାର ତଥା ବିଭିନ୍ନ ପ୍ରାନ୍ତରର

Digitized by PPRACHIN, SOA

ଲୋକମାନଙ୍କର ଅତି ଆପଣାର ଠାକୁର ହେଉଛନ୍ତି କଳାଠାକୁର ଶ୍ରୀଜଗନ୍ନାଥ । ଏହାର କାରଣ ଖୋଜିବାକୁ ଯାଇ ପଣ୍ଡିତ ମିଶ୍ର ଏକ ଯଥାର୍ଥ ବ୍ୟାଖ୍ୟା ପ୍ରଦାନ କରିଛନ୍ତି । ସେ ଲେଖିଛନ୍ତି – "Although Balabhadra is considered as elder borther, the god Jagannath attracts the adoration from the inmost heart of every body. Why? He is the personification of true love, work, bliss and salvation. He is chaitya of Devaki-nandan Krishna, the author of the Srimad-bhagavad-gita. The dual nature of Purushottama, explained in the Gita, is surviving in the worship of Jagannath and as such he is rightly called Purushottam. It is faithfully retained in the Orissan tradition that the owl, representing the philosophy of Uluka became king while the peacock representing Vedanta, was engaged in making preparation for occupying the throne." ବାସ୍ତବିକ ପଣ୍ଡିତ ମିଶ୍ରଙ୍କର ଏହି ବିଶ୍ଳେଷଣଟି ବେଶ୍ ଭାବଧର୍ମୀ ଓ ଯୁକ୍ତିଯୁକ୍ତ ଅଟେ ।

ପଣ୍ଡିତ ମିଶ୍ର 'Indian culture and Cult of Jagannath' ପୁସ୍ତକର ଶେଷ ଅଧ୍ୟାୟ "Date of Jagannath Worship" ରେ ଜଗନ୍ନାଥ ଉପାସନାର ପ୍ରାଚୀନତା ସମ୍ପର୍କରେ ପ୍ରତିପାଦନ କରିଛନ୍ତି । ଏହି ଅଧ୍ୟାୟରେ ପଣ୍ଡିତ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ହୁଏନ୍‌ସାଂଙ୍କ ବିବରଣୀ ଅନୁସାରେ ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀ ବେଳକୁ ପୁରୀକୁ ଏକ ପବିତ୍ର କ୍ଷେତ୍ର ରୂପେ ବିଚାର କରାଯାଉଥିଲା । ପୁରୀର ମାର୍କଣ୍ଡେଶ୍ୱର ମନ୍ଦିର ଜଗନ୍ନାଥ ମନ୍ଦିରଠାରୁ ପ୍ରାୟ ଦୁଇ ଶତାବ୍ଦୀ ପୂର୍ବର ବୋଲି ସେ ମତପ୍ରଦାନ କରିଛନ୍ତି । ସେଠାରେ ଥିବା ସପ୍ତମାତୃକା ଦେବୀଙ୍କର ମୂର୍ତ୍ତିଗୁଡ଼ିକ ଅଷ୍ଟମ ଶତାବ୍ଦୀର ବୋଲି ପଣ୍ଡିତ ମିଶ୍ର ରାୟବାହାଦୂର ଆର୍.ପି. ଚ଼ାନ୍ଦଙ୍କ ମତକୁ ଉଲ୍ଲେଖ କରିଛନ୍ତି । ପୁନଶ୍ଚ ପଣ୍ଡିତ ମିଶ୍ର ଲେଖିଛନ୍ତି ଯେ କଲିକତାର ସଂଗ୍ରହାଳୟରେ ସଂରକ୍ଷିତ ଥିବା ପୁରୀଠାରୁ ପ୍ରାପ୍ତ କୁଶାଣ ବଂଶର ମୁଦ୍ରା ପୁରୀର ପ୍ରାଚ଼ୀନତାକୁ ପଞ୍ଚମ ଶତାବ୍ଦୀର ବୋଲି ପ୍ରତିପାଦନ କରେ । ଏହାପରେ ପଣ୍ଡିତ ମିଶ୍ର ଟୋଲେମିଙ୍କର ମତବାଦକୁ ମାନି ନେଇ ପୁରୀର ପ୍ରାଚ଼ୀନତାକୁ ଦ୍ୱିତୀୟ ଶତାବ୍ଦୀର ବୋଲି ବିଚାର କରିଛନ୍ତି । ସେ ଲେଖିଛନ୍ତି – "The discovery of Kushan coins made near Puri and now

Digitized by PPRACHIN, SOA

deposited in the Calcutta Museum, pushes back the antiquities of Puri to 5th century A.D. or three centuries earlier than the date of images of mother-goddesses. I suppose that Nanigain mentioned as lying on the coast of Bay of Bengal by Ptolemy of 2nd Century A.D. is identical with Puri which is called Nilagiri due to existence of the blue gods in the stones or to that of blue ladies."

ପଣ୍ଡିତ ବିନାୟକ ମିଶ୍ରଙ୍କର ଏହି ଗ୍ରନ୍ଥଟି ଏକ ଉଚ୍ଚକୋଟୀର ଗବେଷଣା ମୂଳକ ଗ୍ରନ୍ଥ । ଏଥିରେ ସନ୍ନିବିଷ୍ଟ ବାରଗୋଟି ଅଧ୍ୟାୟ ତାଙ୍କର ବହୁଦିନର ନିରବଚ୍ଛିନ୍ନ ସାଧନା ଓ ଅଧ୍ୟବସାୟର ମଧୁର ଫଳଶ୍ରୁତି । ଏହି ବିଷୟଗୁଡ଼ିକ ଏହାପୂର୍ବରୁ ବିଭିନ୍ନ ମାଗାଜିନ୍ ଓ ଜର୍ଣ୍ଣାଲ୍‌ରେ ପ୍ରକାଶ ପାଇଥିଲା । କିନ୍ତୁ ତାଙ୍କର ସ୍ୱର୍ଗବାସ ପରେ ଏହି ଗ୍ରନ୍ଥଟି ଆତ୍ମପ୍ରକାଶ ଲାଭ କରିଥିଲା । ଏଥିରେ ଲକ୍ଷ୍ୟ କରିବାର କଥା ଯେ ପଣ୍ଡିତ ମିଶ୍ର ଅନେକତ୍ର ତାଙ୍କର ମୌଳିକ ଓ ନିଜସ୍ୱ ଚିନ୍ତାଧାରାକୁ ବ୍ୟକ୍ତ କରିବାରେ ସାମାନ୍ୟତମ କୁଣ୍ଠା ମଧ ପ୍ରକାଶ କରିନାହାନ୍ତି । ଜଣେ ସ୍ୱାଧୀନମନା ଓ ତତ୍ତ୍ୱ–ନିଷ୍ଠ ଲେଖକ ଭାବରେ ସେ ତାଙ୍କର ଯୁକ୍ତି ଓ ମତାମତ ଗୁଡ଼ିକୁ ଉପସ୍ଥାପନା କରି ଯଥାର୍ଥରେ ତାଙ୍କର ପାଣ୍ଡିତ୍ୟ ଓ ବହୁପାଠୀ ଭାବର ପରିଚୟ ଦେଇଯାଇଛନ୍ତି । ଏହି ମୂଲ୍ୟବାନ ଗ୍ରନ୍ଥର ମୁଖବନ୍ଧ (Preface) ରେ ଯାହା ଲେଖାଯାଇଛି, ତାହା ବାସ୍ତବିକ୍ ପଣ୍ଡିତ ମିଶ୍ରଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ଓ ସମ୍ମାନ ଏବଂ ତାଙ୍କ ସାଧନାର ଉପଯୁକ୍ତ ମୂଲ୍ୟାୟନ । ଏଥିରେ ଲେଖାଯାଇଛି – "What makes the book a worthy account is its original approach to the various themes. The learned author has made a painstaking effort to gather traditional accounts and puranic stories and associate them with known historical data. In doing so, he has displayed a rare originality and greater clarity of expression. All said and done, the author deserves the praise of the readers for this brilliant compedium on a topic of historical and general interest not so perfectly known."

ଏହା ସହିତ ଆଉ ଗୋଟିଏ କଥା ଉଲ୍ଲେଖଯୋଗ୍ୟଯେ ପଣ୍ଡିତ ମିଶ୍ର ଏହି

Digitized by PPRACHIN, SOA

ପୁସ୍ତକର କେତେକ ସ୍ଥାନରେ ଯେଉଁ ବିଶେଷ ବିଶେଷ ମତ ପ୍ରଦାନ କରିଛନ୍ତି, ଏଥି ସହିତ ବେଳେ ବେଳେ ବିଜ୍ଞ ପାଠକ ମଧ୍ୟ ସହମତ ପୋଷଣ କରିପାରେ ନାହିଁ । ତଥାପି ଏହା ତାଙ୍କର ଚମତ୍କାର ବୁଦ୍ଧିମତ୍ତାର ସ୍ୱାକ୍ଷର ବହନ କରେ । ତେବେ ଏହି ଗ୍ରନ୍ଥଟିର ମୁଖବନ୍ଧର ଶେଷ ପର୍ଯ୍ୟାୟରେ ମୁଖବନ୍ଧକାର ଯଥାର୍ଥତଃ ଲେଖିଛନ୍ତି – "However, I wish to make one thing perfectly clear. There are opinions and judgements in this book with which some readers may not agree, yet the departed soul of Pt. Mishra would rest in peace if it is generally appreciated by the readership in and out of India."

ବାସ୍ତବିକ୍ ମୁଖବନ୍ଧକାରଙ୍କର ଏହି ବକ୍ତବ୍ୟ ଯଥାର୍ଥ ଓ ସମୀଚୀନ ଅଟେ । "Indian Culture and Cult of Jagannath" ଗ୍ରନ୍ଥଟି ଏକ ଦୁର୍ଲ୍ଲଭ ଗ୍ରନ୍ଥ ଏବଂ ଏହା ଓଡ଼ିଶା, ଭାରତ ଏବଂ ବିଦେଶର ବିଜ୍ଞ ମଣ୍ଡଳୀଙ୍କ ଦ୍ୱରା ସର୍ବଦା ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ ।

ପଣ୍ଡିତ ବିନାୟକ ମିଶ୍ର ନିଜର ନିରବଚ୍ଛିନ୍ନ ସାଧନା, ନିଷ୍ଠା ଏବଂ ଅଧ୍ୟୟନ ବଳରେ ଜଣେ ଖ୍ୟାତନାମ୍ନା ଐତିହାସିକ ଭାବରେ ନିଜର ଆସନକୁ ସୁଦୃଢ଼ କରିପାରଛନ୍ତି । ଓଡ଼ିଆ ବିଭାଗର ଅଧ୍ୟାପକ ହୋଇଥିଲେ ହେଁ ଓଡ଼ିଶା ଇତିହାସର ବହୁ ଅନାଲୋଚିତ ଦିଗକୁ ସେ ଉନ୍ମୋଚନ କରି ନିଜର ପାରଦର୍ଶିତାର ପରିଚୟ ଦେଇ ପାରିଛନ୍ତି । ଓଡ଼ିଶାର ଇତିହାସ ଆଲୋଚନା କରିବାର ଆଗ୍ରହ ଓ ପ୍ରେରଣା ସେ ତାଙ୍କର ବନ୍ଧୁ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ରାମ ପ୍ରସାଦ ଚାନ୍ଦ ଏବଂ ତାରକେଶ୍ୱର ଗାଙ୍ଗୁଲୀଙ୍କଠାରୁ ଲାଭ କରିଥିଲେ । ପଣ୍ଡିତ ମିଶ୍ରଙ୍କର ଓଡ଼ିଶାର ଇତିହାସ ସମ୍ବଳିତ ଗ୍ରନ୍ଥ ମଧ୍ୟରେ 'Dynasties of Mediaeval Orissa" ଏକ ଅନବଦ୍ୟ କୃତି । ଏହି ଗ୍ରନ୍ଥଟି କଲିକତାର ୧୨୦–୨ ଅପର ସର୍କୁଲାର ରୋଡ଼ସ୍ଥିତ ପ୍ରବାସୀ ପ୍ରେସ୍‌ରେ ମାଣିକଚନ୍ଦ୍ର ଦାସଙ୍କ ଦ୍ୱାରା ମୁଦ୍ରିତ ହୋଇଥିଲା ଏବଂ ଏହି ମାର୍ଗରେ ଅବସ୍ଥାନ କରୁଥିବା କେ.ଏନ୍. ଚାଟାର୍ଜୀ (K.N. Chatterji)ଙ୍କ ଦ୍ୱରା ପ୍ରକାଶିତ ହୋଇଥିଲା । ଏହି ଗ୍ରନ୍ଥର ଅଗ୍ରଲେଖ (Forward)ରେ କଲିକତାର ଭାରତୀୟ ସଂଗ୍ରହାଳୟର ପ୍ରତ୍ନତତ୍ତ୍ୱ ବିଭାଗର ଅବସର ପ୍ରାପ୍ତ ଅଧ୍ୟକ୍ଷକ ରାୟବାହାଦୂର ରାମପ୍ରସାଦ ଚାନ୍ଦ, B.A.F.A.S.B. ମହାଶୟ ତା ୧୪.୭.୩୩ରେ ଲେଖିଛନ୍ତି – "Pandit Binayak

Digitized by PPRACHIN, SOA

Mishra's Dynasties of Mediaeval Orissa is a useful supplement to late Prof. R.D. Banerji's History of Orissa so far as it relates to the dynasties that held sway in Orissa from about 600 to 1100 A.D. The author has dealt with the problems connected with the history of the more or less contemporaneous sailodbhavas and Bhaumas and succeeding somavamsis with ingenuity and erudition. Pandit Mishra's treatment of the ancient geography of Orissa is a valuable contribution to the literature on the subject."

'Dynasties of Mediaeval Orissa' ଗ୍ରନ୍ଥଟି ଓଡ଼ିଶାର ମଧ୍ୟଯୁଗୀୟ ଇତିହାସର ଏକ ପ୍ରାମାଣିକ ଓ ତଥ୍ୟସମ୍ବଳିତ ଗ୍ରନ୍ଥ । କାରଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ଶିଳାଲିପିକୁ ଆଧାର କରି ଏହା ପ୍ରଣୟନ କରାଯାଇଛି । ତେଣୁ ଲେଖକ ମୁଖବନ୍ଧ (Preface)ରେ ଉଲ୍ଲେଖ କରିଛନ୍ତି – "In the nineteenth century those who complied the history of Orissa had no alternative but to depend fully on the Madalapanji or the chronicle of the Jagannath temple of Puri. With the discovery of epigraphic records in Orissa, it was found in the beginning of the current century that the accounts of the pre-Mughal period recorded in the Madalapanji, are entirely unreliable. The authencity of the Madalapanji was challenged by the Late Dr. Fleet and by the late Mr. M. M. Chakravarty. The results of the pioneer researches of the latter scholar are no doubt a valuable contribution towards the reconstruction of the history of Orissa. But his researches are generally limited to the period from the twelfth century onwards.

Later on the late Professor R.D. Banerjee set himself to the task of bringing out a connected history of Orissa from the pre-historic period down to the British conquest. We cannot

Digitized by PPRACHIN, SOA

deny the fact that his munumental work - History of Orissa - embodies a mass of authentic accounts. But due to want of sufficient data, he was hardly able to reconcile certain discrepancies and fully reconstruct the chronology of the different dynasties. However since the publication of his History of Orissa, a few important records have been discovered. These have enabled me to arrive at certain conclusions discussed in the following pages, which I hope will be helpful to those who are interested in the chronology of Orissa. Here I have also arranged all the informations available from the epigraphic records of medieval period in such a way that they can be easily studied by the student of history. Moreover I have made an attempt to identify as far as practicable the places mentioned in them which will enable the readers to form an idea of the extent of territories of different dynasties." ପଣ୍ଡିତ ମିଶ୍ରଙ୍କର ଏହି ସ୍ୱୀକାରୋକ୍ତି ତାତ୍ପର୍ଯ୍ୟ ପୂର୍ଣ୍ଣ । ଏହି ପୁସ୍ତକଟି ଓଡ଼ିଶା ଇତିହାସର ବହୁ ଅନାବିଷ୍କୃତ ଦିଗକୁ ଆଲୋକିତ କରିଅଛି । ସର୍ବୋପରି ଏହାର ତଥ୍ୟ ବିଷୟ ଶିଳାଲିପି ତଥ୍ୟ ସମ୍ବଳିତ ହୋଇଥିବାରୁ ଏହାର ପ୍ରମାଣିକତା ଅଧିକ ପ୍ରମାଣସିଦ୍ଧ ।

'Dynasties of Mediaeval Orissa' ଏକ ଉଲ୍ଲେଖନୀୟ ଇତିହାସ ଗ୍ରନ୍ଥ । ଏଥିରେ ପାଞ୍ଚଗୋଟି ଅଧ୍ୟାୟ ଏବଂ ଚାରିଗୋଟି ସଂଲଗ୍ନ (Appendix) ରହିଛି । ପ୍ରଥମ ଅଧ୍ୟାୟର (Section A)ରେ 'Sailodbhava Rulers' ଏବଂ (Section B)ରେ 'Sivaraja of Patiakela' ବିଷୟ ଆଲୋଚିତ । ଦ୍ୱିତୀୟ ଅଧ୍ୟାୟର Section A, B, C, D ଓ E ରେ ଯଥାକ୍ରମେ 'Bhauma Rulers', 'Jayasimha of unknown family', 'Sulki Rulers', 'Nanda Rulers', ଏବଂ 'Tunga Rulers' ବିଷୟ ସ୍ଥାନିତ । ତୃତୀୟ ଅଧ୍ୟାୟ (Section A) ରେ 'Bhanja Rulers' ଏବଂ (Section B)ରେ 'Varaha Rulers (mayur family) ବିଷୟ ଆଲୋଚିତ । ଚତୁର୍ଥ ଅଧ୍ୟାୟର (Section A) ରେ 'Somavamsi Rulers', (Section B)ରେ 'Chola Rulers' ଏବଂ (Section

Digitized by PPRACHIN, SOA

C)ରେ 'Solar Dynasty' ବିଷୟ ବିନ୍ୟାସ କରାଯାଇଛି । ପଞ୍ଚମ ଅଧ୍ୟାୟର ବିଷୟବସ୍ତୁ ହେଉଛି 'Early Ganga Rulers' ଏହା ସହିତ ଏହି ଗ୍ରନ୍ଥରେ ଚାରିଗୋଟି ସଂଲଗ୍ନ (Appendix) ରହିଛି । (Appendix-A)ରେ "Supplementary Note on Bhauma Rulers', Appendix-Bରେ 'Approximate time of Bhanja Rulers', Appendix-Cରେ 'Supplementary Note on Somavamsi Rulers' ଏବଂ Appendix-D ରେ 'rulers of unknown family in Kalinga' ବିଷୟ ସଂଯୋଜିତ ହୋଇଛି ।

ପଣ୍ଡିତ ମିଶ୍ର ଏହି ଗ୍ରନ୍ଥରେ ମଧ୍ୟଯୁଗୀୟ ଓଡ଼ିଶାର ବହୁ ରାଜବଂଶ ଉପରେ ଆଲୋକପାତ କରିଛନ୍ତି । ସେ ଏଥିରେ ଶୈଳୋଦ୍ଭବ, ଭୌମ, ସୁଲ୍କି, ନନ୍ଦ, ତୁଙ୍ଗ ବଂଶ, ବରାହ, ସୋମବଂଶୀ, ସୂର୍ଯ୍ୟବଂଶୀ ପ୍ରଭୃତି ବହୁ ରାଜବଂଶର ଅଭ୍ୟୁଦୟ ଓ ପରିଚୟ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଛନ୍ତି । ଆଲୋଚନାର ଉତ୍କର୍ଷ ପାଇଁ, ତୃତୀୟ ଅଧ୍ୟାୟରେ ସନ୍ନିବିଷ୍ଟ Section-Bରେ ଆଲୋଚିତ 'Varaha Rulers' ପ୍ରସଙ୍ଗକୁ ଦୃଷ୍ଟାନ୍ତ ସ୍ୱରୂପ ନିଆଯାଉ । ଏଥିରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "A single grant belonging to the Varaha ruler has so far been found in the Bonai state, which is not far from Khiching of Mayurbhanja, where the name Dharnivarah is found inscribed in association with the name Rayabhanja on the image of an Avalokitesvara. But none of the place-names of this grant are identifiable in Bonai or in its neighbour hood. They are perhaps traceable in Barbhum which is the contracted form of Varaha-bhuma. But for want of a map of Barabhum, I could not locate them. I need however, mention here that Barabhum is not far from Mayurbhanja.

It is stated in the grant under discussion that the donor belonged to the Mayur family and he hailed from the Citrakuta, the abode of the sage Vasistha. This grant also contains a peacock seal, which is now used by the present Bhanja families

Digitized by PPRACHIN, SOA

of Orissa. The reference to the sage Vasistha indicates that the donor belonged to Vasistha gotra. In the copper plates (grants no 24 to 26 of the Bhanja rulers) Virabahadra, the founder of the Bhanja family of Mayurbhanja, is said to have been brought up by the sage Vasistha. It is also worthy of mention that the gotra-name of the present ruling house of Mayurbhanja is Vasistha. The editor of the grant under discussion has, therefore, connected this Mayur family with the Bhanja family.

Accoding to the views of Mr. Beglar, the Bhanja family is an off-shoot of the glorious Maurya dynasty. The legend of the birth of the ancestor of the historical Mayur family relates that the founder of the solar dynasty, which the Mayur family emanated from, was born of an egg which was hatched in the sun's ray. The origin of the Bhanja family has also been traced in the copper plate records from a pea-hen's egg. Again this family is even now known to be the branch of the solar dynasty. Besides, the word Maurya can easily be transformed to Mayura by the phonetic rules of the Oriya language. But we do not know whether Mayura family is positively the off-shoot of the ancient Maurya dynasty, However, Mayurbhanja, the name of the state suggests itself that it owes its origin to the names of Mayura and Bhanja family.

It should be noted here that the eulogical text of the grant of the Mayura family is a replica of that of the Tunga grants. But we do not know what connection existed between these two families."

Digitized by PPRACHIN, SOA

ସେହିପରି 'Solar Dynasty' ବିଷୟଟି ଚ଼ତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ । 'ସୌରବଂଶ' ସମ୍ପର୍କରେ ପଣ୍ଡିତ ମିଶ୍ର ଅଧ୍ୟୟନ କରି ତାଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଛନ୍ତି । ଏହି 'ସୌରବଂଶ'ଟି 'ଚୋଳ' ରାଜବଂଶଜ ବୋଲି ପଣ୍ଡିତ ମିଶ୍ର ଉଲ୍ଲେଖ କରଛନ୍ତି – "Yogesvaradevavarma belonging to the solar Dynasty claims a descent from kalikala of Kasyapa gotra. Chandraditya belonging to the Chola lineage of the solar dynasty, referred to in the preceding section of this chapter, is also said in the Barsur inscription to be a descendant of Karikala of Kasyapa gotra. Apparently, Jogesvaradevavarma belongs to Chandraditya's family. I think, kalikala and karikala are identical with each other."

ମଧ୍ୟଯୁଗୀୟ ଓଡ଼ିଶାର ରାଜବଂଶମାନଙ୍କ ମଧ୍ୟରେ ଆଉ ଏକ ଉଲ୍ଲେଖଯୋଗ୍ୟ ରାଜବଂଶ ହେଉଛି 'ତୁଙ୍ଗ ବଂଶ' ବା 'Tunga Dynasty' । ତୁଙ୍ଗ ବଂଶ ସମ୍ପର୍କରେ ପଣ୍ଡିତ ମିଶ୍ରଙ୍କର ଏକ ସ୍ୱତନ୍ତ୍ର ଅଧ୍ୟାୟ ହେଉଛି – 'Tunga Rulers'. ତୁଙ୍ଗ ଶାସକମାନଙ୍କ ସମ୍ପର୍କରେ ପଣ୍ଡିତ ମିଶ୍ରଙ୍କର ବକ୍ତବ୍ୟ ଏହିପରି – "I need not repeat here the identification of Yamagarttamanadala over which the Tunga rulers established their lordship. But I should mention here that the donor of the grant no.3 claims lordship over 18 classes of the Gond people or 18 states inhabited by the Gond people (astadasa gondamadhipati)

All the texts of the grants belonging to the Tunga rulers, so far published, begin with the description of the great hill Ṛsvivasak. Then follows the same eulogical text of the generation in all the grants. But the text of the grants no1 and 2 discloses that one Jagattunga, belonging to the Sandilya gotra, hailed from Rohitasa. Again in the grant no.3 the relation of Khadgatunga, who immigrated from Rohitasa, is not mentioned.

Digitized by PPRACHIN, SOA

It, therefore, appears that this Vinitatunga was himself the donor Vinitatunga son of Khadgatunga. It is evident from the grants nos 1 and 2 that Salana-tunga was not the immediate successor of Jagattunga, who hailed from Rohitas. I, therefore, suppose that Gayadatunga's plates are later than the grant No3 and Jagattunga was not the founder of the Tunga rule over the Yamagartta-mandala. However, with the present state of our knowledge, we cannot construct the accurate chronology of the Tunga rulers although I throw here the following suggestion:

Khadgatunga
↓
Vinitatunga
↓
Jagattunga
↓
Salanatunga
↓
Gayadatunga ଇତ୍ୟାଦି ।

ଏହିପରି ଭାବରେ 'Dynasties of mediaeval Orissa' ଗ୍ରନ୍ଥଟି ପଣ୍ଡିତ ବିନାୟକ ମିଶ୍ରଙ୍କର ବହୁ ଅନୁଧ୍ୟାନ, ଅଧ୍ୟୟନ, ଅଧ୍ୟବସାୟ ଏବଂ ନିରବଚ୍ଛିନ୍ନ ଗବେଷଣାର ଫଂଳଶ୍ରୁତି । ଏହା ବାସ୍ତବିକ୍ ଓଡ଼ିଶା ଇତିହାସର ବହୁ ଅଜ୍ଞାତ ଅଧ୍ୟାୟକୁ ଉନ୍ମୋଚନ କରିଅଛି ଏବଂ ଖ୍ୟାତନାମା ଐତିହାସିକ ସାର ଆର୍. ଡ଼ି. ବାନାର୍ଜୀଙ୍କର 'History of Orissa' ଗ୍ରନ୍ଥର ପରିପୂରକ । ଖ୍ରୀ ୬୦୦ ରୁ ଖ୍ରୀ ୧୧୦୦ ମଧ୍ୟରେ ଓଡ଼ିଶାରେ ରାଜତ୍ୱ କରୁଥିବା ବିଭିନ୍ନ ରାଜବଂଶ ସମ୍ପର୍କିତ ବିବରଣୀକୁ ଆଧାର କରିଥିବା ଏହି ଗ୍ରନ୍ଥ ଯଥାର୍ଥରେ ଏକ ଉପାଦେୟ ପୁସ୍ତକ । ଐତିହାସିକ ବିନାୟକ ମିଶ୍ର ଏହି ଗ୍ରନ୍ଥପାଇଁ ଚିର ଯଶସ୍ୱୀ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ ।

ମଧ୍ୟଯୁଗୀୟ ଓଡ଼ିଶାର ଅନ୍ୟତମ ରାଜବଂଶ ଭୌମକର ନରପତି ମାନଙ୍କର ଇତିବୃତ୍ତକୁ ନେଇ ପ୍ରକାଶ ପାଇଥିବା "Orissa Under the Bhauma kings"

Digitized by PPRACHIN, SOA

ଗ୍ରନ୍ଥଟି ଐତିହାସିକ ପଣ୍ଡିତ ବିନାୟକ ମିଶ୍ରଙ୍କର ଏକ ଉଲ୍ଲେଖନୀୟ କୃତି । ଏହି ପୁସ୍ତକଟିର ମୁଦ୍ରଣ କାଳ ୧୯୩୪ ମସିହା ଏବଂ ଏହା କଲିକତାର ୧୪/୧ A ଶମ୍ଭୁ ଚାଟାର୍ଜୀ ସରଣୀସ୍ଥିତ ବିଶ୍ୱାମିତ୍ର ପ୍ରେସ୍ ଦ୍ୱାରା ମୁଦ୍ରିତ ହୋଇଥିଲା । ପଣ୍ଡିତ ମିଶ୍ର ତା ୧୪.୦୧.୧୯୩୪ ମସିହାରେ ଏହି ଗ୍ରନ୍ଥର ମୁଖବନ୍ଧ (Preface)ରେ ଲେଖିଛନ୍ତି – "About two decades back the historians had no knowledge of the Bhauma suzerain power of Orissa. During the recent years a large number of inscritptions of the Bhauma family have been edited by different scholars; moreover Professor Sylvan Levi has brought to light an interesting event of the Bhauma age. But the problems connected with the said family have remained so far undiscussed. Therefore a discussion on the said problems has been initiated in this monograph; and for easy comprehension of the subject by the readers the texts and translations of almost all the published Bhauma records have been given."

ଏହି ଗ୍ରନ୍ଥରେ ଦୁଇଗୋଟି ବିଭାଗ ରହିଛି । ପ୍ରଥମ ବିଭାଗରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାପ୍ତ ଶିଳାଲିପି/ତାମ୍ରଲିପି ସମ୍ପର୍କରେ ଆଲୋଚନା କରାଯାଇଛି । ଏଥିରେ ରହିଛି 'Neulapur plate of Subhakardeva', 'chaurasi plate of Sivakaradeva', 'Ganesh gumpha Inscription of Shantikardeva's Time', 'Dhauli Cave Inscription of Shantikaradeva's Time', 'Hindol plate of Subhakaradeva', 'Dharakota plate of Subhakaradeva', 'Dhenkal plate of Tribhuvana-mahadevi', 'Talcher plate of subhakardeva', 'Talcher plate of Sivakaradeva', 'Anugul plate of Dharmamahadevi', 'Ganjam plate of Dandimahadevi, ଏବଂ 'Kumuranga plate of Dandimahadevi'. ଏହି ଶିଳାଲିପି/ତାମ୍ରଲିପିଗୁଡ଼ିକର ମୂଳ ଅଂଶ ସହିତ ସେମାନଙ୍କ ସମ୍ପର୍କରେ ଐତିହାସକ ପଣ୍ଡିତ ମିଶ୍ର ଆଲୋଚନା କରିଛନ୍ତି ।

Digitized by PPRACHIN, SOA

ଗ୍ରନ୍ଥଟିର ଦ୍ୱିତୀୟ ଭାଗରେ ଭୌମ ଶାସନର ଐତିହାସିକ ବିବରଣୀ (Historical Notes) ରହିଛି । ଏଥିରେ ରହିଥିବା ବିଷୟ ଗୁଡ଼ିକ ହେଉଛି – "Chronology of the kings', 'Chronological table', 'Dates of plates', 'Origin of Bhauma Family', 'Extent of the Bhauma Kingdom', 'Capital of the Bhauma Kingdom', 'Language and Literature', 'Art and Architecture', 'Price and Rice', 'Religion' ଏବଂ 'Revenue and Administration'.

'Chronological Table' ରେ ପଣ୍ଡିତ ମିଶ୍ର ଲକ୍ଷ୍ମୀଙ୍କରାଙ୍କଠାରୁ ଦଣ୍ଡୀମହାଦେବୀ ପର୍ଯ୍ୟନ୍ତ ଭୌମ ଶାସକମାନଙ୍କର ଏକ ତାଲିକା ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଭୌମ ରାଜା ପରମମାହେଶ୍ୱର, ପରମଭଟ୍ଟାରକ, ମହାରାଜାଧିରାଜ, ପରମେଶ୍ୱର ଉପାଧିରେ ଭୂଷିତ ହୋଇଥିଲେ ବୋଲି ସୂଚିତ ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ, ପରମସୌଗତ ଶୁଭାକର ଦବ, ପ୍ରଥମ ଶାନ୍ତିକର ଦେବ, ରାଣୀ ତ୍ରିଭୁବନ ମହାଦେବୀ, ଦ୍ୱିତୀୟ ଶୁଭାକର ଦେବ, ତୃତୀୟ ଶୁଭାକର ଦେବ, ତୃତୀୟ ଶିବାକର ଦେବ, ଦଣ୍ଡୀମହାଦେବୀ ପ୍ରମୁଖ ଏହି ଉପାଧିରେ ଭୂଷିତ ହୋଇଥିଲେ ।

ଭୌମ ଶାସକମାନଙ୍କର ସମୟ ଓ ତାମ୍ରପଟା ସମ୍ପର୍କରେ ପଣ୍ଡିତ ମିଶ୍ର ଲେଖିଛନ୍ତି – "The titles Paramavattaraka, Paramamahsvar, Maharajadhiraja and Paramesvara assumed by the Bhauma Kings, point to the fact that they (Bhauma Kings) had the suzerain powers. As the suzerainty of the Somavamsi Kings and that of the succeeding Ganga kings prevailed in Orissa from the end of 9th century A.D. onwards it can be assumed that the Bhauma family preceded somavamsa.

Among the Bhauma plates hitherto discovered, Dandimahadevi's plate N is the latest. The Bramhesvar Stone inscritpion discloses that Janamejaya acquired Orissa after vanquishing the king of Orissa. It is not probable that he ever

Digitized by PPRACHIN, SOA

vanquished a female ruler. Hence his victim can be assumed to be a descendant of Dandimahadevi. If such an assumption be tenable, Dandimahadevi can be assigned to be the middle of 9th century A.D. at the latest.

x x x

It can be gleaned from Taranath's account that there was a political chaos in Orissa in the 9th century A.D., several ruling families trying to assume independence. The eradication of the Utkalas in southern Bengal by Devapala in the 1st decade of the 9th century A.D. as recorded in the inscription, lends support to Taranath's account that there was no powerful ruler in Orissa. So it can be assumed that the Bhauma rule termninated by about 800 A.D.

x x x

That the unspecified era used in Bhauma plates is the Harsha era, is therefore, not only probable, but there is no other alternative. There is no ground to assume that the Bhauma Kings started their own era. If any Bahuma king had started an era, he would have associated his own name to it. But we find no name in association with the era, found in the Bhauma plates. The forms of scripts, found in the Bhauma plates, preclude the reference to the Ganga era, which started in 496 A.D.

x x x

It can be gathered from the plate N (1.18) that the Bhauma family became extinct after Dandimahadevi, the donor.

Digitized by PPRACHIN, SOA

I need mention in conclusion that the era of plate L is taken as the Harsha era by the late Dr. Kielhorn. Dr. D.R. Bhandarkar is also inclined to take the era of the Bhauma plates as Harsha era."

ଏହିପରି ଭାବରେ ପ୍ରାପ୍ତ ହୋଇଥିବା ଭୌମ ତାମ୍ର ପଟାକୁ ଆଧାର କରି ପଣ୍ଡିତ ମିଶ୍ର ଭୌମବଂଶର ସମୟକୁ ହର୍ଷବର୍ଦ୍ଧନଙ୍କ ସମୟ ବୋଲି ସ୍ଥିର କରିଛନ୍ତି । ଦଣ୍ଡୀମହାଦେବୀଙ୍କ ପରେ ଭୌମ ଶାସନର ସମାପ୍ତି ଘଟିଛି ବୋଲି ସେ ମତପ୍ରଦାନ କରିଛନ୍ତି । ଐତିହାସିକ ମିଶ୍ର ଦଣ୍ଡୀ ମହାଦେବୀଙ୍କ ସମୟ ନବମ ଶତାବ୍ଦୀ ମଧ୍ୟଭାଗ ବୋଲି ନିର୍ଣ୍ଣୟ କରିଛନ୍ତି । ଏହାପରେ ଅଧ୍ୟାପକ ମିଶ୍ର ଭୌମ ବଂଶର ଉତ୍ପତ୍ତି ସମ୍ପର୍କରେ ଆଲୋଚନା କରି ଏହାକୁ ଉତ୍କଳର ଏକ ପ୍ରାଚୀନ ଜାତି ଭାବରେ ପ୍ରତିପାଦନ କରଛନ୍ତି । ପୁରାଣରେ ବର୍ଣ୍ଣିତ ଭୌମ ମାନଙ୍କର ପ୍ରତିନିଧି ଭାବରେ ସେ ଉତ୍ତର ଓଡ଼ିଶାର ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ଭୂୟାଁ ମାନଙ୍କୁ ବିଚାର କରିଛନ୍ତି । ମହାନଦୀର ଦକ୍ଷିଣ ପାର୍ଶ୍ୱରେ ବସବାସ କରୁଥିବା ମାଟି ବଂଶ ଅଧିବାସୀ ମାନଙ୍କୁ ସେ ପୁରାଣରେ ବର୍ଣ୍ଣିତ ଭୌମଲୋକ ମାନଙ୍କ ସହିତ ସମ୍ଭାବନା କରିଅଛନ୍ତି । ଭୌମ ବଂଶୀ ମାନେ ଆସାମ ଅଞ୍ଚଳରୁ ଓଡ଼ିଶା ଆସି ନାହାନ୍ତି ବୋଲି ସେ ମତ ଦେଇଛନ୍ତି । ସେ ଯୁକ୍ତି ବାଢ଼ିଛନ୍ତି ଯେ ଓଡ଼ିଶାର ଭୌମ ଫଳକରେ ବ୍ୟବହୃତ ହୋଇଥିବା ପଦ ପଂକ୍ତି ଆସାମର ଭୌମ ଫଳକରେ ବ୍ୟବହୃତ ହୋଇନାହିଁ । ପୁନଶ୍ଚ ଓଡ଼ିଶାର ଭୌମ ମାନେ ଥିଲେ ବୌଦ୍ଧ, କିନ୍ତୁ ଆସାମର ଭୌମ ମାନେ ଥିଲେ ଶୈବ । ସୁତରାଂ ଭୌମ ବଂଶୀ ମାନେ ଆସାମ ଅଞ୍ଚଳରୁ ଓଡ଼ିଶାକୁ ଆସିନାହାନ୍ତି । ସର୍ବୋପରି ଭୌମ ମାନଙ୍କୁ ଉତ୍କଳୀୟ ବୋଲି ପଣ୍ଡିତ ମିଶ୍ର ପ୍ରତିପାଦନ କରିଛନ୍ତି । ସେ କହନ୍ତି – "It can be concluded therefore, that the Bahuma people principally constituted the ancient Utkal race." ପଣ୍ଡିତ ମିଶ୍ରଙ୍କର ଏହି ଉପସ୍ଥାପନାଟି ବେଶ୍ ଯଥାର୍ଥ ବୋଲି ମନେହୁଏ ।

ଭୌମ ସାମ୍ରାଜ୍ୟର ବିସ୍ତୃତି ସମ୍ପର୍କରେ ପଣ୍ଡିତ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ଏହା ଏକ ବିଶାଳ ସାମ୍ରାଜ୍ୟ ଥିଲା । ଭୌମ ସାମ୍ରାଜ୍ୟର ନାମ ତୋଷାଳି ବା ତୋଷଳ ଥିଲା ବୋଲି ସେ ନିର୍ଣ୍ଣୟ କରିଛନ୍ତି । ତେଣୁ ସେ ଲେଖିଛନ୍ତି – "The Bhauma kingdom was known as either Tosali or Tosala. x x x It is worthy

Digitized by PPRACHIN, SOA

to mention that Tosali is an extensive country. x x x A gain it can be gleaned from the Dhauli Rock Edict as well as from Kharavel's inscription that Tosali was a part and parcel of Kalinga. It was probably separated from Kalinga by the founder of the Bhauma supremacy. x x x Tosali seems therefore to be identical with Dhauli, where Asok's rock edict exists."

ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ର ଯାଜପୁରକୁ ଭୌମ ସାମ୍ରାଜ୍ୟର ରାଜଧାନୀ ବୋଲି ନିର୍ଣ୍ଣୟ କରିଛନ୍ତି । ତେଣୁ ଏ ସମ୍ପର୍କରେ ତାଙ୍କର ଅନୁସନ୍ଧାନର ଫଳ ହେଉଛି – "The engraver of plate B was a resident of Viraja, which is distinctly identical with Jajpur. It can be concluded therefore, that Jajpur was the capital of the Bhauma kingdom."

ଭୌମ ରାଜତ୍ୱ କାଳରେ ଓଡ଼ିଶାର ଭାଷା ଓ ସାହିତ୍ୟ ସମ୍ପର୍କରେ ପଣ୍ଡିତ ମିଶ୍ର ମତପ୍ରଦାନ କରିଛନ୍ତି ଯେ ସେ ସମୟରେ ସଂସ୍କୃତ ଭାଷା ହିଁ ରାଜଭାଷା ଓ ସାହିତ୍ୟର ଭାଷା ରୂପେ ବ୍ୟବହୃତ ହେଉଥିଲା । ଯଦିଓ ସେ ସମୟକୁ ଓଡ଼ିଆ ଭାଷା ବିକଶିତ ହୋଇ ଲୋକଭାଷା ରୂପେ ବ୍ୟବହୃତ ହେଲାଣି, ତଥାପି ଏହା ଶାସନ ଓ ସାହିତ୍ୟର ଭାଷାରୂପେ ଗୃହୀତ ହୋଇନଥିଲା । ଅବଶ୍ୟ ଭୌମ ରାଜତ୍ୱ କାଳର କୌଣସି ସାହିତ୍ୟକୃତି ଏପର୍ଯ୍ୟନ୍ତ ଲୋକଲୋଚ଼ନକୁ ଆସି ପାରି ନାହିଁ । ପଣ୍ଡିତ ବିନାୟକ ମିଶ୍ର ଲେଖିଛନ୍ତି – "It can be concluded therefore, that Oriya as a distinct provincial language came into existence during the Bhauma supremacy. But it was not used as a literary language. x x x Aparently sanskrit was used in the courts as well as in the literature of Orissa during the Bhauma supremacy. x x x But to our misfortune the Sanskrit works written in Orissa in ancient times have not been hitherto brought to light."

ଏକଥା ସତ୍ୟଯେ ଭୌମ ରାଜତ୍ୱ କାଳର କୌଣସି ସାହିତ୍ୟିକ କୃତି– ଏଯାବତ୍ ଲୋକଲୋଚ଼ନକୁ ଆସିନାହିଁ । ସେହି ସମୟରେ ସାରସ୍ୱତ କୃତି ଗୁଡ଼ିକର ଭାଷା ହିଁ ସଂସ୍କୃତ ଥିଲା ବୋଲି ଗ୍ରହଣ କରାଯାଇଛି ।

Digitized by PPRACHIN, SOA

ଭୌମ ରାଜତ୍ୱକାଳରେ କଳା ଓ ସ୍ଥାପତ୍ୟର ମଧ୍ୟ ଉଲ୍ଲେଖଯୋଗ୍ୟ ବିକାଶ ଘଟିଥିଲା । ପଣ୍ଡିତ ମିଶ୍ର ଏହା ପ୍ରତିପାଦନ କରିଛନ୍ତି । ଅଷ୍ଟମ ଶତାବ୍ଦୀ ଓଡ଼ିଶାରେ ଯେଉଁ ମନ୍ଦିର ଓ ସ୍ଥାପତ୍ୟ ନିର୍ମିତ ହୋଇଥିଲା, ତାହା ଭୌମ କୀର୍ତ୍ତି ବୋଲି ପଣ୍ଡିତ ମହାଶୟ ଉଲ୍ଲେଖ କରିଛନ୍ତି । ତେଣୁ ସେ ଲେଖିଛନ୍ତି – "According to Rai Bahadur Ramaprasad Chanda's view the date of sculptures found at Ratnagiri, goes back to the 8th century A.D. The date of Ramesvar temple at Bhubaneswar has been assigned to the 8th century A.D. by the late Prof. R.D. Banarjee as well as by Rai Bahadur Ramaprasad Chanda. We find in Hieun Tsiang's account that there were 50 deva temples in Orissa in the 7th century A.D. There is therefore ground to hold that art and architecture flourished in Orissa during the Bhauma supremacy." ଭୌମ କଳା ଓ ସ୍ଥାପତ୍ୟ ବିଷୟରେ ଏହା ହେଉଛି ପଣ୍ଡିତ ମିଶ୍ରଙ୍କ ଗବେଷଣାମୂଳକ ଅଭିମତ ।

ଭୌମ ବଂଶ ଓ ଭୌମ ରାଜତ୍ୱ ସମ୍ପର୍କରେ ପଣ୍ଡିତ ବିନାୟକ ମିଶ୍ରଙ୍କର 'Orissa Under the Bhauma Kings' ଏକ ଉପାଦେୟ ଗ୍ରନ୍ଥ । ଭୌମ ରାଜତ୍ୱ କାଳର ବିଭିନ୍ନ ତାମ୍ରଫଳକ ଓ ଲିପିକୁ ପାଠ କରି ପଣ୍ଡିତ ମିଶ୍ର ଭୌମକର ରାଜବଂଶ ସମ୍ପର୍କରେ ଏହି ଗ୍ରନ୍ଥ ପ୍ରଣୟନ କରି ମଧ୍ୟଯୁଗୀୟ ଓଡ଼ିଶା ଇତିହାସକୁ ଆହୁରି ଗୌରବୋଜ୍ଜ୍ୱଳ କରି ପାରିଛନ୍ତି । 'Orissa Under the Bhauma Kings' ଇତିହାସ ଗ୍ରନ୍ଥପାଇଁ ପଣ୍ଡିତ ବିନାୟକ ମିଶ୍ର ଓଡ଼ିଶାର ଐତିହାସିକ ମାନଙ୍କ ମଧ୍ୟରେ ଯେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତି, ଏଥିରେ ସନ୍ଦେହ ନାହିଁ ।

* * *

Digitized by PPRACHIN, SOA

ଷଷ୍ଠ ଅଧ୍ୟାୟ

ବିନାୟକଙ୍କ ବ୍ୟକ୍ତିତ୍ୱର କେତୋଟି ବିଶେଷ ଦିଗ

ପଣ୍ଡିତ ବିନାୟକ ମିଶ୍ର କେବଳ ବିଜ୍ଞ ଅଧ୍ୟାପକ ଓ ଗବେଷକ ନ ଥିଲେ; ସେ ଥିଲେ ସ୍ୱାଭିମାନୀ, ନିର୍ଲୋଭ, ସତ୍ୟନିଷ୍ଠ, ପରୋପକାରୀ ଓ ଦୟାଳୁ ବ୍ୟକ୍ତି । ସେଗୁଡ଼ିକୁ ଆଲୋଚନା କଲେ ବିସ୍ମିତ ହେବାକୁ ପଡ଼େ । ତାଙ୍କ ଚରିତ୍ରର ବଡ଼ ଦିଗଟି ହେଉଛି ଯେ ସେ ଥିଲେ ଅତ୍ୟନ୍ତ ନୀତିବାନ୍ ଏବଂ ବିଷୟ ବାସନା ହୀନ ବ୍ୟକ୍ତି । ସେ ସଦାସର୍ବଦା ଧଳା ଲୁଗା ଓ ଧଳା ପଞ୍ଜାବୀ ପରିଧାନ କରୁଥିଲେ । ସେ ସାଧାରଣ ଖାଦ୍ୟ ଗ୍ରହଣ କରୁଥିଲେ । ପୋଷାକପତ୍ରରେ ତାଙ୍କର ଆଟୋପ ନଥିଲା କିମ୍ବା ଖାଦ୍ୟପେୟରେ ବିଳାସ ନଥିଲା । ସେ ସବୁବେଳେ କହୁଥିଲେ – 'ତମେ ବଞ୍ଚିବାପାଇଁ ଖାଉଛ ନାଁ ଖାଇବା ପାଇଁ ବଞ୍ଚିଛ ?' ଯତ୍‌ସାମାନ୍ୟ ଖାଇ କାଳାତିପାତ କରିବାର ସେ ପକ୍ଷପାତୀ ଥିଲେ । ସେ ମଧ୍ୟ ଋଣର ଘୋର ବିରୋଧୀ ଥିଲେ । ଋଣକୁ ସେ ବିଷମୋଦକ ତୁଲ୍ୟ ବିଚାର କରୁଥିଲେ ।

ବିନାୟକ ମିଶ୍ର ଅତ୍ୟନ୍ତ ଦୟାଳୁ ଓ ସହୃଦୟ ବ୍ୟକ୍ତି ଥିଲେ । ସେ ତାଙ୍କର ଜାମାତା ରବିବାବୁଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ଅନୁକମ୍ପା ପ୍ରଦର୍ଶନ କରିଥିଲେ । ସେ ରବୀନ୍ଦ୍ରଙ୍କ ପାଇଁ ଶଗଡ଼, କୋଡ଼ି, କଟୁରୀ, ବାସନକୁସନ ଏବଂ ଜମିଚାଷ କରିବା ପାଇଁ ବଳଦ ପ୍ରଭୃତି ଯୋଗାଇ ଦେଇଥିଲେ । ଏପରିକି ବଳଦ ବୁଢା ହୋଇଗଲେ ସେ ତାହା ବିକ୍ରିକରି ରବୀନ୍ଦ୍ରଙ୍କ ପାଇଁ ଦାମୁଡ଼ି ବଳଦ ପୁଣି କ୍ରୟ କରି ଯୋଗାଇ ଦିଅନ୍ତି । ରବିବାବୁଙ୍କ ଟାଇଲଘର ନିର୍ମାଣ ବେଳେ ସେ ନିଜେ ଭାଟସାହିରେ ରହି ମିସ୍ତ୍ରୀକୁ ଟାଇଲ୍ ବଢାଇ ଦେଉଥିଲେ । ମୂଲିଆ ଓ ଶ୍ରମିକମାନଙ୍କ ପ୍ରତି ତାଙ୍କର ଦରଦୀଭାବ ଥିଲା । ଦିନ ଦଶଟା ବାଜିଲେ ସେ ଘର ତିଆରି କରୁଥିବା ମୂଲିଆ ମାନଙ୍କୁ ତଡ଼ି ଦିଅନ୍ତି ଏବଂ ସେମାନଙ୍କୁ ପୁରା ଦିନର ମଜୁରୀ ଦେଇଥାନ୍ତି ।

ରବିବାବୁ କହନ୍ତି ଯେ ୧୯୫୭ ମସିହାରେ ଏକ ମରୁଡ଼ି ଦେଖାଦେଇଥିଲା । ସେହି ସମୟରେ ତାଙ୍କ ଜାମାତା ରବିବାବୁ ପଡ଼ିଶାଘରୁ ଧାନ କରଜ ଆଣିଥିଲେ । ଏହା ଜାଣିବା ପରେ ପଣ୍ଡିତ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ ଏବଂ କହିଥିଲେ 'ରବି

Digitized by PPRACHIN, SOA

ତମେ ଆଉ ମଣିଷ ହୋଇପାରିବନି ।'' ସେ ତାଙ୍କୁ ମାସକୁ ଟ୨୦୦/- ଲେଖାଏଁ ଅକୁଣ୍ଠରେ ସାହାଯ୍ୟ କରିଥିଲେ । ପଣ୍ଡିତ ମିଶ୍ରଙ୍କ ପ୍ରଭାବ ରବିବାବୁଙ୍କ ଉପରେ ପଡ଼ିଲା । ସେ ପରବର୍ଷ କୃଷି କାର୍ଯ୍ୟରେ ମନପ୍ରାଣ ଢାଳି ଦେଲେ । ଜମିରେ ଧାନ, ଗହମ, ମକା ପ୍ରଭୃତି ଚାଷ କରି ଲାଭବାନ ହେଲେ ଓ ଶ୍ୱଶୁର ପଣ୍ଡିତ ମିଶ୍ରଙ୍କର ଶ୍ରଦ୍ଧାର ପାତ୍ର ହୋଇପାରିଥିଲେ ।

ପଣ୍ଡିତ ମିଶ୍ରଙ୍କ କନ୍ୟା ଶାନ୍ତିଲତାଙ୍କର ୧୯୫୮ ମସିହାରେ ଅକାଳ ବିୟୋଗ ଘଟିଲା । ଏହାପରେ ବିନାୟକଙ୍କର ପରାମର୍ଶ ଅନୁସାରେ ଶାନ୍ତିଲତାଙ୍କର ସମସ୍ତ ସୁନା ଓ ରୂପା ଗହଣା ବିକ୍ରି କରାଯାଇ ସେହି ଅର୍ଥରେ ଭାଟସାହି ଲଡୁକେଶ୍ୱର ପୁର ଗ୍ରାମରେ ଏକ କ୍ଲବ ପାଠାଗାର ନିର୍ମାଣ କରାଗଲା ଓ ଗାଁ ପୋଖରୀରେ ପାହାଚ୍ ନିର୍ମାଣ କରାଯାଇଥିଲା । ୧୯୩୯-୪୦ ମସିହାର ଘଟଣା । ଶରଣକୁଳର ନରେନ୍ଦ୍ରପୁରର ନିଃସ୍ୱ ମାଳୀ ସେବାୟତ ସମାଜ (ମହାଦେବ ଲଡୁବାବାଙ୍କର ପୂଜକ) ର ଅଧିକାର ଉପରେ ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ହସ୍ତକ୍ଷେପ କରିବାରୁ ମାଳୀ ସେବାସୀମାନେ ଲଡୁବାବାଙ୍କ ମନ୍ଦିର ତାଲାପକାଇ ବନ୍ଦ ରଖିଥିଲେ । ଫଳରେ ଠାକୁରଙ୍କ ନୀତିକାନ୍ତି ସମ୍ପାଦିତ ହୋଇପାରିଲା ନାହିଁ । ବିନାୟକ ମିଶ୍ର ମାଳୀ ସେବାୟତ ଗୋଷ୍ଠୀର ଆନ୍ଦୋଳନର ଯଥାର୍ଥତା ହୃଦୟଙ୍ଗମ କରିଥିଲେ ଓ ଏହାର ନେତୃତ୍ୱ ନେଇଥିଲେ । ସେ ସେବାୟତ ସମାଜର କେତେକ ଦାବି ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ । ଫଳରେ ସେ ରାଜାଙ୍କର କ୍ରୋଧର ଶିକାର ହୋଇଥିଲେ । ଏହି ସମୟରେ ଜନାର୍ଦ୍ଦନ ନନ୍ଦ ନୟାଗଡ଼ ରାଜାଙ୍କର ଦେୱାନ ଥିଲେ । ସେ ପୁରୀ ବଳଭଦ୍ରପୁର ନିବାସୀ ଥିଲେ । ସେ ପ୍ରଥମେ ସେଟଲମେଣ୍ଟ ଅଫିସର ହୋଇ ନୟାଗଡ଼ ଆସିଥିଲେ । ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେବାପରେ ନୟାଗଡ଼ ରାଜା ତାଙ୍କୁ ରାଜ୍ୟର ଦେୱାନ ଭାବରେ ନିଯୁକ୍ତି ଦେଇଥିଲେ । ଜନାର୍ଦ୍ଦନ ନନ୍ଦ ଶରଣକୁଳ ଆସି ଘଟଣାର ତଦନ୍ତ କଲେ ଓ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ରାଜ୍ୟ ପରିତ୍ୟାଗ କରିବାପାଇଁ ପଣ୍ଡିତ ମିଶ୍ରଙ୍କୁ ରାଜାଦେଶ ହେଲା । ତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା ଏବଂ ସିନ୍ଦୁରିଆ ଗ୍ରାମର ସାହେବ ଖାଁ ପଣ୍ଡିତ ମିଶ୍ରଙ୍କୁ ଜାମିନ୍‌ରେ ନେଇଥିଲେ ।

ଏହି ଘଟଣା ପଣ୍ଡିତ ମିଶ୍ରଙ୍କ ସ୍ୱାଭିମାନୀ ମନକୁ ଗଭୀର ଆଘାତ ଦେଲା । ସେ ନୟାଗଡ଼ ରାଜ୍ୟ ଛାଡ଼ିବାକୁ ମନସ୍ଥ କଲେ । ନୟାଗଡ଼ ରାଜ୍ୟମାଟି ନ ମାଡ଼ିବା

Digitized by PPRACHIN, SOA

ପାଇଁ ସେ ପ୍ରତିଜ୍ଞା କରିଥିଲେ । ଅବଶ୍ୟ ଏହାପରେ କର୍ତ୍ତୃପକ୍ଷଙ୍କ ଭ୍ରମସ୍ୱୀକାର ଓ ଅନେକ ଅନୁରୋଧ ସତ୍ତ୍ୱେ ସେ ନୟାଗଡ଼ରେ ଜଳ ସ୍ପର୍ଶ କରିବେ ନାହିଁ ବୋଲି ସଙ୍କଳ୍ପ କରିଥିଲେ ଏବଂ ନୟାଗଡ଼କୁ ଆସୁନଥିଲେ । ଏହି ଘଟଣା ସମୟରେ ବିନାୟକ ମିଶ୍ରଙ୍କ ସାନଭାଇ ଲୋକନାଥ ମିଶ୍ର ଇଟାମାଟିଠାରେ ପୋଲିସ୍ A.S.I. ଭାବରେ କାର୍ଯ୍ୟ କରୁଥିଲେ, ତାଙ୍କୁ ମଧ୍ୟ କାର୍ଯ୍ୟରୁ ଅନ୍ତର କରାଗଲା । ଅନନ୍ତର ମିଶ୍ର ଦୁଇଭାଇ ନୟାଗଡ଼ ରାଜ୍ୟ ପରିତ୍ୟାଗ କରି ଆସ୍କା ଯାଇଥିଲେ ଓ ସେଠାରେ ଅବସ୍ଥାନ କରିଥିଲେ । ପରେ ଦୁଇଭାଇଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା । ତେଣୁ ବିନାୟକ ମିଶ୍ର ସପରିବାରେ ବାଣପୁର ଚାଲିଗଲେ । ବାଣପୁରସ୍ଥିତ ହାତୀମୁଣ୍ଡା ପୋଖରୀଠାରେ ଚାଳଘର କରି ରହିଲେ । ସେଠାରେ ସେ କିଛି ଚାଷଜମି ଓ ଚାଷ ଉପକରଣ ମଧ୍ୟ କ୍ରୟ କରି ଧାନ ଚାଷ ଇତ୍ୟାଦି କରାଉଥିଲେ ।

୧୯୪୯ ମସିହାରେ ପଣ୍ଡିତ ମିଶ୍ର କଲିକତା ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିବାପରେ ଓଡ଼ିଶାକୁ ଆସିଲେ । ସେ କିନ୍ତୁ ନୟାଗଡ଼କୁ ନ ଫେରି ବାଣପୁର ଘରକୁ ଚାଲିଗଲେ । ଉପର୍ଯ୍ୟୁକ୍ତ ରାଜନୈତିକ କାରଣରୁ ଏବଂ ନିଜର ଜିଦ୍ ଓ ସ୍ୱାଭିମାନ ପାଇଁ ସେ ନୟାଗଡ଼ ଯାଉ ନଥିଲେ । ବିନାୟକ ମିଶ୍ର ଥିଲେ ଜଣେ ସଂଗ୍ରାମୀ ପୁରୁଷ । ଦଳିତ ମଣିଷଙ୍କର କଥା ମଧ୍ୟ ସେ ବୁଝୁଥିଲେ । ଶରଣକୁଳର ଗରିବ, ଭୂମିହୀନ ତଥା ଅବହେଳିତ ହରିଜନ ମାନଙ୍କ ଉପରେ ତେଲି, ବ୍ରାହ୍ମଣ ଓ ଅନ୍ୟାନ୍ୟ ସବର୍ଣ୍ଣ ମାନଙ୍କର ଶୋଷଣ ଓ ଅନ୍ୟାୟର ବିରୋଧ କରି ସେ ଗାଁ ବାଲାଙ୍କ ବିରୁଦ୍ଧରେ ମାଲିମକଦ୍ଦମା କରିଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ଗାଁ ବାଲାଙ୍କ ବିରୁଦ୍ଧରେ ତାଙ୍କର ମକଦ୍ଦମା ଲାଗି ରହିଥିଲା । ଅନୁସନ୍ଧାନରୁ ଜଣାପଡ଼େ ଯେ ଶରଣକୁଳ ଗ୍ରାମର ପାହାଡ଼ ତଳିରେ ଥିବା ଅନାବାଦି, ଗୋଚ଼ର ଜମିକୁ ହରିଜନ ମାନେ ଚାଷ କରୁଥିଲେ । କିନ୍ତୁ ସବର୍ଣ୍ଣ ଜାତିର ଲୋକ ଏଥିରେ ପଶିବାରୁ ଗୋଳମାଳ ହୋଇଥିଲା ଏବଂ ବିନାୟକ ମିଶ୍ର ହରିଜନ ମାନଙ୍କର ନେତୃତ୍ୱ ନେଇଥିଲେ । ଏହିପରି ହରିଜନ ମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ଯାଇ ଶେଷରେ ସେ 'ପାଣ ପଣ୍ଡିତ' ନାମରେ ଅଭିହିତ ହେଲେ । ବାସ୍ତବିକ୍ ଏହା ଅତ୍ୟନ୍ତ ନିନ୍ଦା ଓ କ୍ଷୋଭର ବିଷୟ ।

ଏହିପରି ସବୁ ଦିଗରୁ ବିନାୟକ ଥିଲେ ଭାଗ୍ୟହୀନ । ଭାଗ୍ୟତାଙ୍କୁ କେବେହେଲେ ଅନୁକୂଳ ହେଲାନାହିଁ । ତଥାପି ଭାଗ୍ୟର ସମସ୍ତ ପ୍ରତିକୂଳତା ସତ୍ତ୍ୱେ ବିନାୟକ ଜୀବନର ଚ଼ରମ ସଫଳତାରେ ପହଞ୍ଚିଯାଇଛନ୍ତି ।

Digitized by PPRACHIN, SOA

ବିନାୟକ ମିଶ୍ରଙ୍କର ଜୀବନର ଗୋଟିଏ ସ୍ମରଣୀୟ ଘଟଣା ଏହି ଯେ ୧୯୫୮ ମସିହାରେ ବିଧାନସଭା ସଦସ୍ୟ ପାଇଁ ସେ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ । ସେ ସ୍ୱାଧୀନ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରୁଥିଲେ ଏବଂ ତାଙ୍କର ନିର୍ବାଚନ ସଙ୍କେତ ଥିଲା ଧାନ ଝଡୁଥିବା କୁଲା । ସେ ନୟାଗଡ଼ର ପୂର୍ବତନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ପ୍ରତିଦ୍ୱନ୍ଦୀ ଥିଲେ । ରାଜାଙ୍କର ସଙ୍କେତ ଥିଲା ଯୋଡ଼ି ବଳଦ । ବିନାୟକ ମିଶ୍ର କିନ୍ତୁ ଏଥିରେ ପରାଜୟ ଲାଭ କରିଥିଲେ ।

ପଣ୍ଡିତ ମିଶ୍ର ଥିଲେ ଦାନଶୀଳ ଓ ପରୋପକାରୀ । ଏଠାରେ ଆଲୋଚିତ ଏକ ପ୍ରସଙ୍ଗରୁ ଏହା ପ୍ରମାଣିତ ହୁଏ । ଏକଦା ଲିଙ୍ଗରାଜ ଦାଶଙ୍କ ଘରେ ବିନାୟକ ମିଶ୍ର ଅବସ୍ଥାନ କରୁଥିବା ବେଳେ ଅଧ୍ୟାପକ ଅରବିନ୍ଦ ପଟ୍ଟନାୟକ ତାଙ୍କ ନିକଟକୁ ଯାଉଥିଲେ । କଥା ପ୍ରସଙ୍ଗରେ ବିନାୟକ ମିଶ୍ର ଅଧ୍ୟାପକ ଶ୍ରୀ ପଟ୍ଟନାୟକଙ୍କୁ କହିଥିଲେ 'ଟ୭୫ ଦେଇ ଶ୍ରୀଧର ଦାଶଙ୍କଠାରୁ ଖଣ୍ଡିଏ ଜାଗା କିଣିଥିଲି । ଜଣେ ଧୋବା କହିଲା, ଆଜ୍ଞା ମୋ ପିଲା ପାଠ ପଢ଼ିବାକୁ ଜାଗା ନାହିଁ । ଏଇଠି ଖଣ୍ଡିଏ ଜାଗା ଦିଅନ୍ତୁ । ମୁଁ ଦେଇଦେଲି । ସେ ପଚାରିଲା କେତେରେ ଦେବେ? ମୁଁ କହିଲି ମାହାଳିଆ ଦେଇଦେବି । ପିଲାଏ ପାଠ ପଢ଼ିବେ ପଇସା କ'ଣ ନେବି ? ସେ ମଙ୍ଗିଲାନି । ଜବରଦସ୍ତ ଟ୨୦ ଦେଲା । ତା ଦାଦାକୁ ଆଣିଲା । ସେ ବି ଇସ୍ତ୍ରୀ ପକାଇବାକୁ ଖଣ୍ଡିଏ ଜାଗା ମାଗିଲା । ସବୁ ଦେଇଦେଲି । ମୁଁ ଏମିତି ଜୀବନରେ କିଛି ସଞ୍ଚୟ କରିପାରି ନାହିଁ । କିଛି ରଖିନି । ବୈଷୟିକ ଜ୍ଞାନ ମୋର ନାହିଁ କି ନଥିଲା । ପିଲାଦିନୁ ଏମିତି ।'

ବାସ୍ତବିକ୍ ଏହି ପ୍ରସଙ୍ଗ ପ୍ରମାଣ କରେ ଯେ ପଣ୍ଡିତ ବିନାୟକ ମିଶ୍ର ବିଂଶ ଶତାବ୍ଦୀର ଏକ ବିସ୍ମୟ । ବସ୍ତୁବାଦୀ ମୋହଠାରୁ ସେ ଥିଲେ ବହୁତ ଦୂରରେ । ସେ ଯଥାର୍ଥରେ ଥିଲେ ନିରାସକ୍ତ, ନିର୍ଲୋଭ, ନିର୍ବିକାର ଓ ନିର୍ଲିପ୍ତ ମନୀଷୀ । ମହାନ୍ କର୍ମଯୋଗୀ, ଜ୍ଞାନତପସ୍ୱୀ ।

ସେହିପରି ପଣ୍ଡିତ ମିଶ୍ର ଗବେଷଣା ଓ ଅଧ୍ୟୟନ ପାଇଁ ଅନେକ ବହି ଓ ପତ୍ରିକା କ୍ରୟ କରିଥିଲେ । ବହୁ ଦୁର୍ଲ୍ଲଭ ପୁସ୍ତକ ଓ ପତ୍ରିକାର ସେ ଅଧିକାରୀ ଥିଲେ । କିନ୍ତୁ କେହି ତାଙ୍କର ଉପଯୁକ୍ତ ଦାୟାଦ ନ ଥିବାରୁ ପରିଣତ ବୟସରେ ଏଗୁଡ଼ିକର ସଦୁପଯୋଗ ପାଇଁ ସେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ଦାନ କରିଥିଲେ । ଏ ସମ୍ପର୍କରେ

Digitized by PPRACHIN, SOA

ମହାମନା ବିନାୟକ ବାବୁ କହନ୍ତି – 'ମୋ ଘରେ କେହି ରିସର୍ଚ୍ଚ ସ୍କଲାର ନଥିଲେ । କାହାପାଇଁ ବା ରଖିଥାନ୍ତି ? ସବୁଯାକ ବହି ବିଭିନ୍ନ ଲାଇବ୍ରେରୀକୁ ଦାନ କରିଦେଇଛି । ସେଇଠି କେହି ଗବେଷକ ତାକୁ ବ୍ୟବହାର କଲେ ମୋର ଆନନ୍ଦ ।' ପଣ୍ଡିତ ଶ୍ରୀ ମିଶ୍ର ତାଙ୍କର କେତେ ଖଣ୍ଡ ପୁସ୍ତକକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ, ସାହିତ୍ୟ ଏକାଡ଼େମୀ ଲାଇବ୍ରେରୀ, ଏବଂ ନୟାଗଡ଼ କଲେଜ ଲାଇବ୍ରେରୀକୁ ଦାନ କରିଥିଲେ ।

ପଣ୍ଡିତ ବିନାୟକ ମିଶ୍ର ଜଣେ ଉଚ୍ଚକୋଟୀର ହୋମିଓପାଥିକ୍ ଚିକିତ୍ସକ ଥିଲେ । ଶରଣକୁଳ ଅଞ୍ଚଳର ବହୁ ଜଟିଳ ରୋଗୀଙ୍କୁ ସେ ହୋମିଓପାଥିକ୍ ଚିକିତ୍ସା ଦ୍ୱାରା ଆରୋଗ୍ୟ କରାଇଥିଲେ । ଚିକିତ୍ସକ ଦୃଷ୍ଟିରୁ ସେ ଥିଲେ ଅମୃତ ହସ୍ତା । ଏବେ ମଧ୍ୟ ସେହି ଅଞ୍ଚଳର ବର୍ଷିୟାନ୍ ବ୍ୟକ୍ତିମାନେ ତାଙ୍କର ଚିକିତ୍ସା ଗୁଣକୁ ମନେ ପକାଉଛନ୍ତି । ଏହିପରି ଭାବରେ ପଣ୍ଡିତ ମିଶ୍ର ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ।

ଏହିପରି ବିନାୟକ ମିଶ୍ର କେତେକ ବିଶେଷ ଗୁଣର ଅଧିକାରୀ ଥିଲେ । ଏହି ବିଶେଷ ଗୁଣଗୁଡ଼ିକ ତାଙ୍କ ବ୍ୟକ୍ତିତ୍ୱକୁ ମହିମାମୟ କରିପାରିଛି । ବାସ୍ତବିକ ପଣ୍ଡିତ ବିନାୟକ ମିଶ୍ର ଜଣେ ଉଚ୍ଚକୋଟୀର ମନୀଷୀ ଥିଲେ । ତେଣୁ ତାଙ୍କ ସମ୍ପର୍କରେ ପ୍ରଫେସର କୁଞ୍ଜ ବିହାରୀ ଦାଶ ଯଥାର୍ଥରେ ଲେଖିଛନ୍ତି – 'ପଣ୍ଡିତ ବିନାୟକ ମିଶ୍ର ବିଦ୍ୟାବିନୋଦ; କାବ୍ୟଶାସ୍ତ୍ର ବିନୋଦେନ କାଲୋ ଗଚ୍ଛତି ଧୀମତାମ୍; ତାଙ୍କର ସାରା ଜୀବନ ଶାସ୍ତ୍ର ଚର୍ଚ୍ଚାରେ କଟିଛି, ସେ ପ୍ରକୃତରେ ଧୀମାନ୍ । ଧନ ଅର୍ଜ୍ଜନ, ସୌଧ ଉଦ୍ୟାନ ନିର୍ମାଣ ବା ବିଷୟ ସୁଖ ଲାଭ ତାଙ୍କ ଉଚ୍ଚାକାଙ୍କ୍ଷାର ବହିର୍ଭୁତ । ଯାହି ତାହି ଗଣ୍ଡିଏ ଖାଇବା, ଖଣ୍ଡିଏ ପିନ୍ଧିବା ଓ ଚାଳ କୁଡ଼ିଆରେ କାଳ କଟାଇବାରେ ସେ କେବେ ଅସନ୍ତୋଷ ପ୍ରକାଶ କରିନାହାନ୍ତି । ବିଦ୍ୟା ଆଲୋଚନା ଲାଗି ସେ ସମସ୍ତ ବିଷୟ ସୁଖ ଜଳାଞ୍ଜଳି ଦେବାକୁ ପ୍ରସ୍ତୁତ ଥିଲେ ।'

* * *

Digitized by PPRACHIN, SOA

ସପ୍ତମ ଅଧ୍ୟାୟ

ଶେଷ ଜୀବନ

"ମହାପ୍ରଭୁ ମୁକ୍ତିଦିଅ – ଏହି ଯାତ୍ରା ଶୁଭହେଉ ତୁମର ଦୟାରୁ
ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା ଏ ଦେହରୁ
ତୁମର ସଂହାର ଢ଼େଇଁ
ବହୁତ କ୍ଳାନ୍ତି, ପୁନରୁକ୍ତି ଏ ଆତ୍ମାର
ଆଉ ତୁମର ଦୟା କ୍ଷମା କରୁଣାର ସମୁଦ୍ର କୂଳରୁ ।"
– ଗୁରୁ ପ୍ରସାଦ ମହାନ୍ତି

୧୯୪୯ ମସିହାରେ ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ର କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରୁ ଅବସର ଗ୍ରହଣ କରି ଓଡ଼ିଶାକୁ ଫେରିଆସି ବାଣପୁର ହାତୀମୁଣ୍ଡାଠାରେ ଅବସ୍ଥାନ କଲେ । ୧୯୫୬ ମସିହାରେ ତାଙ୍କର ସ୍ତ୍ରୀଙ୍କର ବିୟୋଗ ଘଟିଲା । ଅନନ୍ତର ପଣ୍ଡିତ ମିଶ୍ର ନୟାଗଡ଼ ଫେରିଆସିଲେ । ନୟାଗଡ଼ର ବିଭିନ୍ନ ସ୍ଥାନରେ ସେ ଅବସ୍ଥାନ କରୁଥିଲେ । କିଛି ଦିନ ଶରଣକୁଳରେ ଅବସ୍ଥାନ କଲେ । ୧୯୫୯ ମସିହା ବେଳକୁ ବିନାୟକ ମିଶ୍ର କିଛି ଦିନ ପାଇଁ ତାଙ୍କର ଜାମାତା ଭାଟସାହିର ରବୀନ୍ଦ୍ର ନାଥ ମିଶ୍ରଙ୍କ ଘରେ ଅବସ୍ଥାନ କରୁଥିଲେ । ରବୀନ୍ଦ୍ରନାଥ ମିଶ୍ରଙ୍କ ଗୃହରେ ବିନାୟକ ମିଶ୍ରଙ୍କର ବ୍ୟବହୃତ ହୋମିଓ ପାଥିକ୍ ବାକ୍ସଟି ଏବେ କେବଳ ସ୍ମୃତି ରୂପେ ରହିଛି । ରବିବାବୁ କହନ୍ତି ଯେ ବିନାୟକ ମିଶ୍ର ପ୍ରଥମେ ନୟାଗଡ଼କୁ English B.S.A. ସାଇକେଲଟିଏ ଆଣିଥିଲେ । ଏହାର ହାଣ୍ଡଲ୍‌ରେ ଚାବି ବ୍ୟବସ୍ଥା ରହିଥିଲା । ନୟାଗଡ଼ ଅଞ୍ଚଳର ଲୋକମାନେ ଏହି ସାଇକେଲ୍ ଦେଖିବାକୁ ଆସୁଥିଲେ । ବିନାୟକ ମିଶ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ଏହି ସାଇକେଲ୍‌ରେ ବସି ଗାଁ କୁ ଗାଁ ପ୍ରଚାରରେ ଯାଉଥିଲେ । ଏହାପରେ ସେ ଜାମାତା ରବିବାବୁଙ୍କୁ ଏହି ସାଇକେଲ୍‌ଟି ପ୍ରଦାନ କରିଥିଲେ ।

Digitized by PPRACHIN, SOA

୧୯୬୯-୭୦ ମସିହା ବେଳକୁ ପଣ୍ଡିତ ବିନାୟକ ନୟାଗଡ଼ ସହରରେ ତାଙ୍କର ସମ୍ପର୍କୀୟ ଅବସରପ୍ରାପ୍ତ ଓଭରସିଅର ଲିଙ୍ଗରାଜ ଦାଶଙ୍କ ଘରେ ଅବସ୍ଥାନ କରୁଥିଲେ । ଏହି ସମୟରେ ସେ ଥିଲେ ଏକାନ୍ତ ନିଃସ୍ୱ ଓ ଏକାକୀ । ସେ ଚାହିଁଥିଲେ ରହିପାରିଥାନ୍ତେ ତାଙ୍କର ନିଜ ଭାଇ ସ୍ୱନାମଧନ୍ୟ ହୋମିଓପାଥିକ ଚିକିତ୍ସକ ତଥା ଆସ୍କାର ପୂର୍ବତନ ଏମ୍.ଏଲ୍.ଏ. ଲୋକନାଥ ମିଶ୍ରଙ୍କ ଘରେ କିମ୍ବା ତାଙ୍କର ପୁତୁରା ତଥା ପୋଷ୍ୟପୁତ୍ର ରାମଚନ୍ଦ୍ର ମିଶ୍ରଙ୍କ ଘରେ । ସୂଚନାଯୋଗ୍ୟ ଯେ ତାଙ୍କର ପୁତୁରା ତଥା ପୋଷ୍ୟପୁତ୍ର ରାମଚନ୍ଦ୍ର ମିଶ୍ର ନୟାଗଡ଼ରେ ଏବଂ ପରେ ବାଙ୍କୀରେ ଏସ୍.ଡ଼ି.ଓ. ଭାବରେ ଅବସ୍ଥାପିତ ଥିଲେ । କିନ୍ତୁ ସେ କାହାରି ଉପରେ ବୋଝ ହେବାକୁ ଚାହୁଁ ନଥିଲେ । ସ୍ୱାଧୀନ ଭାବରେ ବଞ୍ଚିବାକୁ ସେ ପସନ୍ଦ କରୁଥିଲେ । କାହାର ଦୟା କିମ୍ବା ଅନୁଗ୍ରହରେ ଚଳିବାକୁ ସେ ଇଚ୍ଛା କରୁ ନଥିଲେ । ଏହା ଥିଲା ତାଙ୍କର ନୀତି ବିରୁଦ୍ଧ ।

ଲିଙ୍ଗରାଜ ବାବୁଙ୍କ ବାଟ ଘରେ ପଣ୍ଡିତ ମିଶ୍ର ରହୁଥିଲେ । କିନ୍ତୁ ସ୍ଥାନାଭାବ ହେବାରୁ ସେ ତାଙ୍କର ଗୁହାଳ ଘର ପାଖରେ ରହିଲେ । ପଣ୍ଡିତ ମିଶ୍ର ଲେଖିଛନ୍ତି – 'ମୁଁ ଗୋଟିଏ ଗୁହାଳ ଘରେ ରହିଥିଲି, ସେ ନଡ଼ା ଛପର ଘର । ତିନିପାଖ ମେଲା କହିଲେ ଚଳେ । ଶୀତ ପବନରେ ରକ୍ତହୀନ ହେଲି । ବହୁ ଔଷଦ ଖାଇ ଭଲ ହେଲି ।' ବିନାୟକ ମିଶ୍ର ଏହିପରି ଦୟନୀୟ ଭାବରେ ଜୀବନ ଅତିବାହିତ କରୁଥିଲେ । ତଥାପି ସେ ଅଧ୍ୟୟନକୁ ଚାଲୁ ରଖିଥିଲେ । ତାଙ୍କର ଜ୍ଞାନ ପିପାସା ଓ ଲେଖନ ପିପାସା ଏତେ ଥିଲା ଯେ ସେ ରାତି ପ୍ରାୟ ଦୁଇଟା ବେଳକୁ ଉଠି ଲେଖି ବସୁଥିଲେ । ହାତ ପ୍ରାୟ ଥରୁଥାଏ । ଦକ୍ଷିଣ ହସ୍ତ ପାପୁଲି ଉପରେ ବାମ ପାପୁଲି ମାଡ଼ିରଖି ସେ ଲେଖୁଥିଲେ । କେବେ କେବେ ଲିଙ୍ଗରାଜ ଦାଶଙ୍କ ପୁତ୍ର ବୈଦନାଥ ଦାଶ (ଶ୍ରୀ ବୈଦନାଥ ଦାଶ ମହାଶୟ ବର୍ତ୍ତମାନ ନୟାଗଡ଼ର ବାର୍ଆସୋସିଏସନ୍‌ର ଜଣେ ବରିଷ୍ଠ ସଦସ୍ୟ ଓ ଆଇନଜୀବୀ)ଙ୍କୁ ସେ ରାତିରେ ଉଠାନ୍ତି ଏବଂ ନିଜର ଦକ୍ଷିଣ ହାତଟିକୁ ମାଡ଼ି ଧରିବାକୁ କହନ୍ତି । ବୈଦ୍ୟନାଥ ମିଶ୍ର ହାତକୁ ମାଡ଼ି ରଖିବା ପରେ ପଣ୍ଡିତ ମିଶ୍ର ଅନେକ ସମୟ ଧରି ଲେଖିଚାଲନ୍ତି । ବିଜୁଳି ବଲ୍‌ବ ଜଳିଲେ କାଳେ କାହାର ନିଦ୍ରାରେ ବ୍ୟାଘାତ ଆସିବ, ତେଣୁ ସେ ଟର୍ଚ୍ଚବତୀ ଜାଳି ରାତିସାରା ଲେଖନ୍ତି । ଏହିପରି ଭାବରେ ବିନାୟକ ଥିଲେ ମନସ୍ୱୀ ସାଧକ ।

ବିନାୟକ ମିଶ୍ର ଶେଷ ଜୀବନରେ ଅନେକ ଦୁଃଖକଷ୍ଟ ଭୋଗକରିଛନ୍ତି । ଏକଦା ଲିଙ୍ଗରାଜ ଦାଶଙ୍କ ଗାଧୁଆ ଘରେ ପଡ଼ିଯିବାରୁ ତାଙ୍କର ପିଚା ଓ ବାମଜଙ୍ଘରେ

Digitized by PPRACHIN, SOA

ଗଭୀର ଆଘାତ ଲାଗିଥିଲା । ବୃଦ୍ଧାବସ୍ଥା ହେତୁ ସେ ଶୀଘ୍ର ଆରୋଗ୍ୟ ଲାଭକଲେ ନାହିଁ । ତାଙ୍କୁ ମାସ ମାସ ଧରି ଚିକିତ୍ସିତ ହେବାକୁ ପଡ଼ିଲା । ପୁନଶ୍ଚ ସେଠାରେ ମଶା, ମାଛି, ପିମ୍ପୁଡ଼ିଙ୍କ ଦୌରାତ୍ମ୍ୟ ଏବଂ ବର୍ଷାର ଦାଉ ସହି ନପାରି ସେ ବଜାର ପାଖାପାଖି ଗୋଟିଏ ଭଡ଼ାଘର ଖୋଜିବା ପାଇଁ ମନସ୍ଥ କଲେ । ଘରଟିଏ ଯୋଗାଡ଼ କରିଦେବା ପାଇଁ ସେ ନୟାଗଡ଼ ପୁରୁଣା ସହର ନିବାସୀ ରଘୁନାଥ ଦାସ (ବର୍ତ୍ତମାନ ସ୍ୱର୍ଗବାସୀ) ଏବଂ ଅଧ୍ୟାପକ ଅରବିନ୍ଦ ପଟ୍ଟନାୟକଙ୍କୁ ବରାବର କହୁଥିଲେ । ଅଧ୍ୟାପକ ଅରବିନ୍ଦ ପଟ୍ଟନାୟକ ଲେଖିଛନ୍ତି – 'ଥରେ ନୟାଗଡ଼ରେ ବହୁଦିନର ଅନୁପସ୍ଥିତ ରହି ଫେରିବା ପରେ ଶୁଣିଲି ବିନାୟକବାବୁ ପଡ଼ିଯାଇ ଛୋଟା ହୋଇଯାଇଛନ୍ତି । ଦେଖିବାକୁ ଗଲି, ବଡ଼ ଦୁଃଖ ଲାଗିଲା । ସେତେବଳେ ପୁଣି ସେ ଏକୁଟିଆ ଗୋଟିଏ ଘରେ ରହି ଲେଖାପଢ଼ା କରିବାକୁ ଇଚ୍ଛା କରୁଥାନ୍ତି । ସେତେବେଳେ ରହୁଥିବା ଘରଟି ଗୋଟିଏ ପ୍ରକୋଷ୍ଠ ନଥିଲା । ତିନିପଟୁ ମେଲାଥିବା ଉପର ଚାଳ ଛୁଆଣି ହୋଇଥିବା ସେଡ୍‌ଟିଏ କହିଲେ ଚଳେ । କହିଲେ – ବଡ଼ କଷ୍ଟରେ ଏଠି ଶୀତ କଟାଇଲି । ମୋତେ ଗୋଟିଏ ଘର ବୁଝିଦିଅ ।'

ଏହାପରେ ବୃଦ୍ଧ ବିନାୟକ ମିଶ୍ର ଅଧ୍ୟାପକ ଅରବିନ୍ଦ ପଟ୍ଟନାୟକଙ୍କ ସହିତ ଘର ଅନ୍ୱେଷଣରେ ବାହାରିଲେ । ନୟାଗଡ଼ କଚେରୀ ପାଖ ସାହିରେ ଥିବା ସ୍ନୋ ବ୍ରାଇଟ୍ ଲଣ୍ଡ୍ରି ନିକଟରେ ଗୋଟିଏ ଘର ଠିକ୍ ହେଲା ଏବଂ ଏହା ମାସକୁ ଭଡ଼ା ଟ୩୦ ଥିଲା । ପଣ୍ଡିତ ମିଶ୍ର ଏହି ଘରେ ରହିଲେ । ଏଠାରେ ବସବାସ କଲାବେଳକୁ ତାଙ୍କ ପାଖରେ ଥିଲା ଗୋଟିଏ ଦଉଡ଼ିଆ ଖଟ, ଗୋଟିଏ ଛୋଟ ଟେବୁଲ, ଗୋଟିଏ ବାଲ୍ଟି ଓ ଗୋଟିଏ ଟାଉ ଢାଳ । ଆଉ ଗୋଟିଏ ପୁରୁଣା ସୁଟ୍‌କେଶ । ଶୋଇବା ସରଞ୍ଜାମ ଥିଲା ମାତ୍ର ଗୋଟିଏ ସତରଞ୍ଜି, ଖଣ୍ଡେ ପୁରୁଣା ଗଦ୍ଦା ଓ ଗୋଟିଏ ଛୋଟ ତକିଆ । ବାସ୍ତବିକ ବିନାୟକ ମିଶ୍ର ଥିଲେ ସରଳ ଓ ସ୍ୱାଭିମାନୀ ପୁରୁଷ । ଏତେ ଅସୁବିଧାରେ ଥାଇ ମଧ୍ୟ ସେ ତାଙ୍କର ସାନଭାଇ କିମ୍ବା ପୋଷ୍ୟପୁତ୍ରଙ୍କର ସାହାଯ୍ୟ ଲୋଡ଼ି ନାହାନ୍ତି । ପଣ୍ଡିତ ମିଶ୍ର ଥିଲେ ଅତ୍ୟନ୍ତ ଜିଦ୍‌ଖୋର । ତେଣୁ ସେ ଯାହା ଭାବୁଥିଲେ, ତାହା ହିଁ କରୁଥିଲେ ।

ପଣ୍ଡିତ ମିଶ୍ରଙ୍କର ଏହିପରି ଦୁରବସ୍ଥା ଦେଖି ଭାଟସାହି ଲଡୁକେଶ୍ୱର ପୁରର ତାଙ୍କ ଜାମାତା ରବୀନ୍ଦ୍ର ବାବୁ ତାଙ୍କର ଚିକିତ୍ସା ପାଇଁ ଗାଁକୁ ନେଇଗଲେ । ସେହି ସମୟରେ ଭାଟସାହି ଗାଁର ବଡ଼ ନାଁ ଥିଲା । ଗୋଡ଼ଭାଙ୍ଗିଗଲେ ଚିକିତ୍ସାପାଇଁ

Digitized by PPRACHIN, SOA

ଭାଟସାହି ଗାଁର ନାମ ଡ଼ାକ ଥିଲା । ଏହି ଗ୍ରାମର ଭାଗବତ ବେହେରାଙ୍କ ପୁତ୍ର ଭିକାରୀ ଚ଼ରଣ ବେହେରା ଜଣେ ଦେଶୀ ବୈଦ୍ୟ ଓ ହାତଗୋଡ଼ ଭଙ୍ଗାର ଆସୁ ଚ଼ିକିତ୍ସକ ଥିଲେ । ବୈଦ୍ୟ ଭିକାରୀ ଚ଼ରଣ ପଣ୍ଡିତ ମିଶ୍ରଙ୍କୁ ସେକ ଓ ଅନ୍ୟାନ୍ୟ ଦେଶୀ ଉପାୟ ଚିକିତ୍ସାରେ ଆରୋଗ୍ୟ କରିଥିଲେ ।

ବାର୍ଦ୍ଧକ୍ୟରେ ପଣ୍ଡିତ ମିଶ୍ରଙ୍କର ଆର୍ଥିକ ଦୁରବସ୍ଥା ଥିଲା ନିତ୍ୟ ସହଚ଼ର । ତାଙ୍କର ଏହି ଆର୍ଥିକ ଦୁରବସ୍ଥା ସମ୍ପର୍କରେ ଅବଗତ ହୋଇ ଡକ୍ଟର କୁଞ୍ଜ ବିହାରୀ ଦାଶ 'ସମାଜ' ଓ 'ନବରବି' ପତ୍ରିକାରେ ଲେଖିବା ପରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ତତ୍କାଳୀନ ସମ୍ପାଦକ ବିନୋଦ ଚ଼ନ୍ଦ୍ର ନାୟକ ବ୍ୟକ୍ତିଗତ ଭାବରେ ଯାଇ ତାଙ୍କୁ ଏକହଜାର ଟଙ୍କା ଦେଇ ଆସିଥିଲେ । ଶେଷ ଜୀବନରେ ପଣ୍ଡିତ ମିଶ୍ର ଅଭାବଗ୍ରସ୍ତ ଥିବାରୁ 'ଓଡ଼ିଆ ଭାଷାର ଇତିହାସ'ର ସ୍ୱତ୍ୱ ଟ୫୦୦ ରେ ବିକ୍ରୟ କରି କଳାତିପାତ କରୁଥିଲେ । ତେଣୁ ସେ ଡକ୍ଟର କୁଞ୍ଜ ବିହାରୀ ଦାଶଙ୍କ ନିକଟକୁ ପତ୍ରଟିଏ ଲେଖିଥିଲେ 'ମୁଁ କାହାରିକୁ କ୍ଷତିଗ୍ରସ୍ତ କରିବାକୁ ଇଛା କରେ ନାହିଁ । ଶାରଦା ଟଙ୍କା ଦେଇଦେଲି । ୫୦୦ ଟଙ୍କା ଚୁକ୍ତି କରି ଅନନ୍ତ ମିଶ୍ରେ (ଓଡ଼ିଆ ଭାଷାର ଇତିହାସର ସତ୍ତ୍ୱ ବାବଦକୁ) ଦେଇଛନ୍ତି ।'

ଧନ ଦୃଷ୍ଟିରୁ ବିନାୟକ ଥିଲେ ନିଃସ୍ୱ, କିନ୍ତୁ ମାନ ଦୃଷ୍ଟିରୁ ସେ ଥିଲେ କୁବେର । ତାଙ୍କର ଜୀବନ ଥିଲା ସଂଗ୍ରାମୀର ଜୀବନ । ଜୀବନ ସାରା ସେ ସଂଘର୍ଷ କରି ଚାଲିଥିଲେ । ସଂଘର୍ଷରେ ସେ ପରାଜୟ ସ୍ୱୀକାର କରି ନାହାନ୍ତି । ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ନାହାନ୍ତି । ତାଙ୍କର ଅନ୍ତିମ ଜୀବନ ଅବସ୍ଥା ସଂପର୍କରେ ଦଣ୍ଡପାଣି ମିଶ୍ର କହନ୍ତି – 'ତାଙ୍କର ସ୍ତ୍ରୀ ଥିଲା, ଏବେ ସ୍ତ୍ରୀ ନାହିଁ । ପୁଅ ଥିଲା ଏବେ ପୁଅ ନାହିଁ । (ପୋଷା ପୁଅ ଗୁଞ୍ଜା ରୁଅ, ଡାକିଲା ବେଳେ ନ କରନ୍ତି ଉଅ) ଝିଅ ଥିଲା, ଝିଅ ନାହିଁ, ସ୍ୱାସ୍ଥ୍ୟ ଥିଲା, ସ୍ୱାସ୍ଥ୍ୟ ନାହି (ହାତ ଗୋଡ଼ ଭାଙ୍ଗି ଯାଇଛି), ବିଦ୍ୟାଥିଲା, ବିଦ୍ୟାନାହିଁ (ଅଜ୍ଞାନ ପରି ଆଚ଼ରଣ କରୁଛନ୍ତି, ମାଲି ମକଦ୍ଦମାରେ ଲିପ୍ତ), ତଥାପି ମନର ବଳ ଅତୁଟ ରହିଛି । ନୟାଗଡ଼ବାସୀଏ ଚାନ୍ଦା ଉଠାଇ ତାଙ୍କୁ ସାହାଯ୍ୟ କରିବାକୁ ଗଲାବେଳେ ସେ କହିଲେ – ମୁଁ ଭିକ୍ଷା ମାଗୁନାହିଁ ।''

ଜୀବନର ଶେଷ ପର୍ଯ୍ୟନ୍ତ ପଣ୍ଡିତ ମିଶ୍ର ଥିଲେ ଏକେଲା ମଣିଷ । ଅଧ୍ୟୟନ ଓ ଗବେଷଣା ଥିଲା ତାଙ୍କ ଜୀବନର ବ୍ରତ । ସାଧନାରେ ସେ ସିଦ୍ଧିଲାଭ କରିଛନ୍ତି

Digitized by PPRACHIN, SOA

ନିଶ୍ଚୟ । ସତରେ ସେ ହେଉଛନ୍ତି ସିଦ୍ଧ ବିନାୟକ । ଏହି ମହୀୟାନ୍ ପୁରୁଷଙ୍କର ଦିବ୍ୟ ସଂସର୍ଗ ଲାଭ କରିଥିବା ନୟାଗଡ଼ବାସୀଙ୍କ ମଧ୍ୟରେ ସ୍ମରଣଯୋଗ୍ୟ ବ୍ୟକ୍ତି ହେଉଛନ୍ତି ଦଣ୍ଡପାଣି ମିଶ୍ର, ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ହରିହର ମିଶ୍ର, ଅଧ୍ୟାପକ ଅରବିନ୍ଦ ପଟ୍ଟନାୟକ, ଅଧ୍ୟାପକ ନିମାଇଁ ଚରଣ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଶୂରଦେଓ, ଏସ୍.ଏମ୍. ସୋଲେମାନ୍, ରଘୁନାଥ ଦାସ, ଭୁବନେଶ୍ୱର ମିଶ୍ର, ବିଜୟ କୁମାର ବେବର୍ତ୍ତା ପଟ୍ଟନାୟକ, ବିଭୂତି ଭୂଷଣ ମିଶ୍ର ପ୍ରମୁଖ । ନୟାଗଡ଼ର ବହୁ ସାହିତ୍ୟ ସଭାରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ପଣ୍ଡିତ ବିନାୟକ ମିଶ୍ର ଯୋଗଦାନ କରିଛନ୍ତି । ୧୯୭୦ ମସିହା ଶାରଦୀୟ ପୂଜାର ମହାସପ୍ତମୀ ତିଥିରେ ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଟାଉନ୍ ହଲ୍‌କୁ ପଣ୍ଡିତ ମିଶ୍ର ଶୁଭ ଉନ୍ମୋଚନ କରିଥିଲେ ଏବଂ ଅନୁଷ୍ଠାନ ତରଫରୁ ଟାଉନ୍ ହଲକୁ 'ବିନାୟକ ଭବନ' ନାମରେ ନାମିତ କରାଯାଇଥିଲା । ବାସ୍ତବିକ୍ ବିନାୟକ ମିଶ୍ର ଏକ ବ୍ୟକ୍ତି ବିଶେଷ ନୁହଁନ୍ତି, ଏକ ଅନୁଷ୍ଠାନ ।

ସେ ଥିଲେ ଜଣେ ଅସାଧାରଣ ପ୍ରତିଭା । ତାଙ୍କ ପ୍ରତିଭାର ସମ୍ମାନ ଜଣାଇ ଓଡ଼ିଶା ସାହିତ୍ୟ ଏକାଡ଼େମୀ ୨୫/୧୨/୧୯୬୧ ମସିହାରେ ଭୁବନେଶ୍ୱର ଠାରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା ପତ୍ରରେ ଉଲ୍ଲେଖ ଥିଲା –

"ଭବଦୀୟ ସମଗ୍ର ଜୀବନ ସାହିତ୍ୟ ସାଧନାରେ ଯାପିତ ହୋଇଅଛି । କର୍ମମୟ ଜୀବନର ପ୍ରାରମ୍ଭରୁ ଆପଣ ଓଡ଼ିଆ ସାହିତ୍ୟର ବିଭିନ୍ନ ଅଭାବ ଅନୁଭବ କରି ନିଜର ସାଧନା କ୍ଷେତ୍ରରୂପେ ଗୋଟିଏ ବିଶିଷ୍ଟ ବିଭାବ ନିର୍ବାଚନ କରି ଦେଇଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ପ୍ରଣୟନ ଲାଗି ଆପଣ ବହୁ ବର୍ଷ ପୂର୍ବେ ଯେଉଁ ପ୍ରଶଂସନୀୟ ଉଦ୍ୟମ କରିଥିଲେ, ତାର ପରିସମାପ୍ତି ସଙ୍ଗେ ଓଡ଼ିଆ ସାହିତ୍ୟର ସମୃଦ୍ଧି ଅଙ୍ଗ ଘନିଷ୍ଠ ଭାବେ ସଂପୃକ୍ତ ନୁହେଁ । ଆପଣଙ୍କ ପ୍ରଣୀତ 'ଓଡ଼ିଆ ଭାଷାର ଇତିହାସ' ଓ 'ଓଡ଼ିଆ ସାହିତ୍ୟର ଇତିହାସ' ଓଡ଼ିଆ ସାହିତ୍ୟକୁ ଆପଣଙ୍କର ସର୍ବଶ୍ରେଷ୍ଠ ଦାନ । ଭାରତୀୟ ଦର୍ଶନ ପ୍ରବେଶିକା ପ୍ରଣୟନ କରି ଓଡ଼ିଆରେ ଦାର୍ଶନିକ ସାହିତ୍ୟର ସମୃଦ୍ଧି ସମ୍ପାଦନ ଲାଗି ଆପଣ ଅଭିନନ୍ଦନୀୟ କାର୍ଯ୍ୟ କରି ଅଛନ୍ତି । ଏଥି ସଙ୍ଗେ ସଙ୍ଗେ ଓଡ଼ିଆରେ ଆଲୋଚନା ସାହିତ୍ୟର ଅଭାବ ଲକ୍ଷ୍ୟ କରି ଆପଣ ବିଭିନ୍ନ ପତ୍ରିକାରେ ନାନା ଐତିହାସିକ, ସାହିତ୍ୟିକ ଓ ସଂସ୍କୃତି ମୂଳକ ପ୍ରବନ୍ଧ ପ୍ରଦାନ କରିଛନ୍ତି ।

Digitized by PPRACHIN, SOA

ଆପଣଙ୍କ ପ୍ରଣିତ 'ଓଡ଼ିଆ ସାହିତ୍ୟ ପ୍ରକାଶ' ଏହି ଦୃଷ୍ଟିରୁ ଏକାନ୍ତ ପ୍ରଣିଧେୟ । ଓଡ଼ିଶାର ଇତିହାସ ସମ୍ପର୍କୀୟ ଇଂରାଜୀ ଗ୍ରନ୍ଥ "Orissa Under the Bhauma Kings" ଏବଂ "Dynasties of Medieval Orissa" ତାତ୍ତ୍ୱିକ ଗୌରବ ଘେନି ଆପଣଙ୍କର ବଳିଷ୍ଠ ସାଧନାର ପ୍ରମାଣ ପ୍ରଦାନ କରୁଅଛି । ଆଜି ଏହି ନିଖିଳ ଉତ୍କଳ ଲେଖକ ସମ୍ମେଳନରେ ଆପଣଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ଓଡ଼ିଶା ସାହିତ୍ୟ ଏକାଡ଼େମୀ ନିଜକୁ ଗୌରବାନ୍ୱିତ ମନେ କରୁଛି ।''

ବାର୍ଦ୍ଧକ୍ୟରେ ବିନାୟକ ମିଶ୍ର କ୍ରମାଗତ ଭାବରେ ଅସୁସ୍ଥ ରହିଲେ । ଦୁର୍ବଳତା ଜନିତ ଅସୁସ୍ଥତା ଭିତରେ ସେ ବଞ୍ଚି ରହିଥିଲେ । ତଥାପି ତାଙ୍କର ଜ୍ଞାନ ପିପାସାର ଅନ୍ତ ଘଟି ନ ଥିଲା । ଅଭାବ ଭିତରେ ଥାଇ ମଧ୍ୟ ସେ ତାଙ୍କର ଗବେଷଣାକୁ ଚାଲୁ ରଖିଥିଲେ । ପଣ୍ଡିତ ମିଶ୍ରଙ୍କ ସହିତ ଐତିହାସିକ ସତ୍ୟ ନାରାୟଣ ରାଜଗୁରୁଙ୍କର ଗୋଟିଏ ଦିନର ସାକ୍ଷାତ ଜନିତ ଅନୁଭୂତିକୁ ରାଜଗୁରୁ ମହାଶୟ ନିମ୍ନୋକ୍ତ ଭାବରେ ବର୍ଣ୍ଣନା କରିଛନ୍ତି । ଏହି ବର୍ଣ୍ଣନା ଯେତିକି ପ୍ରାଣସ୍ପର୍ଶୀ, ସେତିକି ମଧ୍ୟ କାରୁଣ୍ୟ ପୂର୍ଣ୍ଣ । ରାଜଗୁରୁଙ୍କ ଭାଷାରେ – ''ସେ ଦିନ ମୁଁ ଗୋଟିଏ ବହି ପଢୁଥିଲି । ହଠାତ୍ ପଣ୍ଡିତ ମିଶ୍ରଙ୍କୁ ଦେଖି ତାଙ୍କୁ ଚଉକିରେ ବସିବାକୁ ଅନୁରୋଧ କରି ପଚାରିଲି : 'ଏତେ ବଡ଼ ଖରାରେ ଆପଣ ଯେ କେମିତି ଆସିପାରିଲେ ?' ତାଙ୍କ ହାତରେ ଗୋଟିଏ ଖାତା । ସେ ମୋ ପ୍ରଶ୍ନଟି ଏଡ଼ାଇ ଥର ଥର କଣ୍ଠରେ କହିଲେ – 'ଏଇଟା ମୋତେ ବଡ଼ ଅଡୁଆରେ ପକାଇଛି । ଆପଣ କହନ୍ତୁ ତ ଠିକ୍ କି ଭୁଲ ?' ତାପରେ ସେ ତାଙ୍କ ଖାତାରୁ କିଛି ଅଂଶ ପଢ଼ି ମୋତେ ଶୁଣାଇଲେ । ତାଙ୍କ ଲେଖାର ଚମତ୍କାର ବିଶ୍ଳେଷଣ ଓ ଯୁକ୍ତି ଆଜି ମଧ୍ୟ ମୁଁ ସ୍ମରଣ କରୁଛି । x x x ପଣ୍ଡିତ ମିଶ୍ରଙ୍କର ଉତ୍ତେଜିତ ମନୋଭାବ ଲକ୍ଷ୍ୟକରି ଅନିଚ୍ଛା ସତ୍ତ୍ୱେ ସେ ଦିନ ମୁଁ ତାଙ୍କୁ ପ୍ରବୋଧନା ଦେଇ କହିଲି – 'ବୋଧ ହୁଏ ପରମାନନ୍ଦ ବାବୁ ଭଲଭାବେ ଆପଣଙ୍କ ଲେଖାର ତାତ୍ପର୍ଯ୍ୟ ବୁଝି ନ ଥିବେ । କିମ୍ବା ସେ ଅନ୍ୟମନସ୍କ ହୋଇ ଶୁଣିଥିବେ ।' ମୁଁ ଏମିତି ଆଉ କିଛି ସାନ୍ତ୍ୱନା ଦେବାକୁ ଯାଉଛି ହଠାତ୍ ଦେଖିଲି ପଣ୍ଡିତ ମିଶ୍ର ଚଉକିରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ତାଙ୍କ ହାତରୁ ଖାତାଟି ତଳକୁ ଖସି ପଡ଼ିଲା । ମୁଁ ବ୍ୟସ୍ତ ହୋଇ ତାଙ୍କ ମୁହଁରେ ପାଣି ସିଞ୍ଚି ସଚେତ କଲି । ତା'ପରେ ପାଖ ଅଫିସରୁ ମୋର ବନ୍ଧୁ ଶ୍ରୀଯୁକ୍ତ ସୁଶୀଳ ଚନ୍ଦ୍ର ଦେ ଓ କେଦାରନାଥ ମହାପାତ୍ରଙ୍କୁ ଡକାଇ ତାଙ୍କର ଶୁଶ୍ରୂଷା କରିବାକୁ ଲାଗିଲି । ପରେ ଦେଖାଗଲାଯେ ତାଙ୍କ ଦେହରେ ସେତେବେଳେ ପ୍ରାୟ ୧୦୨° F

Digitized by PPRACHIN, SOA

କ୍ସର ଥିଲା । ପରେ ଶୁଣିଲି, ଅର୍ଥାଭାବରୁ ଦୁଇଦିନ ହେଲା ସେ କିଛିହେଲେ ଖାଇ ନ ଥିଲେ । ବୋଧହୁଏ ସେ ଦିନ ଧାର କରି ହୋଟେଲରୁ କିଛି ମିଷ୍ଟାନ୍ନ ଖାଇ ସେହି ପ୍ରଚଣ୍ଡ ଖରାରେ ଆସିଥିଲେ । ବୋଧହୁଏ ତାଙ୍କ ସେହି ଲେଖାଟିର କେତେକ ଅଂଶ ମୋତେ ଓ ପରମାନନ୍ଦ ବାବୁଙ୍କୁ ଶୁଣାଇବେ ବୋଲି । x x x ସୁଶୀଲବାବୁ କେଉଁଠି ଖଣ୍ଡେ ରିକ୍ସା ଡାକିଆଣି ପଣ୍ଡିତ ମିଶ୍ରଙ୍କୁ ସେଥିରେ ଧରି ନେଇଗଲେ ହସ୍ପିଟାଲକୁ । ମୋ ଅଫିସରେ ତାଙ୍କର ପକେଟ ଘଣ୍ଟାଟି ଓ ସେଇ ଖାତା ଖଣ୍ଡିକ ପଡ଼ିଥିଲା । ମୁଁ ତାହା ସଂଗ୍ରହ କରି ଆଲ୍‌ମିରାରେ ରଖିଦେଲି । ତିନିଚାରି ଦିନ ପରେ ହସ୍‌ପିଟାଲ୍‌ରୁ ସେ ଫେରିଆସି ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କହିଲେ – "ରାଜଗୁରୁ ବାବୁ ! ଦେହ ବଡ଼ ଦୁର୍ବଳ । ବୋଧହୁଏ କିଛିଦିନ ଲେଖି ପାରିବି ନାହିଁ । ହଉ ଆପଣଙ୍କୁ ଆଉଦିନେ ଆସି ଦେଖା କରିବି । ଋଗ୍‌ବେଦର ଜନ୍ମଭୂମି ଆମର ଏ ଓଡ଼ିଶା ବୋଲି ସେତେବେଳେ ମୁଁ ଆହୁରି ଅଧିକ ପ୍ରମାଣ ସଂଗ୍ରହ କରି ଆସିବି ।' ମୁଁ କହିଲି – 'ଆଗେ ଆପଣ ସ୍ୱାସ୍ଥ୍ୟ ଲାଭ କରନ୍ତୁ, ପଛେ ସେସବୁ ବିଚାର କରିବେ । ସେ ଟିକିଏ ହସି ଦେଇ ଥର ଥର ହୋଇ ମ୍ୟୁଜିୟମ୍‌ରୁ ଚାଲିଗଲେ ।"

୧୯୭୦ ମସିହା ବେଳକୁ ପଣ୍ଡିତ ମିଶ୍ର ୭୬ ବର୍ଷରେ ପଦାର୍ପଣ କରିଥିଲେ । ସେତେବେଳକୁ ସେ ଅତ୍ୟନ୍ତ କ୍ଷୀଣ ଓ ଦୁର୍ବଳ ହୋଇପଡ଼ିଥିଲେ । ଅନେକ ସମୟରେ ବାଟରେ ଆସୁ ଆସୁ ମଧ୍ୟ ପଡ଼ିଯାଉଥିଲେ । ୧୯୭୧ ମସିହା ମେ ମାସ ୧୭ ତାରିଖ ଦିନର କଥା । ଶରଣକୁଳରେ ସଦାନନ୍ଦ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବି ସଦାନନ୍ଦଙ୍କ ଜୟନ୍ତୀ ପାଳିତ ହେଉଥାଏ । ଏହି ଅବସରରେ ପଣ୍ଡିତ ମିଶ୍ରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥାଏ । ବେତ୍ରାସନରେ ବସି ସେ ସନ୍ତୋଷ ଚିତ୍ତରେ ସବୁ ଲକ୍ଷ୍ୟ କରୁଥାନ୍ତି । ସମସ୍ତଙ୍କର ଅନୁରୋଧକ୍ରମେ ସେ ଅତି କ୍ଷୀଣ ଓ ଅନୁଚ୍ଚ ସ୍ୱରରେ ବୈଷ୍ଣବ ସାହିତ୍ୟ ସମ୍ପର୍କରେ ଦୁଇତିନି ମିନିଟ୍ କହିବାପରେ ତାଙ୍କ ବକ୍ତବ୍ୟରେ ଅସଂଲଗ୍ନତା ଲକ୍ଷ୍ୟ କରାଗଲା । ସେ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଲେ । ତଥାପି ସେ ମଞ୍ଚରେ ବସି ରହି ନିମନ୍ତ୍ରିତ ବକ୍ତା ମାନଙ୍କର ବକ୍ତବ୍ୟ ଶୁଣୁଥାନ୍ତି ଏବଂ ମଝିରେ ମଝିରେ ଆପଣାର ମତ ବ୍ୟକ୍ତ କରୁଥାନ୍ତି । ଏହି ସଭା ହିଁ ବୋଧ ହୁଏ ଥିଲା ପଣ୍ଡିତ ବିନାୟକ ମିଶ୍ରଙ୍କର ଜୀବନର ଶେଷ ସାହିତ୍ୟ ସଭା ।

ବିନାୟକ ମିଶ୍ର ଜୀବନର ଅନ୍ତିମ ସମୟରେ ବହୁ ଯନ୍ତ୍ରଣା ଓ ଦୁଃଖ ପାଇଛନ୍ତି । ସେ ଥିଲେ ଏକାନ୍ତ ନିଃସ୍ୱ ଓ ଅସହାୟ । ସେ ନୟାଗଡ଼ରେ ଭଡାଘରେ

Digitized by PPRACHIN, SOA

ଏକାକୀ ରହୁଥିଲେ ଓ ହୋଟେଲରେ ଖାଉଥିଲେ । କ୍ରମେ ସେ ଅସୁସ୍ଥ ହୋଇ ପଡ଼ିଲେ । ଜ୍ୱର ଅଧିକ ହେଲା । ଜୀବନ ହେଲା ସଙ୍କଟାପନ୍ନ । ତେଣୁ ୧୯୭୧ ମସିହା ଜୁଲାଇ ମାସ ୨୬ ତାରିଖଦିନ ତାଙ୍କୁ ତାଙ୍କର ଝିଅାରି ଜ୍ୱାଇଁ କିଶୋର ମିଶ୍ର, ଜାମାତା ରବୀନ୍ଦ୍ର ନାଥ ମିଶ୍ର ପ୍ରଭୃତି କେତେଜଣ ଗଞ୍ଜାମ ଜିଲ୍ଲା ଆସ୍କାରେ ରହୁଥିବା ତାଙ୍କର ସାନଭାଇ ଲୋକନାଥ ମିଶ୍ରଙ୍କ ଘରେ ଛାଡ଼ି ଦେଇ ଆସିଲେ । ତାଙ୍କୁ ଯେତେବେଳେ ହରେକୃଷ୍ଣପୁରର ନରସିଂହ ଖଣ୍ଡା ବାବୁଙ୍କର ଗାଡ଼ିରେ ଆସ୍କା ନିଆଗଲା, ସେତେବେଳେ ସେ ମୂର୍ଚ୍ଛା ଯାଇଥିଲେ । ପାଣି ସିଞ୍ଚି ଓ ଗ୍ଲୁକୋଜ୍ ପାଣି ପିଆଇବା ପରେ ତାଙ୍କର ଚେ଼ତା ଆସିଲା ଓ ସେ କ୍ଷୀଣ ସ୍ୱରରେ କହିଲେ – 'ମୋତେ କୁଆଡ଼େ ନେଉଛ ?' ତାଙ୍କୁ ଆସ୍କା ନିଆଯାଉଛି ବୋଲି କହିବାରୁ ସେ କହିଥିଲେ – 'ମୁଁ ଆସ୍କା ଯିବି ନାହିଁ ।' ଏହା କହି ସେ ପୁନଶ୍ଚ ମୂର୍ଚ୍ଛାଯାଇଥିଲେ । ଏହାପରେ ତାଙ୍କୁ ଆସ୍କା ନିଆଯାଇଥିଲା ।

ଏହି ସମୟ ବେଳକୁ ନୟାଗଡ଼ର ତତ୍କାଳୀନ ନଗରପାଳ ତଥା ବିନାୟକ ମିଶ୍ରଙ୍କ ହିତୈଷୀ ରଘୁନାଥ ଦାସ କୌଣସି କାମ ବଶତଃ ଭୁବନେଶ୍ୱର ଯାଇଥାନ୍ତି । ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ସେ ଅଧ୍ୟାପକ ନିମାଇଁ ଚ଼ରଣ ପଟ୍ଟନାୟକଙ୍କଠାରୁ ଶୁଣିଲେ ଯେ ପଣ୍ଡିତ ମିଶ୍ର ବିଶେଷ ଅସୁସ୍ଥ । ତାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ତାଙ୍କ ସାନଭାଇ ଲୋକନାଥ ମିଶ୍ରଙ୍କ ଘରେ ଛାଡ଼ି ଦିଆଯାଇଛି । କ୍ରମେ ତାଙ୍କର ଅବସ୍ଥା ଅତି ସଙ୍କଟାପନ୍ନ ହେଲା । ସେଠାରେ ତାଙ୍କର ଆତ୍ମୀୟ ସ୍ୱଜନଙ୍କର ସମସ୍ତ ଚେ଼ଷ୍ଟା ବିଫଳ ହେଲା । ପଣ୍ଡିତ ମିଶ୍ର ସମସ୍ତଙ୍କୁ ପର କରିଦେଇ ୧୯୭୧ ମସିହା ଅଗଷ୍ଟ ମାସ ୫ ତାରିଖ ଗହ୍ମାପୂର୍ଣ୍ଣିମା ପୂର୍ବଦିନ ଗୁରୁବାର ସନ୍ଧ୍ୟା ଛ'ଟା ବେଳେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ପଣ୍ଡିତ ବିନାୟକ ମିଶ୍ରଙ୍କର ଦୀର୍ଘ ୭୭ ବର୍ଷ ଜୀବନର ଅବସାନ ଘଟିଲା । ଋଷିକୁଲ୍ୟା ନଦୀ ତଟରେ ଚି଼ତାନଳ ତାଙ୍କର ମର ଶରୀରକୁ ଗ୍ରାସ କଲା । ତାଙ୍କର ଜାମାତା ରବୀନ୍ଦ୍ର ନାଥ ମିଶ୍ର କହନ୍ତି – ପଣ୍ଡିତଙ୍କ ସାନଭାଇ ଲୋକନାଥ ମିଶ୍ର ତାଙ୍କୁ ମୁଖାଗ୍ନି ଦେଇଥିଲେ । ଏଣେ ନୟାଗଡ଼ରେ ଏ ଦୁଃସମ୍ବାଦ, ପ୍ରଚାରିତ ହେଲା । ଯେ ଶୁଣିଲା, ସେ କହିଲା – 'ଆହା ପଣ୍ଡିତ ମହାଶୟ ଚାଲିଗଲେ ।'

ପଣ୍ଡିତ ମିଶ୍ରଙ୍କ ଜୀବନାବସାନ ସମ୍ବାଦ ପ୍ରଚାରିତ ହେବାପରେ ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳି ଯାଇଥିଲା । ଜଣେ ନିଷ୍ଠାପର ଗବେଷକଙ୍କର ତିରୋଧାନ ଏ ଜାତି ପକ୍ଷରେ ଥିଲା ଅତ୍ୟନ୍ତ ଅପୂରଣୀୟ କ୍ଷତି । ଜ୍ଞାନ

Digitized by PPRACHIN, SOA

ତପସ୍ୱୀ ପଣ୍ଡିତ ବିନାୟକଙ୍କ ସାଧନାର ଦୀପାଳୀ ସବୁଦିନ ପାଇଁ ନିର୍ବାପିତ ହେଲା । ପଣ୍ଡିତ ବିନାୟକ ମିଶ୍ର ଏକ ପ୍ରାତଃ ସ୍ମରଣୀୟ ବ୍ୟକ୍ତିତ୍ୱ । ସେ ଏକ ଅର୍ନିବାଣ ଦୀପଶିଖା । ସେ ଶିଖା ଲିଭିବାର ନୁହେଁ । ତାଙ୍କ ପରି ବିରଳ ମନୀଷୀଙ୍କ ପାଇଁ ଆମେ ଗର୍ବ କରିବାର କଥା । ସେ ଥିଲେ ସ୍ୱାଭିମାନୀ ପୁରୁଷ । ପରୋପକାରୀ, ଶ୍ରଦ୍ଧାଶୀଳ, ମାନବ ବାଦୀ ମହାଜନ । ସଂଗ୍ରାମୀ ପରୁଷ ସେ । ଜୀବନ ସଂଗ୍ରାମରେ ସେ ହାରିଯାଇନାହାନ୍ତି । ପୃଥିବୀ ବିଖ୍ୟାତ ଇଂରାଜୀ ଔପନ୍ୟାସିକ Earnest Hemingwayଙ୍କର କାଳଜୟୀ ଉପନ୍ୟାସ 'The Oldman and the Sea'ର ନାୟକ ବୃଦ୍ଧ କୈବର୍ତ୍ତ Santiago ପରି ସଂଗ୍ରାମୀ ବିନାୟକ ଜୀବନ ସଂଗ୍ରାମରେ ଲଢ଼ି ବିଜୟୀ ହୋଇଛନ୍ତି, କିନ୍ତୁ ଭାଙ୍ଗି ପଡ଼ି ନାହାନ୍ତି । ଦୁଃଖ, ଯନ୍ତ୍ରଣା ଓ ଅଭାବ ବୋଧ ଭିତରେ ଥିଲା ତାଙ୍କର ଜୀବନର ଜୟଯାତ୍ରା । ସେ ଦୀର୍ଘ ଯାତ୍ରାପଥ ଅତିକ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି । ଦୁଃଖ ବା ତାଙ୍କର କ'ଣ କରିପାରେ ? ବିଶ୍ୱକବି ରବୀନ୍ଦ୍ରଙ୍କ ଭାଷାରେ – "ଦୁଃଖେ ଯାଦେର ଜୀବନ ଗଢ଼ା, ତାଦେର ଆବାର ଦୁଃଖ କିରେ ।" ସାଣ୍ଟିଆଗୋ ପରି ତାଙ୍କର ଜୀବନଦର୍ଶନ ଥିଲା – "A man can be destroyed, but never defeated".

ଲୋକରତ୍ନ ପ୍ରଫେସର ଡଃ କୁଞ୍ଜବିହାରୀ ଦାଶ ପଣ୍ଡିତ ବିନାୟକ ମିଶ୍ରଙ୍କୁ ଯେଉଁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି, ତହା ଏଠାରେ ଉଲ୍ଲେଖଯୋଗ୍ୟ –

"ଭଙ୍ଗା ତୁମ କଲମ ପାଖେ
          ବିପଦ ଗଲା ହାରି
ଯେ ଇତିହାସ ଲେଖିଲ ତୁମେ
          ବୟସ ବଳ ଝାଡ଼ି
ସେ ଇତିହାସୁଁ ତୁମେ ଯେ ହେଲ ବଡ଼
ଭୌମ ସୋମ ଗଙ୍ଗ ତେଜି ସେ ଇତିହାସ ପଢ

x x x

ବୋହୁଚି ତାର କଙ୍କାଳରୁ ଝଡ଼
ଅଶ୍ରୁଧାରେ ଆମ୍ଭୁଲା ଜାତି
          ସେ ଇତିହାସ ପଢ ।"

Digitized by PPRACHIN, SOA

ବାସ୍ତବରେ ପଣ୍ଡିତ ବିନାୟକ ମିଶ୍ର ହାରିଯିବାର ମଣିଷ ନ ଥିଲେ । ସେ ଥିଲେ ସୁଖ ଓ ଦୁଃଖର ଉର୍ଦ୍ଧ୍ୱରେ । ସେ ଥିଲେ ନିର୍ବିକାର ଓ ନିରାସକ୍ତ ସାଧକ । ସ୍ଥିତପ୍ରଜ୍ଞ । ତାଙ୍କର ସାଧନା ଓ ଗବେଷଣା ଓଡ଼ିଆ ଇତିହାସର ବହୁ ଅଜ୍ଞାତ ତଥ୍ୟକୁ ଲୋକଲୋଚନକୁ ଆଣି ପାରିଛି । ତାଙ୍କର ଲେଖନୀ ଅଟକ ଯାଇନି । ସେ ଯଥାର୍ଥରେ ଥିଲେ ଓଡ଼ିଶାର ସ୍ୱନାମଧନ୍ୟ ଗବେଷକ ମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ଗଭୀର ଅଧ୍ୟବସାୟ ଓ ତୀବ୍ରଜ୍ଞାନ ପିପାସା ଯୋଗୁଁ ସେକାଳର ମୁଷ୍ଟିମେୟ ଜ୍ଞାନୀ ବିଦ୍ୱାନ ବ୍ୟକ୍ତି ମାନଙ୍କ ମଧ୍ୟରେ ତାଙ୍କ ସ୍ଥାନ ଥିଲା ଉର୍ଦ୍ଧ୍ୱରେ । ଓଡ଼ିଆ ଭାଷା ଓ ସାହିତ୍ୟର ସମୁନ୍ନତି ବିଧାନ ନିମିତ୍ତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଯେପରି ଏକ ନିଷ୍ଠ ଉଦ୍ୟମ ରଖିଥିଲେ, ସେହିପରି ପଣ୍ଡିତ ବିନାୟକ ମିଶ୍ର ଭାଷା ଓ ସାହିତ୍ୟର ଉନ୍ନତି ନିମିତ୍ତ ମନପ୍ରାଣ ଢ଼ାଳି ଦେଇଥିଲେ । ପଣ୍ଡିତ ମିଶ୍ରଙ୍କର ଗବେଷଣା ଓ ସାହିତ୍ୟ ସାଧନା ହିଁ ତାଙ୍କୁ ଯୁଗଯୁଗ ପାଇଁ ଅମର କରି ରଖିଥିବ, ଏଥିରେ ସନ୍ଦେହ ନାହିଁ । ବିନାୟକଙ୍କର ପରିଚୟ ଅଗାମୀ ଦିନରେ ହେବ –

"ଆପଣ ହିଁ ଓଡ଼ିଶାର
ଶ୍ରେଷ୍ଠ ପ୍ରାଜ୍ଞ, ମନୀଷୀ ଓ ସ୍ରଷ୍ଟା
ଆପଣ ହିଁ ଉତ୍କଳର ଶ୍ରେଷ୍ଠ ପୁରସ୍କାର ।
ହେ ଜିଜ୍ଞାସୁ ! ଚିର ଗବେଷକ
ତମେ ଏକ ସଂସ୍କୃତି ଓ ତମେ ପୁଣି ବିରୁଦ୍ଧ ଏକକ ।"

– ଅଧ୍ୟାପକ ହରିହର ମିଶ୍ର

* * *

Digitized by PPRACHIN, SOA

ଉପସଂହାର

ପଣ୍ଡିତ ମିଶ୍ର ଏ ଜାତିର ନମସ୍ୟ । ସେ ଥିଲେ ଏକ ଅସାଧାରଣ ବ୍ୟକ୍ତିତ୍ୱ । ସେ ଥିଲେ ବିଜ୍ଞ ଅଧ୍ୟାପକ । ଜ୍ଞାନ ତପସ୍ୱୀ । ସାହିତ୍ୟ ଓ ଇତିହାସର ବିଶେଷଜ୍ଞ । ଉଚ୍ଚକୋଟୀର ଗବେଷକ । ନିଜର ଶ୍ରମ, ସାଧନା, ନିଷ୍ଠା, ଗବେଷଣା ଓ ଅଧ୍ୟବସାୟ ବଳରେ ସେ ଜଣେ ଉଚ୍ଚକୋଟୀର ବିଦ୍ୱାନ ମନୀଷୀ ରୂପେ ପରିଚିତି ଲାଭ କରିଥିଲେ । ସେ ଥିଲେ ଜ୍ଞାନ ପିପାସୁ । ଜ୍ଞାନ ଲିପ୍‌ସୁ ମନନେଇ ସେ ତାଙ୍କର ଜୀବନକୁ ଅତିବାହିତ କରିଛନ୍ତି । ନିରନ୍ତର ଗବେଷଣା କର୍ମରେ ନିଜକୁ ନିୟୋଜିତ କରି ଜଣେ ସିଦ୍ଧିବାନ ଅଧ୍ୟାପକ, ସାହିତ୍ୟିକ ଓ ଐତିହାସିକ ରୂପେ ସୁଖ୍ୟାତି ଅର୍ଜନ କରିଛନ୍ତି । ସେ ହେଉଛନ୍ତି ଜଣେ ସ୍ମରଣୀୟ ପୁରୁଷ ଓ ସମର୍ଥ ଅଧ୍ୟାପକ । ଜଣେ ଅଧ୍ୟାପକଙ୍କର ବଡ଼ତେଜ ହେଉଛି ତାଙ୍କର ଜ୍ଞାନ । ଜ୍ଞାନର ଉତ୍ସୁକତା ଓ ଆଗ୍ରହଶୀଳତା ଅଧ୍ୟାପକଙ୍କ ଭୂଷଣ । ଶବ୍ଦର ଜଗତ, ଭାବର ଜଗତ, ଗବେଷଣାର ଜଗତ, ଜିଜ୍ଞାସାର ଜଗତ, ଜ୍ଞାନର ଜଗତ – ଏସବୁ ଜଣେ ସମର୍ଥ ଅଧ୍ୟାପକର ଖାନ୍‌ଦାନୀ । ଅଧ୍ୟାପକ ବିନାୟକ ମିଶ୍ର ଏହି ଚେ଼ତନାକୁ ମନରେ ଧାରଣ କରି ସାଧନା ଓ ଗବେଷଣା କର୍ମରେ ବ୍ୟାପୃତ ଥିଲେ । ସେ ଥିଲେ ଜ୍ଞାନର ପୂଜାରୀ । ତପସ୍ୟାରତ ଅନାସକ୍ତ ସନ୍ନ୍ୟାସୀପରି ସାରସ୍ୱତ ସାଧନାରେ ସେ ମଗ୍ନଥିଲେ । ତାଙ୍କ ପରି ବିଜ୍ଞ ଅଧ୍ୟାପକ ଏ ଯୁଗରେ ସାତସ୍ୱପ୍ନ ଅଟନ୍ତି ।

ଗୀତାଶାସ୍ତ୍ରଙ୍କର ଗୋଟିଏ ଉକ୍ତି ଏଠାରେ ସ୍ମର୍ତବ୍ୟ । ତାହା ହେଉଛି –

“ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ, ତତ୍‌ପରଃ ସଂଯତେନ୍ଦ୍ରିୟଃ
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତି ମଚିରେଣାଧିଗଚ୍ଛତି ।”

(ଚତୁର୍ଥ ଅଧ୍ୟାୟ / ଶ୍ଳୋକ – ୩୯)

ଅର୍ଥାତ୍ ଜ୍ଞାନ ବିଷୟରେ ତତ୍ପର, ଶ୍ରଦ୍ଧାବାନ୍ ଓ ଜିତେନ୍ଦ୍ରିୟ ପୁରୁଷ ଜ୍ଞାନ ଲାଭକରେ । ଜ୍ଞାନ ଲାଭକଲେ ଅବିଳମ୍ବରେ ଚିରଶାନ୍ତି ପ୍ରାପ୍ତି ହୁଏ ।

Digitized by PPRACHIN, SOA

ପବିତ୍ର ଗୀତା ଗ୍ରନ୍ଥର ଏହି ଶାଶ୍ୱତ ବାଣୀ ପଣ୍ଡିତ ବିନାୟକ ମିଶ୍ରଙ୍କର ଜୀବନ ଓ ସାଧନା ପ୍ରତି ପ୍ରଯୁଜ୍ୟ ଅଟେ । ଇନ୍ଦ୍ରିୟ ସୁଖ, ଭୋଗ ବିଳାସ, ବସ୍ତୁବାଦୀ ଚିନ୍ତାଧାରା ଠାରୁ ବହୁ ଦୂରରେ ରହି ବିଦ୍ୱାନ ବିନାୟକ ସାହିତ୍ୟ ଓ ଇତିହାସ ଗବେଷଣାରେ ଯେପରି ସଫଳତା ଲାଭ କରିଛନ୍ତି, ତାହା ଯଥାର୍ଥରେ ଅନନ୍ୟ ଓ ଅବିସ୍ମରଣୀୟ । ସାହିତ୍ୟ ସାଧନା କ୍ଷେତ୍ରରେ ସେ ତାଙ୍କର ସମକାଳୀନ ଆର୍ତ୍ତ ବଲ୍ଲଭ ମହାନ୍ତି, ମୃତ୍ୟୁଞ୍ଜୟ ରଥ, ତାରିଣୀ ଚରଣ ରଥ, ପଣ୍ଡିତ କୁଳମଣି ଦାଶଙ୍କ ତୁଲ୍ୟ ସମକକ୍ଷ । ସେହିପରି ଓଡ଼ିଶାର ଇତିହାସ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ସେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ଡକ୍ଟର ସତ୍ୟନାରାୟଣ ରାଜଗୁରୁ ପ୍ରଭୃତିଙ୍କ ତୁଲ୍ୟ ସମର୍ଥ । ପଣ୍ଡିତ ବିନାୟକ ମିଶ୍ର କେବଳ ଓଡ଼ିଶାରେ କାହିଁକି, ସେ ଭାରତର ତତ୍କାଳୀନ ବୁଦ୍ଧିଜୀବୀ ଓ ଅଧ୍ୟାପକ ମଣ୍ଡଳୀର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସେ ସର୍ବଦା ମନରେ ଧାରଣ କରିଥିଲେ – "Research is not a work, but an attitude", ଅର୍ଥାତ୍ ଗବେଷଣା ଏକ କର୍ମ ନୁହେଁ, ଏହା ଏକ ମନୋବୃତ୍ତି । ଏହି ଦୃଷ୍ଟି ଭଙ୍ଗୀ ନେଇ ପଣ୍ଡିତ ମିଶ୍ର ସାରସ୍ୱତ ସାଧନାରେ ବ୍ରତୀ ଥିଲେ । ପଣ୍ଡିତ ମିଶ୍ରଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଭାଷାର ଇତିହାସ' 'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ଏବଂ 'ଓଡ଼ିଆ ସାହିତ୍ୟ ପ୍ରକାଶ ୧ମ ଓ ୨ୟ ଭାଗ' ତାଙ୍କର ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କିତ ଅଧ୍ୟୟନ ଓ ଅନୁଶୀଳନର ଯଥାର୍ଥ ଆଲୋଚ୍ନା ବହନ କରେ । ଓଡ଼ିଆ ସମାଲୋଚ୍ନା ସାହିତ୍ୟ ଜଗତରେ ପଣ୍ଡିତ ମିଶ୍ରଙ୍କର ଏହି ଗ୍ରନ୍ଥଗୁଡ଼ିକର ସ୍ୱାତନ୍ତ୍ର୍ୟ ରହିଛି । ସାରସ୍ୱତ ଅନ୍ୱେଷାର ଅନ୍ୟତମ ପୂଜାରୀ ଅଧ୍ୟାପକ ବିନାୟକ ମିଶ୍ରଙ୍କର ସାଧନା ପ୍ରସୂତ ଏହି ଗ୍ରନ୍ଥଗୁଡ଼ିକ ଓଡ଼ିଆ ସମାଲୋଚ୍ନା ସାହିତ୍ୟ ଜଗତକୁ ଅନବଦ୍ୟ ଅବଦାନ ।

ପଣ୍ଡିତ ବିନାୟକ ମିଶ୍ର ଭାରତ ତଥା ଓଡ଼ିଶାର ସଂସ୍କୃତି ଓ ଇତିହାସକୁ ନେଇ ପ୍ରଣୟନ କରିଥିବା "Indian Culture and Cult of Jagannath" ପୁସ୍ତକଟି ଏକ ପ୍ରାମାଣିକ ଗ୍ରନ୍ଥ । ସେହିପରି "Dynasties of Medieval Orissa" ଏବଂ "Orissa under the Bhauma Kings" ଗ୍ରନ୍ଥଦ୍ୱୟ ତାଙ୍କର ସାଧନା, ଗବେଷଣା ଓ ଅଧ୍ୟୟନର ଅମୃତମୟ କୃତି । ଏହି ଗ୍ରନ୍ଥ ଗୁଡ଼ିକରେ ପଣ୍ଡିତ ମହାଶୟ ନିଜର ମତାମତ ଓ ସିଦ୍ଧାନ୍ତକୁ ଯୁକ୍ତି ଜରିଆରେ ଉପସ୍ଥାପନ କରି ଏବଂ ପ୍ରମାଣିତ ତଥ୍ୟକୁ ଅବଲମ୍ବନ କରି ଉପସ୍ଥାପନ କରିଛନ୍ତି । ସ୍ଥାନେ ସ୍ଥାନେ ବିଦ୍ୱାନମଣ୍ଡଳୀ ପଣ୍ଡିତ

Digitized by PPRACHIN, SOA

ମିଶ୍ରଙ୍କର ସିଦ୍ଧାନ୍ତ ସହିତ ଏକମତ ନ ହେବାର ଅବକାଶ ରହିଛି ନିଶ୍ଚୟ । କିନ୍ତୁ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗଟି ଏହି ଯେ ପଣ୍ଡିତ ବିନାୟକ ଥିଲେ ଜଣେ ଅସାଧାରଣ ନୀରବ ସାଧକ । ଜୀବନବ୍ୟାପୀ ସେ ସାଧନାର ସାମ ସଂଗୀତ ଗାନ କରିଯାଇଛନ୍ତି । ସେ ଏକ କାଳଜୟୀ ପ୍ରତିଭା । ଓଡ଼ିଶାର ଏହି ବରେଣ୍ୟ ସାଧକ ବିଦ୍ୱାନ ଓ ବୁଦ୍ଧିଜୀବୀ ମଣ୍ଡଳୀର ହୃଦୟରେ ସ୍ଥାନ ପାଇଛନ୍ତି ନିଶ୍ଚୟ । ସେ ଥିଲେ ସାଧନାର ଏକ ଦୀପ ଶିଖା ।

* * *

ସହାୟକ ଗ୍ରନ୍ଥ ସୂଚୀ

୧. ଆଚାର୍ଯ୍ୟ, ଡ଼. ବୃନ୍ଦାବନ ଚନ୍ଦ୍ର–ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ୧୯୭୪

୨. କର, କରୁଣାକର – ଓଡ଼ିଆ ସାହିତ୍ୟ ଇତିହାସର ସମାଲୋଚନା, ୧୯୨୯

୩. ଦାଶ, ଡ଼. କୁଞ୍ଜବିହାରୀ – ଜୀବନୀ ଓ ଜୀବନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୧

୪. ମିଶ୍ର, ପଣ୍ଡିତ ବିନାୟକ – ଓଡ଼ିଆ ଭାଷାର ଇତିହାସ, ୧୯୨୭/ଓଡ଼ିଆ ସାହିତ୍ୟର ଇତିହାସ, କଟକ, ୧୯୨୮/ଭାରତୀୟ ଦର୍ଶନ ପ୍ରବେଶିକା, ୧୯୪୭/ଓଡ଼ିଆ ସାହିତ୍ୟ ପ୍ରକାଶ, ୧ମ ଓ ୨ୟ ଭାଗ, ୧୯୪୯/ଓଡ଼ିଆ ଛାନ୍ଦ ସାହିତ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୫୮/ଓଡ଼ିଆ ଭାଷାର ପୁରାତତ୍ତ୍ୱ, ୧ମ ଓ ୨ୟ ଭାଗ, ୧୯୬୫/ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, ୧୯୬୮

୫. Mishra, Pt. Binayak - Dynasties of Medieval Orissa, 1933/Orissa Under the Bhauma Kings, 1934/ Indian Culture and Cult of Jagannath, 1986.

୬. ପଣ୍ଡିତ ବିନାୟକ ସ୍ମରଣିକା, ନୟାଗଡ଼, ୧୯୭୨

୭. ସାମନ୍ତରାୟ, ନଟବର– ଓଡ଼ିଆ ସାହିତ୍ୟର ଇତିହାସ(୧୮୦୩–୧୯୨୦),୧୯୮୩

୮. A Bibliography on Lord Jagannath, Shri Vihar, Puri, 1992

୯. Selections from English Poetry, B S E (O), 1976

ସାକ୍ଷାତକାର

୧. ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର, ଶରଣକୁଳ, ନୟାଗଡ଼ ।

୨. ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ମିଶ୍ର, ଭାଟସାହି, ନୟାଗଡ଼ ।

୩. ଶ୍ରୀଯୁକ୍ତ ବୈଦ୍ୟନାଥ ଦାଶ, ନୟାଗଡ଼ ।

୪. ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

Digitized by PPRACHIN, SOA

ଡକ୍ଟର ପ୍ରେମାନନ୍ଦ ମହାପାତ୍ର ବୃତ୍ତିରେ ଜଣେ କୃତବିଦ୍ୟ ଅଧ୍ୟାପକ ଏବଂ ପ୍ରବୃତ୍ତିରେ ଜଣେ ଦକ୍ଷ ଆଲୋଚକ, ସୁବକ୍ତା, ପ୍ରାବନ୍ଧିକ ଏବଂ ସ୍ୱନାମଧନ୍ୟ ଗବେଷକ । ସେ "ଓଡ଼ିଆ ସାହିତ୍ୟକୁ ନୟାଗଡ଼ ଜିଲ୍ଲାର ଅବଦାନ" ଶୀର୍ଷକ ନିବନ୍ଧ ପ୍ରସ୍ତୁତ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡ଼ିଗ୍ରୀ ପ୍ରାପ୍ତ ହୋଇଛନ୍ତି । "ମନସ୍ୱୀ ସାଧକ : ପଣ୍ଡିତ ବିନାୟକ ମିଶ୍ର" ତାଙ୍କର ଏକ ସଫଳ ଆଲୋଚନାଧର୍ମୀ ପୁସ୍ତକ । ସେ ଏଥିରେ ପଣ୍ଡିତ ମିଶ୍ରଙ୍କର ବ୍ୟକ୍ତିତ୍ୱ ଏବଂ କୃତିତ୍ୱକୁ ବିଭିନ୍ନ ଦିଗରୁ ଆଲୋଚନା କରିଛନ୍ତି । ଜୟପୁର ବିକ୍ରମଦେବ ମହାବିଦ୍ୟାଳୟ ପରେ ସେ ସଂପ୍ରତି ଫୁଲବାଣୀ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପନା କରି ଆସୁଛନ୍ତି । ଡକ୍ଟର ମହାପାତ୍ରଙ୍କର ଏହି ଗ୍ରନ୍ଥଟି ଓଡ଼ିଶାର ବିଦ୍ୱାନ ପାଠକ ଗୋଷ୍ଠୀର ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରାଯାଏ ।

– ପ୍ରକାଶକ

Digitized by PPRACHIN, SOA